

‘ବଟ୍‌ୱାରା ୧୯୪୭’ ପାଇଁ ୬୦ କୋଟି

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-49 ◆WEDNESDAY ◆12 AUGUST 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୪୯ ◆ବୁଧବାର ◆୧୨ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ଇରାନ ଭୟରେ ଲୁଚିଲେ ଟ୍ରମ୍ପ

■ ୱାସିଂଟନ, ୧୧।୮ (ଏଜେନ୍ସି): ଇରାନର ଧମକ ପରେ ସୁରକ୍ଷା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତ ମାସ ତୁର୍କୀରୁ ବ୍ରିଟେନକୁ ଗୁପ୍ତ ଯାତ୍ରା କରିଥିବା ଜଣାପଡ଼ିଛି। ଏକ ଗୁପ୍ତ ସାମରିକ ବିମାନରେ ସେ ଏହି ଯାତ୍ରା କରିଥିବା ତଥ୍ୟ ଉଜାଗର ହୋଇଛି। ତାଙ୍କ ସୁରକ୍ଷା ପାଇଁ ଆମେରିକା ପ୍ରଶାସନ ପକ୍ଷରୁ ସରକାରୀ ବିମାନ ଏୟାରଫୋର୍ସ ୱାନକୁ କେବଳ ଲୋକଙ୍କୁ ଭ୍ରମିତ କରିବା ପାଇଁ ବ୍ୟବହାର କରାଯାଇଥିଲା। ରିପୋର୍ଟ ଅନୁସାରେ, ଜୁଲାଇ ୮ରେ ନାଟୋ ସମ୍ମିଳନୀରେ ଯୋଗ ଦେବା ପାଇଁ ଟ୍ରମ୍ପ ତୁର୍କୀର ରାଜଧାନୀ ଆଙ୍କାରାରେ ଥିଲେ। ସେଠାରୁ ବ୍ରିଟେନ ଅଭିମୁଖେ ଯାତ୍ରା କରିବା ସମୟରେ ସେ କ୍ୟାମେରା ସମ୍ମୁଖରେ ପୁରୁଣା ଏୟାରଫୋର୍ସ ୱାନ ବିମାନରେ ଚଢ଼ୁଥିବାର ଦେଖାଯାଇଥିଲା। କିନ୍ତୁ ବିମାନ ଭିତରକୁ ଯିବା ପରେ ତାଙ୍କୁ ଗୁପ୍ତ ଭାବେ ଏକ ଖାଦ୍ୟ ଓ ସାମଗ୍ରୀ ଯୋଗାଣ ଗାଡ଼ି ସାହାଯ୍ୟରେ ଅନ୍ୟ ଏକ ଛୋଟ ସାମରିକ ବିମାନ ସି-୩୨ଏକୁ ସ୍ଥାନାନ୍ତର କରାଯାଇଥିଲା। ୱାସିଂଟନ ପୋଷ୍ଟ ଦ୍ୱାରା ପ୍ରସାରିତ ଏକ ଭିଡିଓରେ ଏହି

## ଏ-ୱାନରୁ ଓହ୍ଲାଇ ଟ୍ରକରେ ବସିଲେ
## ସାମରିକ ବିମାନରେ ବ୍ରିଟେନ ଗଲେ

ଖାଦ୍ୟ ଯୋଗାଣ ଗାଡ଼ିଟି ଏୟାରଫୋର୍ସ ୱାନରୁ ବାହାରି ଛୋଟ ବିମାନ ଆଡ଼କୁ ଯାଉଥିବା ଦେଖିବାକୁ ମିଳିଛି। ଏହି ଅପରେସନକୁ ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଥିଲା। ଏପରିକି ଏୟାରଫୋର୍ସ ୱାନରେ ଥିବା ସାମ୍ବାଦିକ ଏବଂ କିଛି ହ୍ୱାଇଟ ହାଉସ କର୍ମଚାରୀ ମଧ୍ୟ ଜାଣିପାରିନଥିଲେ ଯେ ଟ୍ରମ୍ପ ସେମାନଙ୍କ ସହ ନାହାଁନ୍ତି। ସୁରକ୍ଷା ଦୃଷ୍ଟିରୁ ସାମ୍ବାଦିକମାନଙ୍କୁ ବିମାନର ଝରକା ପରଦା ବନ୍ଦ ରଖିବାକୁ କୁହାଯାଇଥିଲା। ଏପରି ସାଧାରଣତଃ ଯୁଦ୍ଧ କ୍ଷେତ୍ରରେ କରାଯାଇଥାଏ। ସି-୩୨ଏ ବିମାନଟି ଟ୍ରମ୍ପଙ୍କୁ ନେଇ ବ୍ରିଟେନର ଆର୍‌ଏଏଫ୍ ମିଲଡେନହଲ ଏୟାରବେସରେ ପହଞ୍ଚିବାର କିଛି ସମୟ ପରେ ସାମ୍ବାଦିକମାନଙ୍କୁ ଧରି ଏୟାରଫୋର୍ସ ୱାନ ସେଠାରେ ପହଞ୍ଚିଥିଲା।

ଉଲ୍ଲେଖଯୋଗ୍ୟ, ୨୦୦୦ ମସିହାରେ ତତ୍କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ପାକିସ୍ତାନ ଗସ୍ତ ସମୟରେ ମଧ୍ୟ ଏହିପରି କୌଶଳ ପ୍ରୟୋଗ ହୋଇଥିଲା।





## ଶାସକ-ବିରୋଧୀଙ୍କ ମୁହାଁମୁହିଁ ପ୍ରତିବାଦ

# ସଂସଦ ପରିସର ପାଲଟିଲା ଯନ୍ତରମନ୍ତର




■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ସଂସଦର ଚଳିତ ମୌସୁମୀ ଅଧିବେଶନ ସରିବାକୁ ଆଉ ମାତ୍ର ଦୁଇ ଦିନ ବାକିଥିବା ବେଳେ ସରକାରଙ୍କ ଜିଦ୍ ଓ ବିରୋଧୀ ଦଳଙ୍କ ହଟ୍ଟଗୋଳ ଯୋଗୁଁ ଅଚଳାବସ୍ଥା ଜାରି ରହିଛି। ତେବେ ଏହାକୁ ଦୂର କରିବା ଲାଗି ଶେଷ ମୁହୂର୍ତ୍ତରେ ସରକାର ଆଗେଇ ଆସିଥିବା ବେଳେ ଦିଲ୍ଲୀରେ ପୁଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଚାନ୍ଦା ଚୋରି ମାମଲାରେ ଆଲୋଚନା ପାଇଁ କିଛି ସର୍ତ୍ତ ରଖିଛନ୍ତି। କିନ୍ତୁ ବିରୋଧୀ ଦଳ ବିନା ସର୍ତ୍ତରେ ଆଲୋଚନା କରିବାକୁ ଜିଦରେ ଅଟଳ ରହିଥିବାରୁ ବର୍ତ୍ତମାନ ସୁଦ୍ଧା ସମାଧାନର କୌଣସି ବାଟ ଫିଟିପାରି ନାହିଁ।

### ପୁଲିସ ବର୍ବରତା, ରାମ ମନ୍ଦିର ଆଲୋଚନା ପାଇଁ ସରକାରଙ୍କ ସର୍ତ୍ତକୁ ବିରୋଧୀଙ୍କ ପ୍ରତ୍ୟାଖ୍ୟାନ

### ଲୋକସଭାରେ କେରଳମ୍, ରାଜ୍ୟସଭାରେ ଟ୍ରିବ୍ୟୁନାଲ ବିଲ୍ ପାରିତ


ସଂସଦ ଭିତରେ ହଟ୍ଟଗୋଳ ଜାରି ରହିଥିବା ବେଳେ ସଂସଦ ପରିସରରେ ଆଜି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସଂସଦର ବାହାରେ ବିରୋଧୀ ଦଳର ସାଂସଦ ଏବଂ ଶାସକ ଏନଡିଏର ସାଂସଦମାନେ ମୁହାଁମୁହିଁ ହୋଇଛନ୍ତି। ମାତ୍ର କିଛି ମିଟର ଦୂରତାରେ ପରସ୍ପର ବିରୋଧରେ ପ୍ରତିବାଦ ପ୍ରଦର୍ଶନ କରିଛନ୍ତି। ସୁରକ୍ଷା କର୍ମୀମାନେ ପରସ୍ପରର ହାତ ▶ପୃଷ୍ଠା-୭

# ସୁପ୍ରିମ୍‌କୋର୍ଟରେ ‘ଡିଜି’ ବିବାଦ

## କନିଷ୍ଠ ଅଧିକାରୀଙ୍କ ସମ୍ଭାବ୍ୟ ନିଯୁକ୍ତି ଆଶଙ୍କାରେ ଜନସ୍ୱାର୍ଥ ମାମଲା; ଶୁଣାଣି ଆଜି

■ ନୂଆଦିଲ୍ଲୀ/ଭୁବନେଶ୍ୱର, ୧୧।୮ (ସମିସ): ଓଡ଼ିଶାର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତିକୁ ନେଇ ବିବାଦ ଏବେ ସୁପ୍ରିମକୋର୍ଟରେ ପହଞ୍ଚିଛି। ଡିଜିପି ଚୟନ ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ହେଉଥିବା ଓ ଜଣେ କନିଷ୍ଠ ଅଧିକାରୀଙ୍କ ନାମକୁ ଡିଜିପି ପଦ ପାଇଁ ସୁପାରିସକୁ ବିରୋଧ କରି ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଆବେଦନକାରୀ ପିନାକପାଣି ମହାନ୍ତିଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପି. ଚିଦାମ୍ବରମ୍ ମାମଲାର ଜରୁରୀ ଶୁଣାଣି ନିମନ୍ତେ ଆବେଦନ କରିଛନ୍ତି। ମାମଲାର ଗୁରୁତ୍ୱ ଦୃଷ୍ଟିରୁ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି. ମୋହନାଙ୍କ ଖଣ୍ଡପୀଠ ଆସନ୍ତାକାଲି ଏହାର ଜରୁରୀ ଶୁଣାଣି କରିବେ ବୋଲି ସୂଚନା ମିଳିଛି।

ବିଭିନ୍ନ ରାଜ୍ୟରେ ଡ଼ିଜି ନିଯୁକ୍ତି ସମୟରେ ସୁପ୍ରିମକୋର୍ଟଙ୍କ କେନ୍ଦ୍ର ସରକାର ବନାମ ପ୍ରକାଶ ସିଂହ ମାମଲାର ରାୟକୁ ଆଧାର ରୂପେ ଗ୍ରହଣ କରାଯାଇଥାଏ। ରାଜ୍ୟରେ ପୁଲିସ ମୁଖ୍ୟ ମନୋନୟନରେ ରାଜନୈତିକ ପ୍ରଭାବ ହ୍ରାସ କରି ଯୋଗ୍ୟତା, ବରିଷ୍ଠତା, ସେବା ରେକର୍ଡ ଓ ଅଭିଜ୍ଞତାକୁ ଏଥିରେ ଗୁରୁତ୍ୱ ଦିଆଯାଇଥାଏ। ଜଣେ ଅଧିକାରୀଙ୍କ ନାମକୁ ବିଚାର ଯୋଗ୍ୟ କରାଯିବା ନିମନ୍ତେ ଆକସ୍ମିକ ପଦୋନ୍ନତି ପ୍ରଦାନ କରାଯାଇଥିବା ଅଭିଯୋଗ ହୋଇଛି। ଡିଜିପି ଚୟନ ଏକ ସ୍ୱଚ୍ଛ ଓ ବସ୍ତୁନିଷ୍ଠ ପ୍ରକ୍ରିୟାରେ ହେବା ଅଧିକାରୀଙ୍କର ଅତିକମରେ ୨୫ ବର୍ଷର କ୍ରମାଗତ ସେବାର ଅଭିଜ୍ଞତା ଥିବା ଆବଶ୍ୟକ। ସେହିପରି ଅବସର ଅବଧି ୬ ମାସରୁ ଊର୍ଦ୍ଧ୍ୱ ରହିଥିବା ଜରୁରୀ। ଏହାବ୍ୟତୀତ ସେବା ରେକର୍ଡ, ଦକ୍ଷତା, ପୁଲିସିଂରେ



### ଆବେଦନକାରୀଙ୍କ ପକ୍ଷରୁ ଲଢ଼ୁଛନ୍ତି ବରିଷ୍ଠ ଆଇଜୀବୀ ପି.ଚିଦାମ୍ବରମ୍
### ଜରୁରୀ ଶୁଣାଣି କରିବେ ମୁଖ୍ୟ ବିଚାରପତିଙ୍କ ସହ ତିନି ଜଣିଆ ଖଣ୍ଡପୀଠ
### ଆସନ୍ତା ୧୩ ତାରିଖରେ ବସିବ ୟୁପିଏସ୍‌ସିର ଡ଼ିଜି ମନୋନୟନ ବୈଠକ
### କିଏ ବହନ କରିବ ବରିଷ୍ଠ ଓକିଲ ଚିଦାମ୍ବରମ୍‌ଙ୍କ ଓକିଲାତି ବାବଦ ଫି

ଏହି ବ୍ୟବସ୍ଥା ଆଧାରରେ ୟୁପିଏସ୍‌ସି ଏକ ପ୍ୟାନେଲ ପ୍ରସ୍ତୁତ କରିଥାଏ ଓ ରାଜ୍ୟ ସରକାର ସେହି ପ୍ୟାନେଲରୁ ଡ଼ିଜିଙ୍କୁ ନିଯୁକ୍ତି ଦେଇଥାଆନ୍ତି। ମାତ୍ର ଓଡ଼ିଶାରେ ଡିଜିପି ଚୟନରେ ଯୋଗ୍ୟତା ଓ ନିରପେକ୍ଷତା ମାନଦଣ୍ଡକୁ ଉପେକ୍ଷା କରି ଉଚିତ ଓ ସରକାର ନିଜ ପସନ୍ଦର ପ୍ରାର୍ଥୀଙ୍କୁ ପୁଲିସ ପ୍ରଶାସନର ଉଚ୍ଚ ପଦରେ ଅବସ୍ଥାପିତ କରିବା ପାଇଁ ନିୟମକୁ ଉଲ୍ଲଂଘନ କରିପାରିବେ ନାହିଁ ବୋଲି ଆବେଦନକାରୀ ଯୁକ୍ତି ବାଢ଼ିଛନ୍ତି।

ସାଧାରଣତଃ ଡିଜି ପଦ ପାଇଁ ସମ୍ପୃକ୍ତ ପୁଲି ଅଭିଜ୍ଞତା ଓ ବରିଷ୍ଠତା ମଧ୍ୟ ବିଚାରକୁ ନିଆଯାଏ। ଓଡ଼ିଶା ଡିଜିପି ନିଯୁକ୍ତି ପାଇଁ ରାଜ୍ୟ ସରକାର ଏପ୍ରିଲ୍‌ରେ ୟୁପିଏସ୍‌ସିକୁ କିଛି ଅଧିକାରୀଙ୍କ ନାମ ପଠାଇଥିଲେ। ପରେ ଏହି ପ୍ୟାନେଲ୍‌କୁ ପ୍ରତ୍ୟାହାର କରାଯାଇଥିଲା ଓ ମେ’ରେ ପୁଣି ୧୧ ▶ପୃଷ୍ଠା-୭

# ଜାପାନରୁ ଫେରିବ କି ନେତାଜୀଙ୍କ ଚିତାଭସ୍ମ !



### କେନ୍ଦ୍ର ସରକାରଙ୍କୁ ଜବାବ ତଲବ କଲେ ସୁପ୍ରିମକୋର୍ଟ

■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଚିତାଭସ୍ମ ଜାପାନରୁ ଭାରତକୁ ଫେରାଇ ଆଣିବା ପ୍ରସଙ୍ଗରେ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ଏକ ନୋଟିସ୍ ଜାରି କରିଛନ୍ତି। ନେତାଜୀଙ୍କ କନ୍ୟା ଅନିତା ବି ପାଫ୍‌ଙ୍କ ଦ୍ୱାରା ଦାୟର ହୋଇଥିବା ଏକ ଆବେଦନ ଉପରେ ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟ କେନ୍ଦ୍ରର ପ୍ରତିକ୍ରିୟା ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚି ଏବଂ ବିଚାରପତି ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଅଭିଷେକ ସିଂଘଭି କୋର୍ଟରେ ହାଜର ହୋଇ ଯୁକ୍ତି ରଖିଥିଲେ। ଟୋକିଓର ରେଙ୍କୋଜି ମନ୍ଦିରରେ ରଖାଯାଇଥିବା ନେତାଜୀଙ୍କ ପାର୍ଥିବ ଅବଶେଷ ବା ଚିତାଭସ୍ମକୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଏହି ପିଟିସନରେ ନିର୍ଦ୍ଦେଶ ଦେବାକୁ ▶ପୃଷ୍ଠା-୭

### ଆଜି ସୃଷ୍ଟି ହେବ ଆଉ ଏକ ଲଘୁଚାପ

# ୧୫ ପର୍ଯ୍ୟନ୍ତ ବର୍ଷା

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ତୁହାକୁ ତୁହା ବର୍ଷା ଲାଗି ରହିଥିବା ବେଳେ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ଦାନା ବାନ୍ଧୁଛି। ବର୍ତ୍ତମାନ ଉତ୍ତର ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ବାଂଲାଦେଶ-ପଶ୍ଚିମବଙ୍ଗ ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ବୁଧବାର ସମାନ ଅଞ୍ଚଳରେ ଏକ ଲଘୁଚାପ ସୃଷ୍ଟି ହେବ। ତେବେ ଏହା ଆଗକୁ କେତେ ଘନୀଭୂତ ସେନେଇ ପାଣିପାଗ ବିଭାଗ କୌଣସି ସ୍ପଷ୍ଟ କରି ନ ଥିଲେ ମଧ୍ୟ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ଆକଳନ କରାଯାଇଛି।



ଲଘୁଚାପ ଯୋଗୁଁ ବୁଧବାରଠାରୁ ବର୍ଷାର ପ୍ରଭାବ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ଜିଲ୍ଲା ପାଇଁ ପାଣିପାଗ କେନ୍ଦ୍ର ଆଲର୍ଟ ଜାରି କରିଛି। ବର୍ଷାର ପ୍ରଭାବ ଉତ୍ତର ଓଡ଼ିଶା ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା ଗୁଡିକରେ ସବୁଠୁ ଅଧିକ ରହିବ। ଏହାସହ ଅନ୍ୟ ସ୍ଥାନଗୁଡ଼ିକରେ ମଧ୍ୟ ମଧ୍ୟମରୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ବୁଧବାର ଅନୁଗୁଳ ଓ କେନ୍ଦୁଝରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ପୁରୀ ▶ପୃଷ୍ଠା-୭

### ଧାନ ରୋଇବା ବେଳେ ଅଘଟଣ

# ବଜ୍ରପାତରେ ୪ ମହିଳା ମୃତ

■ ରାଉରକେଲା /ବଣାଇଁଗଡ଼, ୧୧।୮ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଓ ବାଲିଶଙ୍କର ଅଞ୍ଚଳରେ ବଜ୍ରପାତ ଘଟି ୪ ଜଣ ମହିଳାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିବାବେଳେ ୬ ମହିଳା ଗୁରୁତର ହୋଇଥିବା ସୂଚନା ମିଳିଛି। ପ୍ରବଳ ବର୍ଷାରେ ଧାନ ତଳି ରୋଉଥିବାବେଳେ ବଜ୍ରପାତ ଯୋଗୁଁ ଏପରି ଦୁଃଖଦ ଘଟଣା ଘଟିଥିବା ସୂଚନା ମିଳିଛି। ସୂଚନା ଅନୁସାରେ, ଜିଲ୍ଲାର ବାଲିଶଙ୍କରା ଥାନା ଅଧୀନ ଚାନ୍ଦିନିମାଲ ଗାଁରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ କିଛି ମହିଳା ଶ୍ରମିକ ଆସି ଏକ ଧାନ ବିଲରେ ଧାନ ତଳି ରୋଉଥିଲେ। ଏହି ସମୟରେ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ଘଟିଥିଲେ। ଏହି ବଜ୍ରପାତରେ ୨ ମହିଳାଙ୍କର ମୃତ୍ୟୁ ଘଟିଥିବାବେଳେ ୫ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ମୃତକ ଦ୍ୱୟ ହେଲେ ସୁଶୀଳା ତିର୍କୀ (୭୦), ଚମ୍ପା ତିର୍କୀ(୪୯)। ସେମାନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ସେମାନଙ୍କ ଘର ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ଆହତ ୫ ଜଣଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ଅତି ଗୁରୁତର ଥିବାରୁ ତାଙ୍କୁ ସୁନ୍ଦରଗଡ ଏନ୍‌ଟିପିସି ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ଆହତ ୪ ଜଣଙ୍କୁ ସୁନ୍ଦରଗଡ଼ ଜିଲ୍ଲା ସରକାରୀ ହସ୍ପିଟାଲରେ ଭର୍ତ୍ତି ▶ପୃଷ୍ଠା-୭

## ଯୁବକଙ୍କ ମୃତ୍ୟୁ, ୨ ଆହତ

■ ରାସଗୋବିନ୍ଦପୁର, ୧୧।୮ (ସମିସ): ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି। ମୃତ ଯୁବକ କାପୋଇ ଗ୍ରାମର ହିନ୍ଦୁ ମୁର୍ମୁଙ୍କ ପୁଅ ଶିବଶଙ୍କର ମୁର୍ମୁ (୩୫)। ଶିବଶଙ୍କର ବିଲରେ କାମ ସାରି ମଙ୍ଗଳବାର ଦିନ ପ୍ରାୟ ୨ଟା ସମୟରେ ଘରକୁ ଫେରୁଥିଲେ। ଏହି ସମୟରେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକ ତୁରନ୍ତ ତାଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ଶିବଶଙ୍କରଙ୍କୁ ମୃତ ଘୋଷଣା କରିଥିଲେ। ▶ପୃଷ୍ଠା-୭

### ସମବାୟ ଭିତ୍ତିଭୂମି

# ଦେଶରେ ଓଡ଼ିଶା ତଳଆଡୁ ଆଗୁଆ

## ୫ ବର୍ଷରେ ଏନ୍‌ସିଡିସି ବାଣ୍ଟିଛି ୩୯୬୭୬୦ କୋଟି

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟରେ ସମବାୟ କ୍ଷେତ୍ରର ସୁଦୃଢ଼ୀକରଣ ପାଇଁ ବ୍ୟାପକ ପଦକ୍ଷେପ ନିଆଯାଉଥିବା ନେଇ ରାଜ୍ୟ ସରକାର ଯୁକ୍ତି ବାଢୁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ସହଯୋଗରେ ଚାଷୀ, ମହିଳା ଏବଂ ସାଧାରଣ ଉଦ୍ୟୋଗୀମାନେ ବିଶେଷ ଭାବରେ ଉପକୃତ ହେଉଥିବା ନେଇ ଦାବି କରାଯାଉଛି। ମାତ୍ର କେନ୍ଦ୍ର ସରକାରଙ୍କ ତଥ୍ୟ ହେଉଛି ଭିନ୍ନ। ଗତ ୫ ବର୍ଷରେ କେନ୍ଦ୍ର ସରକାରଙ୍କ କେନ୍ଦ୍ର ସମବାୟ ଉନ୍ନୟନ ନିଗମ(ଏନସିଡିସି) ଦେଶବ୍ୟାପୀ ଋଣ ଓ ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ମୋଟ ୩ ଲକ୍ଷ ୯୬ ହଜାର ୭୬୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛି। ଏଥିରେ ସିଂହଭାଗ ଅର୍ଥ ଋଣ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଆଉ କିଛି ଅର୍ଥ ଭିତ୍ତିଭୂମି ବିକାଶ ପାଇଁ ବ୍ୟବହାର କରାଯାଉଛି। ସମବାୟ କ୍ଷେତ୍ରର ଉନ୍ନତି ପାଇଁ ଏହି ସହାୟତା ଉଦ୍ଦିଷ୍ଟ ଥିଲା ବେଳେ ଏଥିରୁ ଓଡ଼ିଶାକୁ ମାତ୍ର ୨୩ କୋଟି ୩୬ ଲକ୍ଷ ଟଙ୍କା ମିଳିଛି। ଯାହା ମୋଟ ଅନୁଦାନର ୦.୦୦୫ ପ୍ରତିଶତ ଅଟେ। ରାଜ୍ୟର ଦୁର୍ବଳ ସମବାୟ ଭିତ୍ତିଭୂମି କାରଣରୁ ଓଡ଼ିଶାକୁ ଅତ୍ୟନ୍ତ ନଗଣ୍ୟ ପରିମାଣର ସହାୟତା ମିଳୁଥିବା ନେଇ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ଓଡ଼ିଶା ଭାଗରେ ପଡ଼ିଛି ମାତ୍ର ୨୩ କୋଟି ଟଙ୍କା
### ଗତବର୍ଷ ଫିସେରୀ, ମାର୍କେଟିଂ କ୍ଷେତ୍ରରେ ମିଳିନି ଟଙ୍କାଏ

କେନ୍ଦ୍ର ସରକାରଙ୍କ ତଥ୍ୟ ଅନୁଯାୟୀ ୨୦୨୫-୨୬ରେ ଏନସିଡିସି ପକ୍ଷରୁ ମୋଟ ୧ ଲକ୍ଷ ୨୭ ହଜାର ୫୯୫ କୋଟି ଟଙ୍କାର ବାର୍ଷିକ ଆର୍ଥିକ ସହାୟତା ଋଣ ତଥା ଅନୁଦାନ ବାବଦରେ ରାଜ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ଏଥିର ଓଡ଼ିଶାର ଭାଗ ମାତ୍ର ୭ କୋଟି ୩ ଲକ୍ଷ ଟଙ୍କା ▶ପୃଷ୍ଠା-୭

# ପୋଲାଭରମ କ୍ଷତିଗ୍ରସ୍ତଙ୍କ ମଧ୍ୟରେ ନାହାନ୍ତି ଓଡ଼ିଶାର ପ୍ରଭାବିତ

## ଅନ୍ଧାରରେ ମାଲକାନଗିରିର ହଜାର ହଜାର ଆଦିବାସୀଙ୍କ ଭାଗ୍ୟ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୧।୮ (ସମିସ): ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ଯୋଗୁଁ ଓଡ଼ିଶାର ମାଲକାନଗିରି ଜିଲ୍ଲାରେ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବ। ଅନେକ ଜନବସତି ପାଣି ଭିତରେ ହଜିଯିବ, ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପନ୍ନ ହେବ। ଏ ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ନିକଟରେ ଆପତ୍ତି କରିଛି ଓଡ଼ିଶା; ପ୍ରକଳ୍ପ କାର୍ଯ୍ୟକୁ ବନ୍ଦ କରିବାକୁ ଦାବି କରିଛି। ମାଲକାନଗିରି ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ଜନଶୁଣାଣି କରିବାକୁ ଖୋଦ ସୁପ୍ରିମକୋର୍ଟ ଦେଇଥିବା ପରାମର୍ଶକୁ ଆନ୍ଧ୍ର ସରକାର ଖାତିର କରି ନାହାନ୍ତି। ଏହା ସତ୍ତ୍ୱେ ଏହି ପ୍ରକଳ୍ପକୁ କେନ୍ଦ୍ର ସରକାର ହାତ ଖୋଲି ଅନୁଦାନ ଢ଼ାଳି ଦେଇଛନ୍ତି। ପ୍ରକଳ୍ପର ୩୦୪୩୬.୯୫ କୋଟି ସଂଶୋଧିତ ବ୍ୟୟ ଅଟକଳକୁ ଗତବର୍ଷ କେନ୍ଦ୍ର ସରକାର ମଞ୍ଜୁରି ଦେବା ସହ ୫୫୧୨.୪ କୋଟି ଅନୁଦାନ

### ୫ ବର୍ଷରେ ୧୨,୬୨୦ କୋଟି ଅନୁଦାନ ଦେଇଛି କେନ୍ଦ୍ର
### ୩୦୪୩୭ କୋଟିର ସଂଶୋଧିତ ଅଟକଳକୁ ଅନୁମୋଦନ




ଦେଇଛନ୍ତି। ଯାହାକୁ ନେଇ ମାଲକାନଗିରି ଜିଲ୍ଲାର ପ୍ରଭାବିତମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଯେଉଁ ପ୍ରକଳ୍ପ ପାଇଁ ଓଡ଼ିଶା ଚିନ୍ତାପ୍ରକଟ କରିଛି, ଯେଉଁ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ବ୍ୟାପକ ଅଞ୍ଚଳ ଜଳମଗ୍ନ ହେବାର ଆଶଙ୍କା ଥିଲେ ହେଁ ଏହାର ପ୍ରଭାବ ଆକଳନ କରାଯାଉ ନାହିଁ। ଏପରିକି ପ୍ରକଳ୍ପ କ୍ଷତିଗ୍ରସ୍ତଙ୍କ ମଧ୍ୟରେ କେବଳ ଆନ୍ଧ୍ରର ଜନସାଧାରଣ ସ୍ଥାନ ପାଇବା ମାଲକାନଗିରି ଜିଲ୍ଲାର ପ୍ରଭାବିତଙ୍କ ପ୍ରତି ଅନ୍ୟାୟ କରାଯାଇଛି।

ତେଲୁଗୁ ଦେଶମ ପାର୍ଟି ସାଂସଦ ଆର୍ କୃଷ୍ଣାୟାଙ୍କ ପ୍ରଶ୍ନରେ ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ରାଜ ଭୂଷଣ ଚୌଧୁରୀ ସଂସଦରେ କହିଛନ୍ତି ଯେ ପୋଲାଭରମ୍ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୨୦୨୧-୨୨ରେ ୧,୮୯୮.୮୦ କୋଟି ଟଙ୍କା, ୨୦୨୨-୨୩ରେ ୧,୬୭୧.୨୩ କୋଟି ଟଙ୍କା, ୨୦୨୩-୨୪ରେ ୭୨୭.୮୮ କୋଟି ଟଙ୍କା, ୨୦୨୪-୨୫ରେ ୫,୫୧୨.୪୦ କୋଟି ଟଙ୍କା ଏବଂ ୨୦୨୫-୨୬ରେ ୨,୮୧୦.୨୨ କୋଟି ଟଙ୍କା ଦିଆଯାଇଛି। ଏହା ସହ ପୋଲାଭରମ ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୩୦,୪୩୬.୯୫ କୋଟି ଟଙ୍କାର ସଂଶୋଧିତ ଖର୍ଚ୍ଚ ଅନୁମୋଦନ କରିଛନ୍ତି। ଏହି ପ୍ରକଳ୍ପରମୁଖ୍ୟ ନିର୍ମାଣ କାମ ମଧ୍ୟ ଦ୍ରୁତ ଗତିରେ ଆଗେଇଛି। ସ୍ପିଲ୍‌ୱେର ମାଟି ▶ପୃଷ୍ଠା-୭

# କଶ୍ମୀରରେ ୪ ସନ୍ଦିଗ୍ଧ ଆତଙ୍କବାଦୀ; ବ୍ୟାପକ ସର୍ଚ୍ଚ ଅପରେସନ ଆରମ୍ଭ

ଡୋଡା/ଶ୍ରୀନଗର, ୧୧।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରର ଡୋଡା ଜିଲ୍ଲାରେ ୪ ଜଣ ସନ୍ଦିଗ୍ଧ ଆତଙ୍କବାଦୀ ପାହାଡ଼ ଚଢୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। ଏହାପରେ ସେନା ଓ ସୁରକ୍ଷା ବାହିନୀ ପକ୍ଷରୁ ବଡ଼ ଧରଣର ଅପରେସନ ଆରମ୍ଭ କରାଯାଇଛି। ସୂଚନା ଅନୁସାରେ, ଡୋଡା ଜିଲ୍ଲାର ରାମତୁଣ୍ଡ ଶିଖର ନିକଟରେ ଏହି ସନ୍ଦିଗ୍ଧମାନଙ୍କୁ



ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳଟି ଉର୍ଦ୍ଧମପୁର ଜିଲ୍ଲାର ସିଓଜ ଧାର୍ ବେଲ୍ଟ ସହିତ ଲାଗିରହିଛି। ଏହି ଦୁର୍ଗମ, ଘଞ୍ଚ ଜଙ୍ଗଲ ଏବଂ ପାହାଡ଼ିଆ ଅଞ୍ଚଳକୁ ଆତଙ୍କବାଦୀମାନେ ପ୍ରାୟତଃ ଗୋପନୀୟ ଭାବେ ଯାତାୟାତ କରିବା ପାଇଁ କିମ୍ବା ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରନ୍ତି। ଗତ ସୋମବାର ଅପରାହ୍ଣରେ କିଛି ସ୍ଥାନୀୟ ବାସିନ୍ଦା ଏହି ସନ୍ଦିଗ୍ଧମାନଙ୍କ ଗତିବିଧି ଦେଖିବାକୁ ପାଇଥିଲେ। ସେମାନେ ଭିଡିଓ କରି ସୁରକ୍ଷା ବାହିନୀକୁ ସତର୍କ କରାଇଥିଲେ। ଖବର ପାଇ ସେନା, ପୁଲିସ ଏବଂ ସିଆରପିଏଫ ପକ୍ଷରୁ ମିଳିତ ଭାବେ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରାଯାଇଛି। ମଙ୍ଗଳବାର ସକାଳେ ଉର୍ଦ୍ଧମପୁରରୁ ଅତିରିକ୍ତ ସୁରକ୍ଷା ବାହିନୀ ପଠାଯାଇ ଘଞ୍ଚ ଜଙ୍ଗଲ ଓ ପାର୍ବତ୍ୟ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଜାରି ରହିଛି। ପ୍ରାଥମିକ ତଥ୍ୟ ଅନୁଯାୟୀ, ଏହି ଆତଙ୍କବାଦୀ ଗୋଷ୍ଠୀରେ ତିନିଜଣ ବିଦେଶୀ ଏବଂ ଜଣେ ସ୍ଥାନୀୟ ଆତଙ୍କବାଦୀ ଥିବା ଅନୁମାନ କରାଯାଉଛି। ତେବେ ବର୍ତ୍ତମାନ ସୁଦ୍ଧା ସୁରକ୍ଷା ବାହିନୀ ଓ ଆତଙ୍କବାଦୀଙ୍କ ମଧ୍ୟରେ କୌଣସି ସିଧାସଳଖ ଗୁଳିବିନିମୟ ବା ସଂଘର୍ଷ ହୋଇନାହିଁ।

# ତାମିଲନାଡୁକୁ ପ୍ରତିଦିନ ୧୨୦୦୦ କ୍ୟୁସେକ୍ କାବେରୀ ଜଳ ଛାଡିବାକୁ କର୍ଣ୍ଣାଟକକୁ ନିର୍ଦ୍ଦେଶ

ବେଙ୍ଗାଲୁରୁ, ୧୧।୮ (ଏଜେନ୍ସି): କାବେରୀ ନଦୀ ଜଳ ବଣ୍ଟନକୁ ନେଇ ଦୀର୍ଘ ଦିନ ଧରି ବିବାଦ ଲାଗିରହିଛି। ଆଜି କାବେରୀ ଜଳ ନିୟାମକ ସମିତି (ସିଡବ୍ଲ୍ୟୁଆର୍‌ସି) ଅଗଷ୍ଟ ୧୨ରୁ ଆଗାମୀ ୧୫ ଦିନ ପର୍ଯ୍ୟନ୍ତ ତାମିଲନାଡୁକୁ ପ୍ରତିଦିନ ୧୨, ୦୦୦ କ୍ୟୁସେକ୍ ଜଳ ଛାଡିବା ପାଇଁ କର୍ଣ୍ଣାଟକ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାବେରୀ ଅବବାହିକାରେ ଥିବା ଜଳଭଣ୍ଡାରଗୁଡିକର ଜଳସ୍ତର, ପ୍ରବାହ ଏବଂ ଆଗାମୀ ପାଣିପାଗ ସୂଚନାକୁ ସମୀକ୍ଷା କରିବା ପରେ ସମିତି ଏହି ନିଷ୍ପତ୍ତି ନେଇଛି। ସୂଚନାଯୋଗ୍ୟ, କର୍ଣ୍ଣାଟକ



ବର୍ତ୍ତମାନ ଗୁରୁତର ଜଳାଭାବର ସମ୍ମୁଖୀନ ହେଉଛି। କାବେରୀ ନଦୀର ଜଳଭଣ୍ଡାରଗୁଡିକରେ ବର୍ତ୍ତମାନ ୭୭.୭୪୬ ଟିଏମସି ଫୁଟ୍ ଜଳ ଗଚ୍ଛିତ ଅଛି। ଏହା ଗତ ୩୦ ବର୍ଷର ହାରାହାରି ଜଳସ୍ତର ତୁଳନାରେ ୪୭ ପ୍ରତିଶତ କମ୍। ଏହି କାରଣରୁ କର୍ଣ୍ଣାଟକ ସରକାର ଜଳ ସଂରକ୍ଷଣର ଆବଶ୍ୟକତା ଦର୍ଶାଇ ଜଳ ଛାଡିବା ନିଷ୍ପତ୍ତିକୁ ସ୍ଥଗିତ ରଖିବାକୁ ଅନୁରୋଧ କରିଥିଲେ। ଅନ୍ୟପଟେ, ତାମିଲନାଡୁ ଅଗଷ୍ଟ ୩୧ ସୁଦ୍ଧା ସମୁଦାୟ ୩୬.୪୭୨ ଟିଏମସି ଫୁଟ୍ ଜଳ ଦାବି କରିଥିଲା। ଏଥିରେ ପୂର୍ବରୁ ବାକି ଥିବା ୨୧.୩୫୭ ଟିଏମସି ଫୁଟ୍ ଏବଂ ବର୍ତ୍ତମାନର ଆନୁପାତିକ ଅଂଶ ୧୫.୨୭୮ ଟିଏମସି ଫୁଟ୍ ସାମିଲ ଥିଲା। ପୂର୍ବରୁ ଜୁଲାଇ ୨୮ରେ ସିଡବ୍ଲ୍ୟୁଆର୍‌ସି ଦୈନିକ ୩, ୫୦୦ କ୍ୟୁସେକ୍ ଜଳ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କର୍ଣ୍ଣାଟକ ଏହାର ବିରୋଧ କରିଥିଲା। ପାଣିପାଗର ଅନିଶ୍ଚିତତା ଏବଂ ଜଳଭଣ୍ଡାରରେ କମୁଥିବା ଜଳସ୍ତର ଯୋଗୁଁ ଉଭୟ ରାଜ୍ୟ ମଧ୍ୟରେ ଏହି ଜଳ ବିବାଦ ଆଗାମୀ ଦିନରେ ଅଧିକ ଜଟିଳ ହେବାର ସମ୍ଭାବନା ରହିଛି।

# ହାତରେ ତ୍ରିରଙ୍ଗା ଧରି ମହାକାଶରୁ ଭାରତକୁ ସ୍ୱାଧୀନତା ଦିବସର ଶୁଭେଚ୍ଛା



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଭାରତର ୮୦ତମ ସ୍ୱାଧୀନତା ଦିବସ ପୂର୍ବରୁ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରୁ ରୁଷୀୟ ମହାକାଶଚାରୀ ସ୍ୱତନ୍ତ୍ର ବାର୍ତ୍ତା ପଠାଇଛନ୍ତି। ରୁଷର ମହାକାଶ ଗବେଷଣା ସଂସ୍ଥା 'ରୋସକୋସମୋସ'ର ମହାକାଶଚାରୀମାନେ ହାତରେ ଭାରତୀୟ ତ୍ରିରଙ୍ଗା ଧରି ଭାରତବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଦୁଇ ଦେଶ ମଧ୍ୟରେ ଥିବା ଦୀର୍ଘ ଦଶନ୍ଧିର ମହାକାଶ ସହଯୋଗକୁ ମନେ ପକାଇଛନ୍ତି। ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ମହାକାଶଚାରୀ ପ୍ୟୋଟର ଦୁବ୍ରୋଭ ଭାରତବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଛନ୍ତି। ସେ ମହାକାଶ ବିଜ୍ଞାନ କ୍ଷେତ୍ରରେ ମସ୍କୋ ଏବଂ ନୂଆଦିଲ୍ଲୀ ମଧ୍ୟରେ ଥିବା ସମ୍ପର୍କକୁ ଦୁଇ ଦେଶର ବନ୍ଧୁତାର ଏକ ମୁଖ୍ୟ ସ୍ତମ୍ଭ ଭାବେ ବର୍ଣ୍ଣନା କରିଛନ୍ତି। ଏହି ସନ୍ଦେଶରେ ମହାକାଶଚାରୀମାନେ ମାନବ ମହାକାଶ ଯାତ୍ରାର ପ୍ରଥମ ଅଧ୍ୟାୟର ସ୍ମୃତିଚାରଣ କରିଛନ୍ତି। ଚଳିତ ବର୍ଷ ସୋଭିଏତ୍ ମହାକାଶଚାରୀ ୟୁରି ଗାଗାରିନ୍‌ଙ୍କ ପ୍ରଥମ ମହାକାଶ ଯାତ୍ରାର ୬୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ୧୯୬୧ ମସିହାରେ ଗାଗାରିନ୍ ଭାରତ ଗସ୍ତ କରିଥିଲେ। ମହାକାଶରୁ ଭାରତ ଅତ୍ୟନ୍ତ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଏଠାରେ ରହୁଥିବା ବନ୍ଧୁମାନଙ୍କ ପାଇଁ ପୃଥିବୀପୃଷ୍ଠରେ ଏହି ଦେଶ ଅଧିକ ସୁନ୍ଦର ବୋଲି ଗାଗାରିନ୍ କହିଥିଲେ। ସେହି କଥାକୁ ରୁଷୀୟ ମହାକାଶଚାରୀମାନେ ମନେ ପକାଇଛନ୍ତି। ମହାକାଶଚାରୀମାନେ କହିଛନ୍ତି ଯେ, ୧୯୭୫ ମସିହାରେ ସୋଭିଏତ୍ ସଂଘ ସହାୟତାରେ ଭାରତର ପ୍ରଥମ ଉପଗ୍ରହ 'ଆର୍ଯ୍ୟଭଟ୍ଟ' ଉତ୍‌କ୍ଷେପଣ କରାଯାଇଥିଲା। ଏହାର ପ୍ରାୟ ଏକ ଦଶନ୍ଧି ପରେ ୧୯୮୪ ମସିହାରେ ରାକେଶ ଶର୍ମା ପ୍ରଥମ ଭାରତୀୟ ଭାବେ ସୋଭିଏତ୍ ମହାକାଶଯାନ ସୋୟୁଜ୍ ଟି-୧୧ ଯୋଗେ ମହାକାଶ ଯାତ୍ରା କରିଥିଲେ। ଏହି ବନ୍ଧୁତା ଏବେ 'ଗଗନଯାନ' ମିଶନ ମାଧ୍ୟମରେ ଏକ ନୂତନ ଯୁଗରେ ପଦାର୍ପଣ କରିବ। ଭାରତର ପ୍ରଥମ ମାନବବାହୀ ମହାକାଶ ଅଭିଯାନ ଗଗନଯାନ ପାଇଁ ଭାରତୀୟ ମହାକାଶଚାରୀମାନେ ରୁଷର ୟୁରି ଗାଗାରିନ୍ ମହାକାଶଚାରୀ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ଗ୍ରହଣ କରିଛନ୍ତି। ଏହି ଅବସରରେ ରୋସକୋସମୋସ ଏବଂ ଇସ୍ରୋ ଦ୍ୱାରା ମିଳିତ ଭାବେ ଆୟୋଜିତ ଏକ ପ୍ରତିଯୋଗିତାର ବିଜେତାମାନଙ୍କ କୃତିକୁ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ଶେଷରେ ମହାକାଶଚାରୀ ଆନ୍ଦ୍ରେ ଫେଡିୟାଭ ଭାରତୀୟ ପତାକା ଧରି 'ଭାରତ-ରୁଷ ବନ୍ଧୁତା ଅମର ରହୁ' ବୋଲି କହିବା ସହ ଭାରତର ଉତ୍ତରୋତ୍ତର ସଫଳତା କାମନା କରିଥିଲେ।

## ନିଶା ପରୀକ୍ଷାରେ ଧରାପଡ଼ିଲେ

# ମାରିଜୁଆନା ସେବନ କରିଥିଲେ ପାଇଲଟ୍



### ଓଡ଼ିଶା ଆକାଶରେ ଉଡୁଥିଲା ଏୟାର ଇଣ୍ଡିଆ ବିମାନ ୩୦୦ ଫୁଟ୍ ତଳକୁ ଖସିଆସିଥିଲା, ୧୭ ଆହତ

ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ ୨୩୭୯ରେ ଅଗଷ୍ଟ ୪ରେ ଘଟିଥିବା ରୋମାଞ୍ଚକର ତଥା ବିପଜ୍ଜନକ ଦୁର୍ଘଟଣାକୁ ନେଇ ତଥ୍ୟ ସାମ୍ନାକୁ ଆସିଛି। ଦ୍ୱିତୀୟ ଥର ପାଇଁ କରାଯାଇଥିବା ଡ୍ରଗ୍ ଟେଷ୍ଟରେ ବିମାନର ପାଇଲଟ୍-ଇନ୍-କମାଣ୍ଡ ପଜିଟିଭ୍ ଆସିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ପାଇଲଟ୍ ଜଣକ ମାରିଜୁଆନା ବା ନିଶା ଦ୍ରବ୍ୟ ସେବନ କରିଥିଲେ। ଏହି ଘଟଣା ବିମାନ ଚଳାଚଳ ସୁରକ୍ଷା ଉପରେ ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ରିପୋର୍ଟ ଅନୁଯାୟୀ, ବିମାନଟି ଫୁକେଟରୁ ଦିଲ୍ଲୀ ଅଭିମୁଖେ ଯାଉଥିବା ବେଳେ ଭୁବନେଶ୍ୱର ଆକାଶ ମାର୍ଗରେ ହିଁ ବିମାନରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଥିଲା ବୋଲି ଜଣାପଡ଼ିଛି। ସେହି ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ୍ ତଳକୁ ଖସି ଆସିଥିଲା। ଫଳରେ ବିମାନ ମଧ୍ୟରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଏହି ସମୟରେ ବିମାନରେ ଭୀଷଣ କମ୍ପନ ସୃଷ୍ଟି ହୋଇଥିଲା। ଏହାଯୋଗୁଁ ୨୦ ଜଣ ଯାତ୍ରୀ ଏବଂ ୪ ଜଣ କ୍ରୁ ସଦସ୍ୟଙ୍କ ସମେତ ମୋଟ ୨୪ ଜଣ ଆହତ ହୋଇଥିଲେ। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏବଂ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏହି ଘଟଣାର ତଦନ୍ତ ଚାଲିଛି।

ରିପୋର୍ଟ ଅନୁଯାୟୀ, ବିମାନର ହାଇଡ୍ରୋଲିକ୍ ସିଷ୍ଟମ ତିନିଥର ବିଫଳ ହୋଇଥିଲା ଏବଂ ଅଟୋ-ପାଇଲଟ୍ ସିଷ୍ଟମ ମଧ୍ୟ କାମ କରିବା ବନ୍ଦ କରିଦେଇଥିଲା। ଏହାପରେ କୋ-ପାଇଲଟ୍ ବିମାନର ନିୟନ୍ତ୍ରଣ ନିଜ ହାତକୁ ନେଇ ଏହାକୁ ସୁରକ୍ଷିତ ଭାବେ ଅବତରଣ କରାଇଥିଲେ। ଘଟଣା ପରେ ହୋଇଥିବା ପରୀକ୍ଷାରେ ପାଇଲଟଙ୍କ ଶରୀରରେ ନିଶାଦ୍ରବ୍ୟ ମିଳିଛି। ଫଳସ୍ୱରୂପ, ଉଭୟ ପାଇଲଟଙ୍କୁ କାର୍ଯ୍ୟରୁ ବାଦ୍ ଦିଆଯାଇଛି। ବିମାନଟି ଏୟାରବସ୍ ଏ୩୨୦ ହୋଇଥିବାରୁ, ଫ୍ରାନ୍ସର ବିଶେଷଜ୍ଞ ଦଳ ଏବଂ ଏୟାରବସ୍ କମ୍ପାନୀର ପ୍ରତିନିଧିମାନେ ମଧ୍ୟ ଭାରତରେ ପହଞ୍ଚି ତଦନ୍ତରେ ସହାୟତା କରୁଛନ୍ତି। ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ ୱିଲସନଙ୍କୁ ଏହି ସମ୍ପର୍କରେ ମନ୍ତ୍ରଣାଳୟ ପକ୍ଷରୁ ସମନ କରାଯାଇଛି। ଘଟଣାର ସମସ୍ତ ଦିଗ ନେଇ ବିଶେଷଜ୍ଞ ଦଳ ସହିତ ଆଲୋଚନା ହୋଇଛି। ଆଲୋଚନାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କେ ରାମମୋହନ ନାଇଡୁ, ବେସାମରିକ ବିମାନ ଚଳାଚଳ ସଚିବ ଏବଂ ଡିଜିସିଏର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବିମାନଟି ଏତେ ବଡ଼ ଦୁର୍ଘଟଣା ପରେ ମଧ୍ୟ କାହିଁକି ନିକଟସ୍ଥ ବିମାନବନ୍ଦରରେ ଜରୁରୀକାଳୀନ ଅବତରଣ ନକରି ସିଧା ଦିଲ୍ଲୀ ଯାଇଥିଲା, ସେ ନେଇ ମଧ୍ୟ ଅନୁସନ୍ଧାନ ଜାରି ରହିଛି। ତେବେ ଏୟାର ଇଣ୍ଡିଆ କହିଛି ଯେ ଦୁର୍ଘଟଣାର ତଦନ୍ତ ଜାରି ରହିଥିବାରୁ କୌଣସି ଚରମ ସିଦ୍ଧାନ୍ତ ଉପରେ ମନ୍ତବ୍ୟ ଦେଇପାରିବ ନାହିଁ।

# ଯୁଦ୍ଧ ପାଇଁ ଇରାନକୁ କ୍ଷତିପୂରଣ ମାଗିଲେ ଟ୍ରମ୍ପ



ୱାଶିଂଟନ, ୧୧।୮ (ଏଜେନ୍ସି): ପଶ୍ଚିମ ଏସିଆରେ ଜାରି ରହିଥିବା ରକ୍ତପାତ ଏବଂ ଜୀବନହାନି ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସିଧାସଳଖ ଇରାନକୁ ଦାୟୀ କରିଛନ୍ତି। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପ ଇରାନ ଠାରୁ କ୍ଷତିପୂରଣ ଦାବି କରିଛନ୍ତି। ରାଷ୍ଟ୍ରପତି ଟ୍ରମ୍ପ ଅଭିଯୋଗ କରିଛନ୍ତି ଯେ ବିଗତ ୫୦ ବର୍ଷ ମଧ୍ୟରେ ଇରାନ ଦ୍ୱାରା ହତ୍ୟାର ଶିକାର ହୋଇଥିବା ଶହ ଶହ ନିର୍ଦ୍ଦୋଷ ପ୍ରତିବାଦକାରୀଙ୍କ ପରିବାରକୁ କ୍ଷତିପୂରଣ ମିଳିବା ଆବଶ୍ୟକ। ଏହା ବ୍ୟତୀତ ଗତ ୫ ମାସର ସଂଘର୍ଷରେ ଲେବାନନ, ସିରିଆ, ୟେମେନ ଏବଂ ଗାଜାରେ ପ୍ରାଣ ହରାଇଥିବା ପ୍ରାୟ ୫୨, ୦୦୦ ଲୋକଙ୍କ ମୃତ୍ୟୁ ପାଇଁ ସେ ଇରାନର ଶାସନକଳକୁ ଦାୟୀ କରିଛନ୍ତି। ସୂଚନାଯୋଗ୍ୟ, ହର୍ମୁଜ ପ୍ରଣାଳୀ ପୁନର୍ବାର ଖୋଲିବା ପାଇଁ ଇରାନ ପକ୍ଷରୁ ଏକ ସର୍ତ୍ତ ରଖାଯାଇଥିଲା। ଏହି ସଂଘର୍ଷରେ ହୋଇଥିବା କ୍ଷତି ପାଇଁ ୱାଶିଂଟନ ଅର୍ଥ ପ୍ରଦାନ କରୁ ବୋଲି ତେହେରାନ ଦାବି କରିଥିଲା। କିନ୍ତୁ କ୍ଷତିପୂରଣ ଦେବା ବଦଳରେ ଟ୍ରମ୍ପ ଓଲଟା ଇରାନ ଉପରେ କ୍ଷତିପୂରଣର ବୋଝ ଲଦିଛନ୍ତି। ଏହା ମଧ୍ୟରେ ଇସ୍ରାଏଲର ଏକ ରିପୋର୍ଟ ପରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ ଏହି ଖବରକୁ ଖଣ୍ଡନ କରି ଖାମେନେଇ ସମ୍ପୂର୍ଣ୍ଣ ସୁସ୍ଥ ଥିବା କହିଛନ୍ତି। ଅନ୍ୟପକ୍ଷରେ, ପଶ୍ଚିମ ଏସିଆର ଏହି ଅସ୍ଥିରତା ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ପ୍ରାୟ ୮୭.୮୧ ଡଲାରରେ ପହଞ୍ଚିଛି। ଟ୍ରମ୍ପଙ୍କ ଏହି ନୂଆ ଆଭିମୁଖ୍ୟ ପରେ ପରିସ୍ଥିତିରେ ସୁଧାର ଆଶା କମ୍ ଦେଖାଦେଇଛି।



# ସିରିଆର ପୂର୍ବତନ ଶାସକଙ୍କୁ ମୃତ୍ୟୁଦଣ୍ଡାଦେଶ

ଦାମାସ୍କସ, ୧୧।୮ (ଏଜେନ୍ସି): ସିରିଆର ରାଜଧାନୀ ଦାମାସ୍କସର ଏକ କୋର୍ଟ ଦେଶର ପୂର୍ବତନ ଏକଛତ୍ରବାଦୀ ଶାସକ ବଶର ଅଲ୍-ଅସଦଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଦେଶର ଗୃହଯୁଦ୍ଧ ସମୟରେ ଯୁଦ୍ଧ ଅପରାଧ ଏବଂ ମାନବିକତା ବିରୋଧୀ ଅପରାଧ ପାଇଁ ତାଙ୍କୁ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୨୪ ଡିସେମ୍ବରରେ ଅସଦ ସରକାରର ପତନ ହେବା ପରେ ଅହମ୍ମଦ ଅଲ-ସାରାଙ୍କ ନେତୃତ୍ୱରେ ଏକ ନୂତନ ସରକାର ଶାସନ ଭାର ଗ୍ରହଣ କରିଥିଲେ। ବିଦ୍ରୋହୀମାନେ ଦାମାସ୍କସ ନିକଟତର ହେବା ପରେ ଅସଦ ନିଜ ପରିବାର ସହ ମସ୍କୋକୁ ପଳାୟନ କରି ଆଶ୍ରୟ ନେଇଛନ୍ତି। ତାଙ୍କର ଅନୁପସ୍ଥିତିରେ ଅଦାଲତ ଏହି ଶୁଣାଣି କରିଛନ୍ତି। ଅସଦଙ୍କ ଶାସନ କାଳରେ ସାଧାରଣ ନାଗରିକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା, ନିର୍ଯାତନା, ବେଆଇନ ଗିରଫଦାରୀ ଏବଂ ସାଧାରଣ ଅଞ୍ଚଳ ଉପରେ ଆକ୍ରମଣ ଭଳି ଅନେକ ଗୁରୁତର ଅଭିଯୋଗ ରହିଛି। ଏହା ବ୍ୟତୀତ, ତାଙ୍କ ସରକାର ବିରୋଧରେ ୨୦୧୩ରେ ଘୁଟା ଅଞ୍ଚଳରେ ସାରିନ୍ ଗ୍ୟାସ ଭଳି ରାସାୟନିକ ଅସ୍ତ୍ର ବ୍ୟବହାର କରିଥିବା ଅଭିଯୋଗକୁ ମଧ୍ୟ ଜାତିସଂଘ ଓ ଅନ୍ତର୍ଜାତୀୟ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରମାଣିତ କରାଯାଇଛି। ଅଦାଲତ ଅସଦଙ୍କ ସମ୍ପର୍କୀୟ ଭାଇ ତଥା ପୂର୍ବତନ ସୁରକ୍ଷା ନିର୍ଦ୍ଦେଶକ ଆତିଫ ନଜିବଙ୍କୁ ମଧ୍ୟ ଯୋଜନାବଦ୍ଧ ହତ୍ୟା ଓ ନିର୍ଯାତନା ପାଇଁ ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ନଜିବଙ୍କୁ ପ୍ରତ୍ୟକ୍ଷ ଭାବେ କୋର୍ଟରେ ହାଜର କରାଯାଇ ଏହି ଦଣ୍ଡାଦେଶ ଦିଆଯାଇଛି। ୨୦୦୦ରେ ପିତା ହାଫେଜ ଅଲ-ଅସଦଙ୍କ ମୃତ୍ୟୁ ପରେ ବଶର ଅଲ୍-ଅସଦ କ୍ଷମତାକୁ ଆସିଥିଲେ। ଦୀର୍ଘ ୨୪ ବର୍ଷ ଧରି ସେ ଦେଶରେ ଏକଛତ୍ରବାଦୀ ଶାସନ ଚଳାଇଥିଲେ। ୨୦୧୧ରେ ଆରମ୍ଭ ହୋଇଥିବା ଗଣତାନ୍ତ୍ରିକ ବିକ୍ଷୋଭକୁ ଦମନ କରିବା ପାଇଁ ସେ ସାମରିକ ବଳ ପ୍ରୟୋଗ କରିଥିଲେ। ଏହା ପରବର୍ତ୍ତୀ ସମୟରେ ଭୟଙ୍କର ଗୃହଯୁଦ୍ଧର ରୂପ ନେଇଥିଲା। ଏହି ସଂଘର୍ଷରେ ଲକ୍ଷ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିବା ସହ କୋଟି କୋଟି ଲୋକ ନିଜ ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଥିଲେ। ସମ୍ପ୍ରତି ସିରିଆର ନୂତନ ପ୍ରଶାସନ ପୂର୍ବତନ ଶାସନକାଳର ଅଧିକାରୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଜାରି ରଖିଛନ୍ତି। ସୂଚନାଯୋଗ୍ୟ, ଅସଦ ବର୍ତ୍ତମାନ ଦେଶ ବାହାରେ ରହିଛନ୍ତି। ତଥାପି ଏହି ରାୟକୁ ସିରିଆର ନ୍ୟାୟିକ ବ୍ୟବସ୍ଥାରେ ଏକ ବଡ଼ ପଦକ୍ଷେପ ଭାବେ ଦେଖାଯାଉଛି।

## ପଶ୍ଚିମବଙ୍ଗ ଭୋଟର ତାଲିକା ସଂଶୋଧନ ମାମଲା

# ନିର୍ବାଚନ କମିସନଙ୍କୁ ତଥ୍ୟ ମାଗିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ପଶ୍ଚିମବଙ୍ଗରେ ଭୋଟର ତାଲିକା ସଂଶୋଧନ ସମୟରେ ବହୁ ସଂଖ୍ୟକ ଭୋଟରଙ୍କ ନାମ କଟାଯାଇଛି। ଏହାକୁ ନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ଏହି ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଭାରତୀୟ ନିର୍ବାଚନ କମିଶନଙ୍କ ଠାରୁ ବିସ୍ତୃତ ତଥ୍ୟ ମାଗିଛନ୍ତି। କୋର୍ଟ ଚେତାବନୀ ଦେଇଛନ୍ତି ଯେ, ମାମଲାଗୁଡ଼ିକ ଯେଉଁଭଳି ଭାବେ ଧୀର ଗତିରେ ପରିଚାଳିତ ହେଉଛି, ସେଥିରେ ସମାଧାନ ହେବା ପୂର୍ବରୁ ଆଗାମୀ ନିର୍ବାଚନ ଆସିଯିବ। କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ପଶ୍ଚିମବଙ୍ଗରେ ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍) ସମ୍ପର୍କିତ ବହୁ ସଂଖ୍ୟକ ମାମଲା ଆପିଲେଟ୍ ଟ୍ରିବ୍ୟୁନାଲରେ ପଡ଼ି ରହିଥିବାରୁ ଏହାର ଶୀଘ୍ର ସମାଧାନ ପାଇଁ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାରେ ଶୁଣାଣି କରି ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଭୋଟର ତାଲିକାରୁ ନାମ କଟାଯିବା ବିରୋଧରେ ଦାଖଲ ଅପିଲ ଗୁଡ଼ିକର ତଥ୍ୟ ମାଗିଛନ୍ତି। ଏହାସହ ତନ୍ମଧ୍ୟରୁ କେତୋଟିର ଫଇସଲା ହୋଇଛି ଏବଂ କେତୋଟି ମାମଲା ଏବେ ମଧ୍ୟ ପଡ଼ି ରହିଛି, ଆପିଲେଟ୍ ଟ୍ରିବ୍ୟୁନାଲ ଏହି ଦିଗରେ କ'ଣ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କୋର୍ଟ ତଥ୍ୟ ତଲବ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗରେ ଏସ୍‌ଆଇଆର୍ ଅଧୀନରେ ପ୍ରସ୍ତୁତ ଚିଠା ଭୋଟର ତାଲିକାରୁ ପ୍ରାୟ ୫୮.୨ ଲକ୍ଷ ନାମ କଟାଯାଇଛି। ପୂର୍ବରୁ ରାଜ୍ୟରେ ୭.୬୬ କୋଟି ପଞ୍ଜିକୃତ ଭୋଟର ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୭.୦୮ କୋଟିକୁ ହ୍ରାସ ପାଇଛି।

# ମୁଁ କେବଳ ଆପଣଙ୍କ ଚାପରେ ଅଛି



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ରାଜ୍ୟସଭାରେ ଶାସକ ଓ ବିରୋଧୀ ଦଳ ମଧ୍ୟରେ ମଙ୍ଗଳବାର ପ୍ରବଳ ହଟ୍ଟଗୋଳ ଦେଖିବାକୁ ମିଳିଛି। ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାଡଗେଙ୍କ ଦ୍ୱାରା ଉଠାଯାଇଥିବା ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ପ୍ରସଙ୍ଗକୁ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ ଅଗ୍ରାହ୍ୟ କରିଦେବା ପରେ ଗୃହରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାଜ୍ୟସଭା ଅଧ୍ୟକ୍ଷ ସ୍ପଷ୍ଟ କରିଛନ୍ତି ଯେ, ରାଜ୍ୟ ସମ୍ପର୍କିତ ବିଷୟଗୁଡ଼ିକୁ ସଂସଦରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ। ଖାଡଗେ ରାମ ମନ୍ଦିର ପ୍ରସଙ୍ଗ ଉଠାଇବାକୁ ଚେଷ୍ଟା କରିଥିଲେ। ଏହାର ଜବାବରେ ଅଧ୍ୟକ୍ଷ କହିଥିଲେ ଯେ ସେ ଶାସକ ଦଳକୁ ମଧ୍ୟ ଝାଡ଼ଖଣ୍ଡ ପ୍ରସଙ୍ଗ ଉଠାଇବାକୁ ଅନୁମତି ଦିଆଯାଇନାହିଁ। କାରଣ ତାହା ମଧ୍ୟ ଏକ ରାଜ୍ୟ ସମ୍ପର୍କିତ ବିଷୟ।

ସୂଚନାଯୋଗ୍ୟ, ରାଞ୍ଚିରେ ସରକାରୀ ଚାକିରି ପରୀକ୍ଷାରେ ସ୍ୱଚ୍ଛତା ଦାବି କରି ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୁଲିସ ଲାଠିଚାଳନା କରିଥିବା ଘଟଣାକୁ ଶାସକ ଦଳ ଉଠାଇବାକୁ ଚାହୁଁଥିଲେ। ଅଧ୍ୟକ୍ଷ ଓ ଖାଡଗେଙ୍କ ମଧ୍ୟରେ ଯୁକ୍ତିତର୍କ ଗୃହରେ ହଟ୍ଟଗୋଳ ହୋଇଥିଲା। ଏହି ସମୟରେ ମଲ୍ଲିକାର୍ଜୁନ ଖାଡଗେ ଅଭିଯୋଗ କରିଥିଲେ ଯେ, ଅଧ୍ୟକ୍ଷ ସର୍ବଦା ସରକାରଙ୍କ ଚାପରେ ରହୁଛନ୍ତି। ଏହାର ଜବାବ ଦେଇ ଅଧ୍ୟକ୍ଷ ସିପି. ରାଧାକୃଷ୍ଣନ କହିଥିଲେ, 'ଖାଡଗେ ଜୀ, ଦୟାକରି ନିଜ ଆସନ ଗ୍ରହଣ କରନ୍ତୁ। ମୁଁ କେବଳ ଆପଣଙ୍କ ଚାପରେ ଅଛି। ସେମାନେ (ଶାସକ ଦଳ) ମୋ ଉପରେ କେବେ ଚାପ ପକାନ୍ତି ନାହିଁ, କିନ୍ତୁ ଆପଣ ସବୁବେଳେ ମୋ ଉପରେ ଚାପ ପକାଉଛନ୍ତି'। ସେ ଆହୁରି ମଧ୍ୟ କହିଛନ୍ତି ଯେ ବିରୋଧୀ ଦଳକୁ ଅନେକ ଥର ସୁଯୋଗ ଦିଆଯାଇଛି, କିନ୍ତୁ ପ୍ରତିଦିନ ସମାନ ପ୍ରସଙ୍ଗ ଉଠାଇ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିବାକୁ ଅନୁମତି ଦିଆଯିବ ନାହିଁ। ଗୃହ ମୁଲତବୀ ବିରୋଧୀ ଦଳର ସଦସ୍ୟମାନଙ୍କ ନିରନ୍ତର ନାରାବାଜି ଏବଂ ହଟ୍ଟଗୋଳ ଯୋଗୁଁ ଗୃହର କାର୍ଯ୍ୟ ସ୍ୱାଭାବିକ ହୋଇପାରିନଥିଲା।

# ଇନ୍ଦିରା ଗାନ୍ଧୀଙ୍କ ହତ୍ୟାକାରୀର ପୁଅଙ୍କୁ ନିର୍ବାଚନ ଟିକଟ

ଅମୃତସର, ୧୧।୮ (ଏଜେନ୍ସି): ପଞ୍ଜାବ ବିଧାନସଭା ନିର୍ବାଚନ ୨୦୨୭ ପାଇଁ ରାଜନୈତିକ ଉଷ୍ମତା ବଢ଼ିଥିବା ବେଳେ ଶିରୋମଣି ଅକାଳୀ ଦଳ (ୱାରିସ ପଞ୍ଜାବ ଦେ) ପକ୍ଷରୁ ଏହାର ପ୍ରଥମ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଦଳ କେହର ସିଂଙ୍କ ପୁଅ ସତୱନ୍ତ ସିଂଙ୍କୁ ବାସି ପଠାନା ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ କରିଛି। କେହର ସିଂ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ପ୍ରାଣଦଣ୍ଡ ପାଇଥିଲେ। ଅମୃତସରରେ ସାମ୍ବାଦିକ ସମ୍ମିଳନୀରେ ସାଂସଦ ଅମୃତପାଲ ସିଂଙ୍କ ପିତା ତଥା ଦଳର କାର୍ଯ୍ୟକାରୀ ସଭାପତି ତରସେମ ସିଂ ଏହି ଘୋଷଣା କରିଛନ୍ତି। ଏହି ଅବସରରେ ଫରିଦକୋଟ ସାଂସଦ ସରବଜିତ ସିଂ ଖାଲସା ମଧ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ସରବଜିତ ସିଂ ଖାଲସା ହେଉଛନ୍ତି ଇନ୍ଦିରା ଗାନ୍ଧୀଙ୍କୁ ଗୁଳି କରିଥିବା ଦୁଇ ସୁରକ୍ଷାକର୍ମୀଙ୍କ ମଧ୍ୟରୁ ଜଣେ ବେଅନ୍ତ ସିଂଙ୍କ ପୁଅ। ସତୱନ୍ତ ସିଂଙ୍କ ପିତା କେହର ସିଂ ୧୯୮୪ ମସିହା ଅକ୍ଟୋବର ୩୧ରେ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ ହତ୍ୟାକାଣ୍ଡ ପଛରେ ଥିବା ଷଡ଼ଯନ୍ତ୍ରରେ ଦୋଷୀ ସାବ୍ୟସ୍ତ ହୋଇଥିଲେ। କୋର୍ଟ ତାଙ୍କୁ ମୃତ୍ୟୁଦଣ୍ଡାଦେଶ ଦେବା ପରେ ୧୯୮୯ ମସିହା ଜାନୁଆରୀ ୬ରେ ତିହାର ଜେଲରେ ତାଙ୍କୁ ଫାଶୀ ଦିଆଯାଇଥିଲା। ସତୱନ୍ତ ସିଂଙ୍କ ରାଜନୈତିକ ଅଭିଜ୍ଞତା ବିଷୟରେ କୌଣସି ସୂଚନା ମିଳିନାହିଁ। ତେବେ ଦଳ ତାଙ୍କୁ ପ୍ରାର୍ଥୀ କରି ଶିଖ୍ ସମ୍ପ୍ରଦାୟ ଓ ଧାର୍ମିକ ପ୍ରସଙ୍ଗ ବା 'ପନ୍ଥିକ' ରାଜନୀତିକୁ ଗୁରୁତ୍ୱ ଦେବାକୁ ଚାହିଁଛି।

# ହିମାଚଳରେ ୧୫୭ ମୃତ, ୨୫୭ ନିଖୋଜ

ସିମଲା, ୧୧।୮ (ଏଜେନ୍ସି): ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ଏବଂ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତ ଏକ ମାସରେ ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟରେ ପ୍ରାୟ ୧୫୭ ଜଣଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ଜରୁରୀକାଳୀନ କାର୍ଯ୍ୟାଳୟର ରିପୋର୍ଟ ଅନୁଯାୟୀ, ଜୁନ୍ ୩୦ ରୁ ଅଗଷ୍ଟ ୯ ମଧ୍ୟରେ



୬୮ ଜଣ ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଯୋଗୁଁ ପ୍ରାଣ ହରାଇଥିବା ବେଳେ ୮୯ ଜଣ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଛନ୍ତି। ଏବେ ମଧ୍ୟ ପ୍ରାୟ ୨୫୭ ଜଣ ଲୋକ ନିଖୋଜ ଅଛନ୍ତି। ପ୍ରବଳ ବର୍ଷା

### ମୌସୁମୀ ତାଣ୍ଡବ; ଭୂସ୍ଖଳନରେ ୨୬୦ରୁ ଅଧିକ ରାସ୍ତା ବନ୍ଦ

ଯୋଗୁଁ ରାଜ୍ୟର ପ୍ରାୟ ୯୦୦ଟି ସମ୍ପତ୍ତି ନଷ୍ଟ ହୋଇଥିବା ବେଳେ ହାରାହାରି ୮୮୬ କୋଟି ଟଙ୍କାର ସମ୍ପତ୍ତି କ୍ଷୟକ୍ଷତି ହୋଇଥିବା ଆକଳନ କରାଯାଇଛି। ଯାତାୟାତ କ୍ଷେତ୍ରରେ ମଧ୍ୟ ଗୁରୁତର ବାଧା ସୃଷ୍ଟି ହୋଇଛି। ମାଣ୍ଡି-କୁଲୁ ଜାତୀୟ ରାଜପଥ ସମେତ ସମୁଦାୟ ୨୫୯ଟି ରାସ୍ତା ବନ୍ଦ ରହିଛି। ମାଣ୍ଡି ଜିଲ୍ଲାରେ ସର୍ବାଧିକ ୧୨୦ଟି ରାସ୍ତା ଅବରୋଧ ହୋଇଛି। କୁଲୁ ଏବଂ ମାଣ୍ଡି ଜିଲ୍ଲାରେ ବିଦ୍ୟୁତ୍ ଏବଂ ଜଳ ଯୋଗାଣ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ରାଜ୍ୟରେ ପ୍ରାୟ ୧୬୧ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଅଚଳ ହୋଇପଡ଼ିଥିବା ବେଳେ ମାଣ୍ଡିରେ ସର୍ବାଧିକ ୭୭ଟି ଟ୍ରାନ୍ସଫର୍ମର କ୍ଷତିଗ୍ରସ୍ତ ହୋଇଛି। ଏଥିସହିତ ୫୪ଟି ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପ୍ରଭାବିତ ହୋଇଛି। ପଡ଼ୋଶୀ ଉତ୍ତରାଖଣ୍ଡ ରାଜ୍ୟରେ ମଧ୍ୟ ବନ୍ୟାରେ ଏକ ପୋଲ ଭାସିଯାଇଛି। ସିମଲା ପାଣିପାଗ ବିଭାଗ ପକ୍ଷରୁ କାଙ୍ଗଡ଼ା, ମାଣ୍ଡି, ହାମିରପୁର, ସିମଲା ଏବଂ ସିରମୌର ଜିଲ୍ଲା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି।

## 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାର ମାର୍ଗଦର୍ଶିକା ଜାରି

# ପରୀକ୍ଷା ଫିଂ' ଦେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୧।୮(ସମିସ): ନିୟମିତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରଛାତ୍ରୀଙ୍କୁ ନିର୍ଦ୍ଧାରିତ ଫିଂ' ଦେବାକୁ ପଡ଼ିବ ନାହିଁ। ନାମଲେଖା ଓ ପୁନଃ ନାମଲେଖା ସମୟରେ ନିଆଯାଉଥିବା ଆଡମିଶନ୍ ଫିଂ', ଡେଭଲପମେଣ୍ଟ ଫିଂ' ସମେତ ଅନ୍ୟାନ୍ୟ ଫିଂ' ସରକାର ବହନ କରିବ। ମାତ୍ର ପରୀକ୍ଷା ଫିଂ' କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ତେଣୁ ବିଶ୍ୱବିଦ୍ୟାଳୟର ନିୟମ ଅନୁଯାୟୀ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ଫିଂ' ଦେବାକୁ ପଡ଼ିବ। କେଜିରୁ ପିଜି ମାଗଣା ଶିକ୍ଷା ସମ୍ପର୍କରେ ସରକାର ଘୋଷଣା କରିବା ପରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ 'ଜ୍ଞାନଦୋୟ-ଶିକ୍ଷାରୁ ସମୃଦ୍ଧି' ସମ୍ପର୍କିତ ବିସ୍ତୃତ ମାର୍ଗଦର୍ଶିକା ବା ଏସ୍‌ଓପିରୁ ଏହା ସ୍ପଷ୍ଟ ହୋଇଛି।

ମାର୍ଗଦର୍ଶିକାରେ ଆହୁରି କୁହାଯାଇଛି ଯେ ନାମଲେଖା ଫିଂ' ବ୍ୟତୀତ ଛାତ୍ରଛାତ୍ରୀଙ୍କ ଠାରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଅନ୍ୟାନ୍ୟ ଫିଂ' ଆଦାୟ କରିପାରିବେ। ସେମିନାର ଫିଂ', ଏକ୍ସକରସନ୍ ଫିଂ', ଶୈକ୍ଷିକ ଭ୍ରମଣ ଫିଂ', ଆଲୁମିନି ଆସୋସିଏସନ୍ ଫିଂ' ପରି କାର୍ଯ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କ ଠାରୁ ଟଙ୍କା ଆଦାୟ କରିବାକୁ ଉଚ୍ଚଶିକ୍ଷା ବିଭାଗ ଅନୁମତି ଦେଇଛି। ଅପରପକ୍ଷରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଏହି ଯୋଜନାରେ କଡ଼ାକଡ଼ି ଲାଗୁ କରିବାକୁ ଯୋଜନା ରହିଛି। ଏହି ଯୋଜନାରେ ଲାଭାନ୍ୱିତ ହେବା ପାଇଁ ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ବିଶେଷ ପରିସ୍ଥିତିରେ ବିଶ୍ୱବିଦ୍ୟାଳୟ ଅନୁମତି ଦେଲେ ଏହାକୁ କମ୍ କରାଯାଇପାରେ। ମାତ୍ର ୬୫ ପ୍ରତିଶତରୁ ଉପସ୍ଥାନ କମିଲେ ତାହାକୁ ଗ୍ରହଣ କରାଯିବ ନାହିଁ। ଛାତ୍ରଛାତ୍ରୀଙ୍କ ଉପସ୍ଥାନକୁ ଅନୁଧ୍ୟାନ କରି ଶିକ୍ଷାନୁଷ୍ଠାନକୁ ଆର୍ଥିକ ଅନୁଦାନ ମିଳିବ। ଯେଉଁ ପିଲାଙ୍କ ଉପସ୍ଥାନ ୬୫ ପ୍ରତିଶତରୁ କମ୍ ରହିବ ବା ଏହି ଯୋଜନା ପାଇଁ ଯୋଗ୍ୟ ହେବେନାହିଁ, ସେମାନଙ୍କ ପାଇଁ କୌଣସି ଫିଂ' ସରକାର ପ୍ରଦାନ କରିବେ ନାହିଁ। କିନ୍ତୁ ଏହି ପିଲାଙ୍କ ନାମଲେଖା ଓ ଅନ୍ୟାନ୍ୟ ବାବଦକୁ ଅର୍ଥ କିପରି ଭରଣା ହେବ, ସେ ନେଇ ମାର୍ଗଦର୍ଶିକାରେ ସ୍ପଷ୍ଟ କରାଯାଇ ନାହିଁ। ଯଦି ଉପସ୍ଥାନ ହେଉ ନଥିବା ପିଲାଙ୍କ ଠାରୁ ଫିଂ' ନିଆଯାଏ, ତାହେଲେ କିପରି ଓ କେବେ ନିଆଯିବ ସେ ସମ୍ପର୍କରେ କୌଣସି ଉଲ୍ଲେଖ କରାଯାଇ ନାହିଁ।

- ୭୫% ଉପସ୍ଥାନ ବାଧ୍ୟତାମୂଳକ, ବିଶେଷ ପରିସ୍ଥିତିରେ ୬୫% ଗ୍ରହଣୀୟ
- ପିଲାଙ୍କ ଉପସ୍ଥାନ କମିଲେ କିଏ ଦେବ ଫିଂ'; ସ୍ୱଷ୍ଟିକରଣରେ ଅସ୍ପଷ୍ଟ
- ଉଚ୍ଚଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଫିଂ' ରେଗୁଲେସନ୍ କମିଟି

ନାମଲେଖା ଫିଂ' ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ମନଇଚ୍ଛା ବଢ଼ାଇ ପାରିବେ ନାହିଁ। ୨୦୨୬-୨୭ ଶିକ୍ଷାବର୍ଷରେ ନାମଲେଖା ପାଇଁ ପୂର୍ବରୁ ସାମସ୍ ୱେବସାଇଟ୍‌ରେ ନିର୍ଦ୍ଧାରିତ ଫିଂ' ଅନୁସାରେ ସରକାର ଅନୁଦାନ ଦେବେ। ସେହିପରି ୨୦୨୫-୨୬ ଶିକ୍ଷାବର୍ଷ ଅର୍ଥାତ୍ ପୂର୍ବ ବର୍ଷରେ ଧାର୍ଯ୍ୟ ହୋଇଥିବା ପୁନଃ ନାମଲେଖା ଫିଂ' ଅନୁଯାୟୀ ଚଳିତବର୍ଷ ଅନୁଦାନ ଦିଆଯିବ। ଏହାକୁ କୌଣସି ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିପାରିବେ ନାହିଁ। ଏହି ଫିଂ' ବୃଦ୍ଧି ପାଇଁ ରାଜ୍ୟ ସ୍ତରରେ ଏକ କମିଟି ଗଠନ କରାଯିବ। ରାଜ୍ୟ ସ୍ତରୀୟ ଫିଂ' ରେଗୁଲେସନ୍ କମିଟିରେ ଉଚ୍ଚଶିକ୍ଷା ବିଭାଗର ସଚିବ ଅଧ୍ୟକ୍ଷ ଭାବେ ରହିବେ। ସେହିପରି ଅର୍ଥ ବିଭାଗ, ଯୋଜନା ଓ ସଂଯୋଜନ ବିଭାଗ, ଗଣଶିକ୍ଷା ବିଭାଗରୁ ଜଣେ ଲେଖାଏଁ ସଦସ୍ୟ କମିଟିରେ ରହିବେ। ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଦୁଇ ଜଣ ସଦସ୍ୟଙ୍କ ସହିତ ଦୁଇଜଣ ଲେଖାଏଁ କୁଳପତି, ସରକାରୀ କଲେଜ ଅଧ୍ୟକ୍ଷ, ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧ୍ୟକ୍ଷ ଓ ଉଚ୍ଚଶିକ୍ଷା ବିଭାଗର ଅଧିକାରୀ ରହିବେ ବୋଲି କୁହାଯାଇଛି। ଅନୁରୂପ ଭାବେ ପୂର୍ବ ଘୋଷଣା ଅନୁଯାୟୀ କଲେଜଗୁଡ଼ିକୁ ପ୍ରଥମେ ୧୦ ପ୍ରତିଶତ ଏବଂ ପରେ ୧୫ ପ୍ରତିଶତ ଅନୁଦାନ ଦିଆଯିବ। ଏହା ପରେ ପ୍ରତି ୩ ମାସରେ ୨୫ ପ୍ରତିଶତ ଲେଖାଏଁ ଟଙ୍କା ଶିକ୍ଷାନୁଷ୍ଠାନ କୁ ପ୍ରଦାନ କରାଯିବ।

■ ମାଗଣା ଶିକ୍ଷାକୁ ଅଭିଭାବକ ମହାସଂଘର ପ୍ରଶ୍ନ

## ଛାତ୍ରବୃତ୍ତି ଜାରି ରହିବ ନା ବନ୍ଦ ହେବ; ସ୍ୱଷ୍ଟୀକରଣ ଦିଅନ୍ତୁ ସରକାର

ଭୁବନେଶ୍ୱର, ୧୧।୮(ସମିସ): ରାଜ୍ୟ ସରକାରଙ୍କ "କେଜିରୁ ପିଜି ମାଗଣା ଶିକ୍ଷା' ଘୋଷଣାକୁ ନେଇ ଓଡ଼ିଶା ଅଭିଭାବକ ମହାସଂଘ ପ୍ରଶ୍ନ ଉଠାଇଛି। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଜାରି ମାର୍ଗଦର୍ଶିକାକୁ ଅନୁଧ୍ୟାନ କରି ମହାସଂଘ କହିଛି ଯେ, ଯୋଜନାଟି ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ନୁହେଁ, ବରଂ କେବଳ କିଛି ଆଡମିଶନ୍ ସମ୍ବନ୍ଧୀୟ ଫି'ରେ ସୀମିତ ରହିଛି। ଛାତ୍ରଛାତ୍ରୀଙ୍କ ଠାରୁ ସରକାର ପରୀକ୍ଷା ଫି' ନେବେ। ଏଥିସହ ଆଫିଲିଏସନ୍ ସମ୍ବନ୍ଧୀୟ ଫି', ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରେସନ୍ ଚାର୍ଜ ଓ ଅନ୍ୟାନ୍ୟ ଆଇନଗତ ଦେୟ ସରକାର ବହନ କରିବେ କି ନାହିଁ, ସେନେଇ ସ୍ପଷ୍ଟତା ନାହିଁ। ସେହିପରି ସେମିନାର ଫି', ଏକ୍ସକର୍ସନ୍ ଫି', ଷ୍ଟଡି ଟୁର୍ ଫି', ଆଲୁମିନି ଆସୋସିଏସନ୍ ଫି' ଭଳି ବିଭିନ୍ନ କାର୍ଯ୍ୟକଳାପ ସମ୍ବନ୍ଧୀୟ ଦେୟ ଆଦାୟ କରିବାକୁ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁମତି ଦିଆଯାଇଛି। ଏହା ଅଭିଭାବକଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରିବ। ଅପରପକ୍ଷରେ ଛାତ୍ରବୃତ୍ତିକୁ ନେଇ ମଧ୍ୟ ଦ୍ୱନ୍ଦ୍ୱ ରହିଥିବା ମହାସଂଘ ଅଭିଯୋଗ କରିବା ସହ "ଡୁପ୍ଲିକେଟ୍ ଫାଇନାନ୍ସିଆଲ୍ ଆସିଷ୍ଟାନ୍ସ' ସମ୍ବନ୍ଧୀୟ ବ୍ୟବସ୍ଥାକୁ ନେଇ ଚିନ୍ତା ପ୍ରକାଶ କରିଛି। ଜଣେ ଛାତ୍ର ଏକାଧିକ ସରକାରୀ ଯୋଜନାରୁ ଆର୍ଥିକ ସହାୟତା ପାଇପାରିବେ ନାହିଁ ବୋଲି ନିର୍ଦ୍ଦେଶାବଳୀରେ ଥିବାରୁ ପୂର୍ବରୁ ଚାଲୁଥିବା ରାଜ୍ୟ ଓ କେନ୍ଦ୍ର ଛାତ୍ରବୃତ୍ତିର ଭବିଷ୍ୟତକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଚାଲୁଥିବା ସମସ୍ତ ଛାତ୍ରବୃତ୍ତି ଜାରି ରହିବ କି ହ୍ରାସ ବା ବନ୍ଦ ହେବ, ସେନେଇ ସରକାର ତୁରନ୍ତ ଲିଖିତ ସ୍ୱଷ୍ଟୀକରଣ ଦେବାକୁ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଏଥିସହ ପରୀକ୍ଷା ଫି' ଓ ଆବଶ୍ୟକ ଆଫିଲିଏସନ୍/ରେଜିଷ୍ଟ୍ରେସନ୍ ବାବଦ ଫି' କୁ ମଧ୍ୟ ଯୋଜନାରେ ସାମିଲ କରିବା ପାଇଁ ସଂଘର ସଭାପତି ବାସୁଦେବ ଭଟ୍ଟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

## ବାରମ୍ବାର ଅଭିଯୋଗ ସତ୍ତ୍ୱେ ଶୁଣିଲେନି ଅଧିକାରୀ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ

ବ୍ରହ୍ମପୁର/ଛତ୍ରପୁର,୧୧।୮(ସମିସ): ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଗଞ୍ଜାମ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ସନ୍ଧ୍ୟାରେ ବୁଗୁଡ଼ା ବ୍ଲକ ଗୌଡ଼ ସିଂଗିପୁର ଗ୍ରାମର ଜଗବନ୍ଧୁ ପ୍ରଧାନ କୀଟନାଶକ ପାନ କରି ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ଅଭିଯୋଗର ସମାଧାନ ନହେବାରୁ ସେ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଛନ୍ତି। ଘଟଣା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଙ୍କୁ ଚିକିତ୍ସା ନିମନ୍ତେ ଏମକେସିଜି ମେଡ଼ିକାଲର କାଜୁଆଲିଟିରେ ଭର୍ତ୍ତି କରାଯାଇଛି। ସେଠାରେ ଜଗବନ୍ଧୁଙ୍କ ଚିକିତ୍ସା ଜାରି ରହିଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛି ବର୍ଷ ହେବ ଜଗବନ୍ଧୁ ପ୍ରଧାନ(୪୬) ଜମିଜମା ଓ କ୍ଷତିପୂରଣ ସମ୍ପର୍କିତ ସମସ୍ୟାର ସମ୍ମୁଖୀନ କରୁଛନ୍ତି। ସେ ଏହି ସମସ୍ୟା ନେଇ ବାରମ୍ବାର ଜଣେ ଆରଆଇ ନିକଟକୁ ଯାଇ ନିଜ ଅଭିଯୋଗ ଜଣାଇଥିବା ବେଳେ ଅଧିକାରୀ ଜଣଙ୍କ ତାଙ୍କୁ ହଇରାଣ କରୁଥିବା ନେଇ ସେ ଅଭିଯୋଗ କରି ଆସୁଥିଲେ। ଏନେଇ ଜଗବନ୍ଧୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ସମେତ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ତାଙ୍କ ଅଭିଯୋଗର ସମାଧାନ ହୋଇନଥିବାରୁ ସେ ମଙ୍ଗଳବାର ଛତ୍ରପୁର ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସି ପୁଣି ଥରେ ତାଙ୍କ ଅଭିଯୋଗ ଜଣାଇଥିଲେ। ସେଠାରୁ କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ସେ ଏଭଳି ନିଷ୍ପତ୍ତି ନେଇଛନ୍ତି। ଦିନତମାମ ସେ କାର୍ଯ୍ୟାଳୟ ପରିସରରେ ରହିବା ପରେ ସନ୍ଧ୍ୟା ସମୟରେ ନିଜ ବ୍ୟାଗରୁ କୀଟନାଶକ ଔଷଧ ବାହାର କରି ପିଇଥିବା ଜଣାପଡ଼ିଛି। ଏହା ଦେଖି କାର୍ଯ୍ୟାଳୟରେ ଥିବା କିଛି କର୍ମଚାରୀ ଓ ଅନ୍ୟ ବ୍ୟକ୍ତି ତାଙ୍କୁ ତୁରନ୍ତ ଉଦ୍ଧାର କରି ଛତ୍ରପୁର ଉପଖଣ୍ଡ ଚିକିତ୍ସାଳୟ ପରେ ଏମକେସିଜି ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷରେ ଜମିଜମା ଓ କ୍ଷତିପୂରଣ ନେଇ ତାଙ୍କ ଅଭିଯୋଗ କ'ଣ ଥିଲା। ପୂର୍ବରୁ ସେ କେଉଁ କେଉଁ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ, ସେନେଇ ତଦନ୍ତ ପରେ ସ୍ପଷ୍ଟ ହେବ।



# ମୁଣ୍ଡ ଛେଚି ଯୁବକଙ୍କୁ ହତ୍ୟା

ବିଶୋଇ,୧୧।୮(ସମିସ): ବିଶୋଇ ଥାନା ଅନ୍ତର୍ଗତ ବାଡୁଣିଆ ଗ୍ରାମର କଲୋନୀ ସାହିରେ ଆଜି ଏକ ଅର୍ଦ୍ଧନିର୍ମିତ ଘରମଧ୍ୟରୁ ଜଣେ ଯୁବକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ବାଡୁଣିଆ କଲୋନୀ ସାହିର ଶିରିଶ ପଟେଲ (୪୦) ଓରଫ ମାଳି। ଏହି ଘଟଣାକୁ ନେଇ ବିଶୋଇ ଥାନାରେ ୧୭୮/୨୬ରେ ଏକ ମାମଲା ରୁଜୁ ହୋଇଥିବାବେଳେ ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧଙ୍କୁ ପୁଲିସ ଅଟକ ରଖି ପଚାରାଉଚରା ଜାରି ରଖିଛି।

ସୂଚନା ମୁତାବକ, ବାଡୁଣିଆ କଲୋନି ସାହିରେ ବାପାମାଆ ଛେଉଣ୍ଡ ଶିରିଶ ମଜୁରି କରି ପେଟ ପୋଷନ୍ତି। ଶିରିଶଙ୍କ ବାସଗୃହ ନ ଥିବାବେଳେ ଗ୍ରାମର କ୍ଲବ ବାରଣ୍ଡା, ନଚେତ ଅନ୍ୟ ଲୋକଙ୍କ ଘର ପିଣ୍ଡାରେ ରାତି କଟେ। ସବୁଦିନ ଭଳି ଗତକାଲି ରାତିରେ ଶିରିଶ ଗ୍ରାମରେ ଅନୁଷ୍ଠିତ ଏକ ଦଶାହ କାର୍ଯ୍ୟକ୍ରମରେ କାମ କରି ସାହି ନିକଟରେ ଥିବା ଏକ ଅର୍ଦ୍ଧନିର୍ମିତ ଘରେ ଶୋଇଥିଲେ। ଆଜି ସକାଳେ ସ୍ଥାନୀୟ ବାସିନ୍ଦା ଶିରିଶଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଉକ୍ତ ଘର ମଧ୍ୟରେ ଦେଖିଥିଲେ। ଉକ୍ତ ଘର ମାଲିକ ବିଶୋଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ରାଇରଙ୍ଗପୁର ଏସ୍‌ପି ସୁରେଶ ପାତ୍ର, ରାଇରଙ୍ଗପୁର ଏସ୍‌ଡିପିଓ ବୀରେନ୍ଦ୍ର ସେନାପତି, ବିଶୋଇ ଥାନା ଆଇଆଇସି ସୁବର୍ଣ୍ଣ ବେହେରା, ଏସ୍‌ଆଇ ରଶ୍ମିତ ଦାସ ଓ ଏସ୍‌ଆଇ ବିବେକାନନ୍ଦ ବେହେରା ପୁଲିସ ଓ ଫରେନସିକ ଟିମ୍ ସହ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଯୁବକଙ୍କ ମୁଣ୍ଡର ପଛପଟେ ଗଭୀର କ୍ଷତ ଥିବାବେଳେ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ହତ୍ୟା ସନ୍ଦେହରେ ଉକ୍ତ ଗ୍ରାମର ଜଣେ ବୃଦ୍ଧଙ୍କୁ ପୁଲିସ ଥାନାରେ ଅଟକ ରଖି ପଚାରାଉଚରା ଜାରି ରଖିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଓ ଅଧିକ ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ସାମ୍ନାକୁ ଆସିବ ବୋଲି ଏସ୍‌ଡିପିଓ ଶ୍ରୀ ସେନାପତି ସୂଚନା ଦେଇଛନ୍ତି। ଶିଶିରଙ୍କ ପରିବାରରେ କେହି ନ ଥିବାବେଳେ ଶବ ବ୍ୟବଚ୍ଛେଦ ପରେ ସରକାରଙ୍କ ପକ୍ଷରୁ ଅନ୍ତିମ ସଂସ୍କାର କରିବା ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

**ଅର୍ଦ୍ଧନିର୍ମିତ ଘରୁ ମୃତଦେହ ଉଦ୍ଧାର, ଜଣେ ଅଟକ**

# ଆଜି ଶ୍ରୀଅଙ୍ଗରେ ଲାଗିବ ରତ୍ନଚିତା

## ୫ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ

ପୁରୀ,୧୧।୮(ସମିସ): ବୁଧବାର ଶ୍ରାବଣ କୃଷ୍ଣ ଅମାବାସ୍ୟା। ଏହି ପବିତ୍ର ତିଥିରେ ଶ୍ରୀମନ୍ଦିରରେ ତିନିଠାକୁରଙ୍କ ଚିତାଲାଗି ନୀତି ଅନୁଷ୍ଠିତ ହେବ। ଦାରୁବିଗ୍ରହଙ୍କୁ ଦଇତାପତି ସେବକମାନେ ରତ୍ନଚିତା ଲାଗି କରାଇବେ। ତିନିବାଡ଼ର ବାଡ଼ଗ୍ରାହୀ ଓ ଦଇତାପତି ସେବତାୟତମାନେ ଏହି ଅଳଙ୍କାର ଶ୍ରୀଅଙ୍ଗରେ ଲାଗି କରିବେ। ପ୍ରଥମ ଭୋଗମଣ୍ଡପ ଶେଷ ପରେ ଏହି ବିଶେଷ ନୀତି ସମ୍ପନ୍ନ ହେବ। ଏଥିପାଇଁ ଶ୍ରୀମନ୍ଦିରରେ ୫ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଆପାତତଃ ଅପରାହ୍ଣ ୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଥାଉ କି, ସ୍ନାନ ପୂର୍ଣ୍ଣିମାରେ ଠାକୁରେ ଅଣସର ପିଣ୍ଡିକୁ ବିଜେ କରିବାବେଳେ ରତ୍ନଚିତା ଓଲାଗି କରାଯାଇଥିଲା। ରଥରେ ମହାପ୍ରଭୁ ସୋଲଚିତା ଲାଗି ହୋଇଥିଲେ। ପରମ୍ପରା ମୁତାବକ, ଚିତାଲାଗି ଅମାବାସ୍ୟାରେ ଠାକୁରଙ୍କୁ ରତ୍ନଚିତା ଲାଗି କରାଯିବ। ଶ୍ରୀଜଗନ୍ନାଥ ମହାପ୍ରଭୁ ଶ୍ୱେତ ହୀରାଖଚିତ ସୁବର୍ଣ୍ଣ ଚିତା, ବଡ଼ଠାକୁର ଲୀଳା ଏବଂ ଦେବୀ ସୁଭଦ୍ରା ମାଣିକ ଖଚିତ ସୁବର୍ଣ୍ଣ ଚିତା ଧାରଣ କରିବେ।



# ପୂର୍ବବର୍ଷ ତୁଳନାରେ ରାଜସ୍ୱ ଆଦାୟ ୭.୩ ପ୍ରତିଶତ ବୃଦ୍ଧି

## କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟକୁ ଆହୁରି ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୧।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଲୋକସେବା ଭବନରେ ଅର୍ଥ ବିଭାଗର ସମୀକ୍ଷା କରିଛନ୍ତି। ରାଜସ୍ୱ ଆଦାୟ ବ୍ୟବସ୍ଥାକୁ ଆହୁରି ଦକ୍ଷ କରିବା ସହିତ ପୁଞ୍ଜି ଓ କାର୍ଯ୍ୟକ୍ରମ ବ୍ୟୟକୁ ଆହୁରି ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ଏହି ଅବସରରେ ପରାମର୍ଶ ଦେଇଛନ୍ତି। ରାଜ୍ୟର ସାମଗ୍ରିକ ବିକାଶ ପାଇଁ ଏକ ଦକ୍ଷ ରାଜସ୍ୱ ଆଦାୟ ବ୍ୟବସ୍ଥାର ଆବଶ୍ୟକତା ଥିବା ବେଳେ ପୁଞ୍ଜି ଓ କାର୍ଯ୍ୟକ୍ରମ ଖର୍ଚ୍ଚକୁ ମଧ୍ୟ ବ୍ୟାପକ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ରାଜ୍ୟର ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ବୈଠକରେ ଅର୍ଥବିଭାଗ ପକ୍ଷରୁ ରାଜସ୍ୱ ପ୍ରାପ୍ତି ଓ ଖର୍ଚ୍ଚ ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା ରଖାଯାଇଥିଲା। ଉପସ୍ଥାପିତ ହୋଇଥିବା ତଥ୍ୟ ଅନୁଯାୟୀ ରାଜ୍ୟ ସରକାରଙ୍କ ବିଭିନ୍ନ ସୂତ୍ରରୁ ମିଳୁଥିବା ରାଜସ୍ୱରେ କେନ୍ଦ୍ର ସରକାରଙ୍କ ଅନୁଦାନ ୧୦ ପ୍ରତିଶତ, କେନ୍ଦ୍ରୀୟ ଟିକସରେ ଅଂଶ ୩୧ ପ୍ରତିଶତ, ନିଜସ୍ୱ ଟିକସ ରାଜସ୍ୱ ୩୧ ପ୍ରତିଶତ ଏବଂ ନିଜସ୍ୱ ଅଣରାଜସ୍ୱ ଟିକସ ୨୮ ପ୍ରତିଶତ ରହିଛି। ଚଳିତ ଆର୍ଥିକ ବର୍ଷ ଜୁଲାଇ ସୁଦ୍ଧା ବିଭିନ୍ନ ସୂତ୍ରରୁ ସମୁଦାୟ ରାଜସ୍ୱ ଆଦାୟ ୬୧,୫୯୩ କୋଟି ଟଙ୍କା ଥିବା ବେଳେ ଗତ ଆର୍ଥିକ ବର୍ଷର ଏହି ସମୟ ସୁଦ୍ଧା ରାଜସ୍ୱ ଆଦାୟ ତୁଳନାରେ ଏହା ୭.୩ ପ୍ରତିଶତ ଅଧିକ ହୋଇଛି। ସେହିପରି ଚଳିତ ବର୍ଷର ଜୁଲାଇ ସୁଦ୍ଧା ରାଜ୍ୟର ସମୁଦାୟ ନିଜସ୍ୱ ରାଜସ୍ୱ ପୂର୍ବ ବର୍ଷ ଜୁଲାଇ ଅପେକ୍ଷା ୧୧.୯ ପ୍ରତିଶତ ଅଧିକ ରହିଛି। ୨୦୨୬ ଜୁଲାଇ ଶେଷ ସୁଦ୍ଧା ମୋଟ ପୁଞ୍ଜିଗତ ବ୍ୟୟ ୧୧,୩୦୦ କୋଟି ଟଙ୍କା ଥିବାବେଳେ ଗତ ବର୍ଷ ଜୁଲାଇ ସୁଦ୍ଧା ଏହି ପରିମାଣ ୯,୩୯୯ କୋଟି ଟଙ୍କା ଥିଲା। ସମୁଦାୟ କ୍ୟାପେକ୍ସ ଖର୍ଚ୍ଚ ଜୁଲାଇ ସୁଦ୍ଧା ଗତ ବର୍ଷ ତୁଳନାରେ ୨୦.୨ ପ୍ରତିବର୍ଷ ବୃଦ୍ଧି ପାଇଛି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ନେଇ ରାଜ୍ୟ ସରକାର ଅନେକ ଯୋଜନା ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ବିନିଯୋଗର ଆବଶ୍ୟକତା ରହିଛି। ରାଜସ୍ୱ ଆଦାୟ ଏବଂ କାର୍ଯ୍ୟକ୍ରମ ଓ ପୁଞ୍ଜିବ୍ୟୟ ପୂର୍ବ ବର୍ଷ ଅପେକ୍ଷା ଅଧିକ ଥିଲେ ମଧ୍ୟ ଏଥିରେ ଆହୁରି ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ଯାମିନୀ ଷଡ଼ଙ୍ଗୀ ଏବଂ ଅର୍ଥ ବିଭାଗର ବରିଷ୍ଠ ଅଧିକାରୀଗଣ ଉପସ୍ଥିତ ଥିଲେ।



# ହୀରାକୁଦର ୧୨ ଗେଟ୍ ଖୋଲା, ଜଳସ୍ତର ୬୧୩.୮୫ ଫୁଟ୍


ସମ୍ବଲପୁର, ୧୧।୮ (ସମିସ) : ହୀରାକୁଦ ଉପରମୁଣ୍ଡରେ ବର୍ଷା ଏବଂ ଛତିଶଗଡ଼ର କଲମା ଓ ଅନ୍ୟ ଡ୍ୟାମ୍‌ରୁ ଜଳ ନିଷ୍କାସନ ଯୋଗୁଁ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ କ୍ୟୁସେକ୍‌ରୁ ଊର୍ଦ୍ଧ୍ୱ ଜଳ ପ୍ରବେଶ କରୁଛି। ସମ୍ପ୍ରତି ଜଳଭଣ୍ଡାରରୁ ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ହୀରାକୁଦ ଜଳସ୍ତର ୬୧୪ ଫୁଟ୍ ପାଖାପାଖି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୮୫ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର୍ର ୮ଟି ଏବଂ ଓ ଡାହାଣ ପାର୍ଶ୍ୱର୍ର ୪ଟି ଏହିଭଳି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୦୦,୧୩୦ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୧୬,୧୭୯ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୧,୮୨,୧୬୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନେଲ ଦେଇ ୩୦୭୮୩ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୦୦୭ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୨୮,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୬୩,୫୦୦ କ୍ୟୁସେକ୍, ଖଇରମାଳଠାରେ ୩,୨୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୧୮,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୪,୮୫,୪୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୯.୯୦ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୩.୦୯ ମିମି ବର୍ଷା ରେକର୍ଡ କରାଯାଇଛି।

# ମାଛଧରାକୁ କେନ୍ଦ୍ର କରି ଚିଲିକା ରକ୍ତରଞ୍ଜିତ

## ସଂଘବଦ୍ଧ ଆକ୍ରମଣରେ ଜଣେ ଯୁବକ ମୃତ, ଜଣେ ଗୁରୁତର

ବ୍ରହ୍ମଗିରି/କୃଷ୍ଣପ୍ରସାଦ,୧୧।୮(ସମିସ): ସୋମବାର ସନ୍ଧ୍ୟାରେ ଚିଲିକାକୁ ମାଛ ଧରିବାକୁ ଯାଇ ଜଣେ ଯୁବକ ନିଖୋଜ ହୋଇଯାଇଥିଲେ। ସେହି ଯୁବକକୁ କିଏ ଅପହରଣ କରିଥିବା ସନ୍ଦେହ କରି ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ଆଭିଯୋଗକୁ ଭିତ୍ତିକରି ମଙ୍ଗଳବାର ପୁଲିସ ତରଫରୁ ଚିଲିକାରେ ଖୋଜାଖୋଜି କରୁଥିବା ସମୟରେ ନିଖୋଜ ଯୁବକଙ୍କ ମୃତଦେହକୁ ଉଦ୍ଧାର କରାଯାଇଛି। ମୃତକ ଜଣକ ଓମ୍ ବୋଲି ଜଣାପଡ଼ିଛି। ତେବେ କିଛି ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ରାମଲେଙ୍କା ପଞ୍ଚାୟତ କୁମାରପୁର ଗ୍ରାମରେ ଏହି ଘଟଣା ଘଟିଛି।

ଖବର ନେବାରେ ଜଣାପଡ଼ିଛି, କୁମାରପୁର ଗ୍ରାମର ଚିନ୍ମୟ ବେହେରା, ଅମର ବେହେରା ଏବଂ ଓମ୍ କୁମାରପୁର ଗ୍ରାମ ନିକଟ ଶ୍ୟାମାକାଳୀ ବାହାର ଚିଲିକାରୁ ମାଛ ଧରୁଥିଲେ। ସୋମବାର ସନ୍ଧ୍ୟା ପ୍ରାୟ ୭ଟାରେ ହଠାତ୍ ୨ଟି ଡଙ୍ଗାରେ ୪୦ରୁ ଊର୍ଦ୍ଧ୍ୱ ଲୋକ ଆସି ମାରଣାସ୍ତ୍ର ଦେଖାଇ ସେମାନଙ୍କୁ ଧମକ ଦେଇଥିଲେ। ଏପରିକି ସେମାନେ ମାଛ ନେଇଯିବା ସହ ଆକ୍ରମଣ କରିଥିଲେ। ଏକ ଭୁଜାଲିରେ ଅମର ବେହେରାଙ୍କ ମୁଣ୍ଡକୁ ହାଣି ଦେଇଥିଲେ। ହେଲେ ଚିନ୍ମୟ କୌଶଳ କ୍ରମେ ଖସି ଚାଲି ଆସିଥିବାବେଳେ ଓମ୍ ଚିଲିକାରେ ନିଖୋଜ ହୋଇଯାଇଥିଲେ। ୧୫ ଘଣ୍ଟା ପରେ ଓମ୍‌ଙ୍କ ମୃତଦେହ ଚିଲିକାରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ କୃଷ୍ଣପ୍ରସାଦ ଥାନାରେ ଏତଲା ଦିଆଯିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ପୁରୀ ସଦର ଏସ୍‌ଡିପିଓ ମାନସ ଚନ୍ଦ୍ର ବାରିକ, କୃଷ୍ଣପ୍ରସାଦ ଥାନା ଆରକ୍ଷୀ ନିରୀକ୍ଷକ ବିଚିତ୍ରାନନ୍ଦ ପ୍ରଧାନ ସଦଳବଳେ ପହଞ୍ଚି ମାଲୁଦ ଅଗ୍ନିଶମ ବାହିନୀ ଚିଲିକାରୁ ମୃତଦେହକୁ ଉଦ୍ଧାର କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରଛି। ଏଭଳି ଘଟଣା ପ୍ରତିବର୍ଷ ଚିଲିକାରେ ଘଟୁଥିବା ଗ୍ରାମବାସୀ କହିଛନ୍ତି।




**ଆଜି ବିଶ୍ୱ ହସ୍ତୀଦିବସ**

# ସେଦିନର ଅନାଥ ବବ୍‌ଲୁ ଆଜି ଶିମିଳିପାଳ ପ୍ରହରୀ

ବାରିପଦା, ୧୧।୮ (ମନୋଜ ପଣ୍ଡା)

ବୁଧବାର ଅଗଷ୍ଟ ୧୨ତାରିଖ ବିଶ୍ୱ ହସ୍ତୀ ଦିବସ। ଏହି ଅବସରରେ ଓଡ଼ିଶାର ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରେ ଥିବା ବବଲୁ କୁମକୀ ହାତୀଙ୍କ ଜୀବନ କାହାଣୀ ଏକ ବିଶେଷ ଅର୍ଥ ରଖେ। ଏହା କେବଳ ଏକ ହାତୀଛୁଆର ଉଦ୍ଧାର ନୁହେଁ, ବରଂ ମନୁଷ୍ୟର ଯତ୍ନ, ଧୈର୍ଯ୍ୟ ଓ ପ୍ରକୃତି ପ୍ରତି ଭଲପାଇବାର ଏକ ଉଜ୍ଜ୍ୱଳ ଉଦାହରଣ। ୨୦୧୪ ମସିହା ଡିସେମ୍ବରରେ ଶିମିଳିପାଳର ଘନ ଜଙ୍ଗଲରେ ଏକ ଛୋଟ ହାତୀଛୁଆ ଏକ ଗର୍ତ୍ତରେ ପଡ଼ିଯାଇଥିଲା। ସେ ସମୟରେ ସେ ଅତି ଛୋଟ ଥିଲା ଓ ତା'ର ମା' କିମ୍ବା ଦଳଠାରୁ ବିଚ୍ଛିନ୍ନ ହୋଇଯାଇଥିଲା। ବନବିଭାଗ ଉଦ୍ଧାର କରି ପୁନର୍ବାର ହାତୀପଲ ସହିତ ମିଶାଇବାକୁ ଯୋଜନା କରି ବିଫଳ ହୋଇଥିଲା। କାରଣ ମଣିଷ ଛୁଇଁ ଥିବା ସଦସ୍ୟକୁ ହାତୀମାନେ ଗ୍ରହଣ କରିନଥାନ୍ତି। ସମ୍ପୂର୍ଣ୍ଣ ଅନାଥ ଓ ଅସହାୟ ଅବସ୍ଥାରେ ଥିବା ଏହି ଛୁଆକୁ ତତ୍କାଳୀନ ଡୁକୁରା ରେଞ୍ଜର ବଟକୃଷ୍ଣ ପାଢୀଙ୍କ ପ୍ରଚେଷ୍ଟାରେ ବନ ବିଭାଗର କର୍ମଚାରୀମାନେ ତା'ର ଲାଳନପାଳନ ଦାୟିତ୍ୱ ନେଇ ନାମ ରଖିଥିଲେ ବବଲୁ। ବବଲୁଙ୍କୁ ବଞ୍ଚାଇବା ଓ ବଢ଼ାଇବା ପାଇଁ ବନ ବିଭାଗ ବିଶେଷ ବ୍ୟବସ୍ଥା କରିଥିଲା। ତା'ଙ୍କ ପାଇଁ ଏକ ବିଶେଷ ଆଶ୍ରୟ ସ୍ଥଳୀ ତିଆରି କରାଯାଇଥିଲା, ଯେଉଁଠି ସେ ସୁରକ୍ଷିତ ଭାବେ ବଢ଼ିପାରିବ। ଏହି ସମୟରେ ନିଜର ଶାବକ ଲକ୍ଷ୍ମୀକୁ ହରାଇ ଶିମିଳିପାଳରେ ବନ୍ଦୀ ପ୍ରାୟ ଜୀବନ କାଟୁଥିବା ମା' ହାତୀ ଶୋଭା ତା'ଙ୍କ ପାଳିତ ମା' ଭାବେ ଦାୟିତ୍ୱ ନେଇଥିଲେ। ଶୋଭା ବବଲୁଙ୍କୁ ନିଜ ସନ୍ତାନ ପରି ଯତ୍ନ ନେଇଥିଲେ। ଏକ ମାହୁନ୍ତ ମଧ୍ୟ ତା'ଙ୍କ ଦୈନନ୍ଦିନ ଯତ୍ନ ଓ ଦେଖାଶୁଣା କରୁଥିଲେ। ବନ କର୍ମଚାରୀମାନେ ହାତରେ ତା'ଙ୍କୁ ଖାଦ୍ୟ ଦେଉଥିଲେ, ସ୍ୱାସ୍ଥ୍ୟ ଯାଞ୍ଚ କରୁଥିଲେ ଓ ତା'ଙ୍କୁ ଶାରୀରିକ ଓ ମାନସିକ ଭାବେ ଶକ୍ତିଶାଳୀ କରିବାକୁ ଚେଷ୍ଟା କରୁଥିଲେ। ଧୀରେ ଧୀରେ ବବଲୁ ବଡ଼ ହେବାକୁ ଲାଗିଲା। ତା'ଙ୍କୁ କେବଳ ବଞ୍ଚାଇବା ନୁହେଁ, ବରଂ ଭବିଷ୍ୟତରେ ବନ୍ୟ ପରିବେଶକୁ ଫେରାଇବା ପାଇଁ ମଧ୍ୟ ପ୍ରସ୍ତୁତ କରାଯାଉଥିଲା। ଏଥିପାଇଁ ତା'ଙ୍କୁ କୁମକୀ ହାତୀ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। କୁମକୀ ହାତୀମାନେ ସାଧାରଣତଃ ବନ୍ୟ ହାତୀଙ୍କୁ ନିୟନ୍ତ୍ରଣ କରିବା, ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ଓ ମନୁଷ୍ୟ-ହାତୀ ସଂଘର୍ଷ କମାଇବାରେ ବ୍ୟବହୃତ ହୁଅନ୍ତି। ବବଲୁଙ୍କୁ ଏହି ଦିଗରେ ତାଲିମ ଦେଇ କର୍ତ୍ତୃପକ୍ଷ ତା'ଙ୍କୁ ଧୀରେ ଧୀରେ ବନ୍ୟ ଜୀବନ ପାଇଁ ପ୍ରସ୍ତୁତ କରିଥିଲେ। ଆଜି ବବଲୁଙ୍କୁ ୧୩ବର୍ଷ। ଶିମିଳିପାଳର ଏକ ପରିଚିତ ନାମ। ସେ ଜେନାବିଲରେ ବନବିଭାଗର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ ନିଭାଉଛି। ତା ଜୀବନର ଋଣ ସେ ସୁଝୁଛି। ତା'ର କାହାଣୀ ଦର୍ଶାଏ ଯେ ଯଦି ଠିକ୍ ସମୟରେ ଯତ୍ନ ଓ ସୁରକ୍ଷା ମିଳେ, ତେବେ ଏକ ଅନାଥ ହାତୀଛୁଆ ମଧ୍ୟ ବଞ୍ଚିପାରେ ଓ ଉପଯୋଗୀ ଭୂମିକା ନେଇପାରେ। ବିଶ୍ୱ ହସ୍ତୀ ଦିବସରେ ବବଲୁଙ୍କ ଏହି ଯାତ୍ରା ଆମକୁ ମନେ ପକାଏ ଯେ ହାତୀମାନେ ଆମ ପରିବେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଂଶ। ସେମାନଙ୍କ ସୁରକ୍ଷା, ବାସସ୍ଥାନ ସଂରକ୍ଷଣ ଓ ମନୁଷ୍ୟ-ହାତୀ ସହଅସ୍ତିତ୍ୱ ପାଇଁ ଆମ ସମସ୍ତଙ୍କ ଦାୟିତ୍ୱ ରହିଛି। ବବଲୁ ଓ ଶୋଭାଙ୍କ ଏହି ବନ୍ଧନ ତଥା ବନ କର୍ମଚାରୀଙ୍କ ନିରନ୍ତର ପ୍ରୟାସ ଶିମିଳିପାଳର ଏକ ଗର୍ବର କାହାଣୀ ଭାବେ ରହିଛି। ତେବେ ଇତି ମଧ୍ୟରେ ଶୋଭାର ମୃତ୍ୟୁ ହୋଇଥିବା ବେଳେ ବବଲୁ ସହିତ ରାଜକୁମାର ଓ ଶିବାନୀ ଅନ୍ୟ ଦୁଇ କୁମକୀ ହାତୀ ସାଙ୍ଗ ଦେଉଛନ୍ତି। ଆଗାମୀ ଦିନରେ ବବଲୁ ଉପରେ ଏକ କ୍ଷୁଦ୍ର ଚଳଚିତ୍ର ନିର୍ମାଣ କରି ସ୍ମୃତିକୁ ଜୀବିତ ରଖିବାକୁ ବନ୍ୟପ୍ରାଣୀ ପ୍ରେମୀ ତଥା ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ ସରକାରଙ୍କୁ ପ୍ରସ୍ତାବ ରଖିଛନ୍ତି।



**ମଣିଷ ଛୁଇଁ ଥିଲେ ବୋଲି ବବ୍‌ଲୁକୁ ବାସନ୍ଦ କରିଥିଲେ ହାତୀପଲ**

## ● ଅନୁଗୋଳରୁ ନିଖୋଜ ଯାଜପୁରରେ ମିଳିଲା
# ବ୍ରାହ୍ମଣୀ ନଦୀରୁ ମୃତଦେହ ଉଦ୍ଧାର

କବାଟବନ୍ଧ,୧୧।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଏଣ୍ଡଳବା ନିକଟରୁ ବ୍ରାହ୍ମଣୀ ନଦୀରୁ ଏକ ମୃତଦେହକୁ ଉଦ୍ଧାର କରିଛି ପୁଲିସ। ମୃତକ ଜଣଙ୍କ ଅନୁଗୋଳ ଜିଲ୍ଲାର ବୋଲି ପୁଲିସ କୁ ପରିଚୟ ମିଳିଛି। ମିଳିଥିବା ସୂଚନା ଅନୁସାରେ ମଙ୍ଗଳବାର ସକାଳେ ଜେନାପୁର ଥାନା ଅନ୍ତର୍ଗତ ଏଣ୍ଡଳବା ପଞ୍ଚାୟତ ମାଳହାଟ ନିକଟରେ ବ୍ରାହ୍ମଣୀ ନଦୀରେ ଲୋକମାନେ ଏକ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ସଂକ୍ରାନ୍ତରେ ସ୍ଥାନୀୟ ଜେନାପୁର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ଉକ୍ତ ସ୍ଥାନରୁ ମୃତଦେହକୁ ଜବତ କରି ପୁଲିସ ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ମେଡିକାଲକୁ ପଠାଇଥିଲେ। ମୃତଦେହ ସମ୍ବନ୍ଧରେ ପୂର୍ବରୁ କୌଣସି ବି ଥାନାରେ ରିପୋର୍ଟ ହୋଇଥାଇପାରେ ଅନୁମାନ କରି ପୁଲିସ ଉକ୍ତ ମୃତଦେହର ଫଟୋ ସହିତ ନଦୀର ଉପରବର୍ତ୍ତୀ ଅଞ୍ଚଳ ତଥା ଢେଙ୍କାନାଳ ଏବଂ ଅନୁଗୁଳ ଜିଲ୍ଲା ପୁଲିସକୁ ସୂଚନା ଦେଇଥିଲେ। ଏହା ପରେ ଅନୁଗୋଳ ସଦର ଥାନାରେ ପାଣିରେ ଭାସି ଯାଇଥିବା ଏକ ୧୭ ବର୍ଷ ପିଲାର ନିଖୋଜ ଖବର ଗତ ୯ ତାରିଖରେ ରେଜିଷ୍ଟ୍ରି ହୋଇଥିବା ପୁଲିସ ସୂଚନା ଦେବା ସହିତ ନିଖୋଜ ହୋଇଥିବା ଯୁବକଙ୍କ ପରିବାରକୁ ଖବର ଦେଇଥିଲେ। ପରିବାର ପକ୍ଷରୁ ଧର୍ମଶାଳା ମେଡ଼ିକାଲରେ ପହଞ୍ଚି ମୃତଦେହକୁ ଚିହ୍ନଟ କରିଥିଲେ। ମୃତ ବ୍ୟକ୍ତି ଜଣଙ୍କ ଅନୁଗୋଳ ସଦର ଥାନା ଅନ୍ତର୍ଗତ ବେଣ୍ଟପୁର ଗ୍ରାମର ରୁଚିର କୁମାର ରଥଙ୍କ ପୁଅ ଆୟେସ କୁମାର ରଥ (୧୭) ବୋଲି ଜଣାପଡ଼ିଛି। ମୃତ ଆୟେସ ବୋଲବମ ଯିବା ପାଇଁ ଖଲାରୀ କେନାଲରୁ ପାଣି ଉଠାଇବାକୁ ଯାଇଥିବା ସମୟରେ ଡେରଜଙ୍ଗ ଡ୍ୟାମରୁ ପ୍ରବଳ ପାଣି ପ୍ରବାହିତ ହୋଇଥିଲା। ସେଠାରେ ଆୟେସଙ୍କ ସମେତ ଅନ୍ୟ କିଛି ପିଲା ମଧ୍ୟ ପାଣିରେ ଭାସି ଯାଇ ପରେ ଉଦ୍ଧାର ହୋଇଥିଲା। ମାତ୍ର ଆୟେସ ନିଖୋଜ ଥାଇ ରବିବାର ଠାରୁ ନିଖୋଜ ରହି ମଙ୍ଗଳବାର ତାଙ୍କର ମୃତଦେହ ମିଳିଥିଲା। ଏନେଇ ଆୟେସଙ୍କ ଭାଇ ରଶ୍ମି ରଞ୍ଜନ ରଥ ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ଚଢ଼େଇଧରା ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ଜେନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛନ୍ତି।

# ପୂର୍ବତନ ଶିକ୍ଷକଙ୍କ ପରଲୋକ



କୟାଁଗୋଲା,୧୧।୮ (ସମିସ): କୃଷ୍ଣ ପ୍ରଧାନ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ଶିକ୍ଷକ କାର୍ତ୍ତିକ ପ୍ରଧାନ (୭୨)ଙ୍କ ଅକାଳ ବିୟୋଗରେ ବିଦ୍ୟାଳୟ ପରିସରରେ ଗଭୀର ଶୋକର ଛାୟା ଖେଳିଯାଇଛି। ତାଙ୍କ ଦେହାନ୍ତ ଖବର ପ୍ରସାରିତ ହେବା ପରେ ସମଗ୍ର ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ସ୍ମୃତିଚାରଣ କରି ବିଦ୍ୟାଳୟ ପରିସରରେ ଶୋକସଭା ଆୟୋଜିତ ହୋଇଥିଲା। ଏଥିରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଯୋଗଦେଇ ଅବସର ପ୍ରାପ୍ତ ଶିକ୍ଷକ ସୁବାଷ ମହାପାତ୍ର,ବାମନ ଚରଣ ସାହୁ, ରତ୍ନାକର ମହାପାତ୍ର,ପୂର୍ବତନ ପ୍ରଧାନ ଶିକ୍ଷକ ଚୈତନ ଚରଣ ସାହୁ, ହରେ ରାମ ପଣ୍ଡା, ନିତ୍ୟାନନ୍ଦ ସାହୁ, ସ୍କୁଲ ପ୍ରଧାନ ଶିକ୍ଷକ ଶୁଭେନ୍ଦୁ ସାମଲ ସହ ପୁରାତନ ଛାତ୍ର ଇନ୍ଦ୍ରଜିତ ଦାସ, ସୁନୀଲ ରାଉତ, ଚନ୍ଦ୍ର ନାରାୟଣ ଦାସ, ଜନାର୍ଦ୍ଦନ ଦାସ ବହୁ ସଂଖ୍ୟା ରେ ଛାତ୍ର ଉପସ୍ଥିତ ଥିଲେ।

## ● ଫାଙ୍କା ଗୁଳିଚାଳନା କରି ଅଳଙ୍କାର ଓ ଟଙ୍କା ଲୁଟ୍
# ଘଟଣାରେ ପୁଲିସର ଛାନ୍‌ଭିନ୍

ଯାଜପୁର,୧୧।୮ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଶିବା ଛକରେ ଥିବା ମା' ମଙ୍ଗଳା ଜୁଏଲାରୀ ସୁନା ଦୋକାନର ମାଲିକ ବିଜୟ କୁମାର ସାହୁ ଦୋକାନ ବନ୍ଦ କରି ଏକ ବାଇକ୍ ଯୋଗେ ପତ୍ନୀ କଲ୍ୟାଣୀ ସାହୁ (୪୪) ଙ୍କ ସହ ନିଜ ଘର ବନ୍ଧଡ଼ିହକୁ ଯିବା ସମୟରେ ଇନ୍ଦାରୋଇ ପାଟ ନିଛାଟିଆ ରାସ୍ତାରେ ଲୁଟ୍‌ର ଶିକାର ହୋଇଛନ୍ତି। ଘଟଣାରୁ ପ୍ରକାଶ ଯେ ୨ଟି ବାଇକ୍ ସହ ୪ ଜଣ ଦୁର୍ବୃତ୍ତ ପୂର୍ବରୁ ପ୍ରସ୍ତୁତି ହୋଇ ରହିଥିବା ବେଳେ ସୁନା ଦୋକାନର ମାଲିକ ବିଜୟଙ୍କ ବାଇକକୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ସୁନା ଗହଣା ଥିବା ବ୍ୟାଗ ଛଡ଼ାଇଥିଲେ। ଉଭୟଙ୍କ ମଧ୍ୟରେ କିଛି ସମୟ ପାଇଁ ଧସ୍ତାଧସ୍ତି ହୋଇଥିଲା ଏହି ସମୟରେ ଦୁର୍ବୃତ୍ତଙ୍କ ଠାରୁ କଲ୍ୟାଣୀ ଗହଣା ବ୍ୟାଗ୍‌ଟିକୁ ଛାଡାଇବା ସମୟରେ ଦୁର୍ବୃତ୍ତଙ୍କ ଆକ୍ରମଣର ଶିକାର ହୋଇଥିଲେ। କଲ୍ୟାଣୀ ରାସ୍ତାରେ ପଡିଯାଇଥିବା ବେଳେ ଦୁର୍ବୃତ୍ତ ମାନେ ଦୁଇ ରାଉଣ୍ଡ ଫାଙ୍କା ଗୁଳିଚାଳନା କରି ଗହଣା ବ୍ୟାଗ୍ ଧରି ଶିବା ଛକ ପଟକୁ ବାଇକ୍ ଯୋଗେ ଫେରାର ହୋଇଥିଲେ। ସଙ୍ଗେ ସଙ୍ଗେ ଦୋକାନ ମାଲିକ ବିଜୟ ଫୋନ୍ ଯୋଗେ ୧୧୨କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଖବର ପାଇ ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରା ସଦଳ ବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଥିବାବେଳେ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତଦନ୍ତ ସମୟରେ ଘଟଣାସ୍ଥଳରୁ ଏକ ଫୁଟନ୍ତା ଗୁଳିର ଅଗ୍ରଭାଗର କିଛି ଭଗ୍ନାଂଶ ଓ ଗୋଟିଏ ଜୀବନ୍ତ ଗୁଳି ଜବତ ହୋଇଥିବା ପୁଲିସ ସୂତ୍ରରୁ ପ୍ରକାଶ। ଏ ନେଇ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ ପ୍ରକ୍ରିୟା ଜାରିରହିଛି। ଉକ୍ତ ବ୍ୟାଗ୍‌ରେ ୫୦ ଗ୍ରାମ ସୁନା ଗହଣା, ୫ କିଲୋଗ୍ରାମ ଓଜନର ରୂପା ଗହଣା ଓ ନଗଦ ୫୦ ହଜାର) ଟଙ୍କା ଥିବା ନେଇ କଲ୍ୟାଣୀ ସାହୁ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ସଦର ଥାନାସଦର ଥାନା ପକ୍ଷରୁ କେସ ନମ୍ବର ୨୬୮/୨୬ ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି। ଆଜି ସାଇଣ୍ଟିଫିକ୍ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିଥିବା ବେଳେ ଖୁବ୍ ଶୀଘ୍ର ଦୁର୍ବୃତ୍ତ ମାନେ ଧରପଡ଼ିବେ ବୋଲି ସଦର ଥାନା ଅଧିକାରିଣୀ ଚିନ୍ମୟୀ ବେହେରାଙ୍କ ଠାରୁ ସୂଚନା ମିଳିଛି।

## ସଡ଼କ ସୁରକ୍ଷା କମିଟି ବୈଠକରେ ଉଦ୍‌ବେଗ
# ବିଗିଡ଼ିଗଲାଣି ରାଜପଥ; ଶୋଇଛି ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷ

ଯାଜପୁର,୧୧।୮ (ସମିସ):



ସୁପ୍ରିମକୋର୍ଟ, କେନ୍ଦ୍ର ଓ ରାଜ୍ୟ ସରକାର ସଡ଼କ ସୁରକ୍ଷା ପ୍ରତି ଗୁରୁତ୍ୱ ଦେଉଛନ୍ତି। ଏହା ସତ୍ତ୍ୱେ ବି ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥା ସଡ଼କ ସୁରକ୍ଷାକୁ ସଂପୂର୍ଣ୍ଣ ବିପନ୍ନ କରୁଛନ୍ତି। ଯାଜପୁର ଜିଲ୍ଲାରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଓ ନିର୍ମାଣକାରୀ ସଂସ୍ଥାର ବେପରୁଆ ମନୋଭାବ ପାଇଁ ସଡ଼କ ସୁରକ୍ଷା ଅଧିକ ବିପନ୍ନ ହେଉଛି ବୋଲି ସଡ଼କ ସୁରକ୍ଷା କମିଟି ବୈଠକରେ ମତ ପ୍ରକାଶ ପାଇ ଘୋର ଉଦ୍‌ବେଗ ପ୍ରକାଶ ପାଇଥିଲା।

ଯାଜପୁର ଜିଲ୍ଲାପାଳଙ୍କ ସଭାଗୃହରେ ଅନୁଷ୍ଠିତ ସଡ଼କ ସୁରକ୍ଷା କମିଟି ବୈଠକରେ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ ନିର୍ମାଣରେ ମନୋମୁଖୀ କାର୍ଯ୍ୟ ପାଇଁ ଜିଲ୍ଲାରେ ସଡ଼କ ସୁରକ୍ଷା ବିପନ୍ନ ହୋଇଛି ବୋଲି ସଭ୍ୟ ସତୀଶ ବିଶ୍ୱାଳ ଘୋର ଉଦ୍‌ବେଗ ପ୍ରକାଶ କରିଥିଲେ। ପ୍ରାୟ ଚାରିଜଣ ଜିଲ୍ଲାପାଳ ଯାଜପୁରରୁ ଗଲେଣି। ହେଲେ ଚଣ୍ଡିଖୋଲ- ଡୁବୁରୀ ରାସ୍ତା ନିର୍ମାଣକାରୀ ସଂସ୍ଥା ଏହି ଜିଲ୍ଲାପାଳମାନଙ୍କୁ ସଡକ ସୁରକ୍ଷା ବୈଠକରେ ଦେଉଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରୁନାହାନ୍ତି। ଜିଲ୍ଲାପାଳ ମାନେ ମଧ୍ୟ ରାସ୍ତା ଦୁରାବସ୍ଥା ନେଇ ଦେଉଥିବା ଚେତାବନୀ କୌଣସି କ୍ଷେତ୍ରରେ କାର୍ଯ୍ୟକାରୀ ହେଉନାହିଁ। ପ୍ରାୟ ୧୦ ବର୍ଷ ହେବ ଏହି ଜାତୀୟ ରାଜପଥ କାର୍ଯ୍ୟ ଚାଲିଛି। କାମ ଶେଷ ନ ହେଲେ ବି ଲୋକଙ୍କ ଚଳପ୍ରଚଳ ପାଇଁ କୌଣସି ସ୍ଥାନରେ ସର୍ଭିସ ରୋଡ୍ ଦିଆ ନଯିବା ସଂପୂର୍ଣ୍ଣ ବେଆଇନ। ଏହି ଜାତୀୟ ରାଜପଥର କବାଟବନ୍ଧରେ ଥିବା ବ୍ରାହ୍ମଣୀ ବ୍ରିଜ ଏବଂ ଖୋସାଲିପୁର ବ୍ରିଜ ଏବେ ସଂପର୍ଣ୍ଣ ବିପଦ ଜନକ ଅବସ୍ଥାରେ ରହିଛି। କେତେବେଳେ ଭୁଶୁଡି ଯାଇପାରେ। ବାହ୍ମଣୀବ୍ରିଜର ନିର୍ମାଣ ପାଇଁ ବହୁବାର ଜନଆନ୍ଦୋଳନ ହୋଇଛି। ଏଥିନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଦେଉଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ଦେଶର ଶିଳ୍ପ ସହର କଳିଙ୍ଗ ନଗର ସହ ପାରାଦୀପ ବନ୍ଦର ଏବଂ ସୁକିନ୍ଦା ଖଣିକୁ ଏହି ଜାତୀୟ ରାଜପଥ ସଂଯୋଗ କରୁଛି। ଏହି ଗୁରୁତ୍ୱପୂର୍ଣ୍ଣ ଜାତୀୟ ରାଜପଥ ନିର୍ମାଣରେ ଏଭଳି ଅବ୍ୟବସ୍ଥା ନେଇ ନିର୍ମାଣକାରୀ ସଂସ୍ଥାର ଯାବତୀୟ ବେଆଇନ କାର୍ଯ୍ୟ ପାଇଁ ଦୈନିକ ଦୁର୍ଘଟଣାରେ ଜୀବନ ଯାଉଛି। ହେଲେ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଥିବାରୁ ନିର୍ମାଣକାରୀ ସଂସ୍ଥା ନେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଜିଲ୍ଲା ଦେଇ ଯାଇଥିବା ସମସ୍ତ ଜାତୀୟ ରାଜପଥରେ ପାହାଡ ଭଳି ବର୍ଜ୍ୟ ପାଉଁସ ବ୍ୟବହାର ହେଉଥିଲେ ମଧ୍ୟ ନିୟମ ଅନୁସାରେ ଏହି ପାଉଁସ ବ୍ୟବହାର ହେଉନଥିବାରୁ ଅତ୍ୟନ୍ତ ଭୟଙ୍କର ପ୍ରଦୂଷଣ ହେଉଛି। ଛତିଆ ପରି ପର୍ଯ୍ୟଟନ ସ୍ଥାନରେ କଲେଜ ଓ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବେଳେ ସେଠାରେ ଲୋକେ ଏଭଳି ବିଷାକ୍ତ ପାଉଁସର ଭୟଙ୍କର ପ୍ରଦୂଷଣ ପାଇଁ ଯାତାୟତ କରିପାରୁନାହାନ୍ତି। ଆରୁହା, ମାଣ୍ଡିଆ, ବରଡ଼ା ପ୍ରଭୃତି ବିଭିନ୍ନ ସ୍ଥାନରେ ଲୋକେ ଏଭଳି ଦୁରାବସ୍ଥାର ସମ୍ମୁଖୀନ ହୋଇଛନ୍ତି। କୁଆଖିଆରୁ ଯାଜପୁର ଟାଉନ ଅଭିମୁଖେ ଆସିଥିବା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣରେ ଆଖିବୁଜା ଦୁର୍ନୀତି ପାଇଁ ରାସ୍ତା ନିର୍ମାଣ ନସରୁଣୁ ସଂପୂର୍ଣ୍ଣ ଦବି ଯାଇ ନଷ୍ଟ ହୋଇ ଯାଇଛି। ଏଥିନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସତୀଶ ଦାବି କରିଥିଲେ। କର୍ଣ୍ଣାଟ କେଶରୀ ଦାସ କହିଥିଲେ ଯେ, ବୈଠକକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ତରଫରୁ ନିଷ୍ପତି ନେଇ ପାରୁଥିବା ପ୍ରକଳ୍ପ ନିର୍ଦ୍ଦେଶକମାନେ ଆସିବାକୁ ବ୍ୟବସ୍ଥା କରାଯାଉ। ଏଠାରେ ଯେଉଁ ଅଧିକାରୀ କିମ୍ବା ଠିକା ସଂସ୍ଥାର ଲୋକେ ଯୋଗ ଦେଉଛନ୍ତି ସେମାନଙ୍କର କୌଣସି ନିର୍ଣ୍ଣାୟକ ଭୂମିକା ନ ଥିବାରୁ ବୈଠକରେ ନିଆ ଯାଉଥିବା ନିଷ୍ପତି କାର୍ଯ୍ୟକାରୀ ହୋଇ ପାରୁନାହିଁ। ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଏଥିରେ ଅଧକ୍ଷତା କରିଥିଲେ। ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା ଉଦ୍ଦେଶ୍ୟରେ ଜିଲ୍ଲାପାଳ କହିଥିଲେ ଯେ, ଆପଣ ମାନଙ୍କୁ ଯେତେ ଯାହା କହିଲେ ବି, ତାର କୌଣସି ପ୍ରଭାବ ଆପଣଙ୍କ ଉପରେ ପଡୁନାହିଁ। ଏଭଳି ଉଦ୍‌ବେଗ ଜନକ ପରିସ୍ଥିତ କ'ଣ ଆପଣ ମାନଙ୍କୁ ଭଲ ଲାଗୁଛି। ଏହାପରେ ଏଭଳି ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟ ନେଇ ସରକାରଙ୍କୁ ରିପୋର୍ଟ କରିବାକୁ ବାଧ ହେବୁ। ଚଣ୍ଡୀଖୋଲ ଆରଟିଓ ଶିଶିର କୁମାର ସାହୁ ସ୍ୱାଗତ ଭାଷଣ, ଯାଜପୁର ଆରଟିଓ ଧୀରେନ କୁମାର ନାୟକ ପ୍ରାରମ୍ଭିକ ସୂଚନା ଏବଂ ସତୀଶ ବିଶ୍ୱାଳ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଏସଡିପିଓ ପ୍ରଶାନ୍ତ ମାଝୀଙ୍କ ସହ ବିଭିନ୍ନ ଜାତୀୟ ରାଜପଥ ନିର୍ମାଣକାରୀ ସଂସ୍ଥା, ଗ୍ରାମ୍ୟ ଉନ୍ନୟନ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ, ଗଣଶିକ୍ଷା, ସ୍ୱାସ୍ଥ୍ୟ, ଅବକାରୀ, ଅଗ୍ନି ନିର୍ବାପକ ଆଦି ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଚନ୍ଦନ ନାୟକ, ଅମୀୟ ରଂଜନ ବାରିକ, ଦିଲ୍ଲୀପ ଚୌଧୁରୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ନବନିର୍ମାଣ କୃଷକ ସଂଗଠନର ବୈଠକ

ଯାଜପୁର,୧୧।୮ (ସମିସ): ଆଜି ନବନିର୍ମାଣ କୃଷକ ସଂଗଠନର ଯାଜପୁର ଜିଲ୍ଲା ସାଧାରଣ ପରିଷଦ ବୈଠକ ବରୁଆଁ ନିକଟସ୍ଥ ତାରାଦେବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଯୋଜକ ଦୁର୍ଗାପ୍ରସାଦ ଦାଶଙ୍କ ଅନୁମତି କ୍ରମେ ବରିଷ୍ଠ ଚାଷୀ ଚୌଧୁରୀ ଜେନା ସଭାପତିତ୍ୱ କରିଥିଲେ। ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ସହ ସଂଯୋଜକ ନିମାଇଁ ରାୟଙ୍କ ପ୍ରାରମ୍ଭିକ ବକ୍ତବ୍ୟରେ ବର୍ତ୍ତମାନ ଚାଷୀର ବିପର୍ଯ୍ୟୟ ଅବସ୍ଥା ଓ ଧାନମଣ୍ଡିରେ ପଞ୍ଜୀକରଣ ସମସ୍ୟା ପ୍ରସଙ୍ଗରେ ଆଲୋକପାତ କରିଥିଲେ। ପ୍ରତିଷ୍ଠାତା ଅକ୍ଷୟ କୁମାର ପ୍ରତ୍ୟେକ ସଦସ୍ୟ ଓ କର୍ମୀ ମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ଓ ଶୃଙ୍ଖଳା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ନେତୃତ୍ୱ ମାଧବାନନ୍ଦ ଶାନ୍ତି, ନଗେଶ ଜେନା, ଧନଞ୍ଜୟ ବିଶ୍ୱାଳ, ବଲ୍ଲଭ ଜେନା, ବ୍ରହ୍ମାନନ୍ଦ ଦାଶ, ପ୍ରଶାନ୍ତ ସ୍ୱାଇଁ, ରଙ୍ଗାଧର ଦାସ, ହରିଶ ଦଳାଇ, ଶରତ ନାୟକ, ରବିନ୍ଦ୍ର ସାହୁ, ପ୍ରଫୁଲ୍ଲ କଣ୍ଡ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ସଂଗଠନର କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ମଜଭୂତ କରି ମଣ୍ଡି ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଚାଷୀଙ୍କୁ ଧାନ ବିକ୍ରୟର ସୁବିଧା ମିଳିବାର ପ୍ରଚେଷ୍ଟା ଜାରି ରହିବ, ସାର ସମସ୍ତ ଚାଶିଙ୍କୁ ମିଳିବା, ରଣଛାଡ ଉପରେ ସଂଗଠନର ଦାବିକୁ ପୁନର୍ବାର ଦୃଢ଼ୀକରଣ କରାଗଲା। ଶେଷରେ ରଞ୍ଜନ ମଲ୍ଲିକ ଧନ୍ୟବାଦ ଦେଲା ପରେ ସଭାସାଙ୍ଗ ହୋଇଥିଲା।

# ବିଦ୍ୟୁତ ତାର ସଂସ୍ପର୍ଶରେ ଭଉଣୀ ମୃତ, ଭାଇ ଗୁରୁତର

ପାଣିକୋଇଲି,୧୧।୮ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ମୂଳାପାଳ ପଞ୍ଚାୟତର ଶାଳବା ଗ୍ରାମରେ ଆଜି ଅପରାହ୍ନରେ ବିଦ୍ୟୁତ ତାର ଲାଗି ଭଉଣୀର ମୃତ୍ୟୁ ହୋଇଥିବା ବେଳେ ଭାଇ ଗୁରୁତର ଅବସ୍ଥାରେ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶଯେ ପାଣିକୋଇଲି ବିଦ୍ୟୁତ ଉପଖଣ୍ଡ ଅଧୀନ ଶଳବା ଗ୍ରାମର ଚିନ୍ତାମଣି ନାୟକଙ୍କ ପୁଅ ଅନନ୍ତ ନାୟକ ତାଙ୍କ ଘରକୁ ବିଦ୍ୟୁତ ସଂଯୋଗ ନେଇଥିଲେ। ନିକଟସ୍ଥ ଅନ୍ୟ ଏକ ଘରକୁ ଗ୍ରୀଲ ଦେଇ ତାର ଟାଣିଥିଲେ। ମାତ୍ର ତାରରେ ଲିକ୍ ଥିବାରୁ ଗ୍ରୀଲ ଚାର୍ଜ ହୋଇଯାଇଥିଲା। ଏହା ଜାଣିନପାରି ଅନନ୍ତ ନାୟକ ଓ ତାର ଭଉଣୀ ଦୂତି ନାୟକ ଗ୍ରୀଲ ଧରିବାରୁ କରେଣ୍ଟ ଲାଗିଥିଲା। ବିଦ୍ୟୁତ ସଂସ୍ପର୍ଶରେ ଆସି ଭାଇ ଭଉଣୀ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଯାଜପୁର ମୁଖ୍ୟାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଦୂତି(୨୦)ର ମୃତ୍ୟୁ ହୋଇଥିବା ବେଳେ ଅନନ୍ତ (୪୨) ଗୁରୁତର ଭାବେ ଚିକିତ୍ସିତ ହେଉଛନ୍ତି। ବିଦ୍ୟୁତ ବିଭାଗ ପକ୍ଷରୁ ଆଉ କିଛି ଅଘଟଣକୁ ଏଡ଼ାଇବା ପାଇଁ ଘରର ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି।

# ପୁସ୍ତକ ଲୋକାର୍ପଣ ଉତ୍ସବ



ମଙ୍ଗଳା,୧୧।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତ ବରୁଣେଶ୍ୱର କଲ୍ୟାଣ ମଣ୍ଡପ ଠାରେ ଔପନ୍ୟାସିକ ଜଗନ୍ନାଥ ଧଳଙ୍କ ରଚିତ ଉପନ୍ୟାସ 'ନାସ୍ତିକ' ଉନ୍ମୋଚିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସାରସ୍ୱତ ସଭାରେ ପ୍ରାଧ୍ୟାପକ ଅଜୟ କୁମାର ଓଝା ସଭାପତି, ପଣ୍ଡିତ ଭୂପତି ଭୂଷଣ ମିଶ୍ର ମୁଖ୍ୟଅତିଥି, ପ୍ରାଧ୍ୟାପକ ଦାମୋଦର ବେହେରା ମୁଖ୍ୟବକ୍ତା, ଡ. ରବୀନ୍ଦ୍ର ପରିଡ଼ା, ପଦ୍ମାକର ଗୁରୁ, ପଣ୍ଡିତ ନକୁଳ ଚରଣ ନାଥଶର୍ମା, ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ସେହିପରି ବୃନ୍ଦାବନ ସୂତାର, ଶ୍ୟାମସୁନ୍ଦର ଶତପଥୀ, ରାହାସ ମଲିକ, ରାମକୃଷ୍ଣ ବେହୁରିଆ, ନବକିଶୋର ପରିଡା, ପ୍ରମୋଦ ସାହୁ, କବି ତ୍ରିଲୋଚନ ପତି, ବିଦ୍ୟାସାଗର ବେହେରା, ସୁଧିର ଆଚାର୍ଯ୍ୟ, ସରୋଜ ମଲିକ, ବ୍ରଜସୁନ୍ଦର ସାମଲ, ସରସ୍ୱତୀ ଧଳ, ଅଧ୍ୟାପିକା ପ୍ରମିଳା ବାଇ, ପ୍ରତିଭା ଓଝା, କାମିନୀ ନାଥ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। କୀର୍ତ୍ତନ ବିହାରୀ ଧଳ, ଟିକିଲତା ବେହେରା, ଓ ପ୍ରୀତିପ୍ରଭା ସାହୁଙ୍କୁ ବିଶେଷ ଅତିଥି ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ବିପିନ ବିହାରୀ ବଳ, ପ୍ରକାଶକ ନକୁଳ ଚରଣ ଯେନା, ବିଜୟ ସାମଲ, ପ୍ରଶାନ୍ତ ରାଉତରାୟ, ସାର ନଟବର ଦାସ, ପୁରୁଷୋତ୍ତମ ବେହେରା, ହରେକୃଷ୍ଣ ପାଣିଗ୍ରାହୀ, ଦାମୋଦର ନାୟକ, ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଶିକ୍ଷକ ଭାରତଭୂଷଣ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ। ଭଦ୍ରକ ଜିଲ୍ଲାର ଲୋକ ପ୍ରାଣକୃଷ୍ଣ ସାହୁଙ୍କ ରଚିତ ପୁସ୍ତକ 'ଏ ଯୁଗର ଗୀତା' ଉନ୍ମୋଚିତ ହୋଇଥିଲା।

# ବିଜେପି ପକ୍ଷରୁ ତ୍ରିରଙ୍ଗା ଯାତ୍ରା

ଧର୍ମଶାଳା,୧୧।୮ (ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଆରୁହା, ଜାରକା ଓ ବାରବାଟୀ ମଣ୍ଡଳରେ ବିଜେପି ପକ୍ଷରୁ ଘର ଘର ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ହିମାଂଶୁ ଶେଖର ସାହୁ ବାରବାଟୀ ମଣ୍ଡଳର ନଠୁଆବରଠାରେ ତ୍ରିରଙ୍ଗା ଯାତ୍ରାରେ



ସାମିଲ ହୋଇ ଆଦମପୁର ପେଟ୍ରୋଲ ପମ୍ପ ପର୍ଯ୍ୟନ୍ତ କର୍ମୀମାନଙ୍କ ସହିତ ଚାଲିଚାଲି ଯାଇଥିଲେ। ସେହିପରି ଆରୁହା ମଣ୍ଡଳର ଜାରକାସ୍ଥିତ ମହୋତ୍ସବ ପଡିଆରୁ ଚାଲି ଚାଲି ବଜାର ପରିକ୍ରମା କରିଥିଲେ। ପରେ ଜାରକା ମଣ୍ଡଳର କାଏମା ହାଇସ୍କୁଲ ପଡିଆରୁ ନରସିଂହପୁର ପର୍ଯ୍ୟନ୍ତ ଚାଲିଥିଲେ। ଏହି ତ୍ରିରଙ୍ଗା ଯାତ୍ରାରେ ବିଜେପି ଜିଲ୍ଲା ସଭାପତି ଦେବଯାନୀ ପ୍ରଧାନ, ସମାଜସେବୀ ମିନତୀ ସାହୁ, ପୂର୍ବତନ ସାଂସଦ ରୀତା ତରେଇ, ଯୁବ ସଙ୍ଗଠକ ରାଜେଶ ପାଳ, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଯୁବ ସଭାପତି ବିଶ୍ୱଜିତ ପୃଷ୍ଟି, ଜାରକା ମଣ୍ଡଳ ସଭାପତି ଦେବଦତ୍ତ ପଣ୍ଡା, ବାରବାଟୀ ମଣ୍ଡଳ ସଭାପତି ତୀର୍ଥରାଜ ପଣ୍ଡା, ଯୁବ ସଭାପତି ରୁଦ୍ର ପ୍ରସାଦ ବେହେରା, ଆମ୍ବର ଅଧକ୍ଷ ଉପେନ୍ଦ୍ର କୁମାର କର, ପ୍ରଭାରୀ ଅଭିଷେକ ରାଉତ, ରୁଦ୍ର ବରାଳ ପ୍ରମୁଖ ଯାତ୍ରାରେ ସାମିଲ ହୋଇଥିଲେ।

# ମୁରଲୀଧର ସାହୁଙ୍କ ବିୟୋଗରେ ସ୍ମୃତିସଭା

ଧର୍ମଶାଳା,୧୧।୮ (ସମିସ): ଧର୍ମଶାଳା ବ୍ଲକ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ବ୍ୟବସାୟୀ ତଥା ଧର୍ମପରାୟଣ ବ୍ୟକ୍ତି ମୁରଲୀଧର ସାହୁଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କିଶାନ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ସାଂସଦ ରିତା ତରେଇ, ସମାଜସେବୀ କାହ୍ନୁଚରଣ ଦାଶ, ଅବସରପ୍ରାପ୍ତ ଅଧ୍ୟାପକ ମନୋରଂଜନ ମହାନ୍ତି, କୃଷକ ନେତା ବସନ୍ତ ପରିଡା, ବିପିନ ବିହାରୀ ପଣ୍ଡା, ସମିତିସଭ୍ୟ ପ୍ରିୟବ୍ରତ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଇନ୍ଦ୍ରମଣି ନାୟକ, ଅଖିଳ କୁମାର ସ୍ୱାଇଁ, ଅବିନେଶ୍ୱର ଶତପଥୀ, ଯୁବ ସଂଗଠକ ନିର୍ମଳ ପ୍ରଧାନ ଓ ନାରାୟଣ ମଲିକ ପ୍ରମୁଖ ଯୋଗଦେଇ ସ୍ମୃତି ଚାରଣ କରିଥିଲେ। ଶେଷରେ ସାନ ପୁଅ ସୁବାସ ସାହୁ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଥିଲେ।

## ଧାନ ବିକ୍ରି ପୂର୍ବରୁ ଚାଷୀଙ୍କ ମୁଣ୍ଡରେ ଚଡ଼କ
# ଏସ୍‌ଏଚ୍‌ଜି ବନ୍ଦ ପରେ ବଢୁଛି ଅଡୁଆ

ବିଞ୍ଝାରପୁର,୧୧।୮ (ସମିସ):

ବିଞ୍ଝାରପୁରବ୍ଲକରେଚଳିତଖରିଫଋତୁରେପ୍ରାୟ୧୫,୪୫୦ ହେକ୍ଟର ଜମିରେ ଧାନ ଚାଷ ହୋଇଥାଏ। ଚାଷ ଆରମ୍ଭରୁ ଚାଷୀଙ୍କୁ ଘାରିଛି ଧାନ ବିକ୍ରି ଚିନ୍ତା। ମଣ୍ଡିରେ ଧାନ ବିକ୍ରି କରି ଉଚିତ ମୂଲ୍ୟ ପାଇବା ପୂର୍ବରୁ ଏବେ ପଞ୍ଜୀକରଣ ଚାଷୀଙ୍କ ପାଇଁ ବଡ଼ ଅଡୁଆ ହୋଇ ଛିଡ଼ା ହୋଇଛି। ଚଳିତ ଖରିଫ ଋତୁ ପାଇଁ ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଏଥିରେ ଏଗ୍ରିଷ୍ଟାକ୍ ଆଇଡିକୁ ଗୁରୁତ୍ୱ ଦିଆଯାଉଥିବାରୁ ଅନେକ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ତେବେ ବିଞ୍ଝାରପୁର ବ୍ଲକର ଅନେକ ଅଞ୍ଚଳ ଏବେ ବି ନଟ୍‌ଫାଇନାଲ ଅବସ୍ଥାରେ ଥିବାରୁ ସେଠାକାର ଜମି ସମ୍ପର୍କିତ ତଥ୍ୟ ଅନ୍‌ଲାଇନ୍‌ରେ ଠିକ୍ ଭାବେ ଉପଲବ୍ଧ ହେଉନାହିଁ। ଫଳରେ ଏଗ୍ରିଷ୍ଟାକ୍ ଆଇଡି ସୃଷ୍ଟି ଓ ପଞ୍ଜୀକରଣରେ ସମସ୍ୟା ଦେଖାଦେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଅନେକ ଚାଷୀଙ୍କ ଜମି ପୁରୁଣା ରେକର୍ଡରେ ମିଳିତ ମାଲିକାନା କିମ୍ବା ସାଆତ-ଅଣସାଆତ ନାମରେ ରହିଛି। ଏଭଳି ଜମିରେ ପ୍ରକୃତରେ ଚାଷ କରୁଥିବା ବ୍ୟକ୍ତିଙ୍କ ନାମରେ ଏଗ୍ରିଷ୍ଟାକ୍ ଆଇଡି ଓ ଚାଷୀ ପଞ୍ଜୀକରଣ କିପରି ହେବ, ତାହାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଜମି ଚାଷ କରୁଥିବା ଚାଷୀ ଆବଶ୍ୟକ ଡିଜିଟାଲ ରେକର୍ଡ ସହ ଯୋଡ଼ି ହୋଇ ନପାରିଲେ ଆଗାମୀ ଦିନରେ ମଣ୍ଡିରେ ଧାନ ବିକ୍ରି ସମୟରେ ସମସ୍ୟା

### ନଟ୍‌ଫାଇନାଲ ଜମି ରେକର୍ଡ ଓ ମିଳିତ ମାଲିକାନା ଜମି ଚାଷୀଙ୍କ ପାଇଁ ଚିନ୍ତା ବଢ଼ିଲା

ଉପୁଜିବାର ଆଶଙ୍କା ରହିଛି। ଏଥିସହ ଧାନ ସଂଗ୍ରହ ଓ ମଣ୍ଡି ପରିଚାଳନାରେ ପୂର୍ବରୁ ଜଡ଼ିତ ଥିବା କେତେକ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ବନ୍ଦ ହୋଇଯାଇଥିବାରୁ ମଧ୍ୟ ଚାଷୀଙ୍କ ଚିନ୍ତା ବଢ଼ିଛି। ମଣ୍ଡି ପରିଚାଳନା ଓ ଧାନ ସଂଗ୍ରହ ବ୍ୟବସ୍ଥାକୁ ନେଇ ଏବେଠାରୁ ପ୍ରଶ୍ନ ଉଠିଛି। ଚାଷୀମାନଙ୍କ କହିବାନୁସାରେ, ଜମି ରେକର୍ଡର ଜଟିଳତା କିମ୍ବା ଡିଜିଟାଲ ପଞ୍ଜୀକରଣ ସମସ୍ୟା ଯୋଗୁଁ ପ୍ରକୃତ ଚାଷୀ ଯେପରି ଧାନ ବିକ୍ରିରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ସରକାର ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିବା ଆବଶ୍ୟକ। ନଟ୍‌ଫାଇନାଲ ଅଞ୍ଚଳ, ମିଳିତ ମାଲିକାନା ଓ ଅନ୍ୟାନ୍ୟ ରେକର୍ଡ ସମସ୍ୟାଥିବା ଚାଷୀଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି।

# ଜଳାଭିଷେକ କଲେ କୁନି କାଉଡ଼ିଆ



ସୁକିନ୍ଦା,୧୧।୮ (ସମିସ): ରାଜ୍ୟର ବିଭିନ୍ନ ଶୈବପୀଠ ଗୁଡିକରେ ସୋମବାର ସକାଳୁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳୁଛି। ସୁକିନ୍ଦା ଅଞ୍ଚଳର ଅନେକ କୁନି କାଉଡ଼ିଆ ବିରିଗଡ଼ା ନାଳରୁ ପାଣିଭାର ନେଇ ରାସ୍ତାରେ ଚାଲିଚାଲି ଆସୁଥିବାର ଦୃଶ୍ୟ ପଥଚାରିଙ୍କ ଆକର୍ଷଣ ପାଲଟିଛି। ସୁକିନ୍ଦାସଦର ମହକୁମାର ଏହି କୁନି କାଉଡ଼ିଆ ମାନେ ଗତ ରବିବାର ସନ୍ଧ୍ୟାରେ ପାଣିଭାର ଧରି ଦୋଳମଣ୍ଡପ ଛକଦେଇ ରଥଛକରୁ ୫୩ ନମ୍ବର ଜାତୀୟ ରାଜପଥ ଉପରେ ଚାଲି କଜଳେଇ ମହାଦେବ ମନ୍ଦିର ପରିସରରେ ପହଞ୍ଚିଥିଲେ। ସୋମବାର ପ୍ରତ୍ୟୁଷରୁ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିବା ସହିତ ଜଳାଭିଷେକ କରିଥିଲେ। ଯାହାକି ସ୍ଥାନୀୟ ଜନସାଧାରଣଙ୍କ ଆକର୍ଷଣ ପାଲଟିଥିଲା। ଛୋଟଛୋଟ ପିଲାମାନଙ୍କର ଏପରି ଭକ୍ତି ଓ ନିଷ୍ଠା ଭାବନା ନିଶ୍ଚିତ ଭାବରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିବ ବୋଲି ଆଲୋଚନା ହେଉଛି।

## ବନ୍ୟାଞ୍ଚଳରେ ପିସିସି ସଭାପତି ବିପନ୍ନଙ୍କୁ ଭେଟିଲେ, ପାଲ ବାଣ୍ଟିଲେ

ଦଶରଥପୁର/କୟାଁଗୋଲା,୧୧।୮ (ସମିସ)



ଦଶରଥପୁର ବ୍ଲକର ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିବା ସହ ବନ୍ୟା ବିପନ୍ନଙ୍କ ଦୁଃଖ ଓ ସମସ୍ୟା ବୁଝିବା ପାଇଁ ଦଶରଥପୁର ବନ୍ୟାଞ୍ଚଳ ଗସ୍ତ କରିଛନ୍ତି ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ। ଗସ୍ତ ସମୟରେ ସେ ବିଭିନ୍ନ ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଲୋକଙ୍କ ସହ ଆଲୋଚନା କରି ସେମାନଙ୍କ ସମସ୍ୟା ଓ ଆବଶ୍ୟକତା ସମ୍ପର୍କରେ ଅବଗତ ହୋଇଥିଲେ। ବନ୍ୟା ଯୋଗୁଁ ଘରଦ୍ୱାର ଓ ଜୀବନଜୀବିକା ପ୍ରଭାବିତ ହୋଇଥିବା ବିପନ୍ନ ପରିବାରଗୁଡ଼ିକୁ ଭେଟି ଶ୍ରୀ ଦାସ ସେମାନଙ୍କ ସମସ୍ୟା ଶୁଣିବା ସହ ପାଲ ବଣ୍ଟନ କରିଥିଲେ। ବିପଦ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ଠିଆ ହେବା ସହ ସେମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଗସ୍ତ ସମୟରେ ତରପଦା ପଞ୍ଚାୟତ ପାଟଣା ଗ୍ରାମର ବନ୍ୟାଜଳରେ ଭାସିଯାଇଥିବା ୫୫ ବର୍ଷୀୟ ମହେଶ୍ୱର ସୁତାରଙ୍କ ପରିବାରକୁ ମଧ୍ୟ ଭେଟିଥିଲେ। ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କୁ ସାକ୍ଷାତ କରି ସେ ଗଭୀର ସମବେଦନା ଜଣାଇବା ସହ ଏଭଳି ଦୁଃଖଦ ସମୟରେ ପରିବାରକୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ବନ୍ୟା ପରବର୍ତ୍ତୀ ସ୍ଥିତିରେ ଲୋକମାନେ ଯେପରି ଆବଶ୍ୟକ ସହାୟତାରୁ ବଞ୍ଚିତ ନହୁଅନ୍ତି, ସେଥିପ୍ରତି ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଶ୍ରୀ ଦାସ କହିଥିଲେ। ବନ୍ୟାରେ କ୍ଷତିଗ୍ରସ୍ତ ପରିବାରଙ୍କୁ ରିଲିଫ୍, ଆବାସ, ଜୀବିକା ଓ ଅନ୍ୟାନ୍ୟ ଆବଶ୍ୟକ ସହାୟତା ଯୋଗାଇବା ସହ କ୍ଷୟକ୍ଷତିର ଆକଳନ କରି ତୁରନ୍ତ ପଦକ୍ଷେପ ନେବାକୁ ସେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ନିବେଦନ କରିଥିଲେ। ମାତ୍ର ରିଲିଫ ପ୍ରଦାନରେ ପାତର ଅନ୍ତର କରି ଦିଆଯାଉଥିବା ବନ୍ୟା ବିପନ୍ନ ଅଭିଯୋଗ କରିଥିଲେ। ଏମିତିକି ପିସିସି ସଭାପତିଙ୍କ ଗାଡ଼ି ଅଟକାଇବା ସହ ରିଲିଫ ଗାଡି ଅଟକାଇଥିଲେ। ପରିସ୍ଥିତି ଅଣାୟତ୍ତ ହେବାରୁ ପୁଲିସ ପହଞ୍ଚି ନିୟନ୍ତ୍ରଣ କରିଥିବା ଦେଖାଯାଇଥିଲା। ଗାଁରେ ପାଲ, ଶୁଖିଲା ଖାଦ୍ୟ, ବସ୍ତ୍ର ଆଦି ଆବଶ୍ୟକ ଅନୁସାରେ ଦିଆଯାଉନଥିବାରୁ ଏମିତି ଅଭିଯୋଗ ହୋଇଥିଲା। ଚଳିତ ବନ୍ୟାରେ ଦଶରଥପୁର ବ୍ଲକର ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିବା ବେଳେ ବନ୍ୟାଜଳ ଯୋଗୁଁ ଘରଦ୍ୱାର, ଚାଷଜମି ଓ ଜନଜୀବନ ପ୍ରଭାବିତ ହୋଇଛି। ତେଣୁ ବନ୍ୟା ପରବର୍ତ୍ତୀ ପୁନରୁଦ୍ଧାର ଓ ବିପନ୍ନଙ୍କୁ ତୁରନ୍ତ ସହାୟତା ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେବା ଦରକାର ବୋଲି ଭକ୍ତ ଚରଣ ଦାସ ମତ ରଖିଥିଲେ।

## ଯାଜପୁର କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା



ଯାଜପୁର,୧୧।୮ (ସମିସ): ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଆଜି ଯାଜପୁର ଜିଲ୍ଲାର ବନ୍ୟା ଅଞ୍ଚଳ ଗସ୍ତ କରିଛନ୍ତି। ଗସ୍ତ କାର୍ଯ୍ୟକ୍ରମ ସମୟରେ ସର୍କିଟ ହାଉସ ଠାରେ ଯାଜପୁର ଜିଲ୍ଲା ଓ ବ୍ଲକ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥଲା। ଏହି ସ୍ୱାଗତ ସମୟରେ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ନାରାୟଣ ଚନ୍ଦ୍ର ସାମନ୍ତ, ଗଦାଧର ଦାସ, ବିଳାସ ରାଉତ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ସୁଧାଂଶୁ ଦେଓ, ସଂଗ୍ରାମ ସାହାଣୀ, ଭାସ୍କର ମହାନ୍ତି, ବିଭୂତି ମହାପାତ୍ର, ଅଜିର୍ତ ନାୟକ, ଶ୍ରୀକାନ୍ତ ସାହାଣୀ, ନକୁଳ ସାହୁ, ସାଗର ପରିଡ଼ା, ଅର୍ଣ୍ଣବ ମିଶ୍ର, କପିଳ ଦଳାଇ, ଅଧୀର ଜେନା, କନକ ଲତା ମଲ୍ଲିକ, ଆଦିତ୍ୟ ମହାନ୍ତି ଓ ବହୁ କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ଦଶରଥପୁର ବନ୍ୟା ଅଞ୍ଚଳ ଗସ୍ତ କରି ବନ୍ୟାରେ କ୍ଷତିଗ୍ରସ୍ତ ଲୋକଙ୍କୁ ରିଲିଫ୍ ପ୍ରଦାନ କରିବା ସହିତ ତାଙ୍କର ଦୁଃଖ ଓ ସୁର୍ଦ୍ଦଶା ପଚାରି ବୁଝିଥିଲେ। ସଭାପତିଙ୍କ ସହ ଯାଜପୁର ବରିଷ୍ଠ ନେତା ସନ୍ତୋଷ କୁମାର ନନ୍ଦ ବନ୍ୟା ଅଞ୍ଚଳ ଗସ୍ତରେ ଯାଇଥିଲେ।

## ନୂଆମାହାରା ଘାଇକୁ ନେଇ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି



ବିଞ୍ଝାରପୁର,୧୧।୮ (ସମିସ): ଖରସ୍ରୋତାର ଶାଖା ନଦୀ ନୂଆମାହାରା ଘାଇ ଘଟଣାକୁ ନେଇ ବିଞ୍ଝାରପୁର ବିଜେପି ପକ୍ଷରୁ ପ୍ରେସ୍ ସମ୍ମିଳନୀ କରାଯାଇ କ୍ରାଇମବ୍ରାଞ୍ଚ ତଦନ୍ତ ସମେତ ୫ ଦଫା ଦାବି ରଖାଯାଇଛି। ଘାଇ ଘଟଣାର ପ୍ରକୃତ କାରଣ ଚିହ୍ନଟ, ଦାୟିତ୍ୱ ନିର୍ଦ୍ଧାରଣ ଏବଂ ବନ୍ୟାର ସ୍ଥାୟୀ ପ୍ରତିକାର ପାଇଁ ଦଳ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଦଳ ପକ୍ଷରୁ କୁହାଯାଇଛି ଯେ, ଜୁଲାଇ ୩୦ ତାରିଖ ରାତି ପ୍ରାୟ ୮ଟା ସମୟରେ ନୂଆମାହାରା ଦକ୍ଷିଣପାଶ୍ୱର୍ ଜଳସେଚନ ବନ୍ଧର ନାଉବାଙ୍କ ନିକଟରେ ପ୍ରାୟ ୧୦୦ ମିଟର ଲମ୍ବର ଘାଇ ସୃଷ୍ଟି ହୋଇଥିଲା। ଘାଇ ଯୋଗୁ ବିଭିନ୍ନ ପଞ୍ଚାୟତରେ ବନ୍ୟାଜଳ ପ୍ରବେଶ କରିବା ସହ ଚାଷଜମି ଓ ଫସଲର ବ୍ୟାପକ କ୍ଷତି ହୋଇଥିବା ଦଳ ଅଭିଯୋଗ କରିଛି। ଘାଇ ମରାମତି କାର୍ଯ୍ୟରେ କିଛି ଲୋକ ବାଧା ସୃଷ୍ଟି କରିବାରୁ କାମ ବିଳମ୍ବିତ ହୋଇଥିବା ଏବଂ ପରବର୍ତ୍ତୀ ବନ୍ୟାରେ ମରାମତି ସ୍ଥଳରେ ପକାଯାଇଥିବା ବାଲିବସ୍ତା ଓ ଅନ୍ୟାନ୍ୟ ସାମଗ୍ରୀ ଭାସିଯାଇଥିବା ବିଜେପି ଅଭିଯୋଗ କରିଛି। ଏଥିପାଇଁ ସରକାରୀ ଅର୍ଥର ଅପବ୍ୟୟ ହୋଇଥିବା ଦାବି କରି ଘାଇ ମରାମତିରେ ବାଧା ଦେଇଥିବା ଲୋକଙ୍କ ବିରୋଧରେ ଏତଲା ଦାଖଲ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହି ଘଟଣାକୁ ନେଇ ବିଜେପିର ଆଭ୍ୟନ୍ତରୀଣ ଗୋଷ୍ଠୀ କନ୍ଦଳ ମଧ୍ୟ ଚର୍ଚ୍ଚାକୁ ଆସିଛି। ନିକଟରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ଓ ବିଜେପି ମଧ୍ୟରେ ତୀବ୍ର ରାଜନୈତିକ ଆରୋପ-ପ୍ରତ୍ୟାରୋପ ହୋଇଥିବା ବେଳେ ଘାଇ ମରାମତି ପ୍ରସଙ୍ଗରେ କିଛି ନେତା-କର୍ମୀଙ୍କ ମଧ୍ୟରେ ସମନ୍ୱୟ ନେଇ ଉଠିଥିବା ଅଭିଯୋଗ ଏବେ ଦଳ ଭିତରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହି ଅଭିଯୋଗ ନେଇ ସମ୍ପୃକ୍ତ ପକ୍ଷର ପ୍ରତିକ୍ରିୟା ମିଳିନାହିଁ। ଘାଇ ଘଟଣାକୁ ନେଇ ରାଜନୈତିକ ଆରୋପ-ପ୍ରତ୍ୟାରୋପ ବଦଳରେ ପ୍ରକୃତ କାରଣ ଚିହ୍ନଟ କରି ଦାୟିତ୍ୱ ନିର୍ଦ୍ଧାରଣ ସହ ଭବିଷ୍ୟତରେ ଏଭଳି ଘଟଣାର ପୁନରାବୃତ୍ତି ରୋକିବାକୁ ସରକାର ପଦକ୍ଷେପ ନେବା ଆବଶ୍ୟକ ବୋଲି ବିଜେପି ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମିଳନୀରେ ବିଜେପି ଜିଲ୍ଲା ଦଳିତ ସେଲ ସଭାପତି ଗୋପିନାଥ ଜେନା, ଅଟଳ ବିହାରୀ ନାୟକ, ଜଜୟ ବେହେରା, ଶ୍ରୀଧର ସାହୁ , ଅଭିମନ୍ୟୁ ସାହୁ, ଉମେଶ ସାହୁ,ସୁଶାନ୍ତ ସାମଲ, ରବୀନ୍ଦ୍ର ମହାନ୍ତି, ତପନ ସ୍ୱାଇଁ, ଯଶୋବନ୍ତ ବେହେରା, ଜଗତ ସାହୁ, ଅରୁନ ସାମଲ, ବିରଞ୍ଚି ନାୟକ, ଗୋପାଳ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

## ଫଳପୁର ଏମ୍ଆର୍ସି ପରିଦର୍ଶନ କଲେ ଜିଲ୍ଲାସ୍ତରୀୟ ଟିମ୍

ବିଞ୍ଝାରପୁର,୧୧।୮ (ସମିସ): ବିଞ୍ଝାରପୁର ନୂଆମାହାରା ଘାଇ ସୃଷ୍ଟି ପରେ ପରେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫଳପୁର ଅଙ୍ଗନବାଡି କେନ୍ଦ୍ରରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର କେନ୍ଦ୍ର ଖୋଲାରହିଛି। ଜନସାଧାରଣଙ୍କୁ ସଚେତନ କରିବା ସହ ବନ୍ୟା ପରବର୍ତ୍ତି କାଳୀନ ଝାଡ଼ା ବାନ୍ତି, ଥଣ୍ଡାକାଶ, କାମଳ ଆଦି ରୋଗକୁ ରୋକ୍ ଲଗାଇବା ପାଇଁ ଅସ୍ଥାୟୀ ଶିବିରରେ ସ୍ୱାସ୍ଥ୍ୟ କର୍ମୀମାନେ ସଜାଗ ରହିଥିବା ବେଳେ ଏହି କେନ୍ଦ୍ରକୁ ଆଜି ଯାଜପୁର ମେଡିକାଲ କଲେଜ ଏବଂ ଜିଲ୍ଲାସ୍ତରୀୟ ଟିମ୍ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଟିମ୍ ପକ୍ଷରୁ ଆଶାକର୍ମୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଡାକ୍ତର ଅରୁଣ କୁମାର ସାହୁଙ୍କ ସହଯୋଗରେ କ୍ଷେତ୍ର ପରିଦର୍ଶନ କରାଯାଇଥିଲା। ଏହି ଅବସରରେ କ୍ଷେତ୍ରସ୍ତରରେ ଚାଲୁଥିବା ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ କାର୍ଯ୍ୟକଳାପର ସ୍ଥିତି ଅନୁଧ୍ୟାନ କରାଯାଇଥିଲା। ଲୋକଙ୍କୁ ମିଳୁଥିବା ସ୍ୱାସ୍ଥ୍ୟସେବା, ଆଶାକର୍ମୀଙ୍କ କାର୍ଯ୍ୟକଳାପ ଏବଂ କ୍ଷେତ୍ରସ୍ତରୀୟ ସେବାର ବାସ୍ତବ ସ୍ଥିତି ନେଇ ଟିମ୍ ସଦସ୍ୟମାନେ ତଥ୍ୟ ସଂଗ୍ରହ କରିଥିଲେ।

## ଯୁବକଙ୍କୁ ସଙ୍ଘବଦ୍ଧ ଆକ୍ରମଣ, ଥାନାରେ ଅଭିଯୋଗ

ବ୍ରହ୍ମବରଦା,୧୧।୮ (ସମିସ): ବ୍ରହ୍ମବରଦା ଥାନା ଅଧୀନ ବ୍ରହ୍ମବରଦା ପଞ୍ଚାୟତ ପୋଷ୍ଟ ଅଫିସ କାର୍ଯ୍ୟାଳୟ ନିକଟରେ ଜଣେ ଯୁବକଙ୍କ ଘରେ ଭଙ୍ଗାରୁଜା କରାଯାଇଥିବା ନେଇ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଜଣେ ଯୁବତୀଙ୍କୁ ନେଇ ଏହି ଘଟଣାର ସୂତ୍ରପାତ ହୋଇଥିବା ଜଣାପଡ଼ିଛି। ଯୁବକଙ୍କ ପରିବାର ପକ୍ଷରୁ ଥାନାରେ ଦିଆଯାଇଥିବା ଅଭିଯୋଗ ଅନୁଯାୟୀ, ଚାନ୍ଦପୁର ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ଲୋକ ତାଙ୍କ ଘର ନିକଟରେ ପହଞ୍ଚିଥିଲେ। ସେମାନେ ଗାଳିଗୁଲଜ କରିବା ସହ ଘର ଓ ଘରେ ଥିବା ଆସବାବପତ୍ର ଭଙ୍ଗାରୁଜା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ କେତେକ ବ୍ୟକ୍ତିଙ୍କ ହାତରେ ମାରଣାସ୍ତ୍ର ଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଗତ ୯ ତାରିଖ ବିଳମ୍ବିତ ରାତିରେ ଚାନ୍ଦପୁର ଗ୍ରାମର ଉକ୍ତ ପରିବାରର ଜଣେ ଯୁବତୀ ବ୍ରହ୍ମବରଦା ବାଳିକା ବିଦ୍ୟାଳୟକୁ ଆସିଥିବା ବେଳେ ତାଙ୍କୁ ଜଣେ ଯୁବକ ନେଇଯାଇଥିବା ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଯୁବକଙ୍କ ପରିବାରକୁ କୁହାଯାଇଥିବା ଦର୍ଶାଯାଇଛି। ଏହାକୁ ନେଇ ଯୁବକଙ୍କ ପରିବାରକୁ ଧମକ ଦିଆଯାଇଥିବା ନେଇ ମଧ୍ୟ ଅଭିଯୋଗରେ ଉଲ୍ଲେଖ ରହିଛି। ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ମଧ୍ୟ ବ୍ରହ୍ମବରଦା ଥାନାରେ ଅଭିଯୋଗ ହୋଇଛି। ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ବ୍ରହ୍ମବରଦା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ସାଇବର ସଚେତନତା କାର୍ଯ୍ୟକ୍ରମ




ଦଶରଥପୁର,୧୧।୮ (ସମିସ): ଦଶରଥପୁର ଥାନା ପକ୍ଷରୁ ପିଏମ୍ଶ୍ରୀ ଦଶରଥପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ଥାନାଧିକାରୀ ସୁବ୍ରତ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ସଚେତନତା କାର୍ଯ୍ୟକ୍ରମରେ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜନୀକାନ୍ତ ମଲ୍ଲିକ ସଭାପତିତ୍ୱ କରିଥିଲେ। ଥାନାର ଅନ୍ୟ ଅଧିକାରୀ ଓ ସହକର୍ମୀ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ସାଇବର ଠକେଇର ତରିକା ଓ ସେଥିରୁ ଦୁରେଇ ରହିବାର ବିଭିନ୍ନ ଉପାୟ ସମ୍ପର୍କରେ ବୁଝାଇ କହିବା ସହିତ ଏଥିପ୍ରତି ନିଜେ ସଚେତନ ରହିବା ସହ ଅନ୍ୟମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଦେବଦତ୍ତ ବେହେରା, ହରିହର ନାୟକ, ସୁବ୍ରତ କୁମାର ସାହୁ, ହରିହର ଜେନା, ମାନସ ରଞ୍ଜନ ସାହୁ, ଅନିଲ କୁମାର ଦାସ, ସୂର୍ଯ୍ୟନାରାୟଣ ପତି, ଶିକ୍ଷୟିତ୍ରୀ ଲିପସା ସ୍ୱାଇଁ, ଶୁଭପ୍ରିୟା ପଣ୍ଡାଙ୍କ ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶିକ୍ଷୟିତ୍ରୀ ଗାୟତ୍ରୀ ପ୍ରିୟଦର୍ଶିନୀ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଆଲୋଚନାଚକ୍ର

ଧର୍ମଶାଳା,୧୧।୮ (ସମିସ): ଧର୍ମଶାଳା ବ୍ଲକ ସୁନ୍ଦରିଆ ପଞ୍ଚାୟତସ୍ଥିତ ନୀଳସୁନ୍ଦର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ନୈତିକ ଶିକ୍ଷା ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସଂଘ ସାଧାରଣ ସଂପାଦକ ହୃଷିକେଶ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ମୌଳିକ ଓ ନୈତିକ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ସର୍ବଦା ଉଚ୍ଚ ସୋପାନରେ ଅଧିଷ୍ଠିତ କରିପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥିଭାବେ ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ଅବସରପ୍ରାପ୍ତ ଶିକ୍ଷକ ପଣ୍ଡିତ ବ୍ରଜ କିଶୋର ଦାଶ, ଆଦିକନ୍ଦ ସ୍ୱାଇଁ, ବଟକୃଷ୍ଣ ସାହୁ, "ଶିଶୁ ସୌରଭ'ର ସଂପାଦକ ଅଭିମନ୍ୟୁ ଧଳ ଓ ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ହରିଦାସପୁରସ୍ଥିତ ଗୁରୁକୁଳ ପବ୍ଲିକ ସ୍କୁଲରେ ପ୍ରଥମେ ଆରମ୍ଭ ହୋଇ ଧର୍ମଶାଳାର ବିଭିନ୍ନ ସ୍କୁଲରେ ନୈତିକ ଶିକ୍ଷାର ଆଲୋଚନାଚକ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସଂଘ ସଭାପତି ସୂଚନା ଦେଇଥିଲେ। ଶିକ୍ଷୟିତ୍ରୀ ଅରୁନ୍ଧତୀ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ନିରଞ୍ଜନ ନାୟକ, ଅନନ୍ତ ଚରଣ ପୃଷ୍ଟି, ଚିତ୍ତରଞ୍ଜନ କର, ସନ୍ତୋଷ କୁମାର ସେଠୀ, ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଧାନଶିକ୍ଷକ ବୃଷଭାନୁ ନାୟକ ଧନ୍ୟବାଦ ଦେଇଥିଲେ।

## ଗୋଲେଇ ଛକରୁ ମିଲିଟାରୀ ଛକ ମରଣଯନ୍ତା



ଦାନଗଦି,୧୧।୮ (ସମିସ): କଳିଙ୍ଗନଗର ଶିଳ୍ପାଞ୍ଚଳ ସହ ସୁକିନ୍ଦା ଖଣି ଅଞ୍ଚଳ ଓ ଢେଙ୍କାନାଳ, ଅନୁଗୁଳ, ପଶ୍ଚିମ ଓଡିଶାକୁ ଯୋଗ କରୁଥିବା ଯାଜପୁର ରୋଡ୍ ଗୋଲେଇ ଛକଠାରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ବହୁତ ଖରାପ। ଏହି ରାସ୍ତାରେ ଦୁଇଫୁଟ ଗହୀରର ଖାଲ ସବୁ ହୋଇଛି। ବର୍ଷା ଋତୁରେ ଏହି ଖାଲରେ ପାଣି ଜମି ଯିବାରୁ ଖାଲ ଜଣାପଡୁନାହିଁ। ବହୁ ମଟରସାଇକଲ ଓ କାର୍ ସବୁ ଦୁର୍ଘଟଣା ଘଟୁଛି। ଏପରିକି ବିଭିନ୍ନ ଖଣି ଓ କାରଖାନାରୁ ଲୋଡ୍ କରି ଆସୁଥିବା ଟ୍ରକ ବି ଏହି ଖାଲରେ ପଡି ଅଟକି ରହୁଛି। ଯାହା ଫଳରେ ରାସ୍ତା ଜାମ ହୋଇଯାଉଛି।

ଏହି ରାସ୍ତାର ମରାମତି ନିମନ୍ତେ ସୋମବାର ଯାଜପୁର ରୋଡ ଟ୍ରକ୍ ମାଲିକ ସଂଘ ପକ୍ଷରୁ ରାଜ୍ୟ ରାଜପଥ ଅନ୍ତଗତ ଯାଜପୁର ରୋଡ ଆଦର୍ଶ ଥାନା ନିକଟସ୍ଥ ଗୋଲେଇ ଛକଠାରୁ ମିଲିଟାରୀ ଛକ ପର୍ଯ୍ୟନ୍ତ ଯାଇଥିବା ଦୁଇ ଥାକିଆ ରାସ୍ତା ଅତ୍ୟନ୍ତ ବିପଦଜନକ ଅବସ୍ଥାରେ ରହିଅଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ଏହା ଉପରେ କୌଣସି ଆଖିଦୃଶିଆ କାର୍ଯ୍ୟ କରାଯାଇନାହିଁ। ସରକାରଙ୍କ ତରଫରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ କରୁଥିବା ବେଳେ ଏହାର ସୁରକ୍ଷା ପ୍ରଶ୍ନବାଚକ ସୃଷ୍ଟି କରିଛି। ପ୍ରତିଦିନ ଜନସାଧାରଣ ଗାଡିମୋଟର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାର ଗୁରୁତ୍ୱକୁ ଉପଲବ୍ଧି କରି ରାସ୍ତା ମରାମତି ତୁରନ୍ତ ମରାମତି ପାଇଁ ଦାବି କରିଛନ୍ତି। ଏହି ଆଲୋଚନାରେ ଯାଜପୁର ଜିଲାପାଳ ଅମ୍ବର କୁମାର କର, ଆରଟିଆଇ ଯାଜପୁର ଓ ଚଣ୍ଡିଖୋଲ, ଏନ୍ଏଚ୍ଆଇ ଅଧିକାରୀଙ୍କ ସହ ଯାଜପୁର ରୋଡ୍ ଟ୍ରକ ଆସୋସିଏସନ୍ର ସଭାପତି ଅମିୟ ରଞ୍ଜନ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ କୁମାର ସାହୁ ଓ କୋଷାଧ୍ୟକ୍ଷ ପ୍ରୀତିରଞ୍ଜନ ଘଡାଇ, ଚଣ୍ଡିଖୋଲ ଟ୍ରକ ଆସୋସିଏସନ୍ ସଭାପତି ଚନ୍ଦନ କୁମାର ନାୟକ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ।

## କଳିଙ୍ଗନଗର ଏଡିଏମ୍ ଅଫିସ ସମ୍ମୁଖରେ ବିକ୍ଷୋଭ

ବ୍ୟାସନଗର,୧୧।୮ (ସମିସ): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଞ୍ଚ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଅହୁତ ୨୦ଦଫା ଦାବିରେ ସର୍ବଭାରତୀୟ ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ ଆଜି ଯାଜପୁର ଜିଲ୍ଲା ଶାଖା ପକ୍ଷରୁ ଯାଜପୁର ରୋଡ଼ ଠାରେ କଳିଙ୍ଗନଗର ଏଡିଏମ୍ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ରେଳ ଷ୍ଟେସନଠାରୁ ଶ୍ରମିକ ଚାଷୀମାନେ ଏକ ଶୋଭାଯାତ୍ରାରେ ବାହାରି ଶ୍ରମ କୋଡ ବାତିଲ କରିବା, କୃଷି ଜାତ ଦ୍ରବ୍ୟର ଏମ୍ଏସପିକୁ ଆଇନିସିଦ୍ଧ କରିବା, ବେକାର ଯୁବକ ଯୁବତୀଙ୍କୁ ସ୍ଥାୟୀ ଭିତ୍ତିରେ ନିଯୁକ୍ତି ଦେବା ଇତ୍ୟାଦି ସ୍ଲୋଗାନ ମାନ ଦେଇ ଗୋପବନ୍ଧୁ ଛକଠାରେ ପହଞ୍ଚିଥିଲେ। ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସିଆଇଟିୟୁ ଜିଲ୍ଲା ସଭାପତି ପ୍ରଫୁଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏଆଇୟୁଟିୟୁସି ଜିଲ୍ଲା ସମ୍ପାଦକ ସୁରେଶ ପ୍ରଧାନ, ଏଆଇଟିୟୁସି ଜିଲ୍ଲା ସଭାପତି କରୁଣାକର ମହାରଣା, କଳିଙ୍ଗନଗର ଶିଳ୍ପାଞ୍ଚଳର ଶ୍ରମିକ ନେତା ରାଜ କିଶୋର ମହାନ୍ତ, ଏଆଇକେକେଏମଏସ ଜିଲ୍ଲା ସମ୍ପାଦକ ଅଚ୍ୟୁତି ପ୍ରଧାନ, ସଭାପତି ଚୈତନ୍ୟ ସାହୁ, ଚାଷୀ ନେତା ନାରାୟଣ ପରିଡା, ପ୍ରଫୁଲ ବେହେରା, ଶ୍ରମିକ ନେତା କାର୍ତ୍ତିକ ହାଲଦାର, ସିଆଇଟିୟୁର ନିର୍ମଳ ରଥ, ଗଣେଶ ସାହୁ, ସୁରେଶ ସାହୁ, ପାନୀ କିସକୁ, ମାଳତୀ ହାଁସଦା, ଜାଇରମ ମୁର୍ମୁ, ରଶ୍ମିରେଖା ନାଏକ, ଲିତା ଲାଗୁରି, ନିଜିନା ଟିଉ, ମାୟାମ୍ବ ନାଏକ, ଏଆଇଟିୟୁସିର ଆଲୋକ ମହାନ୍ତି, ରଞ୍ଜନ ଜେନା, ଗଗନ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଡିଏମ କଳିଙ୍ଗନଗରଙ୍କୁ ସାକ୍ଷାତ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

### ଘରେ ଓ ଦୋକାନରେ କଳାକନା ବୁଲାଇଲେ ଲୁଟେରା
## ସୁନା ଗହଣା ସହ ନଗଦ ଟଙ୍କା ଲୁଟ୍

କୟାଁଗୋଲା,୧୧।୮ (ସମିସ): ଦଶରଥପୁର ବ୍ଲକ ଅଧୀନ ଥାଲକୁଡ଼ି ପଞ୍ଚାୟତର ଉପରସାହି ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଏକ ଘରୁ ତାଲା ଭାଙ୍ଗି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଘରୁ ସୁନା ଗହଣା ଓ ନଗଦ ଟଙ୍କା ଲୁଟ୍ ହୋଇଥିବା ବେଳେ ଏହାର କିଛି ଦୂରରେ ଥିବା ଚନ୍ଦନେଶ୍ୱର ଛକରେ ମଧ୍ୟ ଏକ କେବିନ୍ ଭାଙ୍ଗି ଚୋରି ହୋଇଛି। ଗୋଟିଏ ରାତିରେ ଦୁଇଟି ସ୍ଥାନରେ ଚୋରି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସୂଚନା ଅନୁଯାୟୀ, ଉପରସାହି ଗ୍ରାମର ବାସନ୍ତୀ ରାୟ ଏକାକୀ ଘରେ ରହୁଥିବା ବେଳେ ତାଙ୍କ ପୁଅ ଓ ବୋହୂ ଭୁବନେଶ୍ୱରରେ ରହୁଛନ୍ତି। ବାସନ୍ତୀଙ୍କ ଭାଉଜ ଅସୁସ୍ଥ ଥିବାରୁ ସେ ଗତ ୯ ତାରିଖରେ ବାପଘରକୁ ଯାଇଥିଲେ। ଯିବା ସମୟରେ ଘରର କବାଟ, ଝରକା ବନ୍ଦ କରି ସମସ୍ତ ରୁମ୍ରେ ତାଲା ପକାଇ ଯାଇଥିଲେ। ତେବେ ୧୧ ତାରିଖରେ ଘର ପାଖର ଜଣେ ପଡ଼ୋଶୀ ଫୋନ୍ କରି ବାସନ୍ତୀଙ୍କୁ ତାଙ୍କ ଘରର କବାଟ ଖୋଲା ପଡ଼ିଥିବା ଜଣାଇଥିଲେ। ଖବର ପାଇ ବାସନ୍ତୀ ତୁରନ୍ତ ବାପଘରୁ ଫେରି ଘରେ ପହଞ୍ଚି ଦେଖିବା ବେଳକୁ ମୁଖ୍ୟ ଦ୍ୱାରର ତାଲା ଭଙ୍ଗା ହୋଇଥିଲା। ଘରର ବିଭିନ୍ନ କୋଠରୀର କବାଟ ଖୋଲା ପଡ଼ିଥିବା ସହ ଗଡ଼ରେଜ୍ ମଧ୍ୟ ଭଙ୍ଗା ଯାଇଥିଲା। ଗଡ଼ରେଜ୍ରେ ଥିବା ସୁନା ଗହଣା ଓ ନଗଦ ଟଙ୍କା ଚୋରି ହୋଇଥିବା ସେ ଅଭିଯୋଗ କରିଛନ୍ତି।

ଏହାପରେ ଭୟଭୀତ ହୋଇ ବାସନ୍ତୀ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ମଙ୍ଗଳପୁର ଥାନା ଅଧିକାରୀ ଭୁବନ ମୋହନ ସେଠୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍ଆଇ ଜଟାଧାରୀ ଦାଶ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅଧିକ ତଦନ୍ତ ପାଇଁ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍କୁ ଘଟଣାସ୍ଥଳକୁ ଡକାଯାଇ ତଦନ୍ତ କରାଯାଇଛି। ଏହି ଘଟଣାରେ ମଙ୍ଗଳପୁର ଥାନାରେ ୨୦୩/୨୬ ନମ୍ବର ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ସେହିପରି ଥାଲୁକୁଡ଼ି ଚନ୍ଦନେଶ୍ୱର ଛକରେ ପ୍ରକାଶ ନାୟକଙ୍କ କେବିନ୍ର ତଳ କାଟି ଚୋରି ହୋଇଥିବା ମଧ୍ୟ ଅଭିଯୋଗ ହୋଇଛି। ଦୁଇଟି ଘଟଣା ମଧ୍ୟରେ କୌଣସି ସମ୍ପର୍କ ରହିଛି କି ନାହିଁ, ସେ ଦିଗରେ ମଧ୍ୟ ପୁଲିସ ତଦନ୍ତ କରୁଥିବା ଜଣାପଡ଼ିଛି।

## ସୁକିନ୍ଦାରେ 'ହର ଘର୍ ତିରଙ୍ଗା' କାର୍ଯ୍ୟକ୍ରମ

ସୁକିନ୍ଦା,୧୧।୮ (ସମିସ): ସୁକିନ୍ଦା ବିଜେପି ପକ୍ଷରୁ ହର ଘର୍ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ଶୋଭାଯାତ୍ରା ବାଘବାହାଳୀରୁ ବାହାରି ହାତୀବାରି ଦେଇ ସୁକିନ୍ଦା ବିଜେପି କାର୍ଯ୍ୟାଳୟରେ ପହଞ୍ଚିଥିଲା। ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ଓଡିଶା ମାଇନିଂ ୱାର୍କର୍ସ ୟୁନିଅନ ସଭାପତି ସବ୍ୟସାଚୀ ବଳସାମନ୍ତ, ସମ୍ପାଦକ ଅମଳେନ୍ଦୁ ବେହୁରା, ଜିଲ୍ଲା ସାଧାରଣ ସମ୍ପାଦକ ସୁଧାଂଶୁ ଭଞ୍ଜ, ଦିପ୍ତୀରେଖା ମିଶ୍ର, ଜିଲ୍ଲା ପରିଷଦ ସ୍ମୃତି ରେଖା ରାଉତ,ଶେଖର ମହାନ୍ତି, ପ୍ରଶାନ୍ତ ରାୟ, ରବୀନ୍ଦ୍ର ମୋହନ ଜେନା, ସମାଜସେବୀ ରମଣୀ ରଞ୍ଜନ ବଳସାମନ୍ତ, ମାନସ ମହାନ୍ତି, ପ୍ରତାପ ଧୀର, ସଞ୍ଜୟ ମହାନ୍ତି, ହଳଧର ନାୟକ, ଜିଲ୍ଲା ଆଦିବାସୀ ମୋର୍ଚ୍ଚା ସଭାପତି ରାଜେନ୍ଦ୍ର କାଲୁଣ୍ଡିଆ, ସଭାପତି ପ୍ରସନ୍ନ ବେହେରା, ମନୋଜ ନାୟକ, ପ୍ରଦୀପ୍ତ ସ୍ୱାଇଁ, କୃପାସିନ୍ଧୁ ସାମନ୍ତରାୟ, ସନ୍ତୋଷ ପାଣିଗ୍ରାହୀ, ଦୀପକ ରଞ୍ଜନ ଦେଓଙ୍କ ସମେତ ଯୁବମୋର୍ଚ୍ଚା ଅନେକ ସକ୍ରିୟ କର୍ମକର୍ତ୍ତା ସାମିଲ ଥିଲେ।

## 'ମୌସୁମୀ ସଡ଼କ, ସ୍ୱାସ୍ଥ୍ୟ ସୁରକ୍ଷା' ସଚେତନତା ଅଭିଯାନ




ଦାନଗଦି,୧୧।୮ (ସମିସ)

ସ୍ଥାନୀୟ ଜନସାଧାରଣ, ଗାଡ଼ି ଚାଳକ ଏବଂ କର୍ମଚାରୀମାନଙ୍କ ମଧ୍ୟରେ ମୌସୁମୀ ସମୟରେ ସଡ଼କ ସୁରକ୍ଷା, ସ୍ୱାସ୍ଥ୍ୟ ସଚେତନତା ଏବଂ ସାଇବର ସୁରକ୍ଷା ବାର୍ତ୍ତା ପହଞ୍ଚାଇବା ଲକ୍ଷ୍ୟରେ ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍କେ) ସୁରକ୍ଷା ବିଭାଗ ଏବଂ କଳିଙ୍ଗନଗର ପୁଲିସ୍ର ମିଳିତ ଆନୁକୂଲ୍ୟରେ ଏକ ତିନିଦିନିଆ ସଚେତନତା ଅଭିଯାନ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଡୁବୁରୀସ୍ଥିତ ଟାଟା ଷ୍ଟିଲ୍ କଳିଙ୍ଗନଗରର ମୁଖ୍ୟ ଫାଟକ ନଂ-୧ ନିକଟରେ "ମୌସୁମୀ ସଡ଼କ ଓ ସ୍ୱାସ୍ଥ୍ୟ ସୁରକ୍ଷା' ଏବଂ "ସାଇବର ସୁରକ୍ଷା' ଶୀର୍ଷକରେ ଏକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମକୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁପ୍ରସନ୍ନ ମଲ୍ଲିକ ଏବଂ କଳିଙ୍ଗନଗର ଥାନା ଆଇଆଇସି ପ୍ରକାଶ କୁମାର ସାହୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲ୍ କଳିଙ୍ଗନଗର ଓ ଟାଟା ଷ୍ଟିଲ୍ ମେରାମଣ୍ଡଳୀର ଚିଫ୍ ସିକ୍ୟୁରିଟି ପ୍ରକାଶ ସଞ୍ଜୟ, ଟିଏସ୍କେ ଚିଫ୍ କୋର୍ପୋରେଟ୍ ସର୍ଭିସେସ୍ ରବି ମାରିକଙ୍କ ସମେତ ସଂସ୍ଥାର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରବଳ ବର୍ଷା ଯୋଗୁଁ ରାସ୍ତାଘାଟର ଖରାପ ଅବସ୍ଥା ହେତୁ ସୃଷ୍ଟି ହେଉଥିବା ବିପଦକୁ ଏଡ଼ାଇବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ମୌସୁମୀ ଫଳରେ ଉପୁଜୁଥିବା ସମସ୍ୟାର ମୁକାବିଲା, ସଡ଼କ ସୁରକ୍ଷା ନିୟମ ପାଳନ, ସ୍ୱାସ୍ଥ୍ୟ ସଚେତନତା ସହ ବର୍ତ୍ତମାନର ପ୍ରମୁଖ ସମସ୍ୟା ପାଲଟିଥିବା ସାଇବର ସୁରକ୍ଷା ପ୍ରତି ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। କାର୍ଯ୍ୟକ୍ରମ ଚାଲୁଥିବା ସମୟରେ ଚାରିଚକିଆ ଯାନ ଚାଳକମାନଙ୍କୁ ସିଟ୍ବେଲ୍ଟ ବାନ୍ଧିବା ଏବଂ ଦୁଇଚକିଆ ଯାନ ଚାଳକ ଓ ପଛରେ ବସୁଥିବା ବ୍ୟକ୍ତିଙ୍କୁ ହେଲ୍ମେଟ୍ ପିନ୍ଧିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏଥିସହ ସଡ଼କ ଓ ସାଇବର ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଲିଫ୍ଲେଟ୍ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବର୍ଷା ଦିନେ ଗାଡ଼ି ଚାଳନାର ସୁରକ୍ଷା ସମ୍ପର୍କରେ ସାଧାରଣ ଲୋକଙ୍କୁ ସଚେତନ କରିବା ପାଇଁ ଏକ ପଥପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଏଥି ସମେତ କାର୍ଯ୍ୟକ୍ରମରେ ଫିସିଂ ଆଟାକ୍, ମାଲୱେୟାର, ରାନ୍ସମ୍ୱେୟାର ଏବଂ ଡାଟା ଚୋରି ଭଳି ବୃଦ୍ଧି ପାଉଥିବା ସାଇବର ଅପରାଧ ସମ୍ପର୍କରେ ସଚେତନ କରାଯାଇଥିଲା। ସନ୍ଦେହଜନକ ଲିଙ୍କ୍ ଚିହ୍ନଟ କରିବା, ନିଜର ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ରଖିବା ଏବଂ ସାଇବର ଠକେଇର ଶିକାର ହେଲେ ତୁରନ୍ତ ସାଇବର ଥାନାରେ ଅଭିଯୋଗ କରିବା ସମ୍ପର୍କିତ ସୂଚନା ଲିଫ୍ଲେଟ୍ ମାଧ୍ୟମରେ ଲୋକଙ୍କୁ ବଣ୍ଟାଯାଇଥିଲା।


## ଷଣ୍ଢ ଆକ୍ରମଣରେ ବ୍ୟବସାୟୀ ଗୁରୁତର



ସିଂହପୁର,୧୧।୮ (ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ବଜାରର ବ୍ୟବସାୟୀ ତଥା ଚନ୍ଦନପୁର ଗ୍ରାମର ନୀଳମାଧବ ପଢିହାରି (୭୫) ଆଜି ଅପରାହ୍ନରେ ଏକ ଷଣ୍ଢ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ସିଂହପୁର ବଜାରରେ ଅବସ୍ଥିତ ବାବା ଚନ୍ଦନେଶ୍ୱର ମନ୍ଦିର ଗେଟ୍ ନିକଟରେ ଏକ ଷଣ୍ଢ ତାଙ୍କୁ ଟେକିକି ଫିଙ୍ଗିଦେଇଥିଲା। ସେ ପାହାଚରେ ବାଡେଇ ହୋଇ ଯିବାରୁ ମୁଣ୍ଡରେ ଗୁରୁତର କ୍ଷତ ହୋଇଛି। ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ବଜାରରେ ଷଣ୍ଢଙ୍କ ପ୍ରାଦୁର୍ଭାବରେ ବ୍ୟବସାୟୀ ଓ ଜନସାଧାରଣ ଭୟଭୀତ ହୋଇ ପଡିଲେଣି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି।

ସକାଳ
THE SAKALA

# ସମ୍ପାଦକୀୟ



ପାଠାଗାର ଏକ ଅଭିବୃଦ୍ଧିଶୀଳ ସଂଗଠନ।
-ଏସ୍ ଆର ରଙ୍ଗନାଥନ୍

## ମରଣୋତ୍ତର ରାୟ

ଗତ ଦୁଇ ସପ୍ତାହ ମଧ୍ୟରେ ଭାରତର ନ୍ୟାୟିକ ଇତିହାସରେ ଦୁଇଟି ଅଲୋଡ଼ା ଅଥଚ ଚିର ସ୍ମରଣୀୟ ଅଧ୍ୟାୟ ଲେଖି ହୋଇଛି। ଜୁଲାଇ ମାସ ଶେଷ ସପ୍ତାହରେ ସର୍ବୋଚ୍ଚ ନ୍ୟାୟାଳୟ କୋଇଲା ଦୁର୍ନୀତି ମାମଲାରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ ମନମୋହନ ସିଂହଙ୍କୁ ନିର୍ଦ୍ଦୋଷ ବୋଲି ରାୟ ଦେଇଛନ୍ତି। ସେହିପରି ଚଳିତ ମାସ ପ୍ରଥମ ସପ୍ତାହରେ ବୋଫର୍ସ ମାମଲାର ଅନ୍ତ ଘଟାଇଛନ୍ତି। ଏହି ଦୁଇଟି ରାୟ ଅଲୋଡ଼ା ଏଇଥିପାଇଁ ଯେ ଉଭୟ ମାମଲାରେ ଯଦିବା ଦୋଷ ସାବ୍ୟସ୍ତ କରାଯାଇଥା'ନ୍ତା ତେବେ ଦଣ୍ଡ ଭୋଗିବା ପାଇଁ ଡ. ସିଂହ କିମ୍ବା ବୋଫର୍ସ ମାମଲାର ମୂଳ ଆରୋପିତ ରାଜୀବ ଗାନ୍ଧୀ ଜୀବିତ ନାହାନ୍ତି। ଏହା ଆମ ନ୍ୟାୟିକ ପ୍ରକ୍ରିୟାର ବିଳମ୍ବିତ ଦିଗଟିକୁ ସୂଚିତ କରୁଛି ଏବଂ ବିଳମ୍ବିତ ନ୍ୟାୟ ନ୍ୟାୟ ନୁହେଁ ବୋଲି ପୁଣି ଥରେ ପ୍ରମାଣିତ ହେଉଛି।

ବିଶ୍ୱର ସର୍ବାଧିକ ଜନବହୁଳ ବିଶିଷ୍ଟ ବିଶାଳ ଭାରତ ଭୂଖଣ୍ଡରେ ପ୍ରତିଦିନ ଯେତିକି ମାମଲା ବିଚାର ପାଇଁ ଆସୁଛି ତା' ତୁଳନାରେ ବିଚାରପତିଙ୍କର ଅଭାବ ରହୁଛି। ଏଥିସହିତ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବିତ କରିବା ପାଇଁ ଆଇନଜୀବୀମାନେ ଦାୟୀ ବୋଲି ଅଭିଯୋଗ ହେଉଛି। ଏହି ଦୁଇ ସମସ୍ୟା ମଧ୍ୟରୁ ପ୍ରଥମଟି ସ୍ପଷ୍ଟ ଦୃଶ୍ୟମାନ। ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା-ବିଚାରପତି ସଂଖ୍ୟାର ଅନୁପାତିକ ଜଟିଳତା ଆହୁରି ଅଧିକ। ବହୁଦିନର ଦାବି ପରେ ନିକଟରେ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତି ସଂଖ୍ୟା ୩୪ରୁ ୩୮କୁ ବୃଦ୍ଧି କରିଛନ୍ତି। ଅପରପକ୍ଷରେ ଗତ ଜାନୁଆରୀ ୧ ତାରିଖ ସୁଦ୍ଧା ସର୍ବୋଚ୍ଚ ନ୍ୟାୟାଳୟରେ ୯୨, ୧୦୧ଟି ମାମଲା ବିଚାରାଧୀନ ରହିଥିଲା। ଏହାଛଡ଼ା ସମ୍ବିଧାନ ଖଣ୍ଡପୀଠ, ବୃହତ୍ତର ଖଣ୍ଡପୀଠ ଆଦିର ବ୍ୟବସ୍ଥା ଥିବାରୁ ଅନ୍ୟାନ୍ୟ ଖଣ୍ଡପୀଠ ପାଇଁ ବିଚାରପତି ସଂଖ୍ୟାରେ ଆହୁରି ଅଭାବ ଦେଖାଦେଉଛି। ତେଣୁ ମାତ୍ର ୪ ଜଣ ବିଚାରପତି ବୃଦ୍ଧି ଦ୍ୱାରା ବିଚାରାଧୀନ ମାମଲାରେ ଯେ ଦ୍ରୁତ ଉନ୍ନତି ଘଟିବ ସେ ଆଶା ଦେଖାଯାଉନାହିଁ।

ବିଚାରାଧୀନ ମାମଲାର ସଂଖ୍ୟା ବଢ଼ିବା ବର୍ଷେ ଦୁଇବର୍ଷର କଥା ନୁହେଁ। ଏହା ବର୍ଷ ବର୍ଷ ଧରି ପଡ଼ିଆସୁଛି। ଜାତୀୟ ନ୍ୟାୟିକ ନିଯୁକ୍ତି ସଂସ୍ଥା ଗଠନ ନିୟମ ପ୍ରବର୍ତ୍ତନ ପାଇଁ ସରକାରଙ୍କ ତତ୍ପରତା ଏବଂ ଐତିହାସିକ ସଂବିଧାନ ସଂଶୋଧନ ସତ୍ତ୍ୱେ ସୁପ୍ରିମକୋର୍ଟର ସମ୍ବିଧାନ ପୀଠ ଏହାକୁ ଖାରଜ କରିଦେବା ଫଳରେ ବକେୟା ରହିଥିବା ମାମଲାର ନିରନ୍ତର ବୃଦ୍ଧି ଘଟିଚାଲୁଛି। ସେବେଠୁ ସରକାର ଓ ସୁପ୍ରିମକୋର୍ଟଙ୍କ ମଧ୍ୟରେ ବିଚାରପତି ନିଯୁକ୍ତି ନେଇ କିଛିଟା ମତଭେଦ ଲାଗିରହିଛି। ଏ ଲଢ଼େଇରେ କାହାର ବିଜୟ ଘଟିଛି ତାହା ତ ଆମେ କହିପାରିବା ନାହିଁ, ତେବେ ଏହାକୁ ସ୍ୱୀକାର କରିବା ଯେ ନ୍ୟାୟିକ ପ୍ରକ୍ରିୟା ବିଳମ୍ବିତ ଓ ବିଡ଼ମ୍ବିତ ହୋଇଛି। ଏଥିରେ ନ୍ୟାୟପ୍ରାର୍ଥୀ, ସାଧାରଣ ଜନତା ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହା ସ୍ୱୀକାର୍ଯ୍ୟ ଯେ ନ୍ୟାୟିକ ବ୍ୟବସ୍ଥା ଅତ୍ୟନ୍ତ ବ୍ୟୟବହୁଳ; କିନ୍ତୁ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ଆବଶ୍ୟକତା ପୂରଣ ପାଇଁ ସରକାରଙ୍କୁ ଏ ବାବଦରେ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିବ ଏବଂ ଲୋକଙ୍କ ପାଇଁ ନ୍ୟାୟ ସୁନିଶ୍ଚିତ କରିବାକୁ ହେବ। ନ ହେଲେ ମରଣୋତ୍ତର ରାୟ ପରିସଂଖ୍ୟାନ ବଢ଼ି ଚାଲିଥିବ। ●

## କେନ୍ଦ୍ର ଅସହିଷ୍ଣୁ କାହିଁକି?

ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଟିକସ ଧାର୍ଯ୍ୟ କରିବା ପାଇଁ ରାଜ୍ୟମାନଙ୍କର ନ୍ୟାଯ୍ୟ ଅଧିକାରକୁ ସର୍ବୋଚ୍ଚ ନ୍ୟାୟାଳୟ ୨୦୨୪ ମସିହାରେ ସବୁଜ ସଙ୍କେତ ଦେବା ପରେ ଓଡ଼ିଶା ସମେତ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ ଆଦି ଖଣିଜ ସମୃଦ୍ଧ ରାଜ୍ୟମାନଙ୍କର ନିଜସ୍ୱ ରାଜସ୍ୱ ବୃଦ୍ଧି ଦିଗରେ ଯେଉଁ ଆଶା ସଞ୍ଚାର ହୋଇଥିଲା ତାହାକୁ କେନ୍ଦ୍ର ସରକାର ପୁଣି ଥରେ ଭଣ୍ଡୁର କରିବାର ଉଦ୍ୟମ ଆରମ୍ଭ କରିଛନ୍ତି। ଲୋକସଭାର ଚଳିତ ମୌସୁମୀ ଅଧିବେଶନରେ ଖଣି ଓ ଖଣିଜ (ବିକାଶ ଓ ନିୟାମକ) ସଂଶୋଧନ ବିଧେୟକ ଆଗତ କରିବା ପରେ ରାଜ୍ୟମାନଙ୍କୁ ସର୍ବୋଚ୍ଚ ଅଦାଲତ ଦେଇଥିବା ଅଧିକାର କ୍ଷୁଣ୍ଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏହି ବିଧେୟକ ଆଇନରେ ପରିଣତ ହେଲେ ଖଣିଜ ସମୃଦ୍ଧ ରାଜ୍ୟମାନେ ନିଜ ସୁବିଧା ଅନୁସାରେ ଉପକର ସମେତ ଅନ୍ୟାନ୍ୟ ଶୁଳ୍କ ଧାର୍ଯ୍ୟ କରିପାରିବାର କ୍ଷମତା ହରାଇବେ ଏବଂ ଖଣି ଅଞ୍ଚଳ କେନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ଅଧୀନକୁ ଚାଲିଯିବା ଭଳି ହେବ। ଏଥିରେ ସଂଲଗ୍ନ ୯ (ଡି) ଧାରା ଅନୁଯାୟୀ ଯେଉଁ ରାଜ୍ୟମାନେ ପିଛିଲା ଭାବେ ଖଣିଜ ଉତ୍ତୋଳନକାରୀ ସଂସ୍ଥାଙ୍କଠାରୁ ସେସ୍ ବାବଦ ବକେୟା ଆଦାୟ କରିବାକୁ ନୋଟିସ ଜାରି କରିଛନ୍ତି ତାହା ରଦ୍ଦ ହୋଇଯିବ; ଅର୍ଥାତ୍ ଖଣି ମାଲିକମାନେ ଆଉ ତାହା ପୈଠ କରିବାକୁ ବାଧ ହେବେ ନାହିଁ। କିନ୍ତୁ ଯାହା ଆଦାୟ ହୋଇସାରିଛି ତାହା ଆଉ ସମ୍ପୃକ୍ତ ଖଣିଜ କମ୍ପାନୀଙ୍କୁ ଫେରସ୍ତ ହେବ ନାହିଁ। ଏହା ପରୋକ୍ଷରେ ଖଣି ମାଲିକଙ୍କୁ ସୁହାଇବ।

୨୦୨୪ ମସିହା ସେପ୍ଟେମ୍ବର ମାସରେ ରେ ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟମାନଙ୍କୁ ଖଣିଜ ଉତ୍ତୋଳନ ଉପରେ ଅତିରିକ୍ତ ଶୁଳ୍କ ଆଦାୟ କରିବାର ଅଧିକାର ଦେବା ପରେ ରାୟର ପୁନର୍ବିଚାର କରିବାକୁ କେନ୍ଦ୍ର ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ। ଏପରିକି ସମ୍ବିଧାନ ଖଣ୍ଡପୀଠଙ୍କ ରାୟର ପୁନର୍ବିଚାର ପାଇଁ କେନ୍ଦ୍ରର ଆବେଦନ ପରେ ଖୋଦ୍ ସର୍ବୋଚ୍ଚ ନ୍ୟାୟାଳୟ ମଧ୍ୟ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ଏବେ ସର୍ବୋଚ୍ଚ ଅଦାଲତଙ୍କ ରାୟକୁ ଅକାମୀ କରିବା ପାଇଁ ଉପରୋକ୍ତ ବିଲ୍ ଅଣାଯାଇଥିବା ଆଇନ ବିଶାରଦମାନେ ମତ ଦେଇଛନ୍ତି। ଖଣିଜ ସମୃଦ୍ଧ ରାଜ୍ୟମାନଙ୍କ ନିଜସ୍ୱ ଟିକସ ଧାର୍ଯ୍ୟ ଅଧିକାର ଖଣିଜ ବିକାଶ ଆଇନ - ୧୯୫୭ ଦ୍ୱାରା ସ୍ୱୀକୃତ। ତେଣୁ ଏହାକୁ ନେଇ କେନ୍ଦ୍ର ସରକାର ଏତେ ଅସହିଷ୍ଣୁ କାହିଁକି ବୁଝାପଡୁନି। ଏହି ଉତ୍ତର ଖୋଜିବା ବେଳେ ଏହି ଧାରଣା ସାମ୍ନାକୁ ଆସୁଛି ଯେ ଗରିବ ରାଜ୍ୟମାନେ, ବିଶେଷକରି ପୂର୍ବାଞ୍ଚଳର ଖଣିଜ ସମୃଦ୍ଧ, ଅଥଚ ଅବହେଳିତ। ରାଜ୍ୟମାନେ ନିଜ ସମ୍ବଳରେ ଉନ୍ନତି କରିବା ବଦଳରେ ସବୁବେଳେ ସମ୍ବଳ ସହାୟତା ଲାଗି କେନ୍ଦ୍ର ପାଖରେ ବଶମ୍ବଦ ହୋଇ ରୁହନ୍ତୁ ଏହା ବୋଧହୁଏ କେନ୍ଦ୍ର ସରକାର ଚାହୁଁଛନ୍ତି।

ଏହି ଆଇନ ଲାଗୁ ହେଲେ ଓଡ଼ିଶା ପ୍ରାୟ ୫୦ ହଜାର କୋଟି ଟଙ୍କାର ବକେୟା ହରାଇବ। ଏବେ ଓଡ଼ିଶାରେ ଡବଲ୍ ଇଞ୍ଜିନ ସରକାର ଚାଲିଛି। ତେଣୁ 'ପାର୍ଟି' ଆଦର୍ଶରେ ଏହି ପ୍ରସଙ୍ଗରେ ରାଜ୍ୟ ସରକାର ନିରବ ରହିବେ ନା 'ମାଟି' ସ୍ୱାର୍ଥରେ ଓଡ଼ିଶାବାସୀଙ୍କ ହକ୍ ମାଗିବେ ତାହା ଦେଖିବାକୁ ଓଡ଼ିଶାବାସୀ ଅପେକ୍ଷା କରିଛନ୍ତି। ଏଠାରେ ଆମେ ସୂଚାଇ ଦେବାକୁ ଚାହୁଁ ଯେ ଓଡ଼ିଶା ଭଳି ଅବହେଳିତ ରାଜ୍ୟମାନେ ସେମାନଙ୍କର ହକ୍ ମାଗୁଛନ୍ତି, ଦୟା କିମ୍ବା ଅନୁକମ୍ପା ନୁହେଁ। ●

# ପ୍ରାକୃତିକ ବିପର୍ଯ୍ୟୟ ଓ ବଦ୍‌ଖର୍ଚ୍ଚି ଖାଉଟି

**ଡକ୍ଟର ସୁନ୍ଦର ନାରାୟଣ ପାତ୍ର**

ଚଳିତ ବର୍ଷ ଅନେକ ପ୍ରାକୃତିକ ବିପର୍ଯ୍ୟୟ ଘଟିସାରିଛି। ଓଡ଼ିଶାର ୨୨ ଟି ଜିଲ୍ଲାରେ ପ୍ରବଳ ବର୍ଷା ଏବଂ ନଈ ବଢ଼ି ହେତୁ ପ୍ରାୟ ୮ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଅନେକ ଗୃହପାଳିତ ପ୍ରାଣୀ ସମେତ ବନ୍ୟପ୍ରାଣୀ ହନ୍ତସନ୍ତ ହୋଇଛନ୍ତି। ଫସଲ, କୃଷି ଜମି ଇତ୍ୟାଦି କ୍ଷତିଗ୍ରସ୍ତ ହୋଇଛି। ଏକ ପ୍ରାକୃତିକପ୍ରବଣ ରାଜ୍ୟ ଭାବେ ଓଡ଼ିଶା ପ୍ରତିବର୍ଷ କିଛି ନା କିଛି ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ସେଭଳି ଆସାମରେ ପ୍ରବଳ ବନ୍ୟା ଫଳରେ ପ୍ରାୟ ୧୦୦ ଲୋକଙ୍କ ମୃତ୍ୟୁ ଘଟିବା ସହିତ ଦେଢ଼ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ଚଳିତ ବର୍ଷ ଜୁନ୍ ୨୦ ରେ ମୌସୁମୀ ବର୍ଷା ଆରମ୍ଭ ହେବା ପରଠାରୁ ଅଗଷ୍ଟ ୫ ତାରିଖ ପର୍ଯ୍ୟନ୍ତ ଜମ୍ମୁ-କଶ୍ମୀରରେ ମୋଟ ୪୪ଟି ବାଦଲ ଫଟା ବର୍ଷା, ୨୧ଟି ଭୂସ୍ଖଳନ, ୧୮ଟି ଅଚାନକ ବନ୍ୟା ଘଟଣା ଯୋଗୁଁ ୩୫ ଜଣଙ୍କ ମୃତ୍ୟୁ ଘଟିଛି। ଆସାମ ଓ ଜମ୍ମୁ-କଶ୍ମୀର ବ୍ୟତୀତ, ହିମାଚଳ ପ୍ରଦେଶ, କେରଳ, ଗୁଜରାଟର, ମହାରାଷ୍ଟ୍ର, ଛତିଶଗଡ଼ ପ୍ରଭୃତି ରାଜ୍ୟମାନଙ୍କରେ ବନ୍ୟା ତାଣ୍ଡବଲୀଳା ରଚିଛି। ବିଭିନ୍ନ ପାର୍ବତ୍ୟ ଅଞ୍ଚଳରେ ଭୂସ୍ଖଳନ ଘଟି ବହୁ ଧନଜୀବନ ନଷ୍ଟ ହୋଇଛି।

ଭାରତ ବାହାରେ ଭେନେଜୁଏଲା, ଜାପାନ ଆଦି ରାଷ୍ଟ୍ରରେ ଭୂମିକମ୍ପ, ସୁନାମି ଦ୍ୱାରା ହଜାର ହଜାର ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହୋଇଛନ୍ତି। ଇଂଲଣ୍ଡ, ଫ୍ରାନ୍ସ ଆଦି ଅନେକ ୟୁରୋପୀୟ ରାଷ୍ଟ୍ରରେ ବାୟୁମଣ୍ଡଳର ତାପମାତ୍ରା ବିପଦଜନକ ଭାବେ ବଢ଼ି ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ଆମେରିକାର ୱାଶିଂଟନ, କାନାଡ଼ା ଏବଂ ଇଉରୋପୀୟ ରାଷ୍ଟ୍ରମାନଙ୍କରେ ବନାଗ୍ନି ଅଣାୟତ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଆହୁରି ଅନେକ ଘଟଣା ଘଟି ଚାଲିଛି।

ଅପୂର୍ବ ସୌନ୍ଦର୍ଯ୍ୟ ଭରା ହିମାଳୟ ଅଞ୍ଚଳ, ସାମାଜିକ, ସାଂସ୍କୃତିକ, ଆର୍ଥିକ ଓ ପରିସଂସ୍ଥାୟ ସନ୍ତୁଳନ ଦୃଷ୍ଟିରୁ ବହୁତ ଗୁରୁତ୍ୱପୂର୍ଣ୍ଣ। ବିକାଶ ନାମରେ ଅତ୍ୟଧିକ ମାନବୀୟ ହସ୍ତକ୍ଷେପ କାରଣରୁ ଏହି ଅଞ୍ଚଳରେ କ୍ରମଶଃ ପ୍ରାକୃତିକ ବିପର୍ଯ୍ୟୟମାନ ବଢ଼ି ଚାଲିଛି। ୧୯୭୬ ମସିହାରେ ଜୋଶୀ ମଠ ଠାରେ ଭୂମି ଦବି ଯାଇ ଫାଟ ସୃଷ୍ଟି ହୋଇଥିଲା। ସୁପ୍ରିମକୋର୍ଟରେ ଏକ ଆବେଦନରୁ ଜଣାପଡ଼େ ଯେ, ହିମାଳୟ ଅଞ୍ଚଳରେ ଜଳବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା, ସୁଡ଼ଙ୍ଗ ନିର୍ମାଣ, ପଥର ଓ ପାହାଡ଼ ଖନନ, ରାସ୍ତା ଘାଟ ନିର୍ମାଣ, ଟ୍ରାଫିକ୍ ବୃଦ୍ଧି, ପର୍ଯ୍ୟଟନ ବିକାଶ, ଅବାଧ ହୋଟେଲ, ରିସର୍ଟ, ଲଜ୍ ଓ ହୋମଷ୍ଟେ ସମେତ ବାଣିଜ୍ୟିକ ପ୍ରତିଷ୍ଠାନର ଅନିୟନ୍ତ୍ରିତ ଓ ଅସ୍ଥାୟୀ ନିର୍ମାଣ, ଅପର୍ଯ୍ୟାପ୍ତ ବର୍ଜ୍ୟବସ୍ତୁ ନିଷ୍କାସନ ଯୋଗୁଁ ବାୟୁ ଓ ଜଳ ପ୍ରଦୂଷଣ ଭଳି ସମସ୍ୟାଗୁଡ଼ିକ ଦେଖାଦେଇଛି। ଏହି ସମସ୍ୟାଗୁଡ଼ିକ ହିମାଳୟ ଅଞ୍ଚଳର ପରିସଂସ୍ଥାକୁ କ୍ଷତି ପହଞ୍ଚାଉଛି, ଯାହା ୧୩ ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ, ଯଥା ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଜମ୍ମୁ-କାଶ୍ମୀର, ଲଦାଖ୍, ପଶ୍ଚିମବଙ୍ଗ, ଆସାମ, ମେଘାଳୟ, ମଣିପୁର, ମିଜୋରାମ, ସିକିମ, ନାଗାଲାଣ୍ଡ, ତ୍ରିପୁରା ଓ ଅରୁଣାଚଳ ପ୍ରଦେଶକୁ ପ୍ରଭାବିତ କରୁଛି। ପ୍ରତିକାର ପାଇଁ ଭାରତ ସରକାର ସେପ୍ଟେମ୍ବର ୨୦୨୩ ରେ ୧୩ ସଦସ୍ୟ ବିଶିଷ୍ଟ ବୈଷୟିକ କମିଟି ଗଠନ କରିଛନ୍ତି। ଏହାର ଅଧ୍ୟକ୍ଷ ଅଛନ୍ତି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଅଧୀନସ୍ଥ ଅନୁଷ୍ଠାନ 'ଜିବି ପନ୍ତ ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଅଫ୍ ହିମାଳୟାନ ଏନଭାର୍ନମେଣ୍ଟ'ର ନିର୍ଦ୍ଦେଶକ। ଏହାକୁ ଏକ 'ଅତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ' ବୋଲି ଅଭିହିତ କରାଯାଇଛି। ବିକାଶ ନାମରେ ଯେଉଁସବୁ କାର୍ଯ୍ୟକଳାପ ଚାଲିଛି ଏବଂ ଏହାର ବିପରୀତ ପ୍ରଭାବକୁ କେତେଦୂର ହିମାଳୟ ପରିସଂସ୍ଥାର ସହ୍ୟ କରିପାରିବା କ୍ଷମତା ରହିଛି, ଏହି କମିଟି ମୂଲ୍ୟାଙ୍କନ କରିବ। ସମ୍ପୃକ୍ତ ହିମାଳୟ ଅଞ୍ଚଳ ରାଜ୍ୟଗୁଡ଼ିକ ନିଜ ନିଜ ପରିସଂସ୍ଥାର ସୁଧାର ପାଇଁ ଖସଡ଼ା ପ୍ରସ୍ତୁତ କରି ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଦାଖଲ କରିବାକୁ ଦାୟୀ ରହିବେ। ଏଥିପୂର୍ବରୁ ହିମାଳୟ ପରିସଂସ୍ଥାକୁ ସ୍ଥାୟୀ କରିବା ପାଇଁ ୨୦୧୪ ମସିହାରେ ଜାତୀୟ ଜଳବାୟୁ ପରିବର୍ତ୍ତନ ଯୋଜନା (ଏନ୍‌ଏପିସିସି) ଅଧୀନରେ ଏକ ଜାତୀୟ ମିଶନ ଗଠନ କରାଯାଇଥିଲା, ଯାହା ଆଠଟି ମିଶନ ମଧ୍ୟରୁ ଗୋଟିଏ।

ପଶ୍ଚିମ ଘାଟ ପର୍ବତମାଳା ଅଞ୍ଚଳରେ ଅବସ୍ଥିତ, କେରଳର ୱାୟାନାଡ ଜିଲ୍ଲାରେ ବହୁବାର ଭୂସ୍ଖଳନ ଘଟିଚାଲିଛି। ପଶ୍ଚିମଘାଟ, ଯାହାକୁ ସହ୍ୟାଦ୍ରି ମଧ୍ୟ କୁହାଯାଏ, ଭାରତର ପଶ୍ଚିମ ଉପକୂଳ ସହିତ ସମାନ୍ତରାଳ ଭାବରେ ଗତି କରୁଥିବା ୧,୬୦୦ କିଲୋମିଟର ଲମ୍ବା ପର୍ବତମାଳାର କ୍ଷେତ୍ର। ଏହା ଗୁଜରାଟ, ମହାରାଷ୍ଟ୍ର, ଗୋଆ, କର୍ଣ୍ଣାଟକ, କେରଳ ଓ ତାମିଲନାଡୁ ଦେଇ ଗତି କରେ। ବିଶିଷ୍ଟ ପରିବେଶବିତ୍ ଡକ୍ଟର ମାଧବ ଗାଡଗିଲଙ୍କ ତତ୍ତ୍ୱାବଧାନରେ ଗଠନ ହୋଇଥିବା 'ପଶ୍ଚିମଘାଟ ପରିବେଶ ବିଜ୍ଞାନ ବିଶେଷଜ୍ଞ ପ୍ୟାନେଲ' ଦ୍ୱାରା ୨୦୧୧ରେ ଦାଖଲ ହୋଇଥିବା ରିପୋର୍ଟରେ ସମଗ୍ର ୧, ୨୯, ୦୩୭ ବର୍ଗ କିଲୋମିଟର ପର୍ବତ ଶୃଙ୍ଖଳକୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର (ଇଏସ୍ଏ) ଭାବରେ ଚିହ୍ନଟ କରାଯାଇଥିଲା। ଏଥିରେ ଖଣି ଖନନ ଏବଂ ବୃହତ୍ ନଦୀ ବନ୍ଧ, ଡ୍ୟାମ ନିର୍ମାଣ ଉପରେ କଠୋର କଟକଣା ସୁପାରିସ କରାଯାଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସମ୍ପୃକ୍ତ ରାଜ୍ୟମାନେ ଆଗ୍ରହ ପ୍ରକାଶ କଲେ ନାହିଁ। ପୁଣି ଅପ୍ରେଲ ୧୫, ୨୦୧୩ରେ କସ୍ତୁରିରଙ୍ଗନ କମିଟି ରିପୋର୍ଟ (ଉଚ୍ଚସ୍ତରୀୟ କାର୍ଯ୍ୟ ଗୋଷ୍ଠୀ) କୋହଳ ମନୋଭାବ ପ୍ରଦର୍ଶନ କରି ପଶ୍ଚିମଘାଟର ୩୭% (ପ୍ରାୟ ୬୦, ୦୦୦ ବର୍ଗ କିଲୋମିଟର) କୁ ପରିବେଶଗତ ସମ୍ବେଦନଶୀଳ କ୍ଷେତ୍ର ଭାବରେ ଚିହ୍ନଟ କରିବାର ପ୍ରସ୍ତାବ ଦେଇଥିଲା, ଯାହାର ଲକ୍ଷ୍ୟ ଥିଲା ସ୍ଥାୟୀ ଆଞ୍ଚଳିକ ବିକାଶ ସହିତ ଜୈବ ବିବିଧତା ସଂରକ୍ଷଣକୁ ସନ୍ତୁଳିତ କରିବା। ସେଭଳି ପୂର୍ବଘାଟମାଳା ରାଜ୍ୟଗୁଡ଼ିକ ହେଉଛି ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, କର୍ଣ୍ଣାଟକ ଓ ତାମିଲ ନାଡୁ। ଏହି ଅଞ୍ଚଳଗୁଡ଼ିକରେ ମଧ୍ୟ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ହେତୁ ପ୍ରଭୁତ ଧନଜୀବନ କ୍ଷତିଗ୍ରସ୍ତ ହେଉଛି। ପଶ୍ଚିମଘାଟ ପର୍ବତମାଳା ଭଳି ପୂର୍ବଘାଟ ପର୍ବତମାଳା ପରିସଂସ୍ଥାର ସ୍ଥିତି ଅନୁଧ୍ୟାନ କରିବା ଜରୁରୀ।

ପ୍ରକୃତିର ନିୟମ ଅନୁସାରେ ପ୍ରତି ବର୍ଷ ଧରିତ୍ରୀ ବକ୍ଷରେ ପ୍ରାକୃତିକ ସମ୍ପଦ ସ୍ୱତଃ ସୃଷ୍ଟି ହୁଏ। ପ୍ରାକୃତିକ ସମ୍ପଦର ଉତ୍ପନ୍ନ ତୁଳନାରେ ଯେଉଁ ଦିବସ ବା ତାରିଖରେ ଆବଶ୍ୟକ ଅଧିକା ହୁଏ ଅର୍ଥାତ୍ ସମ୍ବଳ ନିଅଣ୍ଟ ପଡ଼େ ତା'କୁ କୁହାଯାଏ 'ଆର୍ଥ ଓଭରଶଟ୍ ଡେ' ବା 'ଧରିତ୍ରୀ ସୀମା ଉଲଙ୍ଘନ ଦିବସ'। ଆମର ବଢ଼ୁଥିବା ଲୋଭର ବିସ୍ତାର ହେତୁ ୧୯୭୦ ଦଶକ ପରଠାରୁ ପୃଥିବୀ ସୀମା ଲଙ୍ଘନ ଦିବସ କ୍ରମଶଃ ପଛକୁ ପଛକୁ ଘୁଞ୍ଚି ଚାଲିଛି। ସାଙ୍କେତିକ ଭାବରେ କହିବାକୁ ଗଲେ ଉପଭୋକ୍ତା ମାନଙ୍କର ଚାହିଦାର ଅତ୍ୟଧିକ ବୃଦ୍ଧି ଘଟିଛି। ୧୯୭୦ ମସିହାରେ ଏହା ଡିସେମ୍ବର ୨୫ରୁ ଆରମ୍ଭ ହୋଇ ଚଳିତ ବର୍ଷ ୨୦୨୬ ମସିହାରେ ଜୁଲାଇ ୩୦କୁ ଘୁଞ୍ଚି ଆସିଛି। ଏହାର ଅର୍ଥ ହେଉଛି, ମାନବ ଜାତି ପ୍ରକୃତିର ସମ୍ବଳକୁ ପୃଥିବୀର ପରିସଂସ୍ଥା ଦ୍ୱାରା ତାହାର ପୁନଃଉତ୍ପାଦିତ ହେବା ଗତି ତୁଳନାରେ ୭୩% ଅଧିକ ଦ୍ରୁତ ଗତିରେ ବ୍ୟବହାର କରୁଛି; ଯାହା ୧.୭୩ଟି ପୃଥିବୀର ସମାନ ଚାହିଦା ପୂରଣ କରିବା ସହ ସମତୁଲ ଅଟେ। ଯଦି ଏହିଭଳି ଧାରାରେ ପ୍ରାକୃତିକ ସମ୍ପଦର ଅତ୍ୟଧିକ ବ୍ୟବହାର କରାଯାଏ ତାହାହେଲେ ଆମକୁ ୨୧ ଶତାବ୍ଦୀର ମଧ୍ୟଭାଗ ପୂର୍ବରୁ ଦୁଇଟି ଗ୍ରହର ସମ୍ପଦ ଆବଶ୍ୟକ ହୋଇପାରେ।

ଏଭଳି ଅତ୍ୟଧିକ ପ୍ରାକୃତିକ ସମ୍ପଦ ବ୍ୟବହାର ହେତୁ ପରିସଂସ୍ଥାୟ ସନ୍ତୁଳନ ବାଧାପ୍ରାପ୍ତ ହେଉଛି। ଜୈବବିଧତା ହ୍ରାସ, ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ସମେତ ସବୁଜ ଗୃହ ବାଷ୍ପର ଘନତା ବଢ଼ିବା ସହ ବିଶ୍ୱତାପନ, ଜଳବାୟୁରେ ବ୍ୟାପକ ଅନିୟମିତତା ଓ ପରିବର୍ତ୍ତନ ଜନିତ ସମସ୍ୟା ବଢ଼ିଚାଲିଛି। ତେଣୁ ଉପଭୋକ୍ତାଗଣ ପ୍ରାକୃତିକ ସମ୍ପଦ ବ୍ୟବହାର କ୍ଷେତ୍ରରେ ସଂଯମ ଅବଲମ୍ବନ କରି ନିଜର ଅଙ୍ଗାର ପଦଚିହ୍ନ ହ୍ରାସ କରିବାର ବେଳ ଆସିଛି। ମହାତ୍ମା ଗାନ୍ଧୀ ସତର୍କ ସୂଚନା ଦେଇ କହିଥିଲେ, 'ସମସ୍ତଙ୍କର ଆବଶ୍ୟକତା ପୂରଣ କରିବା ପାଇଁ ପୃଥିବୀରେ ପର୍ଯ୍ୟାପ୍ତ ସମ୍ବଳ ଅଛି, କିନ୍ତୁ ଜଣେ ବ୍ୟକ୍ତିର ଲୋଭକୁ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ନୁହେଁ।' ଏଥିପୂର୍ବରୁ ବିଗତ ବର୍ଷମାନଙ୍କରେ ଏପରି ଅନେକ ଛାତିଥରା ଘଟଣାମାନ ଘଟି ସାରିଛି ଏବଂ ଆଗାମୀ ବର୍ଷମାନଙ୍କରେ ମଧ୍ୟ ନିଃସନ୍ଦେହ ଘଟିବାକୁ ଯାଉଛି। ବିଗତ ଦୁଇ ଶହ ବର୍ଷ ହେବ ମଣିଷର ଜୀବନଶୈଳୀ ବିଳାସପୂର୍ଣ୍ଣ ଗତିରେ ଅଗ୍ରଗତି ହେବାରେ ଲାଗିଛି। ଏଥିପାଇଁ ମୁଣ୍ଡପିଛା ପ୍ରାକୃତିକ ସମ୍ପଦର ଆବଶ୍ୟକତା ବଢ଼ିଚାଲିଛି। ଖଣିଜ ସମ୍ପଦ ଉତ୍ତୋଳନ ପାଇଁ ଖଣି ଖନନ, ଶିଳ୍ପ ପ୍ରତିଷ୍ଠାନ, ସହର ବସତି ସ୍ଥାପନ, ରାସ୍ତାଘାଟ ନିର୍ମାଣ, ଶକ୍ତି ଉତ୍ପାଦନ, ଜଳ ଯୋଗାଣ, କୃଷି ସମ୍ପ୍ରସାରଣ, ଯାନବାହନ ଓ ପରିବହନର ବିକାଶ, ଭିତ୍ତିଭୂମି ବିକାଶ ଜରୁରୀ ହୋଇପଡ଼ିଛି। ଏଭଳି କାର୍ଯ୍ୟକ୍ରମ, ଯାହାକୁ ମାନବୀୟ ହସ୍ତକ୍ଷେପ କୁହାଯାଇଥାଏ, ପରିସଂସ୍ଥାୟ ସନ୍ତୁଳନ ରକ୍ଷା କରିବାରେ ଅନେକ ଆହ୍ୱାନକୁ ସମ୍ମୁଖୀନ ହେବାକୁ ବାଧ କରେ। ତେଣୁ ପ୍ରାକୃତିକ ବିପର୍ଯ୍ୟୟର ଅପରାଧୀ ହେଉଛନ୍ତି ବଦ୍‌ଖର୍ଚ୍ଚି ଖାଉଟିମାନେ, ଅଦୂରଦର୍ଶୀ ପ୍ରଶାସନିକ କର୍ତ୍ତୃପକ୍ଷ ଅର୍ଥାତ୍ ଅମଲାତନ୍ତ୍ର ଏବଂ ବିକାଶମୂଳକ କାର୍ଯ୍ୟକ୍ରମର ଦାୟିତ୍ୱ ନ୍ୟସ୍ତ ଥିବା ରାଜନେତାମାନେ। ●

(ସଭାପତି, ଓଡ଼ିଶା ପରିବେଶ ସମିତି)
ଭୁବନେଶ୍ୱର, ମୋ: ୯୭୭୭୮୦୦୪୦୮

# ତରୁଣମାନେ ତମାଖୁ ପ୍ରତି ସତର୍କ ହୁଅନ୍ତୁ

**ଡକ୍ଟର ଦିଲ୍ଲୀପ ଶ୍ରୀଚନ୍ଦନ**

ଏମିତି ଗୋଟିଏ ରୋଗ ଅଛି ଯାହା ଭାରତରେ ପ୍ରତି ଘଣ୍ଟାରେ ନିଏ ୯୧ଟି ମୂଲ୍ୟବାନ ମଣିଷ ଜୀବନ। ଅର୍ଥାତ୍ ପ୍ରତିଦିନ ୨୧୯୨ଟି ଜୀବନଦୀପ ଲିଭେ। ଏଇ ରୋଗଟି ପୁଣି ମଣିଷ କିଣିକରି ଆଣିଥାଏ। ଏହା ହେଉଛି ତମାଖୁ ସେବନ ଜନିତ ମୃତ୍ୟୁ। ମଣିଷ ପ୍ରତିଦିନ ବିଡ଼ି, ସିଗାରେଟ, ଖଇନି, ହୁକା ସମେତ ନାନାଦି ମାଧ୍ୟମରେ ଯେତିକି ତମାଖୁ ସେବନ କରେ ତା'ର ପରିଣାମ ସ୍ୱରୂପ ପ୍ରତିବର୍ଷ ଭାରତରେ ୮ ଲକ୍ଷ ଲୋକ କର୍କଟ, ଯକ୍ଷ୍ମା ସମେତ ନାନା ରୋଗରେ ମୃତ୍ୟୁବରଣ କରିଥା'ନ୍ତି। ପ୍ରାୟ ୧୨ ଲକ୍ଷ ଲୋକ ଭାରତରେ ପ୍ରତିବର୍ଷ ତମାଖୁ ଜନିତ ରୋଗରେ ପୀଡ଼ିତ ହୋଇଥା'ନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁସାରେ, ବିଶ୍ୱରେ ପ୍ରତିବର୍ଷ ତମାଖୁ ନେଇଥାଏ ୪୯ ଲକ୍ଷ ଜୀବନ। ବର୍ତ୍ତମାନ ଲୋକସଂଖ୍ୟାରୁ ୨ କୋଟି ୫୦ ଲକ୍ଷ ତମାଖୁ ଯୋଗୁଁ ମରିବେ, ଯେଉଁମାନେ ଏବେ ତରୁଣ ବା ଯୁବକ ଏବଂ ମୁଖ୍ୟତଃ ବିକାଶଶୀଳ ଦେଶର ଅଧିବାସୀ। ବିଶ୍ୱ ଲୋକସଂଖ୍ୟାର ଛଅଭାଗରୁ ଭାଗେ ରହନ୍ତି ଭାରତରେ। ଆଗରୁ ତମାଖୁ ସେବନ ସମସ୍ୟା ବିକଶିତ ଦେଶମାନଙ୍କରେ ଅଧିକ ଥିଲା। ମାତ୍ର ଏବେ ଚୀନ୍ ଓ ଭାରତ ସମେତ ବିକାଶଶୀଳ ଦେଶମାନଙ୍କରେ ଏହା ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା ହୋଇ ଠିଆ ହୋଇଛି। ଆକଳନ ଅନୁସାରେ, ୨୦୩୦ ମସିହା ବେଳକୁ ପ୍ରତିବର୍ଷ ପ୍ରାୟ ୧ କୋଟି ଲୋକ ତମାଖୁ-ରାକ୍ଷସ କବଳରେ ପଡ଼ି ମୃତ୍ୟୁବରଣ କରିବେ, ଯେଉଁଥିରୁ ୭୦ଲକ୍ଷ ମୁଖ୍ୟତଃ ଚୀନ୍ ଓ ଭାରତର ହୋଇଥିବେ। ୧୯୯୦ ମସିହା ବେଳେ ଭାରତରେ ଯେତେ ଲୋକ ମୃତ୍ୟୁବରଣ କରୁଥିଲେ, ସେଥିରୁ ତମାଖୁ ସେବନ ଜନିତ ମୃତ୍ୟୁସଂଖ୍ୟା ଥିଲା ଶତକଡ଼ା ୧.୪ ଭାଗ।

ତମାଖୁ ସେବନ ସମସ୍ୟା ଭାରତର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବିପଦଜନକ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ଭାରତରେ ପ୍ରତିଦିନ ପ୍ରାୟ ୫୫୦୦ ଜଣ ତରୁଣ ଓ ଯୁବକ ତମାଖୁ ସେବନ ଆରମ୍ଭ କରୁଛନ୍ତି। ଭାରତରେ ପ୍ରତିବର୍ଷ କର୍କଟ ରୋଗାକ୍ରାନ୍ତ ଲୋକଙ୍କ ମଧ୍ୟରୁ ଶତକଡ଼ା ୩୦ ଭାଗ ଅର୍ଥାତ୍ ପ୍ରାୟ ୧୫ଲକ୍ଷ ଲୋକ ମୁଖ ଗହ୍ୱର, ଗଳା ଓ ମସ୍ତିଷ୍କ କର୍କଟ ରୋଗରେ ପୀଡ଼ିତ ହୋଇଥା'ନ୍ତି। ପାନ ମସଲା, ଖଇନି ଆଦି କଞ୍ଚା ତମାଖୁ ଚୋବାଇବା ଫଳରେ ଏହି ରୋଗ ସୃଷ୍ଟି ହୋଇଥାଏ। ଭାରତୀୟ କ୍ୟାନ୍ସର ସୋସାଇଟି ଏବଂ ଭାରତୀୟ ଔଷଧୀୟ ଗବେଷଣା ପରିଷଦ ଦ୍ୱାରା ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଭାରତରେ ମୁଖ୍ୟତଃ ଅନୁନ୍ନତ ଓ ବସ୍ତି ଅଞ୍ଚଳରେ ୭/୮ ବର୍ଷରୁ ଖଇନି, ପାନ ମସଲା ଆଦି ଖାଇବା ଆରମ୍ଭ ହୋଇଯାଏ। କାଳକ୍ରମେ ଏଇ ପିଲାମାନେ ତରୁଣ ଓ ଯୁବକ ହେଲାବେଳକୁ ଖଇନି ଓ ପାନ ମସଲା, ବିଡ଼ି, ସିଗାରେଟ ଆଦିର ଭକ୍ତ ହୋଇଯାଇଥା'ନ୍ତି।

ତମାଖୁ ସେବନ ପରି ଆସୁରିକ ନିଶା କବଳରେ ଭାରତର ଛାତ୍ର ଓ ତରୁଣମାନେ ପଡ଼ିବାର ମୁଖ୍ୟ କାରଣଗୁଡ଼ିକ ମଧ୍ୟରେ ରହିଛି ଅଜ୍ଞାନତା, ଭୋଗବାଦୀ ସଂସ୍କୃତିର ବିସ୍ତାର, ତମାଖୁ ବିଜ୍ଞାପନ, ଅନ୍ୟମାନଙ୍କୁ ଅନୁସରଣ, କୁସଙ୍ଗ ଅଥବା ନୈରାଶ୍ୟ। ୨୦୦୩ ମସିହାରେ ତମାଖୁ ଉତ୍ପାଦ ଆଇନ ଅନୁସାରେ ସର୍ବସାଧାରଣ ସ୍ଥାନମାନଙ୍କରେ ସିଗାରେଟ ଓ ତମାଖୁ ସେବନ ବାରଣ କରାଯାଇଛି। ନାବାଳକମାନଙ୍କୁ ତମାଖୁ ବିକ୍ରି ବାରଣ କରାଯାଇଛି। ଶିକ୍ଷାନୁଷ୍ଠାନମାନଙ୍କର ୧୦୦ ଗଜ ଦୂରତ୍ୱ ମଧ୍ୟରେ ସିଗାରେଟ ଓ ତମାଖୁର ବିକ୍ରୟ ମଧ୍ୟ ନିଷିଦ୍ଧ କରାଯାଇଛି। ଚଳଚ୍ଚିତ୍ର ଓ ଟିଭି ସିରିଏଲ ପରି ମାଧ୍ୟମରେ ସିଗାରେଟ ଓ ତମାଖୁ ସେବନ ଦୃଶ୍ୟ ରଖିବାକୁ ବାରଣ କରାଯାଇଛି। ଏହାସତ୍ତ୍ୱେ ରାସ୍ତାଘାଟ, ଦୋକାନ ବଜାର, କାର୍ଯ୍ୟାଳୟ, ପାର୍କ ସବୁଠାରେ ଏହି ଆଇନର ଖୋଲା ଉଲଙ୍ଘନ ଚାଲିଛି। ଖୋଲାଖୋଲି ସିଗାରେଟ ସେବନ କରାଯାଉଛି। ରାସ୍ତାଘାଟରେ ପାନମସଲା ଓ ଖଇନିର ପ୍ଲାଷ୍ଟିକ ଜରି କୁଢ଼ କୁଢ଼ ହୋଇ ବିରାଟ ପ୍ରଦୂଷଣ ସମସ୍ୟା ହୋଇଛି। ବାପା ମା' ସିଗାରେଟ ଟାଣୁଥିବା ଦେଖି ଅଥବା ମାନସିକ ରପ ଯୋଗୁଁ ପିଲାମାନେ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି।

ମାନବ ସମାଜକୁ ଏଥିରୁ ମୁକ୍ତ କରିବା ପାଇଁ ଆମେ ସମସ୍ତେ ଚେଷ୍ଟା କରିବା ଆବଶ୍ୟକ। ବିଭିନ୍ନ ଦେଶର ସରକାର, ସ୍ୱାସ୍ଥ୍ୟ ସଂଗଠନ ଓ ବେସରକାରୀ ସଂଗଠନଗୁଡ଼ିକ ତମାଖୁ ସେବନର କୁପରିଣାମ ସମ୍ପର୍କରେ ସଚେତନ ସୃଷ୍ଟି କରିବା ଉଚିତ୍। କ୍ରିୟାଭିମୁଖୀ କାର୍ଯ୍ୟକ୍ରମ ଗ୍ରହଣ କରା ନ ଗଲେ କେବଳ ଜନସଚେତନତା କାର୍ଯ୍ୟକ୍ରମରୁ ସୁଫଳ ମିଳିବ ନାହିଁ। ସରକାରୀସ୍ତରରେ ତମାଖୁ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେବା ବନ୍ଦ କରାଯିବା ଆବଶ୍ୟକ। ଖେଳ ପ୍ରତିଯୋଗିତାମାନଙ୍କରେ ତମାଖୁ କମ୍ପାନୀଗୁଡ଼ିକୁ ପ୍ରାୟୋଜକ କରାନଯିବା ଉଚିତ୍। ତମାଖୁ ସେବନରେ ଅଭ୍ୟସ୍ତ ବୟସ୍କ ବ୍ୟକ୍ତିମାନଙ୍କୁ ତମାଖୁ ବର୍ଜନ ପାଇଁ ବୁଝାଇବାରେ ବିଶେଷ ସୁଫଳ ମଳିନପାରେ। ମାତ୍ର ଛାତ୍ର ଓ ତରୁଣମାନଙ୍କୁ ତମାଖୁ ସେବନରୁ ହେଉଥିବା ଭୟାବହ କ୍ୟାନ୍ସର, ଯକ୍ଷ୍ମା, ମସ୍ତିଷ୍କ ପ୍ରଦାହ ଆଦି ରୋଗ ଓ ଏହାର ଭୟାନକ ଅବସ୍ଥା ସମ୍ପର୍କରେ ପ୍ରତ୍ୟକ୍ଷ ଧାରଣା ଦିଆଯିବା ଆବଶ୍ୟକ। କେବଳ ସିଗାରେଟ ଖୋଳ ଉପରେ ଦୁଇଖଣ୍ଡ ହାଡ଼ ଓ ଖପୁରୀ ଥୋଇ ବିପଦ ଲେଖିଦେଲେ କିଛି ଲାଭନାହିଁ। କାରଣ ଉପରେ 'ବୈଧାନିକ ସତର୍କତା' ଲେଖାଯାଉଥିବାରୁ ଏହି ଚିତ୍ର ମୂଲ୍ୟହୀନ ହୋଇପଡଉଛି। ବରଂ ତମାଖୁ ସେବନରୁ ହେଉଥିବା ରୋଗର ବିବରଣୀ ଏବଂ କେତେ ଲୋକ ଏହାର ଶିକାର ହୋଇ ମରୁଛନ୍ତି ତା'ର ବିଶେଷ ସୂଚନା ସିଗାରେଟ ଖୋଳ ଉପରେ ଦେଲେ ଅଧିକ ଫଳପ୍ରଦ ହେବ। ତମାଖୁକୁ ମହଙ୍ଗା କରାଗଲେ ଏହାର ବ୍ୟବହାର ହ୍ରାସ ପାଇପାରେ। ତେଣୁ ସରକାର ତମାଖୁ ଉପରୁ ଅଧିକରୁ ଅଧିକ ଟିକସ୍ ଆଦାୟ କରିବା ଉଚିତ। ●

(ପୂର୍ବତନ ବିଧାୟକ, ଖୋର୍ଦ୍ଧା)
ମୋ: ୯୪୩୭୨୮୭୮୦୬

# ଲଳିତା ବିଦ୍ୟାପତି ବିବାହ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ସ୍ୱୟଂ ବିଷ୍ଣୁ ନୀଳମାଧବ ନାମରେ କୌଣସି ଯାଗାରେ ଆରାଧିତ ହେଉଥିବା ସୂଚନା ପାଇ ମାଳବର ବିଷ୍ଣୁଭକ୍ତ ରାଜା ଇନ୍ଦ୍ରଦ୍ୟୁମ୍ନ ନୀଳମାଧବଙ୍କ ସନ୍ଧାନରେ ଚାରିଦିଗକୁ ଚାରି ଜଣ ଅମାତ୍ୟ ପ୍ରେରଣ କଲେ। ବିଦ୍ୟାପତି ନାମକ ଜଣେ ବ୍ରାହ୍ମଣ ପୂର୍ବ ଦିଗକୁ ଯାଇ ନୀଳାଚଳ ପର୍ବତ ପାଖରେ ପହଞ୍ଚିଲେ। ସେଠାରେ ଅକସ୍ମାତ୍ ତାଙ୍କର ଶବରରାଜା ବିଶ୍ୱାବସୁଙ୍କ ସହ ସାକ୍ଷାତ ହେଲା। ସେ ବ୍ରାହ୍ମଣ ଅତିଥିଙ୍କୁ ଘରକୁ ନେଇ ଉପଯୁକ୍ତ ସତ୍କାର କଲେ। ଶବର ରାଜଙ୍କ ଝିଅ ଲଳିତା ସହିତ ସମୟକ୍ରମେ ବିଦ୍ୟାପତିଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଲା। ଶବରପଲ୍ଲୀରେ ସମସ୍ତେ ଏ କଥା ଜାଣିବା ପରେ ଲଳିତାକୁ ପତ୍ନୀ ରୂପେ ଗ୍ରହଣ କରିବା ପାଇଁ ବିଦ୍ୟାପତିଙ୍କୁ ବିଶ୍ୱାବସୁ ନିର୍ଦ୍ଦେଶ ଦେଲେ। ବିଦ୍ୟାପତି ଚିନ୍ତା କଲେ ଶବର ରାଜାଙ୍କ କଥାରେ ଅରାଜି ହେଲେ ସେ ନୀଳମାଧବଙ୍କୁ ଠାବ କରିବାରେ ଅସମର୍ଥ ହେବେ ଏବଂ ରାଜାଙ୍କର ଇଚ୍ଛା ପୂରଣ ହୋଇପାରିବ ନାହିଁ। ତେଣୁ ସେ ଲଳିତାଙ୍କୁ ବିବାହ କରି ବିଶ୍ୱାବସୁଙ୍କ ଘରେ ରହିଲେ।

ବିଦ୍ୟାପତି ଲକ୍ଷ୍ୟ କଲେ ଯେ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ବିଶ୍ୱାବସୁ ବେଶ୍ କିଛି ସମୟପାଇଁ କୁଆଡ଼େ ଚାଲି ଯାଉଥିଲେ ଏବଂ ଫେରିବା ବେଳେ ଫଳମୂଳର କିଛି ପ୍ରସାଦ ଓ ଛଡ଼ା ଫୁଲ ନେଇ ଆସୁଥିଲେ। ସେଥିରେ ମର୍ତ୍ତ୍ୟମଣ୍ଡଳରେ ଅଲଭ୍ୟ କେତେକ ଫଳ ଓ ଫୁଲ ରହୁଥିଲା ଏବଂ ସେ ସବୁର ସୁଗନ୍ଧରେ ସାରା ଅଞ୍ଚଳ ମହକି ଉଠୁଥିଲା। ସେ ବିଷୟରେ ଜାଣିବା ପାଇଁ ସେ ପତ୍ନୀ ଲଳିତାଙ୍କୁ ପଚାରିଲେ। ନୀଳମାଧବଙ୍କ କଥା କାହା ଆଗରେ ପ୍ରକାଶ କରିବା ପାଇଁ ବାରଣ ଥିଲେ ମଧ୍ୟ ଲଳିତା ସ୍ୱାମୀଙ୍କ ଅନୁରୋଧ ଏଡ଼ାଇ ନ ପାରି କହିଲେ, 'ବାପା ସବୁଦିନ ନୀଳକନ୍ଦର ଗୁହାରେ ବିରାଜମାନ କରିଥିବା ପ୍ରଭୁ ନୀଳମାଧବଙ୍କୁ ଆରାଧନା କରିବା ପାଇଁ ଯାଆନ୍ତି। ସ୍ୱର୍ଗରୁ ଦେବତାମାନେ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ ପାଇଁ ସେଠାକୁ ନିୟମିତ ଆସନ୍ତି। ମର୍ତ୍ତ୍ୟମଣ୍ଡଳରେ ଦୁର୍ଲଭ ଫଳ ଓ ଫୁଲ ମହାପ୍ରଭୁଙ୍କୁ ଅର୍ପଣ କରନ୍ତି। ସେହି ପ୍ରସାଦରୁ କିଛି ବାପା ଘରକୁ ନେଇ ଆସନ୍ତି।'

ଏହା ଶୁଣି ବିଦ୍ୟାପତିଙ୍କର ଆନନ୍ଦର ସୀମା ରହିଲା ନାହିଁ। ବିବାହିତ ବ୍ରାହ୍ମଣ ହୋଇ ମଧ୍ୟ ଜଣେ ଶବର କନ୍ୟା ସହ ତାଙ୍କର ଦ୍ୱିତୀୟ ବିବାହ ବ୍ୟର୍ଥ ଯାଇ ନ ଥିବା ଜାଣି ଖୁସି ହେଲେ। ସମୟ ଓ ସୁଯୋଗ ଦେଖି ସେ ନୀଳମାଧବଙ୍କୁ ଦର୍ଶନ କରିବାର ଇଚ୍ଛା ସ୍ତ୍ରୀ ଆଗରେ ପ୍ରକାଶ କରି ଜିଦ୍ ଧରି ବସିଲେ। କିନ୍ତୁ ତାହା ସମ୍ଭବ ନଥିବାରୁ ବିଚାରୀ ଲଳିତା ପ୍ରମାଦ ଗଣିଲେ। ବିଦ୍ୟାପତି ଭଲରେ ଖିଆପିଆ କଲେ ନାହିଁ। ତାଙ୍କ ଶରୀର ଦିନକୁ ଦିନ ଦୁର୍ବଳ ହେବାକୁ ଲାଗିଲା। ଏହା ଦେଖି ଲଳିତା ମଧ୍ୟ ଭଲରେ ଖାଇବା ପିଇବା କଲେ ନାହିଁ ଏବଂ ଅନେକ ସମୟରେ ମନ ମାରି ବସିରହିଲେ। ଝିଅ ଜୋଇଁଙ୍କର ଏ ଅବସ୍ଥା ଦେଖି ଦିନେ ବିଶ୍ୱାବସୁ ଝିଅକୁ ଏହାର କାରଣ ପଚାରିଲେ। ଲଳିତା ସବୁକଥା କହିଦେଲେ।

ସେତେବେଳକୁ ଲଳିତା ଅନ୍ତସତ୍ତ୍ୱା ଥିଲେ। ସେ ଅବସ୍ଥାରେ ଝିଅକୁ ଅଧିକ ଯନ୍ତ୍ରଣା ଦେବା ପାଇଁ ଶବରରାଜା ଚାହୁଁ ନ ଥିଲେ। ତେଣୁ ସେ କହିଲେ, 'ଗୋଟିଏ ସର୍ତ୍ତରେ ମୁଁ ତୋ କଥାରେ ରାଜି। ବିଦ୍ୟାପତି ମୋ ସାଙ୍ଗରେ ଦର୍ଶନକୁ ଯିବା ଓ ଆସିବା ସମୟରେ ଆଖିରେ ପଟି ବାନ୍ଧିବେ।' ଏ ନିଷ୍ପତ୍ତି ଶୁଣି ଲଳିତା ଓ ବିଦ୍ୟାପତି ଖୁସି ହେଲେ ମଧ୍ୟ ଚିନ୍ତା କଲେ ଯେ ଯଦି ଠାକୁରଙ୍କ ବିଜେସ୍ଥଳୀ ପର୍ଯ୍ୟନ୍ତ ରାସ୍ତା ନ ଦେଖିବେ, ରାଜାଙ୍କୁ ଠାକୁର ଦର୍ଶନ କରାଇବେ କିପରି? କିନ୍ତୁ ଲଳିତା ଏହାର ସମାଧାନର ବାଟ ଦେଖେଇ ଦେଲେ - 'ଆପଣ ଦିଅଁ ଦର୍ଶନ କରି ଗଲା ବେଳେ ବାପାଙ୍କ ଅଜାଣତରେ ଅଣ୍ଟିରେ ଅଣ୍ଟିଏ ରାଶି ନେଇ ଯିବେ। ଅଣ୍ଟିରେ ଗୋଟିଏ ଛୋଟ କଣା କରା ଯାଇଥିବ। ସେ କଣା ବାଟେ ରାସ୍ତାସାରା ରାଶି ପଡ଼ିପଡ଼ି ଯିବ। କିଛି ଦିନପରେ ରାଶି ଗଜା ହୋଇ ଗଛ ଉଠିବ। ରାଶି ଗଛ ଦେଖିଦେଖି ଠାକୁରଙ୍କ ପର୍ଯ୍ୟନ୍ତ ବାଟ ଠଉରେଇ ହେବ।'

ଯୋଜନା ମୁତାବକ ଦିଅଁ ଦର୍ଶନ ହେଲା। ତା' ପରେ ବିଦ୍ୟାପତି ଲଳିତା ଓ ବିଶ୍ୱାବସୁଙ୍କ ସହ ଆଲୋଚନା କରି ଅବନ୍ତୀ ଫେରିଗଲେ ଏବଂ ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ନୀଳମାଧବଙ୍କ ସନ୍ଧାନ ଦେଲେ। ରାଜା ନୀଳାଚଳକୁ ଆସି ମନ୍ଦିର ଓ ଠାକୁରମାନଙ୍କର ବିଗ୍ରହ ନିର୍ମାଣ କରି ପ୍ରତିଷ୍ଠା ଏବଂ ସେବାପୂଜାର ସମସ୍ତ ବନ୍ଦୋବସ୍ତ କଲେ। ବିଦ୍ୟାପତି ଓ ଲଳିତାଙ୍କ ଔରସରୁ ଜନ୍ମିତ ସନ୍ତାନମାନେ ଶ୍ରୀମନ୍ଦିରରେ ଶୁଦ୍ଧସୁଆର ସେବକ ରୂପେ ରୋଷ ଘରେ ପ୍ରସାଦ ପ୍ରସ୍ତୁତି ଦାୟିତ୍ୱରେ ରହିଲେ। ବିଦ୍ୟାପତିଙ୍କ ପ୍ରଥମ ପତ୍ନୀଙ୍କ ଗର୍ଭରୁ ଜନ୍ମିତ ସନ୍ତାନମାନେ ମନ୍ଦିରର ବ୍ରାହ୍ମଣ ସେବକ ହେଲେ। ବିଶ୍ୱାବସୁ ଶବରଙ୍କ ବଂଶଧରମାନେ ମହାପ୍ରଭୁଙ୍କର ଶ୍ରୀଅଙ୍ଗ ସେବକ ହେଲେ ଏବଂ ସେମାନଙ୍କୁ 'ଦଇତା ସେବକ' କୁହାଗଲା। ● (ଆଧାର: ଦେଉଳ ତୋଳା- କୃଷ୍ଣ ଦାସ। ଏ ପ୍ରସଙ୍ଗ ସ୍କନ୍ଦ ପୁରାଣରେ ନାହିଁ)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଚାମେଲିଙ୍କ ବିରୋଧରେ ଅନାସ୍ଥା ପ୍ରସଂଗ

# ଫଳ ପ୍ରକାଶନ ଉପରେ ହାଇକୋର୍ଟଙ୍କ ରୋକ୍

କଟକ/ମହାକାଳପଡ଼ା,୧୧।୮ (ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ସରପଞ୍ଚ ଚାମେଲି ଓଝାଙ୍କ ବିରୋଧରେ ଅନାସ୍ଥା ପ୍ରସଙ୍ଗରେ ହାଇକୋର୍ଟ ଅନ୍ତରୀଣ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବ ସୂଚୀ ଅନୁସାରେ ଆସନ୍ତା ଅଗଷ୍ଟ ୧୩ରେ ଏହି ଅନାସ୍ଥା ନିର୍ବାଚନ ପ୍ରକ୍ରିୟା ଜାରି ରହିବ ହେଲେ ମାମଲାର ରାୟ ପ୍ରକାଶ ପର୍ଯ୍ୟନ୍ତ ଅନାସ୍ଥା ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଜାରି କରିଛନ୍ତି। ନିଜ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବକୁ ଚ୍ୟାଲେଞ୍ଜ କରି ଚାମେଲି ଓଝା ଦାୟର କରିଥିବା ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୟ କୁମାର ମିଶ୍ର ଏହି ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଛନ୍ତି। ଏହି ମାମଲାର ଶୁଣାଣି ଶେଷ କରି ଆଜି ରାୟ ସଂରକ୍ଷିତ ରଖିଛନ୍ତି ହାଇକୋର୍ଟ। ପ୍ରକାଶଥାଉକି ଚାମେଲିଙ୍କ ବିରୋଧରେ ୨୨ ଜଣ ସଭ୍ୟଙ୍କ ମଧ୍ୟରୁ ୨୧ ଜଣ ତାଙ୍କ ନାଁରେ ଅନାସ୍ଥା ଆଣିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଅନାସ୍ଥା ନୋଟିସ୍ ସହିତ ଆବଶ୍ୟକୀୟ ନଥିପତ୍ରର ନକଲ ତାଙ୍କୁ ପ୍ରଦାନ କରାଯାଇ ନାହିଁ। ଏହି ନୋଟିସ ତାଙ୍କର ନିରକ୍ଷର ପିତା ଗ୍ରହଣ କରିଥିଲେ। ଅଗଷ୍ଟ ୧୩ରେ ତିଖରୀ ପଞ୍ଚାୟତ ସରପଞ୍ଚ ପାଇଁ ଅନାସ୍ଥା ଭୋଟ ହେବ ବୋଲି କେନ୍ଦ୍ରାପଡା ଉପଜିଲ୍ଲାପାଳ ନୋଟିସ ଜାରି କରିଥିଲେ। ଓଡ଼ିଶା ଗ୍ରାମ ପଞ୍ଚାୟତ ଆଇନ୍, ୧୯୬୪ର ଧାରା ୨୪(୨)(ଗ) ଅନୁଯାୟୀ ପ୍ରସ୍ତାବିତ ପ୍ରସ୍ତାବ ଏବଂ ନୋଟିସର ନକଲ ନ ମିଳିବା ବେଆଇନ ବୋଲି ଦର୍ଶାଇ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ସୁକାନ୍ତ କୁମାର ଦଳାଇ ମାମଲା ପରିଚାଳନା କରୁଥିଲେ।

## ବିଇଡି ନାମଲେଖା ପାଇଁ ମେଧା ତାଲିକା

ଭୁବନେଶ୍ୱର, ୧୧।୮ (ସମିସ): ଦୁଇ ବର୍ଷିଆ ବିଇଡି, ଏମ୍‌ଇଡି ଓ ବିଏଚ୍‌ଇଡି ପାଠ୍ୟକ୍ରମରେ ନାମଲଖା ପାଇଁ ଆଜି ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇଛି। ଉପଲବ୍ଧ ଥିବା ସମସ୍ତ ୨୮୨୫ ଟି ସିଟ୍‌ରେ ନାମଲେଖା ପାଇଁ ୨୮୨୫ ଜଣ ଏହି ରାଉଣ୍ଡରେ ଚୟନ ହୋଇଛନ୍ତି। ଅର୍ଥାତ୍ ସମସ୍ତ ସିଟ୍‌ରେ ନାମଲେଖା ପାଇଁ ପିଲାଙ୍କୁ ଚୟନ କରାଯାଇଛି। ତନ୍ମଧ୍ୟରେ ୧୩୨୯ ଜଣ ଛାତ୍ର ଏବଂ ୧୪୯୬ ଜଣ ଛାତ୍ରୀ ରହିଛନ୍ତି। ମେଧାବୀ ପିଲାମାନେ ଫ୍ରିଜ୍ ବିକଳ୍ପ ଚୟନ କରିବା ପରେ ନାମଲେଖା ଫି' ଅନଲାଇନ ମାଧ୍ୟମରେ ପୈଠ କରିବେ ଓ ଆସନ୍ତା ୧୪ ତାରିଖ ସୁଦ୍ଧା ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯାଇ ନାମଲେଖା ପ୍ରକ୍ରିୟା ସାରିବେ। ସେହିପରି ସ୍ଲାଇଡ୍ ବିକଳ୍ପ ବାଛୁଥିବା ପିଲାମାନେ କେବଳ ଅନଲାଇନରେ ନାମଲେଖା ଫି' ପୈଠ କରିବେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବା ପର୍ଯ୍ୟନ୍ତ ଅପେକ୍ଷା କରିବେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସୁପ୍ରିମ୍‌କୋର୍ଟରେ 'ଡିଜି'...

ଜଣ ବରିଷ୍ଠ ଆଇପିଏସ୍‌ଙ୍କ ନାମ ପଠାଯାଇଥିଲା। ସେଥିରେ ୩ ଜଣ ଡ଼ିଜି ପାହ୍ୟା ଓ ୮ ଜଣ ଏଡ଼ିଜି ପାହ୍ୟାର ଅଧିକାରୀ ଥିଲେ। ମାତ୍ର ଏମାନଙ୍କ ମଧ୍ୟରୁ ୩ ବରିଷ୍ଠ ଆଇପିଏସ୍ ଅଧିକାରୀ ସୁଧାଂଶୁ ଷଡ଼ଙ୍ଗୀ, ସୁଶାନ୍ତ କୁମାର ନାଥ ଓ ଆର୍.ପି. କୋଚେଙ୍କ ନାମ ଚର୍ଚ୍ଚାରେ ରହିଥିଲା।

ଗତ ୭ ତାରିଖରେ ୟୁପିଏସ୍ ଅଧ୍ୟକ୍ଷ ଅଜୟ କୁମାରଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଚୟନ କମିଟି ବୈଠକ ଅଧାରୁ ବାତିଲ ହୋଇଥିଲା। କମିଟିର ସଦସ୍ୟ ଭାବେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ଡିଜିପି ୱାଇ.ବି ଖୁରାନିଆ ଉପସ୍ଥିତ ଥିଲେ। ବରିଷ୍ଠତା ଭିତ୍ତିରେ ୧୯୯୦ ବ୍ୟାଚ୍ ର ସୁଧାଂଶୁ ଷଡଙ୍ଗୀ, ୧୯୯୩ ବ୍ୟାଚ୍‌ର ସୁଶାନ୍ତ ନାଥ ଓ ଆର ପି କୋଚେଙ୍କ ନାଁ ରାଜ୍ୟ ସରକାରଙ୍କୁ ସୁପାରିସ କରିବା ପାଇଁ ପ୍ରାୟ ଚୂଡ଼ାନ୍ତ ହୋଇଥିଲା। ମାତ୍ର ବୈଠକ ଚାଲିଥିବା ସମୟରେ ଆକସ୍ମିକ ଭାବରେ ୧୯୯୩ ବ୍ୟାଚ୍ ଆଇପିଏସ୍ ସୁଶାନ୍ତ ନାଥଙ୍କୁ ସମ୍ଭାବ୍ୟ ସୂଚୀରୁ ବାଦ ଦିଆଯିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟ ସଚିବ ଓ ଡ଼ିଜିଙ୍କୁ ଖବର ଦିଆଯାଇଥିଲା। ଓପିଆରବି ପରିଚାଳିତ ପୁଲିସ ସବ୍‌ଇନ୍ସପେକ୍ଟର ପରୀକ୍ଷା ପ୍ରସଙ୍ଗରେ ସୁଶାନ୍ତ ନାଥଙ୍କ ନାମରେ ମାମଲା ତଦନ୍ତାଧୀନ ଥିବା ଏବଂ ସରକାର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ଯୋଗୁଁ ତାଙ୍କୁ ଏହି ସୂଚୀରେ ସ୍ଥାନ ନ ଦେବା ପାଇଁ ମୁଖ୍ୟ ସଚିବ ଓ ଡ଼ିଜି ୟୁପିଏସ୍‌ସିକୁ ଅବଗତ କରିଥିଲେ। ମାତ୍ର ୟୁପିଏସସି ଅଧ୍ୟକ୍ଷ ଏହାର ବୈଧ ଦସ୍ତାବିଜ୍ ମାଗିବାରୁ ରାଜ୍ୟ ସରକାର ସମୟ ନେଇଥିଲେ ଓ କୌଣସି ନାମ ସୁପାରିସ ବିନା ବୈଠକ ଶେଷ ହୋଇଥିଲା। ଏହାର ଦୁଇଦିନ ପରେ ଅର୍ଥାତ ଗତକାଲି ସଞ୍ଜୀବ ପଣ୍ଡା ଓ ୱା.କେ. ଜେଠୱାଙ୍କୁ ଡ଼ିଜି ପଦକୁ ପଦୋନ୍ନତି ଦେଇଛନ୍ତି ରାଜ୍ୟ ସରକାର। ଫଳରେ ପରବର୍ତ୍ତୀ ଡିଜି ପଦକୁ ନେଇ ନୂଆ ସମୀକରଣ ସୃଷ୍ଟି ହୋଇଛି। ନିଜ ପସନ୍ଦର ଜଣେ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଡ଼ିଜି ପଦ ଦେବା ଲାଗି ସରକାର ଏପରି କାର୍ଯ୍ୟ କରିଥିବା ଅଭିଯୋଗକାରୀ ଆବେଦନରେ ଉଲ୍ଲେଖ କରିଛନ୍ତି ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଏହି ପିଆଇଏଲ୍ ପଛରେ ରାଜ୍ୟର ଜଣେ ଡ଼ିଜି ଆଶାୟୀ ବରିଷ୍ଠ ଅଧିକାରୀଙ୍କ ହାତ ଥିବା ଚର୍ଚ୍ଚା ହେଉଛି। ଚିଦାମ୍ବରମ୍ ସୁପ୍ରିମକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଓ ସୁପ୍ରିମକୋର୍ଟରେ ମାମଲା ଲଢ଼ିବା ପାଇଁ ସେ ଗୋଟିଏ ଉପସ୍ଥିତି (ଆପିଅରାନ୍ସ) ର ଫି ବାବଦରେ ଅନ୍ୟୂନ ୫୦ ଲକ୍ଷ ଟଙ୍କା ନେଇଥାଆନ୍ତି। ତେଣୁ ଏତେ ଟଙ୍କା କିଏ ଭରଣା କରିବ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି।

### ସଂସଦ ପରିସର...

ଧରି ଏକ ମାନବ ଶୃଙ୍ଖଳା ତିଆରି କରି ଦୁଇ ଗୋଷ୍ଠୀଙ୍କୁ ପୃଥକ ରଖିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡ଼ିକ ଗତ ଜୁଲାଇ ୨୦ରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଠାରୁ ଉତ୍ତର ଦାବି କରିଥିଲେ। ଏହା ସହିତ ଅଯୋଧ୍ୟା ରାମ ମନ୍ଦିର ପାଣ୍ଠିରେ ଦୁର୍ନୀତି ଉପରେ ମଧ୍ୟ ସେମାନେ ଆଲୋଚନା ପାଇଁ ମଧ୍ୟ ଦାବି କରୁଥିଲେ। ଅନ୍ୟପଟେ, ବିଜେପି ସାଂସଦମାନେ ଝାଡ଼ଖଣ୍ଡରେ ଚାକିରି ଆଶାୟୀ ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜକୁ ନେଇ ରାହୁଲ ଗାନ୍ଧୀଙ୍କୁ ଟାର୍ଗେଟ କରିଥିଲେ। ଝାଡ଼ଖଣ୍ଡରେ ଛାତ୍ରଙ୍କ ଉପରେ ଲାଠିଚାର୍ଜ ପାଇଁ ରାହୁଲ ଗାନ୍ଧୀ ଜବାବ ଦିଅନ୍ତୁ ବୋଲି ସେମାନେ ବ୍ୟାନର ଧରି ସ୍ଲୋଗାନ ଦେଇଥିଲେ।

ବିଜେପି ସାଂସଦ ଅନୁରାଗ ଠାକୁର ଅଭିଯୋଗ କରିଛନ୍ତି ଯେ, ରାହୁଲ ଦିଲ୍ଲୀ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରୁଥିବା ବେଳେ ଝାଡ଼ଖଣ୍ଡରେ ନିଜ ସରକାରର ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ନିରବ ରହି ଦୋମୁହାଁ ନୀତି ପ୍ରଦର୍ଶନ କରୁଛନ୍ତି। ପ୍ରତିବାଦ ସମୟରେ ପ୍ରିୟଙ୍କା ଭଦ୍ରା ଯାଉଥିବା ସମୟରେ ବିଜେପି ସାଂସଦ ମୁକେଶ ଦଲାଲ 'ସରମ୍ କରୋ ରାହୁଲ ଗାନ୍ଧୀ' ବୋଲି କହିଥିଲେ। ଉତ୍ତରରେ ପ୍ରିୟଙ୍କା କହିଥିଲେ ଯେ ରାହୁଲ ଗାନ୍ଧୀ ପୂର୍ବରୁ ହିଁ ଝାଡ଼ଖଣ୍ଡର ଛାତ୍ରଛାତ୍ରୀଙ୍କୁ ଭେଟି ସାରିଛନ୍ତି। ପରେ ପ୍ରିୟଙ୍କା ଗଣମାଧ୍ୟମକୁ କହିଥିଲେ, ବିରୋଧୀଙ୍କ ଚାପ ଯୋଗୁଁ ପ୍ରଥମ ଥର ପାଇଁ ଶାସକ ଦଳର ସାଂସଦମାନେ ନିଜେ ପ୍ରତିବାଦ କରିବାକୁ ବାଧ୍ୟ ହୋଇଛନ୍ତି।

ସଂସଦ ବାହାରେ ଏହି ଉତ୍ତେଜନାପୂର୍ଣ୍ଣ ପରିବେଶ ଥିବା ବେଳେ ଭିତରେ ମଧ୍ୟ ଅଚଳାବସ୍ଥା ଜାରି ରହିଥିଲା। ବାଚସ୍ପତି ଓମ ବିର୍ଲା ବିରୋଧୀଙ୍କୁ ଗୃହ କାର୍ଯ୍ୟ ଚଳାଇବାକୁ ଅନୁରୋଧ କରିଥିଲେ ମଧ୍ୟ ହଟ୍ଟଗୋଳ ଯୋଗୁଁ ଲୋକସଭା ବାରମ୍ବାର ମୁଲତବୀ ହୋଇଥିଲା। ସରକାରଙ୍କ ପକ୍ଷରୁ କିରଣ ରିଜିଜୁ କହିଥିଲେ ଯେ ଯଦି ଗୃହ ସ୍ୱାଭାବିକ ଭାବେ ଚାଲେ, ତେବେ ଗୃହମନ୍ତ୍ରୀ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ ଅଛନ୍ତି। ତେବେ ରାହୁଲ ଗାନ୍ଧୀ କହିଛନ୍ତି ଯେ ଛାତ୍ରଛାତ୍ରଙ୍କ ଉପରେ କିଏ ଓ କାହିଁକି ପେଲେଟ୍ ଗନ୍ ମାଡ଼ ପାଇଁ ନିର୍ଦ୍ଦେଶ ଦେଇଥିଲା, ତାହାର ନିର୍ଦ୍ଦିଷ୍ଟ ଜବାବ ଦରକାର। ତେବେ ଅଚଳାବସ୍ଥା ମଧ୍ୟରେ ରାଜ୍ୟସଭାରେ ଟ୍ରିବ୍ୟୁନାଲ ସଂସ୍କାର ବିଲ୍ ପାସ୍ ହୋଇଥିବା ବେଳେ ଲୋକସଭାରେ କେରଳର ନାମ କେରଳମ କରିବାକୁ ବିଲ୍ ପାସ୍ ହୋଇଥିଲା। ଅନ୍ୟପକ୍ଷରେ ପ୍ରସ୍ତାବିତ ବିଦେଶୀ ଅନୁଦାନ ନିୟନ୍ତ୍ରଣ ସଂଶୋଧନ ଆଇନ ସଂକ୍ରାନ୍ତ ବିଲକୁ ନେଇ ସରକାର ଏବଂ ବିରୋଧୀ ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଏହି ବିଲକୁ ସରକାର ଜେପିସିକୁ ପଠାଇବାକୁ ଚାହୁଁଥିବା ବେଳେ ବିରୋଧୀ ଦଳ ଏହାକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବାକୁ ଦାବି କରୁଛନ୍ତି।

### ୧୫ ପର୍ଯ୍ୟନ୍ତ...

,ଖୋର୍ଦ୍ଧା, ମୟୂରଭଞ୍ଜ, ଢେଙ୍କାନାଳ, ବରଗଡ଼, ସମ୍ବଲପୁର, ଦେବଗଡ, ସୁନ୍ଦରଗଡ ଓ ଝାରସୁଗୁଡା ଆଦି ୧୫ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଅବଶିଷ୍ଟ ୧୩ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ନେଇ କେନ୍ଦ୍ର କହିଛି। ଏହା ସହ ୧୫ ତାରିଖ ଯାଏଁ ସାରା ରାଜ୍ୟରେ ବର୍ଷା ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମ ମହାନ୍ତି କହିଛନ୍ତି।

ଅନ୍ୟପଟେ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ୩୫-୪୫ କିମି ବେଗରେ ପବନ ବହିବା ସହ ଏହା ସର୍ବାଧିକ ୫୫ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ପବନର ବେଗ ଅଧିକ ହେତୁ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆଜିଠାରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ଯିବା ପାଇଁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି।

### ଜାପାନରୁ ଫେରିବ...

ଅନୁରୋଧ କରାଯାଇଛି। ୧୯୪୫ ଅଗଷ୍ଟରେ ନେତାଜୀଙ୍କ ନିଖୋଜ ହେବା ଘଟଣାକୁ ନେଇ ଅନେକ ବର୍ଷ ଧରି ବିଭିନ୍ନ ତର୍କ ଓ ମତବାଦ ରହିଆସିଛି। କେତେକ ରିପୋର୍ଟ ଅନୁଯାୟୀ, ନେତାଜୀଙ୍କ ଅବଶେଷ ଜାପାନର ରେଙ୍କୋଜି ମନ୍ଦିରରେ ସଂରକ୍ଷିତ ହୋଇ ରହିଛି। ନେତାଜୀଙ୍କ କନ୍ୟା ଅନିତା ଦୀର୍ଘ ଦିନ ଧରି ଏହି ଚିତାଭସ୍ମକୁ ଭାରତ ଫେରାଇ ଆଣିବା ପାଇଁ ଦାବି କରି ଆସୁଛନ୍ତି।

### ବଜ୍ରପାତରେ ୪ ମହିଳା...

କରାଯାଇଛି। ସମସ୍ତ ଆହତଙ୍କ ଘର ବି ଛତିଶଗଡ଼ର ଯଶପୁର ଜିଲ୍ଲା ଅଧୀନ ତୁମଲା ଗ୍ରାମରେ ବୋଲି ଜଣାପଡ଼ିଛି। ସେହିପରି ଜିଲ୍ଲାର ବଣାଇଁ ଥାନା ଅଧୀନ ଇନ୍ଦ୍ରପୁର ଗ୍ରାମରେ ଚାଷଜମିରେ ଧାନ ରୁଆ ଚାଲିଥିବାବେଳେ ହଠାତ୍ ବଜ୍ରପାତ ଘଟି ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ମହିଳା ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଇନ୍ଦ୍ରପୁର ଗ୍ରାମର ଏକ ଚାଷଜମିରେ ୧୧ ଜଣ ମହିଳା ଧାନ ରୁଆ କାମ କରୁଥିଲେ। ଅପରାହ୍ନରେ ହଠାତ୍ ଆକାଶରେ ଘଡ଼ଘଡ଼ି ସହ ବିଜୁଳି ଓ ବଜ୍ରପାତ ହୋଇଥିଲା। ବଜ୍ରପାତରେ ସୁନିତା ଓରାମ (୩୩) ଓ ଦ୍ରୌପଦୀ କିଷାନ (୩୫) ଗୁରୁତର ହୋଇ ଚାଷଜମିରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ପରୀକ୍ଷା କରି ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପକ୍ଷରେ, ଟିକାୟତପାଲି ଥାନା ଅଧୀନ ଝିରଡାପାଲି ଗ୍ରାମର ସଞ୍ଜୁକ୍ତା ଚାରଦିଆ (୪୦) ମଧ୍ୟ ଚାଷଜମିରେ କାମ କରୁଥିବା ସମୟରେ ବଜ୍ରପାତର ଶିକାର ହୋଇ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାରେ ଭର୍ତ୍ତି କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

### ଯୁବକଙ୍କ ମୃତ୍ୟୁ...

ବଜ୍ରପାତରେ ସୁପାଇ ହାଁସଦା (୨୪) ଓ ବିଜୁ ଟୁଡୁ (୨୫) ଆହତ ହୋଇଛନ୍ତି। ଉଭୟଙ୍କୁ କିଷାନତାଣ୍ଡି ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ପୁଲିସ ଶିବଶଙ୍କରଙ୍କ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଶିବଶଙ୍କରଙ୍କ ଅକାଳ ମୃତ୍ୟୁରେ ପରିବାରବର୍ଗଙ୍କ ସମେତ କାପୋଇ ଗ୍ରାମ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଦେଶରେ ଓଡ଼ିଶା...

ଥିଲା। ଆନ୍ଧ୍ର ପ୍ରଦେଶକୁ ୨୩୧୩୪ କୋଟି, ଛତିଶଗଡ଼କୁ ୨୮୧୦୩ କୋଟି, ହରିୟାଣାକୁ ୧୩୩୯୫ କୋଟି, ପଞ୍ଜାବକୁ ୧୪୭୩୨ କୋଟି, ତେଲେଙ୍ଗାନାକୁ ୩୪୫୩୩ କୋଟି ପରି ବୃହତ୍ ସହାୟତା ମିଳିଥିଲା। ଅନ୍ୟ କେତେକ ରାଜ୍ୟଙ୍କୁ ମଧ୍ୟ ହଜାର ହଜାର କୋଟି ଟଙ୍କାର ସହାୟତା ମିଳିଥିବା ବେଳେ ଓଡ଼ିଶାକୁ ମାତ୍ର ୭ କୋଟିର ସହାୟତା ମିଳିଛି। ସମବାୟ ବିଶେଷଜ୍ଞମାନଙ୍କ ଯୁକ୍ତି ଅନୁଯାୟୀ ରାଜ୍ୟର ସମବାୟ ସମିତିଗୁଡ଼ିକ ଯେତେ ଅଧିକ ପ୍ରକଳ୍ପ ପ୍ରସ୍ତାବ ପଠାଇବେ, ସେହି ଅନୁସାରେ ଋଣ ଓ ଅନୁଦାନ ମିଳିଥାଏ। ଓଡ଼ିଶାରୁ ବଡ଼ ଧରଣର ବ୍ୟବସାୟିକ କିମ୍ବା ଶିଳ୍ପଭିତ୍ତିକ ସମବାୟ ପ୍ରସ୍ତାବ କମ୍ ଯାଉଥିବାରୁ ଅନୁଦାନର ପରିମାଣ କମ୍ ରହୁଛି। ମହାରାଷ୍ଟ୍ର, ଗୁଜରାଟ ଏବଂ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ଶତାଧିକ ସମବାୟ ଚିନି କଳ, ବଡ଼ ସମବାୟ ସୂତା କଳ ଏବଂ ବିଶାଳ ଦୁଗ୍ଧ ସମବାୟ ସଂଘ ରହିଛି। ଏହି ବଡ଼ ଶିଳ୍ପଗୁଡ଼ିକର ଆଧୁନିକୀକରଣ ଓ ସମ୍ପ୍ରସାରଣ ପାଇଁ ହଜାର ହଜାର କୋଟି ଟଙ୍କାର ପାଣ୍ଠି ଆବଶ୍ୟକ ହୁଏ, ଯାହା ଏନ୍‌ସିଡିସି ଯୋଗାଇଥାଏ। ଓଡ଼ିଶାରେ ଏଭଳି ବୃହତ୍ ସମବାୟ ଶିଳ୍ପର ସଂଖ୍ୟା ଖୁବ୍ କମ୍, ତେଣୁ ସେହି ସ୍ତରର ବଡ଼ ପାଣ୍ଠି ଓଡ଼ିଶାକୁ ଆସିପାରୁ ନାହିଁ। ରାଜ୍ୟଗୁଡ଼ିକର ସମବାୟ ବ୍ୟାଙ୍କ, ପାକ୍ସ ଗୁଡ଼ିକର ଆର୍ଥିକ ସ୍ଥିତି ସୁଦୃଢ଼ ଥିଲେ ସେମାନେ ଏନସିଡିସିରୁ ମୋଟା ଅଙ୍କର ଋଣ ଉଠାଇଥାନ୍ତି। ଏନ୍‌ସିଡିସିରୁ ଋଣ ପାଇବାକୁ ହେଲେ ସମବାୟ ସମିତିଗୁଡ଼ିକର ଆର୍ଥିକ ସ୍ଥିତି ସ୍ୱଚ୍ଛ ଏବଂ ସେଗୁଡ଼ିକ ଲାଭଜନକ ହେବା ଆବଶ୍ୟକ। ଓଡ଼ିଶାର ଅନେକ ସମବାୟ ସମିତିର ଅଡିଟ୍ ପ୍ରକ୍ରିୟା ବିଳମ୍ବରେ ହେବା ଏବଂ କେତେକ ସମିତି ଆର୍ଥିକ ଦେବାଳିଆ ସ୍ଥିତିରେ ଥିବାରୁ, ସେମାନେ ଏନ୍‌ସିଡିସିର କଠୋର ଆର୍ଥିକ ଯୋଗ୍ୟତା ମାପଦଣ୍ଡ ପୂରଣ କରିପାରନ୍ତି ନାହିଁ। ତେଣୁ ଓଡ଼ିଶାକୁ ଅପେକ୍ଷାକୃତ ନଗଣ୍ୟ ଋଣ ମିଳୁଥିବା ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

ଡବଲ ଇଞ୍ଜିନ ସରକାର ରାଜ୍ୟରେ ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ନେଇ ଅନେକ ଦାବି ତଥା ପ୍ରତିଶ୍ରୁତି ରଖୁଛନ୍ତି। ମାତ୍ର କାର୍ଯ୍ୟକ୍ଷେତ୍ରରେ ଏହା ପ୍ରତିଫଳିତ ହୋଇପାରୁ ନାହିଁ। ଏ କ୍ଷେତ୍ରରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କର ଆନ୍ତରିକତାର ଅଭାବ ରହିଛି। ଗତ ଆର୍ଥିକ ବର୍ଷରେ ଏନସିଡିସି ମାର୍କେଟିଂ ତଥା ଫିସେରୀ କ୍ଷେତ୍ରରେ ଓଡ଼ିଶାକୁ ଟଙ୍କାଟିଏ ମଧ୍ୟ ପ୍ରଦାନ କରିନାହିଁ। ତେଣୁ ରାଜ୍ୟର ସମବାୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ହେଲେ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାର ଏନେଇ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ଯାହାଫଳରେ ଏହା ଗ୍ରାମାଞ୍ଚଳରେ କୃଷକ, ମହିଳା ତଥା ଉଦ୍ୟୋଗୀମାନଙ୍କୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପୋଲାଭରମ କ୍ଷତିଗ୍ରସ୍ତଙ୍କ...

କାମ ୯୬.୮୭ ପ୍ରତିଶତ ଶେଷ ହୋଇଛି। କଂକ୍ରିଟ୍ କାମ ୯୮.୮୪ ପ୍ରତିଶତ ଓ ଷ୍ଟିଲ୍ କାମ ୯୨.୯୫ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଛି। ସରକାରୀ ତଥ୍ୟ ଅନୁସାରେ ପୋଲାଭରମ ଯୋଗୁଁ ମୋଟ ୯୬,୬୬୦ଟି ପ୍ରକଳ୍ପ ବିସ୍ଥାପିତ ପରିବାର ପ୍ରଭାବିତ ହେବେ। ପ୍ରଥମ ପର୍ଯ୍ୟାୟର +୪୧.୧୫ ମିଟର ଜଳସ୍ତର ପର୍ଯ୍ୟନ୍ତ ପ୍ରଭାବିତ ପରିବାରଙ୍କ ମଧ୍ୟରୁ ୧୭,୮୯୨ ପରିବାରଙ୍କୁ ଏପର୍ଯ୍ୟନ୍ତ ଭୌତିକ ଭାବେ ସ୍ଥାନାନ୍ତର କରାଯାଇଛି। ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ଏପର୍ଯ୍ୟନ୍ତ ୧,୩୭୩.୦୧ କୋଟି ଟଙ୍କା ନଗଦ ସହାୟତା ଓ ବିଭିନ୍ନ ଅଧିକାର-ସୁବିଧା ବାବଦରେ ପ୍ରଦାନ ହୋଇଥିବାବେଳେ ଏ ସଂକ୍ରାନ୍ତ କାମରେ ୧,୫୮୧.୦୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟକୁ ମାର୍ଚ୍ଚ ୨୦୨୬ ସୁଦ୍ଧା ସାରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ଆବଶ୍ୟକ ହେଲେ ଆଉ ଗୋଟିଏ ବର୍ଷ ସମୟ ବଢ଼ାଇବାର ବ୍ୟବସ୍ଥା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ମାତ୍ର ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରକଳ୍ପ ପ୍ରଭାବିତଙ୍କ ମଧ୍ୟରେ କେବଳ ଆନ୍ଧ୍ର ପ୍ରଦେଶର କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ ସୂଚନା ଦେଇଥିବାବେଳେ ଓଡ଼ିଶାର ମାଲକାନଗିରି ଜିଲ୍ଲା ଅନ୍ତର୍ଗତ କ୍ଷତିଗ୍ରସ୍ତଙ୍କ ସମ୍ପର୍କରେ କୌଣସି ସୂଚନା ଦେଇ ନାହାନ୍ତି। ଓଡ଼ିଶାର ହଜାର ହଜାର ଆଦିବାସୀ ଏହି ପ୍ରକଳ୍ପ ଯୋଗୁଁ ଭିଟାମାଟି ହରାଇବାର ଆଶଙ୍କା ରହିଛି। ଶହଶହ ଏକର ଚାଷ ଜମି ଓ ଜଙ୍ଗଲ ଜମି ଜଳମଗ୍ନ ହେବ। ମାତ୍ର ସମ୍ପୃକ୍ତ ପରିବାରର ସୁରକ୍ଷା, ପୁନର୍ବାସ ଓ ଜୀବିକାର ଗ୍ୟାରେଣ୍ଟି କିଏ ଦେବ? ଏହି ଆଦିବାସୀମାନଙ୍କର ଜୀଇବାର ହକ୍ ନାହିଁ ନା ସେମାନଙ୍କ ଜୀବନର ମୂଲ୍ୟ ନାହିଁ?

## AFFIDAVIT

By virtue of an Affidavit sworn before Executive Magistrate, Cuttack, dtd.22/07/2026. I ,Jitendra Choudhury, S/o. Late Ashok Kumar Choudhury of Mangalabag, Gopalsahi, Po-Buxibazar, P.S-Mangalabag, Dist.-Cuttack declare that I have changed the name of my daughter From Havya Hansika Choudhury to Havya Hanshika. Henceforth she shall be known as **Havya Hanshika** for all purposes.

**Jitendra Choudhury**

## AFFIDAVIT

By virtue of an Affidavit sworn before Executive Magistrate, Nayagarh, dtd.03.08.2026. I, Jayanta Kumar Mohapatra, S/o Jagabandhu Mohapatra, Vill-Baghara, P.O.- Biruda, P.S.-Itamati, Dist.- Nayagarh do hereby declare that I have changed my name from Jayant Kumar Mohapatra To Jayanta Kumar Mohapatra. Henceforth I shall be known as **Jayanta Kumar Mohapatra** for all purposes.

**Jayanta Kumar Mohapatra**

## NOTICE

By virtue of an affidavit sworn before the Executive Magistrate, Athmallik dated 10th August 2026, I, Mrs. KOIL NAIK address Wife of ANTARYAMI NAIK, Village : TIKARPADA, P.O. : TIKARPADA, P.S.: BOUDH , District: BOUDH, PIN : 762026 , STATE : ODISHA, declare that I have changed the name of my daughter from "PRIYA NAIK" to "TULASI NAIK". Henceforth, she shall be known as **"TULASI NAIK"** for all purposes.

**KOIL NAIK**

## AFFIDAVIT

I, Chhatram Singh, S/o. Late Siba Singh, resident of L.P-84, Prasanti Vihar, Po.-KIIT, Ps.- Infocity, Bhubaneswar, Dist.- Khordha, Pin: 751024, Odisha declare by this affidavit No. Vol.-II, Sl. No.- 381, Dtd.: 11.08.2025 that, now onwards I shall be known as **CHHOTRAM SINGH** for all future purposes.

## AFFIDAVIT

By virtue of an affidavit (SL No. A/33, dtd- 10.08.2026) sworn before The Executive Magistrate, Panposh, Uditnagar, Rourkela. I, **Roshni Biswakarma** (new name), resident of AT- Sibshankar Nagar, Rourkela-1, PS-Plantsite, Dist- Sundargarh, Odisha, PIN- 769001 declare that I have changed my name from **Roshani Kumari** (old name) to **Roshni Biswakarma** (new name). Henceforth, I shall be known as **Roshni Biswakarma** (new name) for all purposes.

**Roshni Biswakarma**

---

WORKS DEPARTMENT
OFFICE OF THE SUPERINTENDING ENGINEER
MAYURBHANJ (R & B) DIVISION, BARIPADA
e-mail - bpd_eerb@rediffmail.com
Government of Odisha "e" Procurement Notice
Bid Identification No.-S.E.-13/2026-27

34001/613/2627

1. Number of works -(01)
2. Approximate estimated cost: - 13.54 lakh
3. Period of Completion :- 01 (One) Calendar Months
4. Date & Time of availability of bid documents in the portal:- Dt. 13.08.2026 to 19.08.2026
5. Last Date / Time of receipt of bid in the portal :- Dt. 19.08.2026 up to 5.00 PM
6. Date of Opening of bid:- Dt. 20.08.2026 at 11.00 AM
7. Name & address of the Office inviting bid :- Superintending Engineer, Mayurbhanj (R&B) Division, Baripada

Further details can be seen from the e-procurement portal http://www.tendersodisha.gov.in

Sd/- R.G Ray
Superintending Engineer
Mayurbhanj (R&B) Division

OIPR-34001/34025/1/26-27/0011

---

## OFFICE OF THE NOTIFIED AREA COUNCIL, ATHMALLIK.

NO. 2947 — e-Procurement — DT. 10.08.26

13001/1494/2627 — **Bid identification No.Alkn-02/2026-27**

Bid documents consisting of work, estimated cost, cost of tender paper, EMD time of completion, Class of contractors and the set of term and conditions of contract and detals of other necessary documents can be seen in Govt.website i.e. www.tendersorissa.gov.in

| | | | |
|---|---|---|---|
| 1. | Name of the works | : | Electrical works & Civil work |
| 2. | No. of works | : | 02nos. |
| 3. | Estimated cost | : | Rs.5,26,282/- & 13,73,086/- |
| 4. | Date & Time of availability of Bid Documents in the portal | : | From 10.00A.M of dt.11.08.2026 to 17.08.2026 Up to 5.00P.M |
| 5. | Last Date of receive of Bid through Online | : | On or before 17.08.2026 up to 5.00P.M |
| 6. | Submission of original Document (DD/ EMD/ Affidavit) | : | On 18.08.2026 upto 11.00AM |
| 7. | Date of opening of bid on | : | At 11.00A.M on.18.08.2026 |

Executive Officer
N.A.C Athmallik.

OIPR-13001/13161/1/26-27/0004

---

## IDBI BANK — ଇ-ନିଲାମ ବିକ୍ରୟ ବିଜ୍ଞପ୍ତି

କ୍ଷେତ୍ରୀୟ କାର୍ଯ୍ୟାଳୟ, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍-୯, ଭୁବନେଶ୍ୱର-୭୫୧୦୨୨
CIN-L65190MH2004GOI148838

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ **୧୭.୦୯.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୧ ନିମନ୍ତେ) ଏବଂ ୨୮.୦୮.୨୦୨୬ ପୂର୍ବାହ୍ନ ୧୧.୦୦ ଘଟିକା ରୁ ମଧ୍ୟାହ୍ନ ୧୨.୦୦ ଘଟିକା (କ୍ର. ନଂ. ୨ ନିମନ୍ତେ)** ମଧ୍ୟରେ ସ୍ଥାବର ସମ୍ପତ୍ତି ଏବଂ ଅସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ୍। ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୬(୨) ଏବଂ ରୁଲ୍ ୮(୬)/୯(୧) ପ୍ରାବଧାନ ସହିତ

ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷଭାବେ ଋଣଗ୍ରହୀତା, ବନ୍ଧକଦାତା ଏବଂ ଜାମିନଦାରମାନଙ୍କୁ ଜଣାଇ ଦିଆଯାଉଅଛି କି ସୁରକ୍ଷିତ ଋଣଦାତା (ଆଇଡ଼ିବିଆଇ ବ୍ୟାଙ୍କ ଲିଃ.)ଙ୍କ ନିକଟରେ ନିମ୍ନଦର୍ଶିତ ସ୍ଥାବର ସମ୍ପତ୍ତିଗୁଡିକ ବନ୍ଧକ ରହିଛି। ନିମ୍ନରେ ଦର୍ଶିତ ପ୍ରତ୍ୟେକ ଋଣଗ୍ରହୀତାମାନଙ୍କ ଠାରୁ ବକେୟା ଋଣରାଶି ଆଦାୟ କରିବାପାଇଁ ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀମାନେ ଡିମାଣ୍ଡ ନୋଟିସ୍ ଜାରି କରିଥିଲେ। ପୁନଶ୍ଚ ସରଫେଶୀ ଆକ୍ଟ, ୨୦୦୨ ଅନୁସାରେ କ୍ଷମତା ପ୍ରୟୋଗ କରି ସମ୍ପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଦର୍ଶିତ ସୁରକ୍ଷିତ ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଡିମାଣ୍ଡ ନୋଟିସ୍ ଅନୁଯାୟୀ ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ବକେୟା ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ବ୍ୟାଙ୍କ ଦେୟ ବିଯୁକ୍ତ ଆଦାୟ ହୋଇଥିବା ରାଶି ଯଦି ଥାଏ ତାହା ଆଦାୟ କରିବାପାଇଁ ସୁରକ୍ଷିତ ସମ୍ପତ୍ତିକୁ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ଯାଉଛନ୍ତି। ସର୍ବସାଧାରଣ ବ୍ୟକ୍ତିଗତ ଭାବେ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ପ୍ରସ୍ତାବ ଦାଖଲ ପାଇଁ ଆମନ୍ତ୍ରଣ କରାଯାଉଅଛି। ଋଣଗ୍ରହୀତା(ମାନ) / ବନ୍ଧକଦାତା(ମାନ) / ଜାମିନ୍‌ଦାର(ମାନ) / ସୁରକ୍ଷିତ ସମ୍ପତ୍ତି / ଦେୟ / ସଂରକ୍ଷିତ ମୂଲ୍ୟ / ଇ-ନିଲାମ ତାରିଖ ଏବଂ ସମୟ, ଅମାନତ ରାଶି ଏବଂ ବିଡ୍ ବୃଦ୍ଧି ରାଶିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ସୁରକ୍ଷିତ ସମ୍ପତ୍ତିଗୁଡିକର ବିକ୍ରୟ ଅନୁସୂଚୀ:**

| କ୍ର. ନଂ. | ଋଣଗ୍ରହୀତା / ସହ-ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା | କ) ଡ଼ିମାଣ୍ଡ ନୋଟିସ୍ ତାରିଖ ଖ) ସାଙ୍କେତିକ ଦଖଲ ତାରିଖ ଗ) ବକେୟା ଦେୟ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ରାଶି |
|---|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ଅଭିଷେକ ମହାନ୍ତି / ସହ-ଋଣଗ୍ରହୀତା: ଶ୍ରୀ ଅରୁଣ କୁମାର ମହାନ୍ତି, ଉଭୟଙ୍କ ଯୋଗାଯୋଗ/ସ୍ଥାୟୀ ଠିକଣା- ପ୍ଲଟ୍ ନଂ.: ୧୮୮୪/୨୦୯୪, ବାଲିଅନ୍ତା ରୋଡ୍, ଆଇଓବି ବ୍ୟାଙ୍କ ନିକଟ, ବାଲିଅନ୍ତା, ଭୁବନେଶ୍ୱର, ଓଡ଼ିଶା, ପିନ୍-୭୫୨୧୦୧ | କ) ୧୫.୦୫.୨୦୨୬ ଖ) ୨୪.୦୭.୨୦୨୬ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୩୭,୭୧,୦୫୭.୦୦ ଏବଂ ସେବାବଦ ସୁଧ | ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୪୦୧ (ଟାଇପ୍- ୩ ବିଏଚ୍‌କେ), ସୁପର ବିଲ୍ଟ ଅପ୍ ଏରିଆ: ୧୪୬୯ ବର୍ଗଫୁଟ, ୪ର୍ଥ ମହଲା, ହର୍ଷପ୍ରିୟା ରିଟ୍ରାଟ୍ ଆପାର୍ଟମେଣ୍ଟ ସହିତ ସମୁଦାୟ କ୍ଷେତ୍ର: ଏକର୦.୨୨୦ ଡିସିମିଲିରୁ ଆନୁପାତିକ ଅବିଭକ୍ତ ଜମିର ଅଂଶ ସହିତ ଷ୍ଟିଲ୍ଟ ଫ୍ଲୋର୍‌ରେ ଥିବା ଏକ ପାର୍କିଂ ସ୍ଥାନ, ହାଲ୍ ମ୍ୟୁଟେସନ୍ ଖାତା ନଂ.: ୬୨୩/୧୯୫, ପ୍ଲଟ୍ ନଂ.: ୩୨୮, ସତ୍ତ୍ୱ: ସ୍ଥିତିବାନ, କିସମ: ଘରବାରି/ହୋମଷ୍ଟେଡ୍, ଅନୁରୂପ ଖାତା ନଂ.: ୧୬୩, ମୌଜା: ଅଣ୍ଡିଲୋ, ଥାନା ନଂ.: ୧୪ (ବାଲିଅନ୍ତା), ତହସିଲ/ସବ୍-ରେଜିଷ୍ଟ୍ରାର: ବାଲିଅନ୍ତା, ପିନ୍-୭୫୨୧୦୧, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା, ଜମିର ଚାରିପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୩୨୯ ଏବଂ ୩୩୧, ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ. ୩୨୧ (ସରକାରୀ ଜମି), ଦକ୍ଷିଣ: ପ୍ଲଟ୍ ନଂ. ୩୨୭ (ଶ୍ରୀ ନଳିନୀକାନ୍ତ ଆଚାର୍ଯ୍ୟ), ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ବିଲ୍ଡିଂ ଏବଂ ଷ୍ଟ୍ରକ୍ଚର୍ | ଟ.୫୭,୯୦,୦୦୦/- / ଟ.୫,୭୯,୦୦୦/- / ଟ.୫୦,୦୦୦/- |
| | **ଅମାନତ ରାଶି ଜମାର ଅନ୍ତିମ ତାରିଖ : ୧୬.୦୯.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ** | | | |
| | **ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୧୧.୦୯.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ** | | | |
| ୨. | ଋଣଗ୍ରହୀତା: ଶ୍ରୀ ଲଳିତ ନାରାୟଣ ରଥ, ପିତା: ଲକ୍ଷ୍ମୀ ନାରାୟଣ ରଥ / ସହ-ଋଣଗ୍ରହୀତା: ଶ୍ରୀମତୀ ସନ୍ତୋଷିନୀ ରଥ, ସ୍ୱାମୀ: ଲଳିତ ନାରାୟଣ ରଥ, ଉଭୟଙ୍କ ଠିକଣା-୧: ପ୍ଲଟ୍ ନଂ.: ୬୬୫/୩୦୭୧, ଶ୍ରୀ ବିହାର, ଲେନ୍ ନଂ.-୭, ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬, ଠିକଣା-୨: ପଣ୍ଡା ରେସିଡେନ୍ସୀ, ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ବ୍ଲକ୍-ଡ଼ି, ପ୍ରଥମ ମହଲା, ମୌଜା: ସତ୍ୟଭାମାପୁର, ରଙ୍ଗ ବଜାର, ଥାନା: ବାଲିଅନ୍ତା, ଭୁବନେଶ୍ୱର-୭୫୧୦୩୧ | କ) ୧୨.୧୨.୨୦୨୪ ଖ) ୧୨.୦୩.୨୦୨୫ ଗ) ୩୧.୦୭.୨୦୨୬ ସୁଦ୍ଧା ଟ.୫୬,୮୧,୦୯୮.୩୬ ଏବଂ ସେବାବଦ ସୁଧ | ପଣ୍ଡା ରେସିଡେନ୍ସୀ ନାମକ ଆପାର୍ଟମେଣ୍ଟରେ ଥିବା ସ୍ଥାବର ସମ୍ପତ୍ତି ଯାହାର ଫ୍ଲାଟ୍ ନଂ.: ପିଆର୍-ଡ଼ି-୧୦୭, ପ୍ରଥମ ମହଲା, ଖାତା ନଂ.: ୨୫/୧୧, ପ୍ଲଟ୍ ନଂ.: ୭୦୮ ଏବଂ ଖାତା ନଂ.: ୨୫/୧୩, ପ୍ଲଟ୍ ନଂ.: ୭୦୮/୮୪୨, ମୌଜା: ସତ୍ୟଭାମାପୁର, ଥାନା/ତହସିଲ: ବାଲିଅନ୍ତା, ଜିଲ୍ଲା: ଖୋର୍ଦ୍ଧା, ରାଜ୍ୟ: ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ (ପଞ୍ଜୀକୃତ ବିକ୍ରୟ ଦଲିଲ ଅନୁଯାୟୀ)- ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ. ୭୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ. ୬୬୧, ଉତ୍ତର: ସରକାରୀ ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ. ୭୨୩, ସହିତ ସେଠାରେ, ଉଭୟ ବର୍ତ୍ତମାନ ଥିବା ଏବଂ ଭବିଷ୍ୟତରେ ହେବାକୁ ଥିବା ସମସ୍ତ ଏବଂ ଏକକ ଷ୍ଟ୍ରକ୍ଚର ଓ ନିର୍ମାଣ | ଟ.୩୩,୪୫,୦୦୦/- / ଟ.୩,୩୫,୦୦୦/- / ଟ.୫୦,୦୦୦/- |
| | **ଅମାନତ ରାଶି ଜମାର ଅନ୍ତିମ ତାରିଖ : ୨୭.୦୮.୨୦୨୬ ସନ୍ଧ୍ୟା ୬.୦୦ ଘଟିକା ପର୍ଯ୍ୟନ୍ତ** | | | |
| | **ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା୨୬.୦୮.୨୦୨୬ରିଖ ଅପରାହ୍ନ ୪:୦୦ ଘଟିକା ପର୍ଯ୍ୟନ୍ତ, ପ୍ରାକ୍ ସୂଚନା ସହିତ** | | | |

**RTGS / NEFT ମାଧ୍ୟମରେ ଅମାନତ ରାଶି ଦାଖଲ କରିବାର ଆକାଉଣ୍ଟ ଏବଂ IFSC Codeର ବିବରଣୀ: ଆକାଉଣ୍ଟ ନଂ.: ୦୪୨୩୪୯୧୫୦୧୦୦୨୬, IFSC Code: IBKL0000042**

**କ୍ଷମତାପ୍ରାପ୍ତ ଅଧିକାରୀ/ନୋଡାଲ ଅଫିସରଙ୍କ ନାମ ଏବଂ ଯୋଗାଯୋଗ ନଂ.: ଶ୍ରୀ ଶୁକଦେବ ପାଲ- ସହାୟକ ମହାପ୍ରବନ୍ଧକ (୯୦୭୩୩୦୩୧୦୧), ସୁଚିତ କୁମାର ବେହେରା- ପ୍ରବନ୍ଧକ (୯୩୩୭୬୧୫୯୯୦)**

ଇ-ନିଲାମ ବିକ୍ରୟର ସଂକ୍ଷିପ୍ତ ନିୟମ ଏବଂ ସର୍ତ୍ତାବଳୀ: ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। (୧) ଆଇଡ଼ିବିଆଇ ବ୍ୟାଙ୍କ ଲିଃ. ଅର୍ଥାତ ସୁରକ୍ଷିତ ଋଣଦାତାଙ୍କ ଅର୍ଥାତ IDBI Bank Ltd. ପକ୍ଷରୁ "ଯେଉଁଠାରେ ଯେପରି ଅଛି ଭିତ୍ତିରେ" "ଯାହା ଯେପରି ଅଛି ଭିତ୍ତିରେ", "ସେଠାରେ ଯାହାଅଛି ଭିତ୍ତିରେ" ଏବଂ "ବିନା ଆଇନଗତ ସହାୟତା ଭିତ୍ତିରେ" ସୁରକ୍ଷିତ ସମ୍ପତ୍ତି ବିକ୍ରୟ କରାଯିବ। (୨) "ବିଡ୍ କାଗଜପତ୍ର" ଏବଂ ଏହି ବିଜ୍ଞାପନରେ ଦିଆଯାଇଥିବା ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ବିକ୍ରୟ ଅନୁଷ୍ଠିତ ହେବ। ବିଡ୍ କାଗଜପତ୍ର ଆମର ଯେ କୌଣସି କାର୍ଯ୍ୟାଳୟରୁ କିମ୍ବା ଆଇଡ଼ିବିଆଇ ୱେବସାଇଟ୍: www.idbibank.in ଏବଂ https://baanknet.com, https://psballiance.com ରୁ ମଧ୍ୟ ଡାଉନ୍‌ଲୋଡ୍ କରିପାରିବେ। (୩) ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ୱେବସାଇଟ୍: https://baanknet.com ରେ ଇ-ନିଲାମ ସେବାପ୍ରଦାନକାରୀ: PSB Alliance Private Limited (BAANKNET Platform) ମାଧ୍ୟମରେ ଅନୁଷ୍ଠିତ ହେବ। ଯୋଗାଯୋଗ: ମିସ୍ ସ୍ୱନୀ, ମୋ.: +୯୧-୯୯୯୦୬୦୫୦୭୫, ଶ୍ରୀ ଧର୍ମେଶ ଅସର, ମୋ.: +୯୧-୯୮୯୨୨୧୯୮୪୮। (୪) କ୍ଷମତାପ୍ରାପ୍ତ ଅଧିକାରୀ ଯେ କୌଣସି କିମ୍ବା ସମସ୍ତ ବିଡ୍‌କୁ ଗ୍ରହଣ କିମ୍ବା ରଦ୍ଦ କରିବାର ଅଧିକାର ସଂରକ୍ଷିତ ରଖିଛନ୍ତି, ଯଦି ବିଡ୍ ଗ୍ରହଣ ଯୋଗ୍ୟ ନହେଲା ତେବେ କୌଣସି କାରଣ ନଦର୍ଶାଇ ଯେ କୌଣସି ସମୟରେ ନିଲାମକୁ ସ୍ଥଗିତ / ବାତିଲ କରିପାରନ୍ତି ଏବଂ ଏବିଷୟରେ ତାଙ୍କର ନିଷ୍ପତ୍ତି ଚୂଡ଼ାନ୍ତ ଅଟେ। (୫) ସଫଳ ନିଲାମଧାରୀ ବିକ୍ରୟ ଚୂଡ଼ାନ୍ତ ସମୟରେ ବିକ୍ରୟ ମୂଲ୍ୟର ୧୦% (ଅମାନତ ରାଶି ଅନ୍ତର୍ଭୁକ୍ତ କରି) ଅର୍ଥାତ୍ ୨୪ ଘଣ୍ଟା ମଧ୍ୟରେ ଦାଖଲ କରିବାକୁ ପଡ଼ିବ କିନ୍ତୁ ତାର ପରବର୍ତ୍ତୀ କାର୍ଯ୍ୟ ଦିବସରେ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ରାଶି ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସହମତି କ୍ରମେ ବର୍ଦ୍ଧିତ ସମୟସୀମା ମଧ୍ୟରେ ଦାଖଲ କରିବେ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ଅବଶିଷ୍ଟ ରାଶି ଦାଖଲ କରିବାରେ ବିଫଳ ହେଲେ ଅମାନତରାଶି ସହ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯିବ। (୬) ନିଲାମ ରାଶି ୧୦% ସଙ୍ଗେ ସଙ୍ଗେ ଦାଖଲ କରିବାରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ ଅବଶିଷ୍ଟ ୯୦% ନିଲାମରାଶି ଦାଖଲ କରିବାରେ ବିଫଳ ହୋଇଥିଲେ ଦାଖଲ କରିଥିବା ରାଶି ବାଜ୍ୟାପ୍ତି କରାଯାଇ ସୁରକ୍ଷିତ ସମ୍ପତ୍ତିକୁ ପୁନଃ ବିକ୍ରୟ କରାଯିବ। (୭) କ୍ରେତା ସମସ୍ତ ଆଇନଗତ ଦେୟ/ ଆଟେଣ୍ଡାଣ୍ଟ ଦେୟ/ ରେଜିଷ୍ଟ୍ରେସନ ଦେୟ, ଷ୍ଟାମ୍ପ ଡ୍ୟୁଟି, ଅତିରିକ୍ତ ଟିକସ ଇତ୍ୟାଦି ବହନ କରିବେ। (୮) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀଙ୍କୁ ବିକ୍ରୟ ଚୂଡ଼ାନ୍ତ ଚିଠି ଜାରି କରିବା ପୂର୍ବରୁ ଯଦି ଋଣଗ୍ରହୀତା ବ୍ୟାଙ୍କକୁ ଚୁକ୍ତି ହାରରେ ବକେୟା ରାଶି ସହିତ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରନ୍ତି ତେବେ ବିକ୍ରୟ ଚୂଡ଼ାନ୍ତ ହେବ ନାହିଁ। ଏପରି କ୍ଷେତ୍ରରେ ବ୍ୟାଙ୍କ ବିନା ସୁଧରେ ସମସ୍ତ ଅର୍ଥ ସଫଳ ନିଲାମଧାରୀଙ୍କୁ ଫେରସ୍ତ କରଦେବ। ସବିଶେଷ ବିବରଣୀ ଏବଂ ସମ୍ପୂର୍ଣ୍ଣ ନିୟମ ଏବଂ ସର୍ତ୍ତାବଳୀ ପାଇଁ ବ୍ୟାଙ୍କର ୱେବ୍‌ସାଇଟ୍: www.idbibank.in ଦେଖନ୍ତୁ ଏବଂ/କିମ୍ବା ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ଉପରଦର୍ଶିତ ଶାଖା ଅଧିକାରୀଙ୍କ ସହ ଯୋଗାଯୋଗ କରନ୍ତୁ।

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୨.୦୮.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍

---

## SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ — ଇ-ନିଲାମ ବିକ୍ରୟ ନୋଟିସ୍

ଯାଜପୁର ରୋଡ୍ ଶାଖା, ଯାଜପୁର

ନିମ୍ନ ସ୍ୱାକ୍ଷରକାରୀ ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ଗାଡିକୁ ଦଖଲ ନେଇଛନ୍ତି। ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଲିଖିତ ବନ୍ଧକପ୍ରାପ୍ତ ଗାଡିକୁ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ଇ-ନିଲାମ ମାଧ୍ୟମରେ ନିମ୍ନପ୍ରଦତ୍ତ ନିୟମ ଓ ସର୍ତ୍ତାବଳୀ ଅନୁସାରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।

ଇ-ନିଲାମର ତାରିଖ ଏବଂ ସମୟ: ତା୨୦.୦୮.୨୦୨୬ରିଖ ପୂର୍ବାହ୍ନ ୧୦.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ
ଗାଡ଼ି ଗୁଡ଼ିକ ତନଖି କରିବାର ତାରିଖ ଓ ସମୟ: ତା.୧୯.୦୮.୨୦୨୬ ପୂର୍ବାହ୍ନ ୧୦.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା

| କ୍ର. ନଂ | ଋଣଗ୍ରହୀତା/ଗ୍ୟାରେଣ୍ଟି ଦାତାଙ୍କ ନାମ ଠିକଣା | ଗାଡ଼ିର ବିବରଣୀ | ବକେୟା ପରିମାଣ ଯାହାକି ଆଦାୟ ନିମନ୍ତେ ଗାଡିର ବିକ୍ରୟ | ସଂରକ୍ଷିତ ମୂଲ୍ୟ/ ଅମାନତ ଜମା/ ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧ | ଋଣଗ୍ରହୀତା: ଶ୍ରୀ ବିବେକ କୁମାର ତିୱାରୀ, ପିତା- ଜନାର୍ଦ୍ଦନ ତିୱାରୀ, ଦଳା ଛକ, ଘର ନଂ.- 28JR 33, ଶିବ ମନ୍ଦିର ନିକଟ, ଯାଜପୁର ରୋଡ୍, ଯାଜପୁର | Model: Celerio ZXi; Year of Manufacture: 2017; Regd. No.: OD-05Z-6804; Chassis No.: MA3ETDE1S00390336; Engine No.: K10BN 7892424 | ତା.୧୧.୦୮.୨୦୨୬ ସୁଦ୍ଧା ଟ.୫,୨୭,୫୩୬/-+ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧,୦୮,୦୦୦/- / ୧୦,୮୦୦/- / ୫୦୦୦/- |

ବିଡରମାନଙ୍କୁ ପରାମର୍ଶ ଦିଆଯାଇଅଛି କି ସେମାନେ ଅନଲାଇନ ବିଡ୍‌ରେ ଭାଗନେବାକୁ ଆମର ଇ-ନିଲାମ ସେବା ପ୍ରଦାନକାରୀ PSB Alliance Pvt. Ltd.ର ୱେବସାଇଟ୍ https://baanknet.com ପରିଦର୍ଶନ କରନ୍ତୁ। ବୈଷୟିକ ସହାୟତା ପାଇଁ ଦୟାକରି ୮୨୯୧୨୨୦ ୨୨୦କୁ କଲ୍ କରନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ support.BAANKNET@psballiance.comକୁ ଇମେଲ କରନ୍ତୁ। ଗାଡ଼ିର ବିବରଣୀ ଏବଂ ଗାଡ଼ିର ଫଟୋଗ୍ରାଫ୍ ଏବଂ ନିଲାମ ନିୟମ ଏବଂ ସର୍ତ୍ତାବଳୀ ଗୁଡ଼ିକ ପାଇଁ https://baanknet.com ଦେଖନ୍ତୁ। ପଞ୍ଜୀକରଣ ସ୍ଥିତି ଏବଂ ଇଏମଡି ସ୍ଥିତି ପାଇଁ https://baanknet.com କୁ ଇମେଲ କରନ୍ତୁ। ଗାଡିର ବିବରଣୀ ଏବଂ ଗାଡିର ଫଟୋଗ୍ରାଫ୍ https://baanknet.com ପରିଦର୍ଶନ କରନ୍ତୁ ଏବଂ ଏହି ପୋର୍ଟାଲ ସମ୍ବନ୍ଧୀୟ ସ୍ପଷ୍ଟୀକରଣ ପାଇଁ PSB Alliance Pvt. Ltd, ଯୋଗାଯୋଗ ନଂ.: ୭୭୩୫୬୩୬୭୦୦ ସହିତ ଯୋଗାଯୋଗ କରନ୍ତୁ।

https://baanknet.com ୱେବସାଇଟ୍‌ରେ ଗାଡି ଖୋଜିବାବେଳେ ସମ୍ପତ୍ତି ଆଇଡି ନମ୍ବର ବ୍ୟବହାର କରିବାକୁ ବିଡରମାନଙ୍କୁ ପରାମର୍ଶ ଦିଆଯାଉଅଛି। ବ୍ୟାଙ୍କର ଧାର୍ଯ୍ୟ ନିର୍ଦ୍ଦେଶ ଅନୁଯାୟୀ ଜିଏସ୍‌ଟି ପ୍ରଯୁଜ୍ୟ ହେବ ଏବଂ ଏହାକୁ ଗାଡିର କ୍ରେତା ବହନ କରିବେ।

ନିୟମ ଏବଂ ସର୍ତ୍ତାବଳୀ ସବିଶେଷ ବିବରଣୀ ନିମନ୍ତେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ୱେବସାଇଟ୍ : www.sbi.co.in & https://baanknet.com

ଗାଡିର ପାର୍କିଂ ସ୍ଥାନ: ଭାରତୀୟ ଷ୍ଟେଟ ବ୍ୟାଙ୍କ, ଯାଜପୁର ରୋଡ, ଯାଜପୁର

ଗାଡି ସମ୍ବନ୍ଧୀୟ ଅନୁସନ୍ଧାନ ନିମନ୍ତେ ଯୋଗାଯୋଗ କରନ୍ତୁ: ୭୭୩୫୬୩୬୭୦୦ (କ୍ଷମତାପ୍ରାପ୍ତ ଅଧିକାରୀ), ଯାଜପୁର ରୋଡ୍ ଶାଖା, ଯାଜପୁର

ତାରିଖ: ୧୧.୦୮.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ସ୍ଥାନ : ଯାଜପୁର — ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

### ସ୍ୱାଧୀନତାର ୭ ୯ ବର୍ଷ ପରେ ବି ଦୂର ହେଲାନି ବନ୍ୟା ଦୁଃଖ

# ବୈତରଣୀ କୂଳରେ ଘେରିବନ୍ଧ ସ୍ୱପ୍ନ ପାଲଟିଛି

ଅସୁରାଳି,୧୧।୮ (ସମିସ)




ସ୍ୱାଧୀନତାର ୭୯ ବର୍ଷ ପୂରଣ କରିସାରିଥିଲେ ବି ଗ୍ରାମାଞ୍ଚଳର ମୌଳିକ ସମସ୍ୟା ଆଜି ବି ଅସମାହିତ। ବୈତରଣୀ ନଦୀର ଉନ୍ମୁକ୍ତ ସ୍ରୋତ ଆଜି ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତବାସୀଙ୍କ ପାଇଁ ସାଜିଛି ଅଭିଶାପ। ପ୍ରତିବର୍ଷ ବର୍ଷା ଦିନ ଆସିଲେ ନଦୀରେ ଜଳସ୍ତର ବୃଦ୍ଧି ପାଇ ଗାଁ ଭିତରକୁ ବନ୍ୟାପାଣି ମାଡ଼ିଆସେ। ଦୀର୍ଘ ଦଶନ୍ଧି ଧରି ସ୍ଥାୟୀ ଘେରିବନ୍ଧ ନିର୍ମାଣ ପାଇଁ ଦାବି ହୋଇଆସୁଥିଲେ ହେଁ, ପ୍ରଶାସନ ଓ ରାଜନେତାଙ୍କ ଆନ୍ତରିକତାର ଅଭାବରୁ ଏହି ଯୋଜନା କେବଳ ପ୍ରତିଶ୍ରୁତିରେ ହିଁ ସୀମିତ ରହିଯାଇଛି। ବୈତରଣୀର ରୁଦ୍ରରୂପ ଯୋଗୁଁ ହସନାବାଦ ପଞ୍ଚାୟତର ଅସ୍ତକ, ଗୋପବନ୍ଧୁ ନଗର, ଅନଳଡିହ, ଲୋକନାଥପୁର, ପଙ୍ଗଟା, ମଠସାହି, ବନବାଗ ଏବଂ ଅର୍ଜୁନପୁର ପଞ୍ଚାୟତର ସଇଲୋ, ବାଲିପାଟଣା, ମମଦୁଲା ଓ ତରେଇ ସାହି ପ୍ରଭୃତି ଗ୍ରାମର ହଜାର ହଜାର ଜନସାଧାରଣ ସୀମାହୀନ ଯନ୍ତ୍ରଣା ଭୋଗୁଛନ୍ତି। ନଦୀରେ ବନ୍ୟାଜଳ ଆସିବା ମାତ୍ରେ ଏହି ଗାଁଗୁଡ଼ିକ ଜଳବନ୍ଦି ହୋଇପଡ଼େ। ଲୋକଙ୍କ ଘର ଭିତରେ ଆଣ୍ଠୁଏ ଆଣ୍ଠୁଏ ପାଣି ପଶିଯାଏ। ଘରକରଣା ସାମଗ୍ରୀ ନଷ୍ଟ ହେବା ସହ ଗୋରୁଗାଇ, ଚାଷଜମି ଓ ପାନୀୟ ଜଳର ସଙ୍କଟ ଦେଖାଦିଏ। ଶିଶୁ, ବୃଦ୍ଧ ଓ ରୋଗୀମାନଙ୍କ ପାଇଁ ଏହି ସମୟରେ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଏ। ପ୍ରତିବର୍ଷ ସମାନ ଦୃଶ୍ୟ ଦୋହରାଉଥିଲେ ବି ଜନପ୍ରତିନିଧିଙ୍କ ନିଦ ଭାଙ୍ଗୁନାହିଁ। ୭୯ ବର୍ଷ ଭିତରେ କେତେ ନେତା ଆସିଲେ, କେତେ ପ୍ରତିଶ୍ରୁତିର ବନ୍ୟା ଛୁଟିଲା। ନିର୍ବାଚନ ଆସିଲେ ଘେରିବନ୍ଧ ନିର୍ମାଣ ପ୍ରମୁଖ ମୁଦ୍ଦା ପାଲଟେ, ମାତ୍ର ନିର୍ବାଚନ ସରିଲେ ସବୁ ଭୁଲିଯାଆନ୍ତି। ଘେରିବନ୍ଧ ନିର୍ମାଣ ନ ହେବା ଫଳରେ ଗ୍ରାମବାସୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତି ବର୍ଷକୁ ବର୍ଷ ଭାଙ୍ଗିପଡୁଛି। ଅଞ୍ଚଳବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ତୁରନ୍ତ ବୈତରଣୀ ନଦୀ କୂଳରେ ସ୍ଥାୟୀ ଓ ମଜଭୁତ ଘେରିବନ୍ଧ ନିର୍ମାଣ ପାଇଁ ହସନାବାଦ ଓ ଅର୍ଜୁନପୁର ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି। ଯଦି ଶୀଘ୍ର ଏହି ସମସ୍ୟାର ସ୍ଥାୟୀ ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ ବାଧ୍ୟ ହୋଇ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## କଂଗ୍ରେସ କାର୍ଯ୍ୟାଳୟରେ ହଟହଟା ହେଲେ ଅମୀୟ



ଚାନ୍ଦବାଲି,୧୧।୮ (ସମିସ): ଚାନ୍ଦବାଲି କଂଗ୍ରେସ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି ଏକ ଅଭୂତପୂର୍ବ ଦୃଶ୍ୟ। ଯେଉଁଠାରେ ଦଳୀୟ କର୍ମୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରାର୍ଥୀ ଅମୀୟ ମହାପାତ୍ର। ମିଳିଥିବା ସୂଚନା ଅନୁଯାୟୀ, ଚାନ୍ଦବାଲି ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବା ସମୟରେ ଜନସାଧାରଣ ଓ ଦଳୀୟ କର୍ମୀଙ୍କ ପାଖରେ ନେତା ଅମୀୟ ମହାପାତ୍ରଙ୍କ କୌଣସି ଦେଖାମିଳି ନ ଥିଲା। ଦୁର୍ଦ୍ଦିନରେ ନେତା ନ ରହିବା ପ୍ରସଙ୍ଗକୁ ନେଇ ସ୍ଥାନୀୟ କର୍ମୀମାନଙ୍କ ଭିତରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିଲା। ତେବେ ମଙ୍ଗଳବାର ହଠାତ୍ ଶ୍ରୀ ମହାପାତ୍ର କଂଗ୍ରେସ କାର୍ଯ୍ୟାଳୟକୁ ଆସିବାମାତ୍ରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ଉପସ୍ଥିତ କିଛି କଂଗ୍ରେସ କର୍ମୀ ତାଙ୍କୁ ତୀବ୍ର ବିରୋଧ କରିବା ସହିତ କାର୍ଯ୍ୟାଳୟ ପରିସରରେ "ଅମୀୟ ମହାପାତ୍ର ଗୋ ବ୍ୟାକ୍' ନାରା ଦେଇଥିଲେ। ଏହି ପ୍ରତିବାଦ ଓ ହୋ-ହଲ୍ଲା କାରଣରୁ କିଛି ସମୟ ପାଇଁ କାର୍ଯ୍ୟାଳୟ ପରିସରରେ ଏକ ଅସ୍ଥିରତା ଦେଖିବାକୁ ମିଳିଥିଲା। ଦୁର୍ଦ୍ଦିନରେ ଜନସାଧାରଣଙ୍କଠାରୁ ଦୂରେଇ ରହି ନିର୍ବାଚନ ଆଗକୁ ଆସିବାବେଳେ ଏଭଳି ବିରୋଧର ସମ୍ମୁଖୀନ ହୋଇଥିବା ନେତାଙ୍କ ପାଇଁ ଏହା ଏକ ବଡ଼ ଝଟ୍‌କା ବୋଲି ଚର୍ଚ୍ଚା ହେଉଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା




ଭଦ୍ରକ,୧୧।୮ (ସମିସ): ଓଡ଼ିଶା ରାଜ୍ୟ ଆଇନ୍ ସେବା ପ୍ରାଧିକରଣ, କଟକଙ୍କ ପ୍ରଦତ୍ତ କାର୍ଯ୍ୟକ୍ରମ ଅନୁସାରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକଙ୍କ ଦ୍ୱାରା ରାମେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ରାନ୍ଦୀଆ, ଭଦ୍ରକଠାରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନ୍ୟାୟ ବିଚାର କୃତ୍ରିମ ଜ୍ଞାନକୌଶଳ ଏବଂ ବିଚାର ହେଉଥିବା ମାମଲାଗୁଡ଼ିକର ରାୟ ଆଞ୍ଚଳିକ ଭାଷା ମାଧ୍ୟମରେ ଲୋକମାନଙ୍କ ପାଖରେ କିପରି ସହଜରେ ପହଞ୍ଚିପାରିବ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଆଇନ, ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଆଇନ, ସିଭିଲ୍ ଓ ଫୌଜଦାରୀ ଆଇନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ଏହି ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ନିଜ ବକ୍ତବ୍ୟରେ କହିଥିଲେ ଯେ ମଧ୍ୟସ୍ଥତା ହେଉଛି ଏପରି ଏକ ପ୍ରକ୍ରିୟା ଯାହାଦ୍ୱାରା ବହୁତ ଅସହାୟ ଲୋକ ସୁବିଧାରେ ଓ ସହଜରେ ସେମାନଙ୍କ ମାମଲାର ସମାଧାନ କରିପାରିବେ। ଆସନ୍ତା ଅକ୍ଟୋବର ମାସରୁ ମଧ୍ୟସ୍ଥତା ମାଧ୍ୟମରେ ଉପଯୁକ୍ତ ବିଚାରାଧୀନ ମାମଲାଗୁଡ଼ିକର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନକୁ ସହଜ କରିବା ପାଇଁ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ୩.୦ ସମଗ୍ର ଭାରତବର୍ଷରେ ଆରମ୍ଭ ହେବାକୁ ଯାଉଛି।

ଏହି ମଧ୍ୟସ୍ଥତା ଅଭିଯାନର ଉଦ୍ଦେଶ୍ୟ ହେଉଛି ସହମତି ଆଧାରିତ ସମାଧାନ ବ୍ୟବସ୍ଥା ମାଧ୍ୟମରେ ମୋକଦ୍ଦମାକାରୀ ଏବଂ ଅଂଶୀଦାରମାନଙ୍କୁ ସକ୍ରିୟ ଭାବରେ ଅଂଶ ଗ୍ରହଣ କରିବା ସହିତ ସହଯୋଗ କରିବା। ଅତିଥିମାନଙ୍କ ମଧ୍ୟରେ ସହାୟକ ଏଲ୍ଏଡିଏସ୍ ଡ. ତାପସ କୁମାର ମହାନ୍ତି, ଜିଲ୍ଲା ଶିଶୁ ଓ ଯତ୍ନ ବିଭାଗ, ଭଦ୍ରକର ଲିଗାଲ୍ ପ୍ରୋବେଶନ ଅଧିକାରୀ ସୁଭାଶିଷ ମିଶ୍ର, ଶିଶୁ ସହାୟକ ବିଭାଗର (ଚାଇଲ୍ଡ ହେଲ୍ପ ଲାଇନ) ରମାକାନ୍ତ ଜେନା, କଲେଜର ଉପାଧ୍ୟକ୍ଷ ଲକ୍ଷ୍ମୀଧର ନାୟକ ଏବଂ ପ୍ରମୁଖ ଅଧ୍ୟାପକ ତଥା ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ସଚେତନତା କାର୍ଯ୍ୟକ୍ରମକୁ ସଫଳ ରୂପାୟଣ ଦେଇଥିଲେ।

### ନାଳିଆ ନଦୀରେ ୨୦୦ ଫୁଟ୍ ଘାଇ ମରାମତି କଲା ଜଳସେଚନ ବିଭାଗ

## ବାରୋଡିହ ସାଳନ୍ଦୀ ନଦୀ ସୁଅରେ ଭାସୁଛି ବାଲିବସ୍ତା



ତିହିଡ଼ି,୧୧।୮ (ସମିସ): ତିହିଡ଼ି ବ୍ଲକ୍ ଅନ୍ତର୍ଗତ ବାରୋ ପଞ୍ଚାୟତର କଲ୍ୟାଣୀ ନଗର ଗାଁର ୫ଟି ୱାର୍ଡରେ, ବର୍ଷା ଆସିଲେ ବଢ଼ିଯାଏ ଲୋକଙ୍କ ଦୁଃଖ। ପାଖରେ ଥିବା ନାଳିଆ ନଦୀରେ କୂଳବନ୍ଧ ନ ଥିବାରୁ ପ୍ରତିବର୍ଷ ବନ୍ୟା ପାଣି ଗାଁକୁ ପ୍ରବେଶ କରି ପ୍ରାୟ ୩୦୦ ପରିବାରକୁ ଜଳବନ୍ଦି ହେବାକୁ ପଡ଼େ। ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇପାରିନାହିଁ। କଲ୍ୟାଣୀ ନଗର ଗାଁରେ ବର୍ଷା ହେଲେ ଲୋକଙ୍କ ଜୀବନ ଦୁର୍ବିସହ ହୋଇଯାଏ। ନାଳିଆ ନଦୀରେ କୂଳବନ୍ଧ ନ ଥିବାରୁ ବନ୍ୟାପାଣି ସିଧାସଳଖ ଗାଁ ଭିତରକୁ ପଶି ଘରଦ୍ୱାର, ରାସ୍ତାଘାଟ ଓ ଚାଷଜମିକୁ ଜଳମଗ୍ନ କରିଦେଇଛି। ଏହାର ପ୍ରଭାବରେ ଶତାଧିକ ପରିବାର ଜଳବନ୍ଦି ହୋଇ ଦିନ କାଟୁଛନ୍ତି। ଘରୁ ବାହାରିବା, ପିଲାମାନଙ୍କ ସ୍କୁଲ୍ ଯିବା, ରୋଗୀଙ୍କୁ ଚିକିତ୍ସା ପାଇଁ ନେବା ଭଳି ସାଧାରଣ କାମ ମଧ୍ୟ କଷ୍ଟକର ହୋଇପଡ଼ିଛି।

ସ୍ଥାନୀୟ ଲୋକଙ୍କ ଅଭିଯୋଗ, ବହୁବାର ପ୍ରଶାସନକୁ କୂଳବନ୍ଧ ନିର୍ମାଣ ପାଇଁ ଦାବି କରାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନାହିଁ। କେବଳ ବନ୍ୟା ପାଣି ନୁହେଁ, ସୁରକ୍ଷିତ ଆଶ୍ରୟ, ଯାତାୟାତ ଓ ଆବଶ୍ୟକ ସାମାଜିକ ନିରାପତ୍ତାର ଅଭାବ ମଧ୍ୟ ଗ୍ରାମବାସୀଙ୍କ ଚିନ୍ତା ବଢ଼ାଇଛି। ଜଳବନ୍ଦି ପରିବାର ମଧ୍ୟରେ ରାମଚନ୍ଦ୍ର ମହାଲିକ, ସୁବାସ ମହାଲିକ, ଶ୍ରୀକାନ୍ତ ଦାସ, ବାବୁଲି ଦାସ, ରବି ମହାଲିକ, ନିରଞ୍ଜନ ମହାଲିକ, କମଳାକାନ୍ତ ମହାଲିକ, ବୁଦ୍ଧିରାମ ମହାଲିକ, ପ୍ରଦୀପ ମହାଲିକ, ଜଖନ ଦାସ ପ୍ରମୁଖ ଦୁଃଖରେ କାଳାତିପାତ କରୁଛନ୍ତି। ପ୍ରତିବର୍ଷ ଦୁର୍ଦ୍ଦଶା ଭୋଗୁଥିବା ପରିବାରମାନେ ଏବେ ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ଓ ନାଳିଆ ନଦୀରେ ସ୍ଥାୟୀ କୂଳବନ୍ଧ ନିର୍ମାଣ ପାଇଁ ଦାବି କରିଛନ୍ତି।



## ନୂତନ ସରକାରୀ ରାସନ କେନ୍ଦ୍ର ଉଦ୍‌ଘାଟିତ



ସହିଦନଗର,୧୧।୮ (ସମିସ): ଧାମନଗର ବ୍ଲକ୍ ଅସୁରାଳି ପଞ୍ଚାୟତର ଉଚ୍ଚପଦାଠାରେ ନୂତନ ସରକାରୀ ରାସନ ବିତରଣ କେନ୍ଦ୍ର ଆରମ୍ଭ ହୋଇଛି। ଏହି ରାସନ କେନ୍ଦ୍ରର ପରିଚାଳନା ଦାୟିତ୍ୱ "ସାଇ ବାବା ସ୍ୱୟଂ ସହାୟକ ଗୋଷ୍ଠୀ'କୁ ପ୍ରଦାନ କରାଯାଇଛି। ଅସୁରାଳି ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ଓ ଅସୁବିଧାକୁ ଦୃଷ୍ଟିରେ ରଖି ଏହି ନୂତନ ରାସନ କେନ୍ଦ୍ର ପାଇଁ ପଦକ୍ଷେପ ନିଆଯାଇଥିଲା। ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ନିର୍ଦ୍ଦେଶକ୍ରମେ ଏହି କାର୍ଯ୍ୟ ଆଗେଇ ନେଇ ଶେଷରେ ରାସନ କେନ୍ଦ୍ରଟି ସମ୍ପୂର୍ଣ୍ଣ ରୂପ ନେଇଛି।

ପୂର୍ବରୁ ଅସୁରାଳି ପଞ୍ଚାୟତର ସରକାରୀ ରାସନ ବିତରଣ କେନ୍ଦ୍ର ଅସୁରାଳି ବଜାର ଅଞ୍ଚଳରେ ରହିଥିଲା। ଫଳରେ ହାତିଆପଡ଼ା, ତୁରୁମୁଟିଆ, ଉଚ୍ଚପଦା ଓ ଗଡ଼ିଆଳି ପଞ୍ଚାୟତର କିଛି ଅଞ୍ଚଳର ହିତାଧିକାରୀମାନେ ଦୂରଦୂରାନ୍ତରୁ ଯାଇ ରାସନ ସାମଗ୍ରୀ ଆଣିବାକୁ ବାଧ୍ୟ ହେଉଥିଲେ। ବିଶେଷକରି ବୃଦ୍ଧ, ମହିଳା ଓ ଅସହାୟ ହିତାଧିକାରୀମାନେ ଏଥିପାଇଁ ଦୀର୍ଘଦିନ ଧରି ହଇରାଣ ହେଉଥିଲେ।

ନୂତନ ରାସନ କେନ୍ଦ୍ର ଆରମ୍ଭ ହେବା ପରେ ଏବେ ନିକଟସ୍ଥ ଅଞ୍ଚଳର ହିତାଧିକାରୀମାନେ ସୁବିଧାରେ ରାସନ ସାମଗ୍ରୀ ପାଇପାରିବେ। ଏହା ଦ୍ୱାରା ଦୀର୍ଘଦିନର ଅସୁବିଧା ଦୂର ହେବା ସହ ରାସନ ବିତରଣ ବ୍ୟବସ୍ଥା ଆହୁରି ସୁଗମ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ଏହି ଅବସରରେ ଅସୁରାଳି ସରପଞ୍ଚ ମିନତୀ ସାହୁ, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ସାହୁ, ସହିଦ ମଣ୍ଡଳ ସାଧାରଣ ସମ୍ପାଦକ ରଜତ ଲେଙ୍କା, ଯୁବ ମୋର୍ଚ୍ଚା ସଭାପତି ସୂରଜ ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ପୂର୍ବତନ ସମିତିସଭ୍ୟ ପ୍ରତାପ ପରିଡ଼ା, ଅସୁରାଳି ଶକ୍ତିକେନ୍ଦ୍ର ସଭାପତି କ୍ଷୀରୋଦ ସ୍ୱାଇଁଙ୍କ ସମେତ ବହୁ ସ୍ଥାନୀୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଭଦ୍ରକ,୧୧।୮ (ସମିସ): ଭଦ୍ରକ ସମୁରାଇପୁର ଅଞ୍ଚଳର ଅଧିବାସୀ ତଥା ଅବସରପ୍ରାପ୍ତ ଶିକ୍ଷକ ବିଜୟ ପଣ୍ଡାଙ୍କର ମଙ୍ଗଳବାର ପରଲୋକ ହୋଇଯାଇଛି। ନିଜ ଘର ବାଥ୍‌ରୁମ୍‌ରେ ସଂଜ୍ଞାହୀନ ହୋଇ ପଡ଼ିବାରୁ ପରିବାର ଲୋକେ ତାଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଭଦ୍ରକ ବାରିକପୁର ପିରିପୁର ଗାଁର ମୂଳ ବାସିନ୍ଦା ସ୍ୱର୍ଗତ ପଣ୍ଡା ଜଣେ ଆଦର୍ଶ ତଥା ଛାତ୍ରବତ୍ସଳ ଶିକ୍ଷକ ଭାବେ ପରିଚିତ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଓ ସମଗ୍ର ପରିବାର ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ବଡ଼ପୁଅ ରଶ୍ମିରଞ୍ଜନ ପଣ୍ଡା ମୁଖାଗ୍ନି ଦେଇଥିଲେ ଓ ସାନପୁଅ ଭଦ୍ରକ ତହସିଲ୍ ସୁପରଭାଇଜର ଜ୍ୟୋତିରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ।

## ସରସ୍ୱତୀ ତ୍ରିପାଠୀଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଧାମନଗର,୧୧।୮ (ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ଶାମପୁର ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସୂର୍ଯ୍ୟମଣି ତ୍ରିପାଠୀଙ୍କ ଧର୍ମପତ୍ନୀ ସ୍ୱର୍ଗତ ସରସ୍ୱତୀ ତ୍ରିପାଠୀଙ୍କ ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧଉତ୍ସବ ଶାମପୁରସ୍ଥିତ ନିଜ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ, ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ପ୍ରମୁଖ ଯୋଗଦେଇ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ନିତ୍ୟାନନ୍ଦ ପାଠାଗାରର ପରିଚାଳକ ରସାନନ୍ଦ ମହାପାତ୍ର, ସାମ୍ବାଦିକ କୃଷ୍ଣଚନ୍ଦ୍ର ଜେନା, କୁମାରେଶ ଖିଲାର, ସେକ୍ ଜାଫର ଅଲ୍ଲୀ, ସମାଜସେବୀ ଭାବଗ୍ରାହୀ ପଣ୍ଡା, ନାରାୟଣ ଚନ୍ଦ୍ର ମହାପାତ୍ର, ମାନଗୋବିନ୍ଦ ମହାପାତ୍ର, ଉଦ୍ଧବ ମିଶ୍ର, କୃଷ୍ଣଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇଥିଲେ। ତ୍ରିପାଠୀ ପରିବାରର ସମସ୍ତ ସଦସ୍ୟ, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତିନାତୁଣୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଦିବଂଗତା ସରସ୍ୱତୀଙ୍କ ତିନିପୁଅ ନାରାୟଣ ଚନ୍ଦ୍ର ତ୍ରିପାଠୀ, ବାସୁଦେବ ତ୍ରିପାଠୀ ଓ ପଦ୍ମନାଭ ତ୍ରିପାଠୀ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଆରଡ଼ି ସରସ୍ୱତୀ ଶିଶୁମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଆରଡ଼ି,୧୧।୮ (ସମିସ): ଚାନ୍ଦବାଲି ବ୍ଲକ୍ ଅଧୀନସ୍ଥ ପ୍ରସିଦ୍ଧ ଶୈବ କ୍ଷେତ୍ର ଆଖଣ୍ଡଳମଣି ପୀଠ ଆରଡ଼ିଠାରେ ୨୦୦୮ ମସିହାରୁ ଚାଲି ଆସୁଥିବା ସରସ୍ୱତୀ ଶିଶୁମନ୍ଦିରରେ ୨୦୨୬ ବର୍ଷ ନିମନ୍ତେ ମଙ୍ଗଳବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିକ୍ଷାନୁଷ୍ଠାନର ସହକାରୀ ଆଚାର୍ଯ୍ୟ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆହୁତ ବୈଠକରେ ନୃସିଂହନାଥ ନୋଡାଲ ବିଦ୍ୟାଳୟ ନାନ୍ଦପୁରର ପ୍ରଧାନଶିକ୍ଷକ ମଙ୍ଗୁଳି ଚରଣ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ପିଲାମାନଙ୍କୁ ଅବଗତ କରାଇଥିଲେ। ମୁଖ୍ୟବକ୍ତା ଭାବେ ବିଏସ୍ଏସ୍ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପଙ୍କଜ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ପହଣା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଦିଲ୍ଲୀପ ଶେଖର ନାୟକ ଯୋଗଦେଇ ବିଜ୍ଞାନର ଅଗ୍ରଗତି ବିଷୟରେ ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନାନ୍ଦପୁର ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶୁଭେନ୍ଦୁ ବିଶ୍ୱାଳ ଓ ହରିଶ୍ଚନ୍ଦ୍ର ଦାସ (ଅବସରପ୍ରାପ୍ତ ଶିକ୍ଷକ) ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ବିଭୂତି ଭୂଷଣ ବିଶ୍ୱାଳ ଓ ଗୁରୁମା'ମାନେ ଉପସ୍ଥିତ ଥିଲେ। ଶିଶୁମନ୍ଦିରର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମୋଟ୍ ୪୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିମଧ୍ୟରୁ କୃତୀ ପ୍ରତିଯୋଗୀମାନଙ୍କର ପ୍ରକଳ୍ପଗୁଡ଼ିକ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ନିମନ୍ତେ ଚୟନ କରାଗଲା।



## ଶ୍ମଶାନରୁ ୩ ଶବ ଚୋରି

ବାରିକପୁର,୧୧।୮ (ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଷୋଳମପୁର ପଞ୍ଚାୟତ ମଣୀନାଥପୁର ଗାଁ ମଶାଣିରୁ ପୁଣି ୩ଟି ଶବ ଚୋରି ହୋଇଛି। ସୂଚନା ମୁତାବକ, ୨୦୧୬ ମସିହାରେ ଏଠାରୁ ପ୍ରଥମେ ୫ଟି ଶବ ଚୋରି ହୋଇଥିଲା। ଏହାପରେ କ୍ରମଶଃ ଶବ ଚୋରି ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଶେଷ ଥର ପାଇଁ ଗତ ଫେବୃଆରୀ ମାସରେ ୫ଟି ଶବ ଚୋରି ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତ ଓ ଥାନା ଅଧିକାରିଣୀ ରାଜଲକ୍ଷ୍ମୀ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ ମଧ୍ୟ କିଛି ଲାଭ ହୋଇ ନ ଥିଲା। ପୁଣି କିଛି ମାସ ପରେ ଗତ ସୋମବାର ବିଳମ୍ବିତ ରାତିରେ ମଶାଣିରୁ ଶବ ଚୋରି ହେବା ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। କିଏ ଓ କାହିଁକି ଶବ ଚୋରି କରୁଛି ତାହା ଏଯାଏଁ ଜଣାପଡ଼ିନାହିଁ। ଏନେଇ ଥାନା ଅଧିକାରିଣୀଙ୍କ ମତାମତ ନେବାରୁ ଏଯାଏଁ ଶବ ଚୋରି ସମ୍ପର୍କରେ କିଛି ଅଭିଯୋଗ ହୋଇ ନ ଥିବା ସୂଚନା ଦେଇଛନ୍ତି।




## ଚାନ୍ଦବାଲିର ଜନନେତା ଦୁର୍ଯ୍ୟୋଧନଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ

ଚାନ୍ଦବାଲି,୧୧।୮ (ସମିସ): ଚାନ୍ଦବାଲିର ଗୌରବ, ମହାନ୍ ଜନନାୟକ, ବ୍ଲକ୍‌ର ୫ ଥରର ଅଧ୍ୟକ୍ଷ ହୋଇଥିବା ଜନପ୍ରିୟ ରାଜନେତା ଦୁର୍ଯ୍ୟୋଧନ ମିଶ୍ରଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ଦୁର୍ଯ୍ୟୋଧନ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ସ୍ଥାନୀୟ ବିଜୁସ୍ମୃତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ସଭାପତିତ୍ୱ କରିଥିଲେ ସ୍ମୃତି ସଂସଦର ସଭାପତି ତଥା ବ୍ଲକ୍ ବିଜେଡି ସଭାପତି ପ୍ରତାପ ଚନ୍ଦ୍ର ଧଳ। ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ଓ ମୁଖ୍ୟବକ୍ତା ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ସକାଳୁ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ସ୍ମୃତିଚାରଣ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଅତିଥିମାନେ ସ୍ୱର୍ଗତ ମିଶ୍ରଙ୍କ ଚାନ୍ଦବାଲି ପ୍ରତି ଅବଦାନ ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ଚାନ୍ଦବାଲି ଅଞ୍ଚଳରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଯୁବ ସାମ୍ବାଦିକ ନିତ୍ୟ ପ୍ରକାଶ ବେହେରା, ପ୍ରଶାନ୍ତ ପାଣି, କଳାକାର ହୃଷିକେଶ ଦାସ, ସମାଜସେବୀ ଅଭୟ ସାମଲ, ଅବସରପ୍ରାପ୍ତ ଶିକ୍ଷକ ଦ୍ୱାରିକାନାଥ ଦାଶ, କ୍ରୀଡ଼ା ସ୍ୱୟମ୍ଭୁ ପଲାଇ, କୃଷକ ପ୍ରଫୁଲ୍ଲ ଦାସଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଓକିଲ ସଂଘ ସଭାପତି ଉପେନ୍ଦ୍ର କୁମାର ରାଉଳ, ବରିଷ୍ଠ ବିଜେପି ନେତା ଅଜୟ ନାୟକ, କାହ୍ନୁ ବେହେରା, ପୂର୍ଣ୍ଣ ପାଣି, ସାହିତ୍ୟିକ ପ୍ରଫୁଲ୍ଲ କୁମାର ଦାସ, ଶିକ୍ଷାବିତ୍ ଅମୂଲ୍ୟ ରାଉତ, ଆଇନଜୀବୀ ପ୍ରଭାସ ଶୁଭଦର୍ଶନ ମହାନ୍ତି, ରଜନୀକାନ୍ତ ମହାନ୍ତି, ତ୍ରିଲୋଚନ ଦାସ, ବିଶିଷ୍ଟ ସମାଜସେବୀ ସତ୍ୟାନନ୍ଦ ରାଉତ, ପ୍ରଫୁଲ୍ଲ ସାହୁ, କଂଗ୍ରେସ ନେତା ଦିଗାମ୍ବର ଦାସ, ବୈଲୋଚନ ପଣ୍ଡା, ବିଜେଡି ନେତା ବିଶ୍ୱ କେଶରୀ ମହାନ୍ତି, ପ୍ରିନ୍ସ ରାକେଶ ନାୟକ ଯୋଗଦେଇଥିଲେ। ଶେଷରେ ସ୍ୱରାଜ ମିଶ୍ର ଧନ୍ୟବାଦ ଦେଇଥିଲେ।




## ଏସ୍‌ଆଇଆର୍ ଅବଗତ ନିମନ୍ତେ ସର୍ବଦଳୀୟ ବୈଠକ

ଭଦ୍ରକ,୧୧।୮ (ସମିସ)



ମଙ୍ଗଳବାର ଭଦ୍ରକ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ସଦ୍‌ଭାବନା ସଭାଗୃହରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ (ଏସ୍‌ଆଇଆର୍) ସମ୍ବନ୍ଧରେ ଅବଗତ କରାଇବା ପାଇଁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲଙ୍କ ସମେତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ଦାବି ଓ ଆପତ୍ତି ଦାଖଲ ଅବଧି ୫.୭.୨୦୨୬ରୁ ୧୯.୮.୨୦୨୬ ପର୍ଯ୍ୟନ୍ତ ରହିଛି। ଦାବି ଓ ଆପତ୍ତିର ଫଇସଲା ସମ୍ପର୍କିତ ନୋଟିସ୍ ପର୍ଯ୍ୟାୟ ୫.୭.୨୦୨୬ରୁ ୧୭.୯.୨୦୨୬ ପର୍ଯ୍ୟନ୍ତ ଚାଲିବ। ଚୂଡ଼ାନ୍ତ ମତଦାତା ତାଲିକା ୨୧.୯.୨୦୨୬ରେ ପ୍ରକାଶ ପାଇବ। ଫର୍ମ ୯, ୧୦, ୧୧, ୧୧ଏ' ଓ ଫର୍ମ ୧୧ ବି' ବିଷୟରେ ଆଲୋଚନା ହୋଇଥିଲା। ଏହି ଫର୍ମଗୁଡ଼ିକ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ), ଓଡ଼ିଶା ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ), ଭଦ୍ରକଙ୍କ ଅଫିସିଆଲ୍ ୱେବ୍‌ସାଇଟ୍‌ରେ ଉପଲବ୍ଧ। ବୈଠକରେ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥାପନ କରିଥିବା ବିଭିନ୍ନ ପ୍ରସଙ୍ଗ ଓ ପରାମର୍ଶ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟ କହିଥିଲେ ଯେ, ଏସ୍‌ଆଇଆର୍-୨୦୨୬ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ 'ତ୍ରୁଟିହୀନ ଓ ସମ୍ପୂର୍ଣ୍ଣ ଭୋଟର ତାଲିକା' ପ୍ରସ୍ତୁତ କରିବା। ଯେଉଁ ନାଗରିକମାନଙ୍କର ନାମ ଯୋଡ଼ା, ବାଦ୍ କିମ୍ବା ସଂଶୋଧନ ନିମନ୍ତେ ଦାବି/ଆପତ୍ତି ଅଛି ସେମାନେ ଉକ୍ତ ୱେବ୍‌ସାଇଟ୍ ମାଧ୍ୟମରେ ତାଲିକା ଯାଞ୍ଚ କରିପାରିବେ।

ଭଣ୍ଡାରିପୋଖରୀ ସିଏଚ୍‌ସିରେ ଚିକିତ୍ସା ଅବହେଳା

# ଶୌଚାଳୟରେ ପ୍ରସବ; ନବଜାତ ମୃତ

ଭଦ୍ରକ,୧୧।୮ (ସମିସ)

ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସୋମବାର ରାତି ପ୍ରାୟ ସାଢ଼େ ୧୧ଟା ବେଳେ ଆସିଥିବା ଜଣେ ଆସନ୍ନ ପ୍ରସବାଙ୍କୁ ଉପଯୁକ୍ତ ଚିକିତ୍ସା କରାଗଲାନି। ଶେଷରେ ରକ୍ତ ଜୁଡୁବୁଡୁ ହୋଇ ଡାକ୍ତରଖାନା ଶୌଚାଳୟରେ ଏକ ନବଜାତକୁ ଜନ୍ମ ଦେଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ ବି କେହି ତାଙ୍କ ପାଖକୁ ଯାଇ ନ ଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ନବଜାତ ଶିଶୁଟିର ତଳେ ପଡ଼ି ମୃତ୍ୟୁ ହୋଇଥିବା ଏକ ଅଭାବନୀୟ ଘଟଣା ସାରା ରାଜ୍ୟକୁ ଦୋହଲାଇ ଦେଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ସୋମବାର ରାତିରେ ଜଣେ ହେଲେ ମହିଳା ନର୍ସ କିମ୍ବା ମହିଳା ସ୍ୱାସ୍ଥ୍ୟ କର୍ମୀ ଡାକ୍ତରଖାନାରେ ନ ଥିଲେ।

ଅଭିଯୋଗରୁ ପ୍ରକାଶ ଯେ, ଭଣ୍ଡାରିପୋଖରୀ ଦକ୍ଷିଣବାଡ଼ ପଞ୍ଚାୟତ ମଣିନାଥପୁର ଗାଁର ଉମାକାନ୍ତ ପରିଡ଼ାଙ୍କ ପତ୍ନୀ ଯାଜ୍ଞସେନୀ ୬ ମାସର ପ୍ରସୂତି ଥିଲେ।




- ରାତି ଅଧରେ ମହିଳାଙ୍କର ଚିକିତ୍ସା କଲେନି
- ରାତିରେ ଡାକ୍ତରଖାନାରେ ରହୁନାହାନ୍ତି ମହିଳା ସ୍ୱାସ୍ଥ୍ୟକର୍ମୀ
- ରକ୍ତ ଲାଗିଯିବ କହି ଶଯ୍ୟାରେ ରଖେଇଦେଲେନି

ସୋମବାର ରାତିରେ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କ ପରିବାର ଲୋକେ ଭଣ୍ଡାରିପୋଖରୀ ଚିଏଚ୍‌ସିକୁ ଆଣିଥିଲେ। କିନ୍ତୁ ଡ୍ୟୁଟିରେ ଥିବା ଡାକ୍ତର ସୌମ୍ୟରଞ୍ଜନ ରାଉତଙ୍କ ପରାମର୍ଶରେ ତାଙ୍କୁ ଏକ ଇଞ୍ଜେକ୍ସନ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଦେଇଥିଲେ। ପରେ ସେ ପରିଶ୍ରା କରିବାକୁ ଶୌଚାଳୟକୁ ଯାଇଥିବାବେଳେ ସେଠାରେ ନବଜାତ ଶିଶୁଟି ତଳେ ପଡ଼ି ପ୍ରାଣ ହରାଇଥିଲା। ଆଉ ମହିଳା ଜଣକ ଯନ୍ତ୍ରଣାରେ ଛଟପଟ ହେବା ସହ ତାଙ୍କର ପ୍ରବଳ ରକ୍ତସ୍ରାବ ହୋଇଥିଲା। ସବୁଠୁ ଦୁଃଖର ବିଷୟ ଉକ୍ତ ଡାକ୍ତରଖାନାରେ କେହି ମହିଳା ସ୍ୱାସ୍ଥ୍ୟକର୍ମୀ ବା ନର୍ସ ନ ଥିବାରୁ ତାଙ୍କ ପାଖକୁ କେହି ଗଲେ ନାହିଁ। ଜଣେ ପୁରୁଷ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ ବି ସେ ମଧ୍ୟ ଗଲେନାହିଁ। ରକ୍ତ ଜୁଡୁବୁଡୁ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିଲେ ବି ତାଙ୍କ ଶାଶୂ ସତ୍ୟଭାମା ପରିଡ଼ା ଓ ସ୍ୱାମୀ ଉମାକାନ୍ତ ତଥା ଅନ୍ୟ ସମ୍ପର୍କୀୟମାନେ ବହୁ କଷ୍ଟରେ ଶୌଚାଳୟରୁ ଉଦ୍ଧାର କରିଥିଲେ। ଆଉ ଏକ ଦୁଃଖର ବିଷୟ ଡାକ୍ତରଖାନାରେ ସଫେଇ କର୍ମଚାରୀ ଉପସ୍ଥିତ ଥିଲେ ବି କେହି ତାଙ୍କ ଡାକ ଶୁଣି ନ ଥିଲେ। ଗୁରୁତ୍ୱପୂର୍ଣ୍ଣ କଥା, ଏହି ପ୍ରସୂତିଙ୍କ ପ୍ରସବ ପରେ ଚିକିତ୍ସା କରିବା ତ ଦୂରର କଥା ଡାକ୍ତରଖାନାରେ ୩୦ଟି ଶଯ୍ୟା ଥିବା ସତ୍ତ୍ୱେ ତାଙ୍କୁ ଡାକ୍ତରଖାନା କର୍ମଚାରୀ ବେଡ୍‌ରେ ରଖିବାକୁ ଦେଇ ନ ଥିଲେ। ବେଡ୍‌ରେ ବ୍ଲଡ୍ ଲାଗିବ କହି ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ବହୁ କଷ୍ଟରେ ପରିବାର ଲୋକେ ଆମ୍ବୁଲାନ୍ସ ଡାକି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ମଙ୍ଗଳବାର ଭୋର୍ ୫ଟାରେ ଆଣି ଭର୍ତ୍ତି କରି ଯାଜ୍ଞସେନୀଙ୍କ ପ୍ରସବ ପରବର୍ତ୍ତୀ ଚିକିତ୍ସା କରାଇଥିଲେ।

ଘର ପାଖ ସରକାରୀ ଡାକ୍ତରଖାନାରେ ଯଦି ଏଭଳି ଚିକିତ୍ସା ଅବହେଳା ଓ ଆମକୁ ଶୋଷଣର ଶିକାର ହେବାକୁ ପଡ଼ିଲା, ତେବେ ଦୂରଦୂରାନ୍ତରୁ ଆସୁଥିବା ରୋଗୀଙ୍କ ଅବସ୍ଥା କ'ଣ ହେଉଥିବ ବୋଲି ତାଙ୍କ ଶାଶୂ ସତ୍ୟଭାମା ଓ ସ୍ୱାମୀ ଉମାକାନ୍ତ ଅଭିଯୋଗ କରିଛନ୍ତି। ସରକାରୀ ଡାକ୍ତରଖାନାରେ କର୍ମଚାରୀମାନେ ମାସିକ ଲକ୍ଷ ଲକ୍ଷ ଟଙ୍କା ଦରମା ପାଉଥିଲେ ବି ରାତିରେ ଜଣେ କେହି ମହିଳା ନର୍ସ କି ସ୍ୱାସ୍ଥ୍ୟକର୍ମୀ ନ ରହିବା ଓ ଚିକିତ୍ସାରେ ଅବହେଳା ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଡାକ୍ତରଖାନା ଘେରଉ କରିବାକୁ ଯାଜ୍ଞସେନୀଙ୍କ ପରିବାର ଲୋକେ ଚେତାବନୀ ଦେଇଛନ୍ତି।

## ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ମିଳୁନି ସହାୟତା




ଦୋଳସାହି,୧୧।୮ (ସମିସ)

ସରକାରୀ ବିଦ୍ୟାଳୟର ଉନ୍ନତୀକରଣ ଓ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଧରଣର ଉପକରଣ ଯୋଗାଇ ଦେଉଥିବାବେଳେ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ କିଛି ଉପକରଣ କି ସହାୟତା ଯୋଗାଇ ଦିଆଯାଉ ନାହିଁ। ଏଥିସହ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ସରକାରୀ ସହାୟତା ପ୍ରଦାନ ସରକାରଙ୍କ ପକ୍ଷରୁ ହେଉ ନ ଥିବା ନେଇ ଛାତ୍ରଛାତ୍ରୀ ତଥା ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ତିହିଡ଼ି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ୧୬ଟି ସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଥିବା ଜଣାଯାଇଛି। ଏହି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ସରକାରଙ୍କ ପକ୍ଷରୁ ଖାଇବା ଓ ପୋଷାକ ଯୋଗାଇ ଦିଆଯାଉଥିବାବେଳେ ଏହି ସମସ୍ତ ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ ପ୍ରବେଶ ଉତ୍ସବ ପାଳନ, ଖେଳ ଉପକରଣ ପାଇଁ ସରକାରୀ ଅନୁଦାନ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉ ନ ଥିବା ଜଣାଯାଇଛି।

## ପୁଲିସଠାରୁ ଚୋର ସିଆଣିଆ

## ଭଣ୍ଡାରିପୋଖରୀ ଅଞ୍ଚଳରେ ଲଗାତାର ଚୋରି

ବାରିକପୁର,୧୧।୮ (ସମିସ)





ଭଣ୍ଡାରିପୋଖରୀ ପୁଲିସ ଗତ କିଛି ମାସ ଧରି ବେଆଇନ ବାଲି ବୋଝେଇ ଗାଡ଼ି, ଗୋରୁ ବୋଝେଇ ଗାଡ଼ି, ଚୋରା ମଦ, ବେଆଇନ ନିଶା କାରବାର ଓ ଚୋର ଡକାୟତଙ୍କ ଉପରେ ଅଙ୍କୁଶ ଦେବା ପାଇଁ ତନାଘନା ଜାରି ରଖିଛି। ଏହା ସତ୍ତ୍ୱେ ପୁଲିସଠାରୁ ଚୋରମାନେ ଅଧିକ ସିଆଣିଆ ହେଉଥିବା ଜଣାପଡ଼ିଛି। ପୁଲିସ ଯେତେ ଚାଲାକ ହେଲେ ବି ସେମାନେ ଆହୁରି ନିର୍ଭୟ ହେଉଛନ୍ତି। ଯାହାର ନିଛକ ଉଦାହରଣ ହେଉଛି ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ପ୍ରାୟ ମାସେ ଭିତରେ ଡାହାଲା ସମେତ ପାହିମୋହୁରାଠାରୁ ଗାଡ଼ି ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଚୋରି ହୋଇଛି। ଏହା ମଧ୍ୟରେ କିଛି ସ୍ଥାନରେ ଛୋଟମୋଟ ଚୋରି ମଧ୍ୟ ହୋଇଛି। ପୁଲିସ ଏସବୁ ଚୋରି ବାବଦରେ ତଦନ୍ତ ଜାରି ରଖିଥିବାବେଳେ ଏବେ ପୁଣି ଥାନାଠାରୁ ମାତ୍ର କେଇ ମିଟର ଦୂରରେ ଚୋରି ହୋଇଛି।

ସୂଚନା ମୁତାବକ, ଗତ ରବିବାର ବିଳମ୍ବିତ ରାତିରେ ସନ୍ତୋଷ ଦାଶଙ୍କ ୱେଲ୍‌ଡିଙ୍ଗ୍ ଦୋକାନରୁ ଚୋରି ହୋଇଛି। ସେହିଭଳି ସୋମବାର ରାତିରେ ବସ୍ ଷ୍ଟପ୍‌ଠାରେ ପ୍ରାଣବନ୍ଧୁ ନାୟକଙ୍କ ଘରୁ ମଧ୍ୟ ଚାରୋଟି ଗ୍ୟାସ୍ ସିଲିଣ୍ଡର ସହିତ ହୋଟେଲ ସରଞ୍ଜାମ ଚୋରି ହୋଇଥିବା ଅଭିଯୋଗ ହୋଇଛି। ତାଙ୍କ ଭାଇ କୃପାସିନ୍ଧୁ ନାୟକଙ୍କ ଭେରାଇଟି ଷ୍ଟୋର୍ ପାନ ଦୋକାନରୁ ମଧ୍ୟ ଚୋରି ହୋଇଥିବା ସୂଚନା ମିଳିଛି। ଅନୁରୂପ ଭାବେ ପୁରୁଷୋତ୍ତମପୁର ଛକଠାରେ ଥିବା ସୁବାସ ଚନ୍ଦ୍ର ନାୟକଙ୍କ ଜଳଖିଆ ଦୋକାନରୁ ଦୁଇଟି ଗ୍ୟାସ୍ ସିଲିଣ୍ଡର ଚୋରି ହୋଇଥିବା ପୁଲିସ ନିକଟରେ ଅଭିଯୋଗ ହୋଇଛି। ଦିନକୁ ଦିନ ଚୋରି ବଢୁଥିବାବେଳେ ବଜାରଘାଟର ବ୍ୟବସାୟୀଙ୍କ ସମେତ ଜନସାଧାରଣମାନେ ଚିନ୍ତାରେ ପଡ଼ିଛନ୍ତି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଏହା ଉପରେ ଦୃଷ୍ଟି ଦେବା ସହିତ ପୁଲିସ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦୃଢ଼ ଦାବି ହୋଇଛି।

## ଧାନକିଣା ନୂଆ ନିୟମରେ ଚାଷୀଙ୍କୁ ଝଟ୍‌କା

ଅସୁରାଳି,୧୧।୮ (ସମିସ)

ଚାଷ କଲେ ଧାନ ବିକ୍ରି କରିବେ, ଏହା ଚାଷୀଙ୍କ ସ୍ୱାଭାବିକ ଅଧିକାର। ହେଲେ ଜମି ରେକର୍ଡ ଓ ଡିଜିଟାଲ ପଞ୍ଜୀକରଣର କଡ଼ା ନିୟମ ଏବେ ଚାଷୀଙ୍କ ପାଇଁ ସେହି ଅଧିକାର ଉପରେ ପ୍ରଶ୍ନଚିହ୍ନ ଠିଆ କରିଛି। ୨୦୨୬-୨୭ ଖରିଫ ଧାନ ସଂଗ୍ରହ ପାଇଁ ଲାଗୁ ନୂଆ ବ୍ୟବସ୍ଥାରେ ଏଗ୍ରିଷ୍ଟାକ୍ ଫାର୍ମର୍ ଆଇଡି ଓ ଜମି ରେକର୍ଡକୁ ଗୁରୁତ୍ୱ ଦିଆଯାଇଥିବାରୁ ବ୍ଲକ୍‌ର ବହୁ ପ୍ରକୃତ ଚାଷୀ ଧାନ ବିକ୍ରିରୁ ବାଦ୍ ପଡ଼ିବା ଆଶଙ୍କା ଦେଖାଦେଇଛି। ଧାମନଗର ବ୍ଲକ୍‌ରେ ଏଯାବତ୍ ପାଖାପାଖି ୧୦ ହଜାର ଚାଷୀ ଏଗ୍ରିଷ୍ଟାକ୍‌ରେ ପଞ୍ଜିକୃତ ହୋଇଥିବା ସୂଚନା ମିଳିଛି। କିନ୍ତୁ ଏହି ପଞ୍ଜୀକରଣ ମୁଖ୍ୟତଃ ନିଜ ନାମରେ ଜମି ରେକର୍ଡ ଥିବା ଚାଷୀଙ୍କ ପାଇଁ ଉପଲବ୍ଧ ହେଉଥିବାରୁ ପୂର୍ବପୁରୁଷଙ୍କ ନାମରେ ଜମି ଥିବା ହଜାର ହଜାର ଚାଷୀ ଏବେ ଅନିଶ୍ଚିତତାରେ।

ଧାମନଗର ଗ୍ରାମାଞ୍ଚଳରେ ଏପର୍ଯ୍ୟନ୍ତ ବହୁ ଚାଷୀ ବାପା କିମ୍ବା ଜେଜେବାପାଙ୍କ ନାମରେ ଥିବା ଜମିରେ ଚାଷ କରୁଛନ୍ତି। ଜମିର ଉତ୍ତରାଧିକାରୀ ରେକର୍ଡ ସଂଶୋଧନ ହୋଇ ନ ଥିଲେ ଏଗ୍ରିଷ୍ଟାକ୍ ପଞ୍ଜୀକରଣରୁ ଆରମ୍ଭ କରି ଟୋକନ୍ ପାଇବା ପର୍ଯ୍ୟନ୍ତ ସମସ୍ୟା ହେବା ଆଶଙ୍କା ରହିଛି। ଅର୍ଥାତ୍ ଚାଷୀ ଚାଷ କରିବେ, ଧାନ ଉତ୍ପାଦନ କରିବେ; କିନ୍ତୁ ବିକ୍ରି କରିବା ସମୟରେ କାଗଜପତ୍ର ତାଙ୍କ ପାଇଁ ପ୍ରତିବନ୍ଧକ ହୋଇପାରେ। ଅଗଷ୍ଟ ୬ରୁ ୩୧ ତାରିଖ ମଧ୍ୟରେ ପ୍ୟାକ୍ସ କିମ୍ବା ସମବାୟ ସମିତିରେ ଚାଷୀଙ୍କ ନୂଆ ପଞ୍ଜୀକରଣ କରାଯିବ। ପୁରୁଣା ପଞ୍ଜୀକରଣର ନବୀକରଣ ବ୍ୟବସ୍ଥା ନ ଥିବାବେଳେ ଆଧାର ସଂଯୁକ୍ତ ମୋବାଇଲ୍, ବ୍ୟାଙ୍କ ଖାତା ଓ ଇ-କେୱାଇସି ଯାଞ୍ଚକୁ ଅନିବାର୍ଯ୍ୟ କରାଯାଇଛି। ଜମି ମାଲିକଙ୍କ ସମ୍ମତିପତ୍ର ସହ ଉଭୟଙ୍କୁ ସମିତିରେ ଉପସ୍ଥିତ ରହି ଲାଇଭ୍ ଇ-କେୱାଇସି କରିବାକୁ ପଡ଼ିବ। ଚକ୍ଷୁ ସ୍କାନ୍ ମାଧ୍ୟମରେ ଯାଞ୍ଚ ବ୍ୟବସ୍ଥା ରହିଛି। ଜମି ମାଲିକ ଦୂରରେ ରହୁଥିବା କ୍ଷେତ୍ରରେ ଏହା ଭାଗଚାଷୀଙ୍କ ପାଇଁ ବଡ଼ ଅସୁବିଧା ହୋଇପାରେ। ଧାମନଗରର ୧୨ଟି ସେବା ସମବାୟ ସମିତି ଉପରେ ଚାଷୀ ପଞ୍ଜୀକରଣ ଓ ଧାନ ସଂଗ୍ରହର ଦାୟିତ୍ୱ ରହିଛି। ଏଥର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଧାନ ସଂଗ୍ରହରୁ ବାଦ୍ ଦିଆଯାଇ କେବଳ ସମବାୟ ସମିତି ଓ ପାଣି ପଞ୍ଚାୟତ ମାଧ୍ୟମରେ ଧାନ ସଂଗ୍ରହ କରାଯିବା ବ୍ୟବସ୍ଥା ହୋଇଛି। ଧାମନଗରରେ ନୂଆ ନିୟମ ଯୋଗୁଁ ପ୍ରାୟ ୮୦ ପ୍ରତିଶତ ଚାଷୀ ପ୍ରଭାବିତ ହୋଇପାରନ୍ତି ବୋଲି ସ୍ଥାନୀୟ ଅଞ୍ଚଳରେ ଆଶଙ୍କା ପ୍ରକାଶ ପାଇଛି। ତେବେ ଏହି ସଂଖ୍ୟାର ସରକାରୀ ପୁଷ୍ଟି ହୋଇନାହିଁ। ଜମି ରେକର୍ଡ ସଂଶୋଧନ, ଏଗ୍ରିଷ୍ଟାକ୍ ପଞ୍ଜୀକରଣ ଓ ଟୋକନ୍ ପ୍ରକ୍ରିୟାରେ ଯେଉଁ ଚାଷୀମାନେ ଅଟକିଯାଉଛନ୍ତି, ସେମାନଙ୍କ ପାଇଁ ପ୍ରଶାସନ ତୁରନ୍ତ ସରଳ ବ୍ୟବସ୍ଥା କରିବାକୁ ଦାବି ହେଉଛି। ନଚେତ୍ ନୂଆ ଧାନ ସଂଗ୍ରହ ନୀତି ଧାମନଗରର ପ୍ରକୃତ ଚାଷୀଙ୍କ ପାଇଁ ସୁବିଧା ନୁହେଁ, ବରଂ ନୂଆ ସମସ୍ୟାର କାରଣ ହୋଇପାରେ।

- ନିଜ ନାମରେ ଜମି ନ ଥିଲେ ଟୋକନ ଅନିଶ୍ଚିତତା
- ପୂର୍ବପୁରୁଷଙ୍କ ଜମିରେ ଚାଷ କରୁଥିବା ଚାଷୀ ଚିନ୍ତାରେ
- ୮୦ ପ୍ରତିଶତ ଚାଷୀ ପ୍ରଭାବିତ ହେବା ଆଶଙ୍କା

## ମନମୋହନ ପଣ୍ଡାଙ୍କ ସ୍ମୃତିଚାରଣ ସଭା

ଅସୁରାଳି,୧୧।୮ (ସମିସ): ଧୂଷୁରୀ ଏନ୍‌ଏସି ଅଧୀନ ପତ୍ରିସାହି ଗ୍ରାମର ସମାଜସେବୀ ତଥା ସଫଳ ବ୍ୟବସାୟୀ ମନମୋହନ ପଣ୍ଡାଙ୍କ ଦ୍ୱାଦଶାହ ଉପଲକ୍ଷେ ଏକ ସ୍ମୃତିଚାରଣ ସଭା ଅଧ୍ୟାପକ ରବୀନ୍ଦ୍ର ବେହୁରିଆଙ୍କ ସଞ୍ଚାଳନାରେ ତାଙ୍କର ପୈତୃକ ଗ୍ରାମ ପତ୍ରିସାହିଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସ୍ମୃତିସଭାରେ ଧାମନଗରର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, କୃଷକ ନେତା ତଥା ଧୂଷୁରୀ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଚନ୍ଦ୍ରଶେଖର ନାୟକ, ସମ୍ପାଦକ ଦୁର୍ଯ୍ୟୋଧନ ତରାଇ, ବରିଷ୍ଠ ସାମ୍ବାଦିକ ତଥା ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ ଦାସ, ସାମ୍ବାଦିକ ଅନନ୍ତ ସାହୁ, ସ୍ୱାଧୀନତା ସଂଗ୍ରାମୀ ଯୁଧିଷ୍ଠିର ନାୟକ ସ୍ମୃତି ସଂସଦର ସଭାପତି ରତିକାନ୍ତ ନାୟକ, ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ସମାଜସେବୀ ସଦାଶିବ ପୋଥାଳ, ସନ୍ଦୀପ ସ୍ୱାଇଁ, ରାକେଶ ବେହେରା, ଅଧ୍ୟାପକ ଚିନ୍ମୟ ଜେନା, ଡ. ପ୍ରଶାନ୍ତ ପରିଡ଼ା, ରମେଶ ବେହେରା, ନିମାଇଁ ବାରିକ, ଦିଗମ୍ବର ମିଶ୍ର, କ୍ଷୀରୋଦ ବଳ, ପ୍ରଦୀପ ନାୟକ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାକୁ ପରିଚାଳନା କରିଥିଲେ ପୁତ୍ର ଶଶିକାନ୍ତ ପଣ୍ଡା, ପ୍ରଶାନ୍ତ ପଣ୍ଡା, ରମାକାନ୍ତ ପଣ୍ଡା, ରଜନୀକାନ୍ତ ପଣ୍ଡା, ନିଶିକାନ୍ତ ପଣ୍ଡା ଏବଂ ଯୁବ ସାମ୍ବାଦିକ ଲକ୍ଷ୍ମୀନାରାୟଣ ମିଶ୍ର।



## ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ବନ୍ତ/ଆଗରପଡ଼ା,୧୧।୮ (ସମିସ): ବନ୍ତ ବ୍ଲକ୍ ଅନ୍ତର୍ଗତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, କାଦବରାଙ୍ଗଠାରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ୨୦୨୬-୨୭ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ସଭାପତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ସଭା ଉଦ୍‌ଘାଟନ କରିଥିବାବେଳେ କାଦବରାଙ୍ଗ କ୍ଲଷ୍ଟର ସିଆର୍‌ସିସି ପ୍ରଦୀପ ପଲାଇ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନୀ ଭାଷଣ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ମାନସ ସେଠୀ ସଭା ପରିଚାଳନା କରିଥିବାବେଳେ ସମ୍ପାଦିକା ପୁଷ୍ପଲତା ଗିରି ଓ କୋଷାଧ୍ୟକ୍ଷ ଭୀଷ୍ମ ନାରାୟଣ ଗିରି ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିଆର୍‌ସିସି ପରମେଶ୍ୱର ପୃଷ୍ଟି, ପ୍ରଫୁଲ୍ଲ ସାହୁ, ଦୀପକ ପ୍ରଧାନ ପ୍ରମୁଖ ଅତିଥି ତଥା ବିଚାରପତି ରୂପେ ଯୋଗଦେଇ ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ପରେ ପିଲାଙ୍କ ସ୍ଥାନ ନିରୂପଣ କରିଥିଲେ। ଶେଷରେ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ବିଦ୍ୟାଳୟର ଗୁରୁମା' ସୁମିତ୍ରା ପେଡ଼ି ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଗୁରୁଜୀ/ଗୁରୁମା' ଗାୟତ୍ରୀ ପଲାଇ, ପ୍ରିୟଙ୍କା ନାୟକ, ପ୍ରକାଶ ରାଉତ, ସଜନୀ ଲେଙ୍କା, ସୁକାନ୍ତି ମାଝୀ, ଅନିମା ବେହେରା, ସୁଚରିତା ପାଣିଗ୍ରାହୀ, ଚିନ୍ମୟ ରାଉତ, ଲିଜାରାଣୀ ନାୟକ, ଗୋ÷ତମୀ ପଣ୍ଡା, ଅନସୂୟା ସେଠୀ, ପ୍ଲାବିନୀ ପାଣି ପ୍ରମୁଖ ସହଯୋଗ କରିଥିଲେ।

## ନୂଆ ଅପରାଧିକ ଆଇନ ଓ ସାଇବର କ୍ରାଇମ୍ ସଚେତନତା




ତିହିଡ଼ି,୧୧।୮ (ସମିସ): ତିହିଡ଼ି ବ୍ଲକ୍ ତାଳପଦାସ୍ଥିତ ମାଣିକଲାଲ୍ ଉଚ୍ଚ ମାଧ୍ୟମିକ ମହିଳା ବିଦ୍ୟାଳୟରେ ମଙ୍ଗଳବାର ତିହିଡ଼ି ପୁଲିସ ପକ୍ଷରୁ ନୂଆ ଅପରାଧିକ ଆଇନ ଓ ସାଇବର କ୍ରାଇମ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜର ପୂର୍ବତନ ଅଧ୍ୟକ୍ଷ ଗିରିଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ତହସିଲଦାର ସୁଭାଶିଷ ସାହୁ, ଅତିରିକ୍ତ ତହସିଲଦାର ସତୀଶ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ମଣିଷ ନିଜ ନିଜ ମୋବାଇଲ୍‌କୁ ନିୟନ୍ତ୍ରଣରେ ରଖି ବ୍ୟବହାର କଲେ ସାଇବର ଠକେଇରୁ ବର୍ତ୍ତିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଯୋଗଦେଇ ନୂଆ ଅପରାଧିକ ଆଇନର ବିଭିନ୍ନ ଦିଗ ଓ ଦଣ୍ଡ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରପ୍ରାପ୍ତ ଅଧ୍ୟାପିକା ସୁଜାତା ମହାପାତ୍ର, ମଧୁସ୍ମିତା ନାୟକ, ଅଞ୍ଜଳି ମହାନ୍ତି, ସଞ୍ଜିତା ଦ୍ୱିବେଦୀ, ଅଞ୍ଜନ ଶତପଥୀ, ସୁଜାତା ପାଢ଼ୀ, ଅନୁସୟା ଶତପଥୀ, ଏସ୍‌ଆଇ ପ୍ରକାଶ ନାୟକ, ଏଏସ୍‌ଆଇ ଲକ୍ଷ୍ମଣ ଟୁଡୁ ପ୍ରମୁଖଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## 'ଯୁବଶକ୍ତି ଟ୍ରଷ୍ଟ' ପକ୍ଷରୁ ସମ୍ବର୍ଦ୍ଧନା ସଭା

ଅସୁରାଳି,୧୧।୮ (ସମିସ)

'କ୍ରାନ୍ତି କେବଳ ପରିବର୍ତ୍ତନର ନାମ ନୁହେଁ, ଏହା ଦାୟିତ୍ୱ ନେବାର ସଙ୍କଳ୍ପ। ଯେତେବେଳେ ଯୁବଶକ୍ତି ଜାଗ୍ରତ ହୁଏ, ସେତେବେଳେ କ୍ରାନ୍ତି ହିଁ ସତ୍ୟ ଓ କର୍ତ୍ତବ୍ୟ ପାଳଟେ।' ଏହି ମହାନ ଚିନ୍ତାଧାରାକୁ ଆଧାର କରି କ୍ରାନ୍ତି ଦିବସ ପାଳନ ଅବସରରେ 'ଯୁବଶକ୍ତି ଟ୍ରଷ୍ଟ' ପକ୍ଷରୁ ଏକ ବିଶେଷ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ପ୍ରତିଷ୍ଠାତା ଅମିତ୍ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମାଜ ପ୍ରତି ନିଷ୍ଠାପର ସେବା ଓ ନିରପେକ୍ଷ ଖବର ପରିବେଷଣ ପାଇଁ ୩ଜଣ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ଓ ସାମ୍ବାଦିକମାନଙ୍କ ନିରବଚ୍ଛିନ୍ନ ସାଧନାକୁ ସ୍ୱୀକୃତି ଦେଇ ଏହି ଅବସରରେ ସାମ୍ବାଦିକ ସନ୍ତୋଷ ଦାସ, ସାମ୍ବାଦିକ ରତିକାନ୍ତ ନାୟକ ଏବଂ ସାମ୍ବାଦିକ ଅନନ୍ତ ସାହୁଙ୍କୁ ଟ୍ରଷ୍ଟ ପକ୍ଷରୁ ଆନୁଷ୍ଠାନିକ ଭାବେ ଉତ୍ତରୀୟ ଓ ସମ୍ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଟ୍ରଷ୍ଟର ପ୍ରତିଷ୍ଠାତା ଅମିତ୍ ମଲ୍ଲିକ କହିଥିଲେ ଯେ, ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ଯୁବଶକ୍ତିର ଜାଗରଣ ଆବଶ୍ୟକ। ସାମ୍ବାଦିକମାନେ ସମାଜର ଦର୍ପଣ ସାଜି ଲୋକଙ୍କ ସମସ୍ୟା ପ୍ରଶାସନ ନିକଟରେ ପହଞ୍ଚାଇବା ସହ ସତ୍ୟ ପ୍ରକାଶ କରିବା ଦିଗରେ ନିଜର ଦାୟିତ୍ୱ ନିର୍ବାହ କରୁଛନ୍ତି। କ୍ରାନ୍ତି ଦିବସରେ ଏହିପରି ନିଷ୍ଠାପର କର୍ତ୍ତବ୍ୟରତ ସାମ୍ବାଦିକମାନଙ୍କୁ ସମ୍ମାନିତ କରିବା ଯୁବସମାଜକୁ ଆଗକୁ ବଢ଼ିବା ପାଇଁ ପ୍ରେରଣା ଯୋଗାଇବ। ଏହି ସମ୍ବର୍ଦ୍ଧନା ସଭାରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତଥା ସ୍ୱାଗତିକା ମହାନ୍ତି, ବିଦ୍ୟାଶା ପ୍ରିୟଦର୍ଶିନୀ, ଲୋରା ମହାପାତ୍ର, ଏଲିନା ଦାଶ, ଆଶିଷ ରାଉତ, ଜଗଦିଶ ବେହେରା, ଚିନ୍ମୟ ପଟ୍ଟନାୟକ, ଅମ୍ରିତ ପାଟଯୋଷୀ ଓ ପ୍ରମୁଖ ବୁଦ୍ଧିଜୀବୀ ଯୋଗଦେଇ ନବସୃଜନ, ସମାଜସେବା ଓ ଦେଶ ଗଠନରେ ଯୁବସମାଜର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବର୍ଦ୍ଧିତ ସାମ୍ବାଦିକମାନେ ଏହି ସମ୍ମାନ ପାଇଁ ଯୁବଶକ୍ତି ଟ୍ରଷ୍ଟ ଏବଂ ପ୍ରତିଷ୍ଠାତା ଅମିତ୍ ମଲ୍ଲିକଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇବା ସହ ଆଗାମୀ ଦିନରେ ନିର୍ଭୟ ଓ ପକ୍ଷପାତରେ ଜନସାଧାରଣଙ୍କ ସ୍ୱର ସାଜିବାକୁ ପ୍ରତିଶ୍ରୁତି ଦେଇଛନ୍ତି।




ସ୍ୱାସ୍ଥ୍ୟ ବିଭାଗର ନିର୍ମାଣ କାର୍ଯ୍ୟରେ ଅନିୟମିତତା ଅଭିଯୋଗ

# ନାହିଁ ସୂଚନାଫଳକ; ୩ କୋଟି ଟଙ୍କା ହଡ଼ପ ଲକ୍ଷ୍ୟ

ଅସୁରାଳି,୧୧।୮ (ସମିସ)

ସରକାରୀ ତହବିଲ୍‌ରୁ କୋଟି କୋଟି ଟଙ୍କା ପାଣି ଭଳି ବୋହିଯାଉଛି। ହେଲେ ପ୍ରକଳ୍ପ କାମରେ ଚାଲିଛି ଖୋଲାଖୋଲି ହେର୍‌ଫେର୍। ଧୂଷୁରୀଠାରେ ୩ କୋଟି ଟଙ୍କାର ଅଟକଳ ମୂଲ୍ୟରେ ନିର୍ମାଣ ହେଉଥିବା ନୂତନ ଏରିଆ ହସ୍ପିଟାଲ କାର୍ଯ୍ୟକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକଳ୍ପର ଭିତ୍ତିପ୍ରସ୍ତରଠାରୁ ଆରମ୍ଭ କରି କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ସବୁଥିରେ ଅନିୟମିତତାର କଳାଛାଇ ଦେଖିବାକୁ ମିଳିଛି। ସାଧାରଣତଃ ଯେକୌଣସି ବୃହତ୍ ନିର୍ମାଣ କାର୍ଯ୍ୟରେ ସ୍ଥାୟିତ୍ୱ ଓ ଗୁଣବତ୍ତା ବଜାୟ ରଖିବା ପାଇଁ ଭିତ୍ତିଭୂମିରେ "ବାଲି ଫିଲିଂ" କରାଯିବା ନିୟମ ରହିଛି। ମାତ୍ର ଧୂଷୁରୀ ହସ୍ପିଟାଲ କାର୍ଯ୍ୟରେ ବିଭାଗୀୟ ଅଫିସର ଓ ଠିକାଦାରଙ୍କ ସଲାସୁତରା ଯୋଗୁଁ ବାଲି ବଦଳରେ ବ୍ୟାପକ ମାଟି ଫିଲିଂ କରାଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରୋଗୀଙ୍କ ସେବା ଓ ଜନସ୍ୱାର୍ଥ ସହ ଜଡ଼ିତ ଏହି ହସ୍ପିଟାଲଟି ନିର୍ମାଣ ଶେଷ ହେବା ପୂର୍ବରୁ ହିଁ ଏହାର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। "ହସ୍ପିଟାଲ ଭଳି ଏକ ସମ୍ବେଦନଶୀଳ ପ୍ରକଳ୍ପରେ ଯଦି ଆରମ୍ଭରୁ ଏଭଳି ନିମ୍ନମାନର କାମ କରାଯିବ, ତେବେ ଆଗକୁ ଏହାର ସ୍ଥାୟିତ୍ୱ କେତେ ଦିନ ରହିବ ବୋଲି କ୍ଷୋଭର ସହ ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବାସିନ୍ଦା। କୋଟି କୋଟି ଟଙ୍କା ଆତ୍ମସାତ୍ କରିବା ପାଇଁ ଠିକାଦାର ମନମୁଖୀ ଭାବେ ନିର୍ମାଣ କାର୍ଯ୍ୟ ଚଳାଇଥିବାବେଳେ ପ୍ରଶାସନ କାହିଁକି ନିରବଦ୍ରଷ୍ଟା ସାଜିଛି, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନିୟମିତତା ସମ୍ପର୍କରେ ଯନ୍ତ୍ରୀ ମନୋରଞ୍ଜନ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଅଭିଯୋଗ ଭିତ୍ତିରେ ତଦନ୍ତ କରାଯାଇ ଭର୍ତ୍ତି କରାଯାଇଥିବା ମାଟିକୁ ତୁରନ୍ତ କାଢ଼ି ଦିଆଯିବ। ସେଠାରେ ସରକାରୀ ନିୟମାବଳୀ ଅନୁଯାୟୀ ବାଲି ଫିଲିଂ କରାଯାଇ ପୁନର୍ବାର ନିର୍ମାଣ କାର୍ଯ୍ୟ ଆଗକୁ ବଢ଼ାଯିବ।



### ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ କାମରେ ଦୁର୍ନୀତି ପ୍ରସଙ୍ଗ

# ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଭଞ୍ଜସେନାର ଘେରଉ ସ୍ଥଗିତ

ଉଦଳା, ୧୧।୮ (ସମିସ)



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡସ୍ଥ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟ ଅଧୀନସ୍ଥ ବରିଷ୍ଠ ଅଧିକାରୀଙ୍କ ଠିକାଦାରଙ୍କ ସହିତ ମଧୁଚନ୍ଦ୍ରିକା ଯୋଗୁଁ ସେଠାକାର ସରକାରୀ ଅର୍ଥର ବ୍ୟାପକ ହେରଫେର ହେବା ନେଇ ଅଭିଯୋଗ ହେବା ପରେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଭଞ୍ଜସେନା ଘେରଉ ଯୋଜନାକୁ ସ୍ଥଗିତ ରଖାଯାଇଥିବା ଜଣାପଡ଼ିଛି।

ଗତ ଆର୍ଥିକ ବର୍ଷରେ ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସ ଦ୍ୱାରା ସମ୍ପାଦିତ ହୋଇଥିବା ଏସ୍ଆର ଓ ଆୱାର୍ଡ କାର୍ଯ୍ୟର ଏକ ଉଚ୍ଚସ୍ତରୀୟ ତଦନ୍ତ କରାଯାଉ। ମହିଷାସୁର-ପଦ୍ମପୋଖରୀ ଓ ଉଦଳା-ଦୁଗଧା-କୁଣ୍ଡାବାଇ (ମୁଖ୍ୟମନ୍ତ୍ରୀ ସଡକ ଯୋଜନା) କାର୍ଯ୍ୟରେ ବ୍ୟବହୃତ ହେଉଥିବା ସମସ୍ତ ସମାଗ୍ରୀର ମାନ ତଦାରଖ କରିବା ସହିତ ବିଭାଗ ସହିତ ଚୁକ୍ତିକୁ ସମ୍ପୂର୍ଣ୍ଣ ଭାବେ ଉଲ୍ଲଙ୍ଘନ କରି ଲାଭ ପାଇବା ଆଶାରେ ହେଉଥିବା କାର୍ଯ୍ୟକୁ ଚୁକ୍ତି ନିୟମ ଅନୁଯାୟୀ କରାଯାଉ। ଉଦଳା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀଙ୍କ ବେଆଇନ ସମ୍ପତ୍ତିର ଠିକ୍ ଆକଳନ କରିବା ସହିତ ଚାଲୁ ରହିଥିବା ଦୁର୍ନୀତିର ତଦନ୍ତ ରାଜ୍ୟ ଭିଜିଲାନ୍ସ ବିଭାଗକୁ ହସ୍ତାନ୍ତର କରାଯାଉ। ଦୁର୍ନୀତିକୁ ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ସହିତ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ କଠୋର କାର୍ଯ୍ୟାନୁଷ୍ଠାନ ନେବାର ପ୍ରତିଶ୍ରୁତି ଦେଇଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆମ୍ଭେ ଦେଇଥିବା ଅଭିଯୋଗ ବାବଦରେ ଯଥାଶୀଘ୍ର ସଠିକ ଭାବରେ ତଦନ୍ତ କରି ଦୋଷୀଙ୍କ ବିରୁଦ୍ଧରେ ମଧ୍ୟ କଠୋର ପଦକ୍ଷେପ ଗ୍ରହଣ କରି ନ ଥିବାରୁ ପୂର୍ବରୁ ଉଦଳାସ୍ଥିତ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯାଇଥିଲା। ବିଭାଗ ପକ୍ଷରୁ ଆଗାମୀ ଦିନରେ ଏଥିପ୍ରତି ଦୃଷ୍ଟି ନ ଦେଲେ ଅଗଷ୍ଟ ୧୨ ତାରିଖ ବୁଧବାର ଦିନ ଗ୍ରାମ୍ୟ ଉନ୍ନୟନ ବିଭାଗ ବାରିପଦାସ୍ଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରଉ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା।

ସେଥିନିମନ୍ତେ ଆସନ୍ତାକାଲିର ଘେରଉ ସକାଶେ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଥିବାବେଳେ ଆଜି ଅପରାହ୍ନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଉଦଳା ଅଧୀକ୍ଷଣ ଯନ୍ତ୍ରୀ ସତ୍ୟବ୍ରତ ନାୟକଙ୍କ ନିମନ୍ତ୍ରଣ କ୍ରମେ ଭଞ୍ଜସେନା କପ୍ତିପଦା ଉପଖଣ୍ଡ ଶାଖା ସଭାପତି ରାକେଶ ପଣ୍ଡା ଓ ବରିଷ୍ଠ ସଦସ୍ୟ ରାଜକିରଣ ରାଉତ ପ୍ରମୁଖ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଉକ୍ତ ନିମ୍ନମାନର କାର୍ଯ୍ୟ ବାବାଦରେ ସବିଶେଷ ଆଲୋଚନା ହୋଇଥିଲା ଓ ଅଧୀକ୍ଷଣ ଯନ୍ତ୍ରୀ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଅଧୀକ୍ଷଣ ଯନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ସଂଗଠନ ପକ୍ଷରୁ ଆସନ୍ତାକାଲିର ଘେରଉ କାର୍ଯ୍ୟକ୍ରମ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଆଗାମୀ ୧୦ ଦିନ ମଧ୍ୟରେ ତଦନ୍ତ ତ୍ୱରାନ୍ୱିତ ନ ହେଲେ ପୁନର୍ବାର ବାରିପଦାସ୍ଥ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯିବ ବୋଲି କପ୍ତିପଦା ଉପଖଣ୍ଡ ସଭାପତି ରାକେଶ ପଣ୍ଡା ସୂଚନା ଦେଇଛନ୍ତି।

## ବଡ଼ବିଲ ପୁଲିସର ସାଇବର ସଚେତନତା କାର୍ଯ୍ୟକ୍ରମ



ବଡ଼ବିଲ,୧୧।୮ (ସମିସ): ଡିଜିଟାଲ ଯୁଗରେ ବଢୁଥିବା ସାଇବର ଅପରାଧ ସମ୍ପର୍କରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କୁ ସଚେତନ କରିବା ଲକ୍ଷ୍ୟରେ ବଡ଼ବିଲ ପୁଲିସ ପକ୍ଷରୁ ସ୍ଥାନୀୟ ସେଣ୍ଟ ମେରୀ ସ୍କୁଲ ପରିସରରେ ଏକ ସାଇବର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁଲିସ ଅଧିକାରୀମାନେ ସାଇବର ଅପରାଧର ବିଭିନ୍ନ ଦିଗ ଏବଂ ଏଥିରୁ ସୁରକ୍ଷିତ ରହିବାର ଉପାୟ ସମ୍ପର୍କରେ ବିସ୍ତୃତ ଭାବେ ବୁଝାଇଥିଲେ। ଅନ୍‌ଲାଇନ୍ ଆର୍ଥିକ ଠକେଇ, ଫିସିଂ, ଓଟିପି ଠକେଇ, ନକଲି ସୋସିଆଲ ମିଡିଆ ପ୍ରୋଫାଇଲ, ସାଇବର ବୁଲିଂ, ପରିଚୟ ଚୋରି, ଅନଲାଇନ ଗେମିଂ ଠକେଇ ଏବଂ ମିଥ୍ୟା ନିବେଶ ଯୋଜନା ଭଳି ବିଭିନ୍ନ ସାଇବର ଅପରାଧ ସମ୍ପର୍କରେ ପୁଲିସ ପକ୍ଷରୁ ସଚେତନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କୁ ଅଜଣା ବ୍ୟକ୍ତିଙ୍କ ସହ ନିଜର ବ୍ୟକ୍ତିଗତ ତଥ୍ୟ, ପାସୱାର୍ଡ, ବ୍ୟାଙ୍କ ଖାତା ବିବରଣୀ କିମ୍ବା ଓଟିପି କୌଣସି ପରିସ୍ଥିତିରେ ଅଂଶୀଦାର ନକରିବାକୁ ପରାମର୍ଶ ଦିଆଯାଇଥିଲା। ଏଥିସହ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର, ସାଇବର ହାଇଜିନ୍ ଏବଂ ଡିଜିଟାଲ ଉପକରଣର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ନେଇ ମଧ୍ୟ ସଚେତନ କରାଯାଇଥିଲା। କୌଣସି ପ୍ରକାର ସାଇବର ଠକେଇର ଶିକାର ହେଲେ ତୁରନ୍ତ ଜାତୀୟ ସାଇବର କ୍ରାଇମ୍ ହେଲ୍ପଲାଇନ୍ ନମ୍ବର ୧୯୩୦ରେ ଯୋଗାଯୋଗ କରିବା ସହ ଜାତୀୟ ସାଇବର କ୍ରାଇମ୍ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ଅଭିଯୋଗ କରିବାକୁ ପୁଲିସ ପରାମର୍ଶ ଦେଇଥିଲା। ଏହି କାର୍ଯ୍ୟକ୍ରମରେ ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ ଓ ଥାନା ଅଧିକାରୀ ଅଶୋକ କୁମାର ନାୟକଙ୍କ ସହ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ କର୍ତ୍ତୃପକ୍ଷ ସକ୍ରିୟ ଭାବେ ଯୋଗଦେଇଥିଲେ। ସାଇବର ସୁରକ୍ଷା ଓ ଅନଲାଇନ ସୁରକ୍ଷିତ ବ୍ୟବହାର ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବଡ଼ବିଲ ପୁଲିସର ଏହି ପଦକ୍ଷେପକୁ ସ୍କୁଲ କର୍ତ୍ତୃପକ୍ଷ ଓ ଉପସ୍ଥିତ ଅଭିଭାବକମାନେ ପ୍ରଶଂସା କରିଥିଲେ। ସାଇବର ସଚେତନତା, ପ୍ରତିରୋଧ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ମାଧ୍ୟମରେ ସୁରକ୍ଷିତ ଡିଜିଟାଲ ପରିବେଶ ଗଠନ ପାଇଁ ବଡ଼ବିଲ ପୁଲିସର ଉଦ୍ୟମ ଜାରି ରହିବ ବୋଲି ଶ୍ରୀ ପିଙ୍ଗୁଆ କହିଥିଲେ।

## ଦୋକାନରେ ଭଙ୍ଗାରୁଜା ଓ ମହିଳାଙ୍କୁ ଆକ୍ରମଣ ଅଭିଯୋଗ

ମୋରଡା,୧୧।୮ (ସମିସ): ମୋରଡା ଥାନା ଅଧୀନ ଚିତ୍ରଡା ଗ୍ରାମର ଜଣେ ମହିଳାଙ୍କୁ ଉକ୍ତ ଗ୍ରାମର ଦୁଇଜଣ ଯୁବକ ଆକ୍ରମଣ କରିବା ସହ ଦୋକାନରେ ଭଙ୍ଗାରୁଜା କରିଥିବା ଅଭିଯୋଗ ହେଉଛି। ଚିତ୍ରଡା ଗ୍ରାମର ମୀନା ମହାନ୍ତ ସୋମବାର ରାତି ୮ଟା ସମୟରେ ତାଙ୍କ ଘର ଦୋକାନରେ ବସିଥିବା ସମୟରେ ସେହି ଗ୍ରାମର ସ୍ୱର୍ଗତ ବିମଳ ମହାନ୍ତଙ୍କ ଦୁଇପୁଅ ଜୟନ୍ତ ମହାନ୍ତ ଓ ଯଜ୍ଞଦତ୍ତ ମହାନ୍ତ ମଦ୍ୟପାନ କରି ଆସି ଦୋକାନରେ ଥିବା ଜିନିଷପତ୍ରକୁ ଭଙ୍ଗାରୁଜା କରିଥିଲେ। ମହିଳା ଜଣକ ପ୍ରତିବାଦ କରିବାରୁ ତାଙ୍କୁ ଦୁଇଭାଇ ତାଙ୍କୁ ଖରାପ ଭାଷାରେ ଗାଳିଗୁଲଜ କରିବା ସହିତ ଧକ୍କା ମାରିଥିଲେ। ବଳାତ୍କାର କରି ତାଙ୍କ ସ୍ୱାମୀ ଓ ଝିଅକୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲେ। ମହିଳା ଜଣକ ରାତିରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗ ଆଧାରରେ ପୁଲିସ ଥାନାରେ ୩୨୫/୨୬ରେ ମାମଲା ରୁଜୁ କରିଛି। ଜୟନ୍ତ ନାମରେ ପୂର୍ବରୁ ଅନେକ ମାମଲା ରହିଥିବାବେଳେ ଯଜ୍ଞଦତ୍ତଙ୍କ ନାମରେ ମଧ୍ୟ ମାମଲା ରହିଛି। ନ୍ୟାୟ ପ୍ରଦାନ ପାଇଁ ଅଭିଯୋଗକାରିଣୀ ମୀନା ମହାନ୍ତ ପୁଲିସକୁ ଅନୁରୋଧ କରିଛନ୍ତି।

## ରୋଟାରୀ ହେରିଟେଜ୍ ପକ୍ଷରୁ ଚାରାରୋପଣ ଓ ମେଧା ପରୀକ୍ଷା




ବାରିପଦା/କୁଳିଅଣା,୧୧।୮ (ସମିସ): ରୋଟାରୀ କ୍ଲବ୍ ଅଫ ବାରିପଦା ହେରିଟେଜ ପକ୍ଷରୁ ଏକ ଚାରାରୋପଣ ଓ ମେଧା ପରୀକ୍ଷା କାର୍ଯ୍ୟକ୍ରମ କୁଳିଅଣା ବ୍ଲକ ଅନ୍ତର୍ଗତ ରଙ୍ଗୀଶୋଳ ପଞ୍ଚାୟତ ବାଳିକା ଉଚ୍ଚବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ରୋଟାରିୟାନ ତରଣୀସେନ ଧଳଙ୍କ ନେତୃତ୍ୱ ଓ ସମ୍ପାଦକ ସଂଜୀବ ଦଣ୍ଡପାଟଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ବିଦ୍ୟାଳୟ ପରିସରରେ ଆମ୍ବ, ପିଜୁଳି, ଲିଚୁ, କରମଙ୍ଗା ଓ ଗୁଆ ଇତ୍ୟାଦି ଚାରା ରୋପଣ ପରେ ଛାତ୍ରୀଙ୍କ ବୁଦ୍ଧି ପରୀକ୍ଷା କରାଯାଇଥିଲା।

ଉକ୍ତ ପରୀକ୍ଷାରେ ନବମ ଓ ଦଶମ ଶ୍ରେଣୀର ୪୦ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ଗିରିଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ସଭାପତି ଓ ସମ୍ପାଦକଙ୍କ ବ୍ୟତୀତ ରୋଟାରିୟାନ ପ୍ରଦୀପ ନାୟକ, ଅନିରୁଦ୍ଧ ପୃଷ୍ଟି, ନଳିନ ଚୌଧୁରୀ ଓ ଶୈବାଳ ନାୟକ ଉପସ୍ଥିତ ଥିଲେ। ରୋଟାରିୟାନ ଚିତ୍ତରଞ୍ଜନ ପଳତାଙ୍କ ଅତିଥି ପରିଚୟ ପରେ ଆଇପିପି ବ୍ରହ୍ମାନନ୍ଦ ପ୍ରଧାନ ପିଲାଙ୍କୁ ବୌଦ୍ଧିକ ଜ୍ଞାନ ତଥା ଉତ୍ତମ ଚରିତ୍ର ଗଠନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ରୋଟାରୀୟାନ ସନ୍ତୋଷ କାସ୍ତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

କ୍ଲବ ପକ୍ଷରୁ ଦଶମ ଶ୍ରେଣୀର ତିନିଜଣ ଗରିବ ମେଧାବୀ ଛାତ୍ରୀ ବାସନ୍ତୀ ସୋରେନ, ସମବାରୀ ମୁର୍ମୁ ଓ ପ୍ରମିଳା ସିଂଙ୍କୁ ଓଷ୍ଟା ଟେଷ୍ଟପେପର ପ୍ରଦାନ, ମେଧା ପରୀକ୍ଷାରେ ପ୍ରଥମ ହୋଇଥିବା ନବମ ଶ୍ରେଣୀ ଛାତ୍ରୀ ସ୍ୱାତୀ ସାଇସ୍ମିତା ବାରିକ, ଦ୍ୱିତୀୟ ବାସନ୍ତୀ ସୋରେନ ଓ ତୃତୀୟ ସୁଶ୍ରୀ ପ୍ରିୟଙ୍କା ମହାନ୍ତଙ୍କୁ ଟ୍ରଫି ଓ କ୍ଲବ ସଭାପତି ଶ୍ରୀ ଧଳଙ୍କ ତରଫରୁ ୨ଟି ସିଲିଂ ଫ୍ୟାନ ବିଦ୍ୟାଳୟକୁ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ପ୍ରଧାନଶିକ୍ଷକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଜଗବନ୍ଧୁ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ଶାନ୍ତନୁ ସେନାପତି, ଶିକ୍ଷୟିତ୍ରୀ ହରିପ୍ରିୟା ଗିରି, ସୁନୀତା ଆଚାର୍ଯ୍ୟ, ସସ୍ମିତା ମହାନ୍ତ, କର୍ମଚାରୀ ସନ୍ତୋଷ ମହାନ୍ତ ଓ ବନମାଳୀ ମୁର୍ମୁ ସହଯୋଗ କରିଥିଲେ।

## ଭାଲୁକୁମା ଗାଁ'ରେ ଜଳକଷ୍ଟ
## ଚୁଆ କରି ପାଣି ନେଉଛନ୍ତି ଗ୍ରାମବାସୀ



ଆନନ୍ଦପୁର,୧୧।୮ (ସମିସ): ସ୍ୱାଧୀନତାର ୭୮ ବର୍ଷ ପରେ ବି ଗାଁକୁ ଏବେ ପର୍ଯ୍ୟନ୍ତ ପହଞ୍ଚି ନାହିଁ ପିଇବାପାଣି ପାଣି ମୁନ୍ଦାଏ ପାଇଁ ଲୋକେ ହନ୍ତସନ୍ତ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଭାଲୁକୁମା ଗ୍ରାମବାସୀ ପୂର୍ବରୁ ନଦୀରୁ ଚୁଆ କରି ପାଣି ନେଉଥିବା ବେଳେ ତାହା ଗୋଳିଆ ହେଉଥିବାରୁ ଓ ମଳିଆ ପାଣି ଆସିବାରୁ ଗ୍ରାମବାସୀ ନାହିଁ ନଥିବା ହୀନସ୍ଥା ହେଉଛନ୍ତି। ବିକଳ୍ପ ବ୍ୟବସ୍ଥା ନଥିବାରୁ ଏବେ ଫାଟି ଥିବା ପାଇପ୍‌ରୁ ପାଣି ନେଉଛନ୍ତି। ପାଇପ ଯୋଗେ ପାଣି କିମ୍ବା ନଳକୂପ ବ୍ୟବସ୍ଥା ପାଇଁ ଯେତେ ଅନୁରୋଧ କଲେ ବି ଆଜି ପର୍ଯ୍ୟନ୍ତ ପିଇବା ପାଣିର ସୁବିଧା ହୋଇ ପାରିନାହିଁ। ଗାଁ'ର ମହିଳାମାନେ ଗୋଟିଏ କିଲୋମିଟର ଚାଲି ମୁଣ୍ଡରେ ଓ କାଖରେ ପାଣି ଗରା ନେଇ ରାସ୍ତା ଅତିକ୍ରମ କରିବିଭିନ୍ନ ସ୍ଥାନରୁ ପାଣି ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ସକାଳୁ ରାତି ଯାଏଁ ଏହି ଚୁଆରୁ ପାଣି ନେବାକୁ ମହିଳାମାନଙ୍କୁ ଠିଆ ହେବାକୁ ପଡ଼ିଥାଏ। ପିଇବା ପାଣି ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି।

## ବଜ୍ରପାତରେ ୪ ଗୁରୁତର

କୁଆମରା,୧୧।୮ (ସମିସ): ଆଜି ମଧ୍ୟାହ୍ନରେ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା। ଫଳରେ ବିଲରେ କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ କିଛି ଘରକୁ ପଳାଇ ଆସିଥିବାବେଳେ କେତେକ ବିଲରେ ରହି କାମ କରୁଥିଲେ। କାମ କରୁଥିବା ଶ୍ରମିକଙ୍କ ମଧ୍ୟରୁ ବଜ୍ରପାତରେ ଦୁଇ ଜଣ ପୁରୁଷ ଓ ଦୁଇଜଣ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଉଛନ୍ତି ଗୋପବନ୍ଧୁନଗର ବ୍ଲକ କୁଆମରା ଗ୍ରାମର ରାଣୀ ସିଂ (୨୦), ଲକ୍ଷ୍ମୀଧର ସିଂ (୨୮), ଦୀପା ସିଂ (୨୨) ଓ ବୁଧେଶ୍ୱର ବେହେରା (୫୫)। ସମସ୍ତଙ୍କୁ କୁଆମରା ଡାକ୍ତରଖାନା ଅଣାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିବାବେଳେ ଆଜି ସନ୍ଧ୍ୟାରେ ରାଣୀ, ଲକ୍ଷ୍ମୀଧର ଓ ଦୀପାଙ୍କୁ ସଂକଟାପନ୍ନ ଅବସ୍ଥାରେ ବାରିପଦା ପିଆରଏମ୍ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ୨ ଆହତ

ଠାକୁରମୁଣ୍ଡା,୧୧।୮ (ସମିସ): ମୟୂରଭଞ୍ଜ-କେନ୍ଦୁଝର ଜିଲ୍ଲା ସୀମାନ୍ତ ଗହଳମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଧବଣୀ ବାଙ୍କ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ବାଇକ ଦୁର୍ଘଟଣା ଘଟି ଦୁଇଜଣ ଆହତ ହୋଇଛନ୍ତି। ଆହତ ଦୁଇଜଣଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରାଯାଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜଣେ ଆହତ ଅଧିକ ଗୁରୁତର ଥିବାରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଜରକ ପଞ୍ଚାୟତ ଅନ୍ତର୍ଗତ ପାଣପୋଷୀ ଗ୍ରାମର ସୁଶୀଳ ହୋ (୨୫) ଓ ଗୋବର୍ଦ୍ଧନ ହୋ (୩୦) ଦୁଇସାଙ୍ଗ ବାଇକ ଯୋଗେ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳ ଗହଳମୁଣ୍ଡା ବାଉଁଶରାୟଠାରେ ଥିବା ମାମୁଁଘରକୁ ଯାଉଥିଲେ। ଧବଣୀ ବାଙ୍କ ନିକଟରେ ବାଇକ୍ ଭାରସାମ୍ୟ ହରାଇ ରାସ୍ତା ତଳକୁ ଖସିପଡ଼ିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରିଥିଲେ। ଗୋବର୍ଦ୍ଧନ ହୋଙ୍କ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବାବେଳେ ସୁଶୀଳ ହୋଙ୍କ ପାଦ ଓ ମୁହଁରେ ଆଘାତ ଲାଗିଛି।

## ଥାନାରୁ ଜେସିବି ଚୋରି ଘଟଣା
## ପୁଣି ଜେସିବି ଜବତ, ୪ ଗିରଫ

ରାସଗୋବିନ୍ଦପୁର,୧୧।୮ (ସମୀସ): ପୁଲିସ ଜବତ କରିଥିବା ଜେସିବି ଥାନା ପରିସରରୁ ଚୋରି ହୋଇଯିବା ଘଟଣାକୁ ନେଇ ରାସଗୋବିନ୍ଦପୁର ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ଘଟଣା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରି ସାରୁମୂଳା ଅଞ୍ଚଳରୁ ଜେସିବିକୁ ପୁଣିଥରେ ଠାବ କରି ଜବତ କରିଛି। ଏହି ଘଟଣାରେ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଦେବଶୋଳ ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଚ୍ଛିତ ଚୋରା ବାଲିକୁ ଜେସିବି ସାହାଯ୍ୟରେ ଡମ୍ପରରେ ବୋଝେଇ କରି ଚାଲାଣ କରାଯାଉଥିବା ନେଇ ପୁଲିସ ଖବର ପାଇଥିଲା। ଖବର ପାଇ ରାସଗୋବିନ୍ଦପୁର ପୁଲିସ ବିଳମ୍ବିତ ରାତିରେ ଦେବଶୋଳ ଅଞ୍ଚଳରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଡମ୍ପରଟି ଘଟଣାସ୍ଥଳରୁ ଚମ୍ପଟ ମାରିଥିବାବେଳେ ପୁଲିସ ଏକ ଜେସିବିକୁ ଜବତ କରି ଚାଳକଙ୍କ ସହ ଥାନାକୁ ଆଣିଥିଲା। ତେବେ ବିଳମ୍ବିତ ରାତିରେ ଥାନା ପରିସରରେ ରଖାଯାଇଥିବା ଜେସିବିକୁ କେତେକ ବ୍ୟକ୍ତି ନେଇ ଚମ୍ପଟ ମାରିଥିଲେ। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି ସାରୁମୂଳା ଅଞ୍ଚଳରୁ ଜେସିବିକୁ ଠାବ କରିଥିଲା। ପରେ ଏହାକୁ ପୁଣିଥରେ ଜବତ କରି ଥାନାକୁ ଅଣାଯାଇଛି। ଘଟଣା ସଂପର୍କରେ କେସ ନଂ-୪୨୫, ତାରିଖ ୦୯/୦୮/୨୦୨୬ରେ ପିଣ୍ଟୁ ତରାଇ ଓ ମହାଦେବ ବେହେରାଙ୍କ ନାମ ରହିଥିବାବେଳେ କେସ ନଂ-୪୨୭, ୦୯/୦୮/୨୦୨୬ରେ ଆଶୁତୋଷ ଘୋଷ ଓ ଦୁଃଖିରାମ ପାତ୍ରଙ୍କ ନାମ ଥିବା ଜଣାପଡ଼ିଛି। ପୁଲିସ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଜେସିବିଟି ଥାନାରୁ କିପରି ବାହାରକୁ ନିଆଯାଇଥିଲା, ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଓ ଘଟଣା ପଛରେ ବାଲି ଚାଲାଣକାରୀଙ୍କ ଭୂମିକା କ'ଣ ରହିଛି, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।

### ଶେଷ ପର୍ଯ୍ୟାୟରେ ପ୍ରସ୍ତାବିତ ବୁଢ଼ାବଳଙ୍ଗ ରିଙ୍ଗରୋଡ୍ ପ୍ରକଳ୍ପ ସର୍ଭେ
## ଉଚ୍ଛେଦ ହେବେ ୫୦ ପରିବାର

**ପୂର୍ବ ସର୍ଭେ ଅନୁସାରେ ପ୍ରକଳ୍ପ ନିର୍ମାଣ ପାଇଁ କାଉନସିଲରଙ୍କ ଦାବି**



ବାରିପଦା, ୧୧।୮ (ସମିସ): ବାରିପଦା ସହରକୁ ବନ୍ୟା ଦାଉରୁ ରକ୍ଷା କରିବା ନିମନ୍ତେ ବୁଢ଼ାବଳଙ୍ଗ ନଦୀ ପାଶ୍ୱର୍ରେ ନିର୍ମାଣ ହେବାକୁ ଥିବା ରିଙ୍ଗରୋଡ୍ ପ୍ରକଳ୍ପର ସର୍ଭେ କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ଏହି ସର୍ଭେ କାର୍ଯ୍ୟରେ ବାରିପଦା ତହସିଲଦାର ସପନ କୁମାର ସାହୁ ଓ ବାରିପଦା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ସମେତ ଅନ୍ୟ କର୍ମଚାରୀ ସାମିଲ ଥିଲେ। ରିଙ୍ଗରୋଡ୍ ନିର୍ମାଣ ନିମନ୍ତେ ପ୍ରଶାସନ ପକ୍ଷରୁ ନଦୀଆଡ଼ିରୁ ୬୬ ମିଟର ଅର୍ଥାତ ୨୧୬ ଫୁଟ ଜାଗାରେ ଥିବା ଘର ଉଚ୍ଛେଦ ନିମନ୍ତେ ସର୍ଭେ କରାଯାଇଛି। ନଦୀରୁ ୨୦ ମିଟର ଖାଲି ସ୍ଥାନ ରହିବାକୁ ଥିବାବେଳେ ବାକି ୪୬ ମିଟରରେ ରିଙ୍ଗରୋଡ୍ ହେବାକୁ ସ୍ଥିର ହୋଇଛି। ଏଥିପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଘର ଉଚ୍ଛେଦ ହେବା ଅନୁମାନ କରାଯାଉଛି। ସ୍ଥାନୀୟ କାଉନସିଲର ପ୍ରଶାନ୍ତ ବେହେରାଙ୍କ କହିବା ଅନୁଯାୟୀ ରିଙ୍ଗରୋଡ୍ ନିର୍ମାଣକୁ ଆମେ ସମର୍ଥନ କରୁଛୁ। କିନ୍ତୁ ରିଙ୍ଗରୋଡ୍ ନିର୍ମାଣ ଆଳରେ ଅଯଥା ବସ୍ତି ଉଚ୍ଛେଦକୁ ଆମେ ବିରୋଧ କରୁଛୁ। ଏହି ବସ୍ତିରେ ଦୀର୍ଘ ୪୦ ବର୍ଷ ଧରି ୪ ଶହରୁ ଉର୍ଦ୍ଧ୍ୱ ପରିବାର ସ୍ଥାୟୀ ଭାବେ ରହିଆସୁଛନ୍ତି। ନବୀନ ସରକାରଙ୍କ ସମୟରେ ରିଙ୍ଗରୋଡ୍ ନିର୍ମାଣ ନିମନ୍ତେ ଯେଉଁ ମାପ ଦିଆଯାଇଥିଲା, ସେହି ଅନୁଯାୟୀ ନିର୍ମାଣ ହେଉ ଓ ବିସ୍ଥାପିତ ହେଉଥିବା ପରିବାରକୁ ତୁରନ୍ତ ଥଇଥାନ କରାଯାଉ।

## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ତୁରୁମୁଙ୍ଗା,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ୍ ପଇତାମଜା ଗ୍ରାମର ସୁରେନ୍ଦ୍ର ମହାନ୍ତଙ୍କ ପୁଅ ଯଶୋବନ୍ତ ମହାନ୍ତ (୩୭)ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ସକାଳୁ ଖଡିବେଡା ଜଙ୍ଗଲର ଏକ ଜାମୁ ଗଛରୁ ଉଦ୍ଧାର ହୋଇଛି। ମୃତଦେହ ଝୁଲୁଥିବା ଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ଖବର ଦେଇଥିଲେ ଖବର ପାଇ ସାହାରପଡା ଫାଣ୍ଡି ପୁଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ପାଟଣା ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ବିଶ୍ୱ ହସ୍ତୀ ଦିବସ**

## ହାତୀ ସଂରକ୍ଷଣ, ସଙ୍ଘର୍ଷ ଓ ସମାଧାନ ଦିଗରେ ପଦକ୍ଷେପ ଆବଶ୍ୟକ

ବାରିପଦା, ୧୧।୮ (ସମିସ)



ଅଗଷ୍ଟ ୧୨ ତାରିଖ ବିଶ୍ୱ ହସ୍ତୀ ଦିବସ। ଧରିତ୍ରୀର ସବୁଠାରୁ ବିଶାଳକାୟ ଜୀବ ହାତୀଙ୍କ ସୁରକ୍ଷା, ସେମାନଙ୍କ ବାସସ୍ଥଳୀ ରକ୍ଷା ଓ ମଣିଷ-ହାତୀ ମଧ୍ୟରେ ସହଅସ୍ତିତ୍ୱ ବଜାୟ ରଖିବା ଏହି ଦିବସର ମୁଖ୍ୟ ଲକ୍ଷ୍ୟ। ତେବେ ରାଜ୍ୟରେ ଏବେ ମଣିଷ-ହାତୀ ସଂଘର୍ଷ ଏକ ପ୍ରମୁଖ ଚିନ୍ତାର କାରଣ ପାଲଟିଥିବାବେଳେ ଶିମିଳିପାଳ କର୍ତ୍ତୃପକ୍ଷଙ୍କ ପକ୍ଷରୁ ହାତୀଙ୍କ ସୁରକ୍ଷା ଓ ଖାଦ୍ୟ ଯୋଗାଣ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଉଛି। ଜଙ୍ଗଲ କ୍ଷୟ, ବିଶ୍ୱ ଉତ୍ତାପ ଓ ବାସସ୍ଥଳୀ ସଙ୍କୁଚିତ ହେବା ଯୋଗୁଁ ଆଜି ଜଙ୍ଗଲ ମଧ୍ୟରେ ହାତୀ ପାଣି ଓ ପ୍ରାକୃତିକ ଆହାରର ସଙ୍କଟ ସାମ୍ନା କରୁଛନ୍ତି। ଫଳରେ ହାତୀ ଖାଦ୍ୟ ଆଶାରେ ଗାଁ ଅଭିମୁଖେ ଚାଲିଆସୁଛନ୍ତି। କେବଳ ସେତିକି ନୁହେଁ, ମଣିଷର ଫସଲ ସହଜରେ ମିଳିଯାଉଥିବାରୁ ହାତୀଙ୍କ ଖାଦ୍ୟାଭ୍ୟାସରେ ମଧ୍ୟ ପରିବର୍ତ୍ତନ ଆସିଛି। ଯାହା ମଣିଷ-ହାତୀ ସଂଘର୍ଷକୁ ଆହୁରି ବଢ଼ାଇଦେଇଛି। ଜଙ୍ଗଲୁ ହାତୀ ବାହାରି ଗାଁ ମୁହାଁ ହେଲେଣି। ଧାନ, ପରିବା ସହଜରେ ମିଳିଯାଉଛି, ପରିଶ୍ରମ କରିବାକୁ ପଡୁନି। ଏହାର ସଂଶୋଧନ ପାଇଁ ଆମକୁ ଜଙ୍ଗଲରେ ଗବେଷଣା କରି ହାତୀ ଖାଉଥିବା ଗଛ, ଫଳ ଓ ବାଉଁଶ ଲଗାଇବାକୁ ପଡ଼ିବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି। ମୟୂରଭଞ୍ଜର ହୃଦୟପିଣ୍ଡ ଶିମିଳିପାଳରେ ୨୦୨୩ ଗଣନା ଅନୁଯାୟୀ ପ୍ରାୟ ୧୦୩ରୁ ଅଧିକ ସ୍ଥାୟୀ ହାତୀ ରହିଛନ୍ତି। ଏଥିସହ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗରୁ ଅନେକ ହାତୀ ଏଠାକୁ ଯାତାୟାତ କରନ୍ତି। ହାତୀଙ୍କୁ ଜଙ୍ଗଲ ମଧ୍ୟରେ ଅଟକାଇ ରଖିବା ପାଇଁ ଶିମିଳିପାଳ ଜଙ୍ଗଲ ଭିତରେ ଗତ ୨/୩ ବର୍ଷ ହେଲା ପ୍ରାକୃତିକ 'ମିଡୋ' କିମ୍ବା ତୃଣଭୂମି ସୃଷ୍ଟି କରାଯାଉଛି। ଯାହା ଦ୍ୱାରା ହାତୀଙ୍କୁ ପ୍ରଚୁର ପ୍ରାକୃତିକ ଘାସ ଓ ପାଣି ମିଳିପାରୁଛି।

ଆମେ ଗ୍ରାସଲ୍ୟାଣ୍ଡ ଓ ମିଡୋ ଉପରେ ବହୁତ ଇଣ୍ଟେନସିଭ କାମ କରୁଛୁ। ମଞ୍ଜି ସଂଗ୍ରହ କରି ମିଡୋ ପ୍ରସ୍ତୁତ କରାଯାଉଛି। ଯଦ୍ୱାରା ହାତୀଙ୍କୁ ପ୍ରଚୁର ଖାଦ୍ୟ ମିଳିପାରିବ। ହାତୀ ପଲଙ୍କ ଦ୍ୱାରା ହେଉଥିବା କ୍ଷୟକ୍ଷତିର କ୍ଷତିପୂରଣ ପାଇଁ ବନବିଭାଗ 'ଅନୁକମ୍ପା' ପୋର୍ଟାଲ ମାଧ୍ୟମରେ ସର୍ଭେ କରି ଡିବିଟି ମାଧ୍ୟମରେ ପ୍ରଦାନ ସହାୟତା ରାଶି ତୁରନ୍ତ ପ୍ରଦାନ କରୁଛନ୍ତି ବୋଲି କହିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ଉପନିର୍ଦ୍ଦେଶକ (ଦକ୍ଷିଣ) ସୁମିତ କୁମାର କର। ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଭଳି ହାତୀପ୍ରବଣ ଅଞ୍ଚଳରେ ହାତୀଙ୍କ ଗତିବିଧି ନଜର ରଖିବା ପାଇଁ ସରକାର ଏଆଇ କଣ୍ଟ୍ରୋଲ୍ ଓ କମାଣ୍ଡ ସେଣ୍ଟର ଜରିଆରେ ମନିଟରିଂ କରୁଛନ୍ତି। ହାତୀ ଆସିଲେ ଲୋକଙ୍କୁ ସଚେତନ କରିବା ସହ ସେମାନଙ୍କୁ ବିରକ୍ତ ନ କରିବା ପାଇଁ ଜଙ୍ଗଲ ବିଭାଗ ନିବେଦନ କରିଛି। ସ୍କ୍ୱାଡ୍, ଟାସ୍କଫୋର୍ସ, ସବୁଜ ବାହିନୀ ଓ ସିଜିନାଲ୍ ଷ୍ଟାଫ୍‌ମାନେ ସଦାସର୍ବଦା ହାତୀମାନଙ୍କୁ ସୁରକ୍ଷିତ ଭାବେ ଜଙ୍ଗଲକୁ ଫେରାଇ ନେବା ପାଇଁ ନିୟୋଜିତ ରହିଛନ୍ତି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ କହିଛନ୍ତି। ହାତୀ କେବଳ ଜଙ୍ଗଲର ସୌନ୍ଦର୍ଯ୍ୟ ନୁହଁନ୍ତି, ପରିବେଶ ସନ୍ତୁଳନର ପ୍ରମୁଖ ବାହକ ଅଟନ୍ତି ଏମାନେ। ପ୍ରଯୁକ୍ତିବିଦ୍ୟା, ଜଙ୍ଗଲ ସୁରକ୍ଷା ଓ ମାନବୀୟ ସମ୍ବେଦନଶୀଳତା ଦ୍ୱାରା ହିଁ ମଣିଷ-ହାତୀ ସଂଘର୍ଷକୁ ରୋକିବାରେ ସହାୟକ ହୋଇପାରିବ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ଧନ ଲାଭର ଯୋଗ ରହିଛି। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ଘରକୁ ଅତିଥି ଆସିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବୃଷ:** ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଅନ୍ତୁ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ସାମାଜିକ କାର୍ଯ୍ୟରେ ସାମିଲ ରହିପାରନ୍ତି।

**ମିଥୁନ:** ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ। ଜୀବନସାଥୀଙ୍କୁ ସମୟ ଦେବେ।

**କର୍କଟ:** ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଖର୍ଚ୍ଚ ବଢ଼ିପାରେ।

**ସିଂହ:** ଦିନଟି ହସଖୁସିରେ କଟିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ଅଚାନକ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ।

**କନ୍ୟା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଦାନ ଧର୍ମ କରିବେ।

**ତୁଳା:** ବ୍ୟବସାୟରେ କ୍ଷତି ସହି ପାରନ୍ତି। ଚିନ୍ତାଗ୍ରସ୍ତ ରହିବେ। ପାରିବାରିକ ବିବାଦ ଦେଖା ଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖିବେ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ।

**ବିଛା:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିପାରନ୍ତି। ବନ୍ଧୁମିଳନ ଯୋଗ ଅଛି। ଆଶା ପୂରଣ ହେବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତା ବଢ଼ିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ଧନୁ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଚିନ୍ତାଗ୍ରସ୍ତ ରହିପାରନ୍ତି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମକର:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେଇପାରେ। ସମ୍ପର୍କୀୟଙ୍କ ସହଯୋଗ ମିଳିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କୁମ୍ଭ:** ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିପାରନ୍ତି। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ବନ୍ଧୁ ମିଳନ ଯୋଗ ଅଛି। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚକ୍ଷୁ ସମସ୍ୟା ଦେଖା ଦେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

## ଆଜିର ଇତିହାସ

- ୧୮୩୩- ଆମେରିକାର ସିକାଗୋ ସହରର ସ୍ଥାପନା।
- ୧୯୦୯- ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ଦିବସ।
- ୧୯୧୯: ପ୍ରସିଦ୍ଧ ମହାକାଶ ବିଜ୍ଞାନୀ ତଥା ଇସ୍ରୋର ପ୍ରତିଷ୍ଠାତା ବିକ୍ରମ ସାରାଭାଇଙ୍କ ଜନ୍ମ।
- ୧୯୭୧- ସାଲେପୁର ମିଠାର ଜନକ ବିକଳାନନ୍ଦ କରଙ୍କ ଦେହାନ୍ତ।
- ୨୦୧୨- ଓଡ଼ିଆ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଭଗବାନ ସାହୁଙ୍କ ବିୟୋଗ।

# ଅନ୍ତର୍ଜାତୀୟ ଯୁବ ଦିବସ



ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ ସାରା ବିଶ୍ୱରେ ଅନ୍ତର୍ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଏ। ଯୁବପିଢ଼ିଙ୍କ ସମସ୍ୟା, ସେମାନଙ୍କର ଆବଶ୍ୟକତା ଉପରେ ଧ୍ୟାନ ଆକର୍ଷଣ କରିବା ଏବଂ ସମାଜର ବିକାଶରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନ ଜଣାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ଅଟେ। ମିଳିତ ଜାତିସଂଘ ଦ୍ୱାରା ଏହି ଦିବସଟି ଆନୁଷ୍ଠାନିକ ଭାବେ ପାଳନ କରାଯାଇ ଆସୁଛି। ଯୁବପିଢ଼ି କିପରି ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି, ତାକୁ ରେଖାଙ୍କିତ କରିବା ଏହି ଦିବସର ଲକ୍ଷ୍ୟ। 'ଅନ୍ତର୍ଜାତୀୟ ଯୁବ ଦିବସ' ପ୍ରଥମେ ୧୨ ଅଗଷ୍ଟ, ୨୦୦୦ରେ ପାଳନ କରାଯାଇଥିଲା। ମିଳିତ ଜାତିସଂଘର ସାଧାରଣ ସଭା ୧୭ ଡିସେମ୍ବର, ୧୯୯୯ରେ ଏହି ଦିନ ପାଳନ କରିବାକୁ ଏକ ସଂକଳ୍ପ ପାରିତ କରିଥିଲା। ଏହାପରେ ୨୦୦୦ରେ ପ୍ରଥମ ଥର ପାଇଁ 'ଅନ୍ତର୍ଜାତୀୟ ଯୁବ ଦିବସ' ପାଳନ କରାଯାଇଥିଲା, ଯାହା ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ବର୍ଷ ୧୨ ଅଗଷ୍ଟରେ ପାଳନ କରାଯାଉଛି। ବିଶେଷଜ୍ଞଙ୍କ ଅନୁଯାୟୀ, ସମାଜକୁ ଶିକ୍ଷିତ କରିବା, ଯୁବକମାନଙ୍କୁ ରାଜନୈତିକ କ୍ଷେତ୍ରରେ ଏକତ୍ରିତ କରିବା ଏବଂ ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା ପାଇଁ ଏହି ଦିନ ପାଳନ କରାଯାଏ। ସମସ୍ତ ଦେଶ ଯୁବ ଜନସଂଖ୍ୟା ଉପରେ ଧ୍ୟାନ ଦେବା ଉଚିତ। ଯୁବକଙ୍କ ଲାଗି ଉତ୍ତମ ସଂସ୍କାର, ଶିକ୍ଷା, ସଶକ୍ତିକରଣ ଲୋଡ଼ା। ସେମାନେ ବିଭିନ୍ନ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିଲେ ଦେଶ ସ୍ୱାବଲମ୍ବୀ ହେବ। ସେମାନଙ୍କଠାରେ ଥିବା ଅସୀମ ସମ୍ଭାବନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଏହି ଦିବସ ସ୍ମରଣ କରିଦିଏ। ଯୁବ ଦିବସ ପାଳନ ଅବସରରେ ବିଦ୍ୟାଳୟ, କଲେଜ ଏବଂ ସାମାଜିକ ସଂଗଠନଗୁଡ଼ିକ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ୨୦୨୬ ମସିହା ପାଇଁ ମିଳିତ ଜାତିସଂଘ ପକ୍ଷରୁ ଏହି ଦିବସର ବିଷୟବସ୍ତୁ "ଭିନ୍ନ ପରିବେଶ, ସମାନ ଆକାଂକ୍ଷା" ରଖାଯାଇଛି। ଏହାର ଅର୍ଥ ହେଉଛି, ପୃଥିବୀର ବିଭିନ୍ନ ପ୍ରାନ୍ତରେ ଥିବା ଯୁବପିଢ଼ିଙ୍କର ସାମାଜିକ ଓ ଆର୍ଥିକ ପରିସ୍ଥିତି ଭିନ୍ନ ହୋଇପାରେ, କିନ୍ତୁ ଏକ ସୁରକ୍ଷିତ, ସମୃଦ୍ଧ ଏବଂ ସମାନତାର ଭବିଷ୍ୟତ ଗଢ଼ିବା ପାଇଁ ସମସ୍ତଙ୍କର ଆଶା ଓ ଆକାଂକ୍ଷା ସମାନ।

# 'ବଟୱାରା ୧୯୪୭'

## ସନ୍ନିଙ୍କୁ ୬୦, ପ୍ରୀତିଙ୍କୁ ୧୦



ରାଜକୁମାର ସନ୍ତୋଷୀଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଭାରତ-ପାକିସ୍ତାନ ବିଭାଜନ ଉପରେ ଆଧାରିତ ଚଳଚ୍ଚିତ୍ର 'ବଟୱାରା ୧୯୪୭' ଆଉ ଅଳ୍ପ କେତୋଟି ଦିନ ପରେ ରିଲିଜ୍ ହେବ। ଏହି ସମୟରେ ଫିଲ୍ମର କଳାକାରମାନଙ୍କ ପାରିଶ୍ରମିକ ଖବର ସାମ୍ନାକୁ ଆସିଛି। ଫିଲ୍ମରେ ଲିଡ୍ ରୋଲରେ ନଜର ଆସିଥିବା ଅଭିନେତା ସନ୍ନି ଦେଓଲଙ୍କୁ ଏଥିପାଇଁ ବେଶ୍ ମୋଟା ଅଙ୍କର ଅର୍ଥ ମିଳିଛି। ଅନ୍ୟପଟେ ଦୀର୍ଘ ସମୟ ପରେ ମୁଖ୍ୟ ଚରିତ୍ରରେ କମବ୍ୟାକ୍ କରୁଥିବା ପ୍ରୀତି ଜିଣ୍ଟା ଏବଂ ସ୍ପେଶାଲ ରୋଲ୍ କରୁଥିବା ଅଲି ଫଜଲ୍ ମଧ୍ୟ ଏହି ଚଳଚ୍ଚିତ୍ର ପାଇଁ ଭଲ ପାରିଶ୍ରମିକ ନେଇଛନ୍ତି। ଫିଲ୍ମର ବଜେଟ୍ ୧୫୦ କୋଟି ହୋଇଥିବାବେଳେ କେବଳ ସନ୍ନି ନେଇଛନ୍ତି ୬୦ କୋଟି। ଅନ୍ୟପଟେ, ପ୍ରୀତିଙ୍କୁ ଏହି ଚଳଚ୍ଚିତ୍ର ପାଇଁ ୧୦ କୋଟି ଟଙ୍କା ମିଳିଛି। 'ବଟୱାରା ୧୯୪୭' ପୂର୍ବରୁ ସନ୍ନି ଓ ପ୍ରୀତି 'ଦି ହିରୋ: ଲଭ୍ ଷ୍ଟୋରୀ ଅଫ୍ ଏ ସ୍ପାଏ', 'ଫର୍ଜ' ଏବଂ 'ଭୈୟାଜୀ ସୁପରହିଟ୍' ଭଳି ଫିଲ୍ମରେ ଏକାଠି କାମ କରିଥିଲେ। ଶବାନା ଆଜମୀ ମଧ୍ୟ ଏଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ହେଲେ ତାଙ୍କ ଫିସ୍‌କୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ସାମ୍ନାକୁ ଆସିନାହିଁ। ଅନ୍ୟପଟେ, ଅଲି ଫଜଲ୍ ଫିଲ୍ମରେ ଅତିଥି କଳାକାର ଭାବେ ଦେଖାଯିବେ। ଏଥିପାଇଁ ସେ ପାରିଶ୍ରମିକ ବାବଦକୁ ୭ କୋଟି ଟଙ୍କା ଚାର୍ଜ କରିଛନ୍ତି। ଏହି ଚଳଚ୍ଚିତ୍ର ମାଧ୍ୟମରେ ନିର୍ଦ୍ଦେଶକ ରାଜକୁମାର ସନ୍ତୋଷୀ ଏବଂ ସନ୍ନି ଦେଓଲଙ୍କ ଆଇକନିକ୍ ଯୋଡ଼ି ଅନେକ ବର୍ଷ ପରେ ଏକାଠି ଫେରୁଛନ୍ତି। ଫିଲ୍ମରେ ସଙ୍ଗୀତ ଏ.ଆର୍. ରେହମାନ ଦେଇଥିବା ବେଳେ ଏହାର ଗୀତଗୁଡ଼ିକୁ ଜାଭେଦ ଅଖତର ଲେଖିଛନ୍ତି। 'ବଟୱାରା ୧୯୪୭' ଅଗଷ୍ଟ ୧୪ରେ ସିନେମାହଲ୍‌ରେ ରିଲିଜ୍ ହେବ। ବକ୍ସ ଅଫିସ୍‌ରେ ଏହାର ମୁକାବିଲା ଇମ୍ରାନ୍ ହାସ୍‌ମୀଙ୍କ ବହୁ ପ୍ରତୀକ୍ଷିତ ଫିଲ୍ମ 'ଆୱାରାପନ ୨' ସହିତ ହେବାକୁ ଯାଉଛି।

# ହାତୀ ପାଇଁ ଦିନଟିଏ




ହାତୀମାନଙ୍କ ସୁରକ୍ଷା, ସେମାନଙ୍କ ବାସସ୍ଥାନର ସଂରକ୍ଷଣ ଏବଂ ହାତୀ ଓ ମନୁଷ୍ୟ ମଧ୍ୟରେ ବିବାଦ ହ୍ରାସ କରିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ 'ବିଶ୍ୱ ହସ୍ତୀ ଦିବସ' ଭାବେ ପାଳନ କରାଯାଉଛି। ଏହିଦିନ ହାତୀଙ୍କ ସୁରକ୍ଷା ଲାଗି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ପ୍ରଥମ ବିଶ୍ୱ ହସ୍ତୀ ଦିବସ ୨୦୧୨ ମସିହା ଅଗଷ୍ଟ୧୨ରେ ପାଳନ କରାଯାଇଥିଲା। ଜଙ୍ଗଲର ସନ୍ତୁଳନ ରକ୍ଷା କରିବାରେ ଏବଂ ଗଛର ବୀଜ ବିସ୍ତାର କରିବାରେ ହାତୀମାନଙ୍କର ପ୍ରମୁଖ ଭୂମିକା ରହିଛି। ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗଜ ସଂସ୍କୃତିର ସ୍ୱତନ୍ତ୍ର ସ୍ଥାନ ରହିଛି। ରାଜ ରାଜୁଡ଼ା ଅମଳରେ ପରିବହନ ଏବଂ ପଡିଆରା ପାଇଁ ରାଜା ମହାରାଜାମାନେ ହାତୀକୁ ନିଜ ଦରବାରରେ ରଖୁଥିଲେ। ଯେଉଁ ରାଜାଙ୍କର ଯେତେ ହାତୀ ଅଛି, ସେ ସେତେ ବଳଶାଳୀ ବୋଲି ଗଣନା କରାଯାଉଥିଲା। ଏବେ ଦ୍ରୁତ ସହରୀକରଣ, ଜଙ୍ଗଲ କ୍ଷୟ, ପାହାଡ଼ଗୁଡ଼ିକରେ ବ୍ଲାଷ୍ଟିଂ ଯୋଗୁଁ ବନ୍ୟଜନ୍ତୁଗୁଡ଼ିକ ଜନବସତି ମୁହାଁ ହେଉଛନ୍ତି। ବିଶେଷକରି ଖାଦ୍ୟ ଅନ୍ୱେଷଣରେ ହାତୀ ଜନବସତି ମୁହାଁ ହେଉଛନ୍ତି। ଫଳରେ ହାତୀ-ମଣିଷ ଲଢ଼େଇ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଓଡ଼ିଆ ସଂସ୍କୃତି ପରମ୍ପରାରେ ହାତୀର ସ୍ଥାନ ସ୍ୱତନ୍ତ୍ର। ହାତୀକୁ ଓଡ଼ିଆରେ "ଗଜ" ଏବଂ "ଗଜରାଜ" ବୋଲି କୁହନ୍ତି। କୋଟି କୋଟି ଓଡ଼ିଆଙ୍କ ଆରାଧ୍ୟ ଠାକୁର ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ସ୍ନାନପୂର୍ଣ୍ଣିମା ଅବସରରେ ହାତୀ ବା ଗଜ ବେଶ ହୋଇଥାନ୍ତି। ଓଡ଼ିଶାର ପ୍ରମୁଖ ପର୍ବ ରଜରେ ଗାଁରୁ ସହର ସବୁଠି ଝିଅମାନେ ଦୋଳିରେ ଝୁଲି ଗୀତ ଗାଇଥାନ୍ତି "ବନସ୍ତେ ଡାକିଲା ଗଜ"। ଦିନ ଥିଲା ଓଡ଼ିଶାକୁ ହାତୀଙ୍କ ଭୂସ୍ୱର୍ଗ କୁହାଯାଉଥିଲା। ଏବେ କିନ୍ତୁ ଏହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ରାଜ୍ୟରେ ହାତୀ ବଂଶ ବୃଦ୍ଧି ପାଉଥିଲେ ମଧ୍ୟ ମୃତ୍ୟୁ ସଂଖ୍ୟାକୁ ନେଇ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେବେଳେ ଟ୍ରେନ୍ ଚକ ତଳେ ତ କେତେବେଳେ ବିଦ୍ୟୁତ୍ ତାର ତଳେ ତ ଆଉ କେତେବେଳେ ଦାନ୍ତ ପାଇଁ ଏମାନଙ୍କ ଜୀବନ ଅକାଳରେ ଚାଲିଯାଉଛି। ତେବେ ଆଗକୁ ହାତୀ ବଂଶ କିପରି ବୃଦ୍ଧି ପାଇବ, ସେଦିଗରେ ଧ୍ୟାନ ଦେବା ଆବଶ୍ୟକ ବୋଲି ଅନେକ ପ୍ରାଣୀ ଗବେଷକ ମତ ଦିଅନ୍ତି। ହାତୀ ଦାନ୍ତର ବେଆଇନ ବ୍ୟବସାୟ ପାଇଁ ଆଜି ବି ଅନେକ ସ୍ଥାନରେ ଦନ୍ତା ହାତୀମାନଙ୍କୁ ହତ୍ୟା କରାଯାଉଛି। ଏହାବାଦ୍ ଜଙ୍ଗଲ ନଷ୍ଟ ହେବା ଏବଂ ସେମାନଙ୍କ ଚଳପ୍ରଚଳ ରାସ୍ତା ବା କରିଡର ମଧ୍ୟରେ ମନୁଷ୍ୟର ହସ୍ତକ୍ଷେପ ଯୋଗୁଁ ସେମାନଙ୍କ ସୁରକ୍ଷା ବିପନ୍ନ ହେଉଛି। ବିଶ୍ୱ ହସ୍ତୀ ଦିବସ ଅବସରରେ ଭୁବନେଶ୍ୱରସ୍ଥିତ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଇ ହାତୀମାନଙ୍କୁ ପୂଜାର୍ଚ୍ଚନା କରାଯାଇ ଭଲ ଭଲ ସ୍ୱାଦିଷ୍ଟ ଖାଦ୍ୟ ଦିଆଯିବା ସହ ହାତୀ ସୁରକ୍ଷା ନେଇ ଛାତ୍ରଛାତ୍ରୀମାନଙ୍କ ପାଇଁ କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଏ।

# ସମ୍ଭାବନା



## ଅଫିସ୍ ଅଭ୍ୟାସ



**ଅଫିସ୍‌ରେ ଯୋଗ୍ୟତା ସହିତ ବ୍ୟବହାର, ପୋଷାକ ପରିପାଟୀ ଏବଂ ନିତିଦିନର ଅଭ୍ୟାସ ମଧ୍ୟ ଏହା ସ୍ଥିର କରେ ଯେ, ସହକର୍ମୀ ତଥା ବରିଷ୍ଠ ଅଧିକାରୀ ଜଣକୁ କେଉଁ ଦୃଷ୍ଟିକୋଣରେ ଦେଖନ୍ତି। ଅନେକ ସମୟରେ ଲୋକେ ନିଜ ଅଜାଣତରେ କିଛି ଏଭଳି ଅଭ୍ୟାସକୁ ଆପଣାଇଥାନ୍ତି, ଯାହାକି ସେମାନଙ୍କ ବୃତ୍ତିଗତ ଛବି ଉପରେ ନକାରାତ୍ମକ ପ୍ରଭାବ ପକାଏ।**

- ପୋଷ୍ଟର, ଷ୍ଟିକର୍ ତଥା ଟି-ସାର୍ଟରେ ରାଜନୈତିକ, ଧାର୍ମିକ, ଆପତ୍ତିଜନକ ବାର୍ତ୍ତା ଥିଲେ ସେସବୁ ବ୍ୟବହାର କରିବା ଅନୁଚିତ। ଏହା କାର୍ଯ୍ୟାଳୟର ପରିବେଶକୁ ପ୍ରଭାବିତ କରେ।
- ଅଫିସ୍‌ରେ ସ୍ପିକରରେ ଗୀତ ବଜାଇବା, ମୋବାଇଲରେ ରିଙ୍ଗ ଟୋନ୍ ଜୋର୍‌ରେ ବାଜିବା ତଥା ଭିଡିଓ ସାଉଣ୍ଡ ଅନ୍ୟମାନଙ୍କ କାମକୁ ବାଧାପ୍ରାପ୍ତ କରିପାରେ।
- ନେଲ୍ ପଲିସ୍, ହେୟାର୍ ସ୍ପ୍ରେ, ଡିୟୋଡ୍ରାଣ୍ଟ ଅନ୍ୟ ଉଚ୍ଚଗନ୍ଧ ଯୁକ୍ତ ଉତ୍ପାଦ ଅଫିସ୍‌ରେ ବ୍ୟବହାର କରିବାରୁ ଦୂରେଇ ରହିବା ଉଚିତ।
- ଅଫିସ୍‌ରେ ବ୍ୟକ୍ତିଗତ ଦସ୍ତାବିଜ୍‌କୁ ଖୋଲି ରଖନ୍ତୁ ନାହିଁ।
- କମ୍ପାନିର ଗୋପନୀୟ ଦସ୍ତାବିଜ୍ ଆବଶ୍ୟକତା ନ ଥିଲେ ଅନ୍ୟ କୁଆଡ଼େ ନିଅନ୍ତୁ ନାହିଁ।

## ବ୍ଲଗିଂରେ କ୍ୟାରିୟର

**ବ୍ଲଗିଂ କେବଳ ସଉକ ନୁହେଁ, ବରଂ ଏବେ ଏକ ଉତ୍ତମ କ୍ୟାରିୟର ବିକଳ୍ପ ହୋଇପାରିଛି। ଏଥିଲାଗି ମହଙ୍ଗା କ୍ୟାମେରା କିମ୍ବା ଅଧିକ ପାଠପଢ଼ାର ଆବଶ୍ୟକତା ନାହିଁ।**




ଭିଡିଓ ଡାଏରୀକୁ ବ୍ଲଗ୍ କୁହାଯାଏ। ଏହା ମାଧ୍ୟମରେ ଜଣେ ନିଜର ନିତିଦିନର ଜୀବନ, ଟ୍ରାଭେଲିଂ, ଖାଦ୍ୟପାନୀୟ ସ୍ଥାନ, ନଚେତ୍ ନିଜର ରୋଷେଇ କଳା, ଗେମ୍ ଆଦି ବିଷୟରେ କ୍ୟାମେରା ସାମ୍ନାରେ ରେକର୍ଡ କରି ଲୋକଙ୍କୁ ଦେଖାନ୍ତି। ସେହିପରି ଆଜିର ସମୟରେ ଲୋକେ ଟିଭି ଦେଖିବା ପରିବର୍ତ୍ତେ ମୋବାଇଲରେ ବ୍ଲଗ୍ ଦେଖିବାକୁ ବେଶି ପସନ୍ଦ କରୁଛନ୍ତି। ଏହି କାରଣ ଯୋଗୁଁ ବଡ଼ ବଡ଼ କମ୍ପାନି ବିଜ୍ଞାପନ ଦେବା ଲାଗି ଟିଭି ପରିବର୍ତ୍ତେ ବ୍ଲଗର୍‌ଙ୍କୁ ଲକ୍ଷାଧିକ ଟଙ୍କା ଦେଉଛନ୍ତି।

ଯେଉଁ ଜିନିଷରେ ରୁଚି ରହିଛି, ତାହା ଉପରେ ବ୍ଲଗ୍ କରିବା ଭଲ। ନିତିଦିନ ଜୀବନରେ ନିଜ ରୁଟିନ ଓ ପାରିବାରିକ ଜୀବନ ଦେଖାନ୍ତୁ। ଟ୍ରାଭେଲ ବ୍ଲଗିଂରେ ନୂଆ ନୂଆ ସ୍ଥାନ ବୁଲିବା ଏବଂ ସେଠାକାର ତଥ୍ୟ ଦେଇପାରିବେ। ଫୁଡ୍ ବ୍ଲଗିଂରେ ଅଲଗା ଅଲଗା ଷ୍ଟ୍ରିଟ୍ ଫୁଡ୍, ରେଷ୍ଟୋରାଁ ଖାଦ୍ୟର ସମୀକ୍ଷା କରିବାକୁ ହୋଇଥାଏ। ଏହାବାଦ୍ ଟେକ୍, ଗେମିଂ, ଫେଶନ୍ ବ୍ଲଗ୍‌ରେ ନିଜ ପସନ୍ଦ ବିଷୟରେ ଭିଡିଓ ତିଆରି କରିବାକୁ ହୋଇଥାଏ।

ପ୍ରଥମେ ଏନେଇ ଲକ୍ଷାଧିକ ଟଙ୍କାର କ୍ୟାମେରା କିଣିବା ଦରକାର ନାହିଁ। କୌଣସି ସ୍ମାର୍ଟଫୋନରୁ ଏହାକୁ ଆରମ୍ଭ କରିପାରିବେ। ଏଥିପାଇଁ କେବଳ ଦୁଇଟି ଜିନିଷ ଦରକାର। ତାହା ହେଉଛି ଭଲ ମାଇକ ଓ ଟ୍ରାଇପଡ୍। ଆଜିକାଲି ଅନେକ ଅନଲାଇନ ପ୍ଲାଟ୍‌ଫର୍ମ, ୟୁଟ୍ୟୁବ୍ ଚ୍ୟାନେଲ, ଡିଜିଟାଲ ମିଡିଆ ଇନଷ୍ଟିଚ୍ୟୁଟ୍‌ରେ ୭ଦିନରୁ ଆରମ୍ଭ କରି ମାସେ ପର୍ଯ୍ୟନ୍ତ ସର୍ଟ ଟର୍ମ ବ୍ଲଗିଂ ଏବଂ ଭିଡିଓ ଏଡିଟିଂ କୋର୍ସ ଉପଲବ୍ଧ ଅଛି। ଏହି କୋର୍ସ ମାଧ୍ୟମରେ କ୍ୟାମେରା ସାମ୍ନାରେ କହିବାର ଆତ୍ମବିଶ୍ୱାସ, ଭିଡିଓ ଏଡିଟିଂ, ୟୁଟ୍ୟୁବ୍ ଓ ଇନଷ୍ଟାଗ୍ରାମ ପାଇଁ ଥମ୍ବନେଲ ଆଦି ତିଆରି କରିବା ଶିଖାଯାଏ। ସେହିପରି ସ୍ପନରସିପ୍‌ରୁ କିଭଳି ଟଙ୍କା କମାଇ ହେବ, ସେ ଉପାୟ ଶିଖାଯାଏ। ଅନ୍ୟପଟେ ଏଥିପାଇଁ ୧୦-୧୫ଦିନର ବେସିକ୍ ଏଡିଟିଂ ଓ କଣ୍ଟେଣ୍ଟ କ୍ରିଏସନ କୋର୍ସ କରି ହେବ।

## ଚାକିରିରୁ ଇସ୍ତଫା ଦେଉ ଥିଲେ...



**ଭଲ ଦରମା, କ୍ୟାରିୟରରେ ଉନ୍ନତି, କାମ ଚାପ, ବ୍ୟକ୍ତିଗତ କାରଣ ଯୋଗୁଁ ଲୋକେ ଚାକିରି ବଦଳାନ୍ତି। ବେଳେ ବେଳେ ତରବରିଆ ଭାବେ ଗ୍ରହଣ କରାଯାଉଥିବା ନିଷ୍ପତ୍ତି ଭବିଷ୍ୟତରେ ସମସ୍ୟାର କାରଣ ହୋଇପାରେ। ଚାକିରି ଛାଡ଼ିବା ବେଳେ କିଛି ଭୁଲ୍ ଏମିତି ହୋଇଯାଏ, ଯାହାକି ପ୍ରଫେସନାଲ ଇମେଜ୍ ଓ କ୍ୟାରିୟର ଉପରେ ନକାରାତ୍ମକ ପ୍ରଭାବ ପକାଇପାରେ।**

- ନୂଆ ଚାକିରି ନ ଖୋଜି ଇସ୍ତଫା ଦିଅନ୍ତୁ ନାହିଁ। ଏହା କ୍ୟାରିୟର ପାଇଁ ବଡ଼ ଭୁଲ ହୋଇପାରେ। ସେହିପରି ନୂଆ ଚାକିରି ସହଜରେ ମିଳି ନ ଥାଏ। ଏହା ଦ୍ୱାରା ଆର୍ଥିକ ଚାପ ବଢ଼ିପାରେ।
- ଅନେକ ଲୋକ ନୂଆ ଚାକିରିରେ ଯୋଗ ଦେବା ପାଇଁ ନୋଟିସ୍ ପିରିୟଡ୍ ପୂରା କରନ୍ତି ନାହିଁ। ଏହାଦ୍ୱାରା କମ୍ପାନି ଅଭିଜ୍ଞତା ପ୍ରମାଣପତ୍ର ଏବଂ ସେଟଲମେଣ୍ଟରେ ବିଳମ୍ବ କରିଥାନ୍ତି।
- ଅଫିସ୍‌ରେ କୌଣସି ବିବାଦ, ଚାପ ଯୋଗୁଁ ତୁରନ୍ତ ଚାକିରି ଛାଡ଼ିବା ଭୁଲ୍ କରନ୍ତୁ ନାହିଁ। ପ୍ରଥମେ ଶାନ୍ତ ମନରେ ଚିନ୍ତା କରି ନିଷ୍ପତ୍ତି ନିଅନ୍ତୁ।
- ଚାକିରି ଛାଡ଼ିବା ବେଳେ କମ୍ପାନିର ଡାଟା, କ୍ଲାଏଣ୍ଟ ତଥ୍ୟ, ଗୋପନୀୟ ଦସ୍ତାବିଜ ନିଜ ପାଖରେ ରଖିବା କିମ୍ବା ଅନ୍ୟ କାହା ସହିତ ସେୟାର୍ କରିବା ଆଇନଗତ ସମସ୍ୟା ସୃଷ୍ଟି କରିପାରେ।
- ଚାକିରି ଛାଡ଼ିବା ବେଳେ ମ୍ୟାନେଜର, ସହକର୍ମୀ, ଟିମ୍ ସହିତ ଭଲ ସମ୍ବନ୍ଧ ବଜାୟ ରଖନ୍ତୁ। ଭବିଷ୍ୟତରେ ସେମାନେ ନୂଆ ଅବସରର ମାଧ୍ୟମ ହୋଇପାରନ୍ତି।

## ୟୁଟ୍ୟୁବ୍ ଲାଗି ଏଆଇ ଫିଚର୍

**ୟୁଟ୍ୟୁବ୍ କଣ୍ଟେଣ୍ଟ କ୍ରିଏଟରଙ୍କ ପାଇଁ ନୂଆ ଏଆଇ ଫିଚର୍‌କୁ ପରିଚିତ କରାଇଛି। ଏହା ସାହାଯ୍ୟରେ ଭିଡିଓ ପାଇଁ ଆକର୍ଷଣୀୟ ଥମ୍ବନେଲ୍ ତିଆରି କରିବା ପୂର୍ବ ତୁଳନାରେ ବହୁତ ସହଜ ହୋଇଯିବ। ଏହି ନୂଆ ଫିଚର୍‌ର ଉଦ୍ଦେଶ୍ୟ ହେଉଛି କ୍ରିଏଟରଙ୍କ ସମୟ ସଂଚୟ କରିବା ଏବଂ ଉନ୍ନତ ଭିଜୁଆଲ ପ୍ରସ୍ତୁତ କରିବା।**

ୟୁଟ୍ୟୁବ୍ ତା'ର ୟୁଟ୍ୟୁବ୍ ଷ୍ଟୁଡିଓରେ ଏଆଇ ଆଧାରିତ ଫିଚର୍ ଯୋଡ଼ିବା ଆରମ୍ଭ କରିଛି। ଏଠାରେ କ୍ରିଏଟର କଥାବାର୍ତ୍ତା ମାଧ୍ୟମରେ ଥମ୍ବନେଲ୍ ପ୍ରସ୍ତୁତ କରିପାରିବେ। ଏହି ଫିଚର୍ 'ଆସ୍କ ଷ୍ଟୁଡିଓ'ର ଅଂଶ। କ୍ରିଏଟର ନିଜ ଭିଡିଓ ବାବଦରେ ତଥ୍ୟ ତଥା ନିର୍ଦ୍ଦେଶ ପ୍ରଦାନ କରିବେ ଏବଂ ଏଆଇ ସେହି ଆଧାରରେ ଥମ୍ବନେଲ ତିଆରି କରିବ। ଏହାଦ୍ୱାରା ଡିଜାଇନିଂରେ ଲାଗୁଥିବା ସମୟ କମ୍ ହୋଇପାରିବ।

ସେହିପରି ୟୁଟ୍ୟୁବ୍ ଷ୍ଟର୍ଟସ ଲାଗି କଷ୍ଟମ ଥମ୍ବନେଲ ଅପଲୋଡ୍ କରିପାରିବେ। ଏହି ଫିଚର୍ ଦ୍ୱାରା ଡିଜାଇନିଂର ଅନୁଭବ ରଖୁଥିବା କ୍ରିଏଟରଙ୍କ ପାଇଁ ଉପଯୋଗୀ ହେବ। ଭିଡିଓ ପାଇଁ ଅଲଗା ଅଲଗା ଥମ୍ବନେଲ ପରିକଳ୍ପନା ସହଜରେ ମିଳିଯିବ। ସେହିପରି ଉନ୍ନତ ଥମ୍ବନେଲ ମାଧ୍ୟମରେ ଭିଡିଓର କ୍ଲିକ୍ ଥ୍ରୁ ରେଟ୍ ବଢ଼ିବାରେ ସାହାଯ୍ୟ ମିଳିବ।

ୟୁଟ୍ୟୁବ୍ ଷ୍ଟୁଡିଓ ଭିତରେ ହିଁ କାମ ପୂରା ହୋଇଯିବ। ଅଲଗା ସଫ୍ଟୱେରର ଆବଶ୍ୟକତା କମ୍ ହେବ। ୟୁଟ୍ୟୁବ୍ ଅନୁସାରେ, ଏଆଇର ଉଦ୍ଦେଶ୍ୟ କ୍ରିଏଟରଙ୍କ ସୃଜନଶୀଳତାକୁ ଶେଷ କରିବା ନୁହେଁ, ବରଂ ସେମାନଙ୍କୁ ସାହାଯ୍ୟ କରିବା। ଅନ୍ତିମ ନିର୍ଣ୍ଣୟ ଓ ଥମ୍ବନେଲ ଚୟନ କ୍ରିଏଟରଙ୍କ ହାତରେ ହିଁ ରହିବ। ଏଆଇ କେବଳ ପରାମର୍ଶ ଅନୁସାରେ, ପ୍ରାରମ୍ଭିକ ଡିଜାଇନ ପ୍ରସ୍ତୁତ କରିବ। ଯାହାକୁ ଆବଶ୍ୟକତା ହିସାବରେ ପରିବର୍ତ୍ତନ କରାଯାଇପାରିବ।



### ବେଲ୍‌ଜିୟମ-ନେଦରଲ୍ୟାଣ୍ଡସରେ ଏଫଆଇଏଚ୍ ହକି ବିଶ୍ୱକପ୍ ୧୫ରୁ

# ଷୋଡ଼ଶ ସଂସ୍କରଣରେ ୧୬ଟି ଦଳ, ୧୬ ଦିନର ଖେଳ

FIH
HOCKEY WORLD CUP
BELGIUM & NETHERLANDS
2026

ଆମଷ୍ଟଲଭିନ୍,୧୧।୮ (ଏଜେନ୍ସି)

ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଏକକ କ୍ରୀଡ଼ା ପ୍ରତିଯୋଗିତା ଏଫ୍ଆଇଏଚ୍ ବିଶ୍ୱକପ୍ ହକିର ୧୬ତମ ସଂସ୍କରଣ ଅଗଷ୍ଟ ୧୫ରୁ ଆରମ୍ଭ ହେବ। ଦୀର୍ଘ ୧୬ ଦିନ ଧରି ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରିବେ। ପ୍ରଥମଥର ଲାଗି ଏହି ପ୍ରତିଯୋଗିତା ଦୁଇଟି ଦେଶ ଯଥା ୟୁରୋପର ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମରେ ଖେଳାଯିବ। ଉଭୟ ବିଭାଗରେ ୫୦ଟି ଲେଖାଏଁ ବା ମୋଟରେ ୧୦୦ଟି ମ୍ୟାଚ୍ ମାତ୍ର ୨ଟି ଭେନ୍ୟୁରେ ଖେଳାଯିବ। ଚତୁର୍ଥଥର ବିଶ୍ୱକପ୍ ଆୟୋଜନ କରୁଥିବା ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ ଓ ପ୍ରଥମଥର ଆୟୋଜନ କରୁଥିବା ବେଲ୍‌ଜିୟମ୍‌ର ୱାଭରେ ସହରରେ ସମସ୍ତ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁରୁଷ ବିଭାଗର ଫାଇନାଲ ବେଲଜିୟମର ୱାଭ୍‌ରେଠାରେ ଅଗଷ୍ଟ ୩୦ରେ ଓ ମହିଳା ବିଭାଗର ଫାଇନାଲ ନେଦରଲାଣ୍ଡସର ଆମଷ୍ଟଲଭିନ୍‌ରେ ଅଗଷ୍ଟ ୨୯ରେ ଖେଳାଯିବ।

## ଟିମ୍ ଓ ଫର୍ମାଟ

ବିଶ୍ୱକପ୍ ହକିରେ ଭାଗ ନେଇଥିବା ୧୬ଟି ଦଳକୁ ପ୍ରାଥମିକ ପର୍ଯ୍ୟାୟରେ ୪ଟି ଲେଖାଏଁ ପୁଲ୍‌ରେ ଭାଗ କରାଯାଇଛି। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଦଳ ରହିଥିଲାବେଳେ ସେମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଲିଗ୍ ପର୍ଯ୍ୟାୟ ଶେଷରେ ଦ୍ୱିତୀୟ ପର୍ଯ୍ୟାୟ ବା କ୍ରସ୍ ଓଭର (କ୍ୱାର୍ଟର ଫାଇନାଲ ଲିଗ୍ କହିଲେ ଅତ୍ୟୁକ୍ତି ହେବ ନାହିଁ) ଖେଳାଯିବ। ଏହା ମଧ୍ୟରୁ ପୁଲ୍‌ରେ ପ୍ରଥମ ୨ଟି ସ୍ଥାନ ଅଧିକାର କରିଥିବା ଦଳ ଟାଇଟଲ ଦୌଡ଼ରେ ସାମିଲ ହେବେ। ଏହି ୮ଟି ଦଳକୁ ମଧ୍ୟ ୨ଟି ପୁଲରେ ଭାଗ କରାଯିବ। ପ୍ରତ୍ୟେକ ପୁଲ୍‌ରେ ୪ଟି ଲେଖାଏଁ ଟିମ୍ ରହିବେ। ପୁଲ-ଇ'ରେ ପୁଲ୍-ଏ ଓ ପୁଲ-ଡି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସ୍ଥାନ ପାଇବେ। ସେହିପରି ପୁଲ-ଏଫ୍'ରେ ପୁଲ-ବି ଓ ପୁଲ-ସି'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ରହିବେ। ଏମାନଙ୍କ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ପୁଲ ବା ପୁଏ-ଇ ଓ ଏଫ୍'ରେ ପ୍ରଥମ ଦୁଇଟି ସ୍ଥାନ ହାସଲ କରିଥିବା ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ସେମିଫାଇନାଲରେ ୨ଟି, ତୃତୀୟ ସ୍ଥାନ ଓ ଫାଇନାଲ ଲାଗି ଗୋଟିଏ ଲେଖାଏଁ ମ୍ୟାଚ୍ ଖେଳାଯିବ।

ସେହିପରି ପୁଲ୍‌ରେ ଶେଷ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳଗୁଡିକୁ ନେଇ ମଧ୍ୟ ଉପରୋକ୍ତ ଫର୍ମାଟ ପରି ମ୍ୟାଚ୍ ହେବ। ଏହା ପରେ ପ୍ରଥମରୁ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳ ଗୁଡିକ ମଧ୍ୟରେ ୫ମରୁ ୧୬ତମ ସ୍ଥାନ ଯାଏ କ୍ଲାସିଫିକେସନ ମ୍ୟାଚ୍ ଖେଳାଯିବ। ଏହି ବିଶ୍ୱକପ୍‌ରେ ପ୍ରଥମ ପର୍ଯ୍ୟାୟରେ ୨୪ଟି, କ୍ରସ୍ ଓଭରରେ ୧୬ଟି, କ୍ଲାସିଫିକେସନରେ ୬ଟି ଓ ସେମିଫାଇନାଲପରଠାରୁ ୪ଟି ବା ମୋଟରେ ୫୦ଟି ମ୍ୟାଚ୍ ଖେଳାଯିବ। ଫଳରେ ଉଭୟ ବିଭାଗରେ ମୋଟ ୧୦୦ଟି ମ୍ୟାଚ୍ ଅନୁଷ୍ଠିତ ହେବ।

ଏହି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଓ ମହିଳା ଦଳ ପୁଲ୍-ଡି'ରେ ସ୍ଥାନ ପାଇଛନ୍ତି। ଅଗଷ୍ଟ ୧୫ରେ ୱେଲ୍ସ ସହ ଖେଳି ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ହେବ। ସେହିପରି ମହିଳା ଦଳ ଅଗଷ୍ଟ ୧୬ରେ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହା ପରେ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ଅଗଷ୍ଟ ୨୦ରେ ଇଂଲଣ୍ଡ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ। ହରମନପ୍ରୀତ୍ ପୁରୁଷ ଓ ସଲିମା ଟେଟେ ମହିଳା ଦଳର ନେତୃତ୍ୱ ନେଉଛନ୍ତି।

| ପୁରୁଷ ବିଭାଗ | |
|---|---|
| ପୁଲ-ଏ | ଆର୍ଜେଣ୍ଟିନା, ଜାପାନ, ନେଦରଲାଣ୍ଡସ, ଜାପାନ |
| ପୁଲ-ବି | ଜର୍ମାନୀ, ବେଲଜିୟମ, ଫ୍ରାନ୍ସ ଓ ମାଲେସିଆ |
| ପୁଲ୍-ସି | ଅଷ୍ଟ୍ରେଲିଆ, ସ୍ପେନ୍, ଆୟର୍ଲାଣ୍ଡ ଓ ଦକ୍ଷିଣ ଆଫ୍ରିକା |
| ପୁଲ୍-ଡି | ଇଂଲଣ୍ଡ, ଭାରତ, ପାକିସ୍ତାନ ଓ ୱେଲ୍ସ |
| **ମହିଳା ବିଭାଗ** | |
| ପୁଲ-ଏ | ନେଦରଲକ୍ରାଣ୍ଡସ, ଅଷ୍ଟ୍ରେଲିଆ, ଚିଲି ଓ ଜାପାନ |
| ପୁଲ-ବି | ଜର୍ମାନୀ, ଆର୍ଜେଣ୍ଟିନା, ସ୍କଟଲାଣ୍ଡ ଓ ଆମେରିକା |
| ପୁଲ୍-ସି | ବେଲ୍‌ଜିୟମ, ସ୍ପେନ, ନ୍ୟୁଜିଲାଣ୍ଡ, ଆୟର୍ଲାଣ୍ଡ |
| ପୁଲ-ଡି | ଚୀନ୍, ଇଂଲଣ୍ଡ, ଭାରତ ଓ ଦକ୍ଷିଣ ଆଫ୍ରିକା |

### ଚର୍ଚ୍ଚାରେ ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ

# ଜନ୍‌ସନ୍‌ଙ୍କ ଜାଆଁଳା ଭାଇ, ହର୍ମନ ଭ୍ରାତାଙ୍କୁ ସୁଯୋଗ





କେପଟାଉନ, ୧୧।୮ (ଏଜେନ୍ସି): ଆଗାମୀ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ ଓ ନାମିବ୍ୟା ବିପକ୍ଷ ଦିନିକିଆ ସିରିଜ ଲାଗି ମଙ୍ଗଳବାର ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ବାମହାତୀ ସ୍ପିନର ବର୍ଜୋନ ଫର୍ଚୁଇନଙ୍କ ଘୋଷିତ ୧୫ ଜଣିଆ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ତେବେ ସବୁଠୁ ଉଲ୍ଲେଖନୀୟ ଘଟଣା ହେଉଛି ଅଭିଜ୍ଞ ଅଲ୍‌ରାଉଣ୍ଡର ମାର୍କୋ ଜନସେନଙ୍କ ଜାଆଁଳା ଭାଇ ଡୁଆନ ଜନସନଙ୍କୁ ମଧ୍ୟ ନାମିବ୍ୟା ଗସ୍ତ ଲାଗି ସୁଯୋଗ ମିଳିଛି। ଫଳରେ ୨୬ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣ କରିବେ। ମାର୍କୋ ୨୦୨୧ରୁ ଦକ୍ଷିଣ ଆଫ୍ରିକା ଦଳର ନିୟମିତ ସଦସ୍ୟ ରହିଆସିଛନ୍ତି। ଇତିମଧ୍ୟରେ ସେ ଦକ୍ଷିଣ ଆଫ୍ରିକା ପାଇଁ ୮୩ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିସାରିଛନ୍ତି। କିନ୍ତୁ ତାଙ୍କ ଭାଇ ଡୁଆନ ପ୍ରଥମଥର ଲାଗି ଅନ୍ତର୍ଜାତୀୟ ପଦାର୍ପଣର ସୁଯୋଗ ପାଇଛନ୍ତି। ମାର୍କୋଙ୍କ ଭଳି ଡୁଆନ ମଧ୍ୟ ସମାନ ବାମହାତୀ ଦ୍ରୁତ ବୋଲିଂ କରୁଥିବାବେଳେ ନିମ୍ନକ୍ରମରେ ଜଣେ ଉପଯୋଗୀ ବ୍ୟାଟର୍ ରହିଛନ୍ତି। ଅପରପକ୍ଷରେ ଘୋଷିତ ଦଳରେ କୋର୍ବିନ ବୋଶ୍‌ଙ୍କ ଭାଇ ଇଥାନଙ୍କୁ ମଧ୍ୟ ନିଆଯାଇଛି। ଅବଶ୍ୟ ଇଥାନ ପୂର୍ବରୁ ୨୦୨୫ରେ ଦକ୍ଷିଣ ଆଫ୍ରିକା ପକ୍ଷରୁ ଗୋଟିଏ ଦିନିକିଆ ମ୍ୟାଚ ଖେଳିସାରିଛନ୍ତି। ସେହିଭଳି ଆଉ ଏକ କୌତୁହଳ କଥା ହେଉଛି ଜୋର୍ଡାନ ଓ ରୁବିନ ହର୍ମନ ଭ୍ରାତାଙ୍କୁ ମଧ୍ୟ ଏହି ଦଳରେ ସ୍ଥାନ ମିଳିଛି। ଉଲ୍ଲେଖଯୋଗ୍ୟ ଅଗଷ୍ଟ ୨୮ରୁ ଆୟୋଜକ ଜିମ୍ବାୱେ, ନାମିବ୍ୟା ଓ ଦକ୍ଷିଣ ଆଫ୍ରିକାକୁ ନେଇ ତ୍ରି-ରାଷ୍ଟ୍ରୀୟ ସିରିଜ ଆରମ୍ଭ ହେବ।

## ଅଷ୍ଟ୍ରେଲୀୟ କ୍ରିକେଟର ହେନରିଚଙ୍କୁ ପର୍ତ୍ତୁଗାଲ ଦଳର ନେତୃତ୍ୱ



ଲିସବନ୍, ୧୧।୮ (ଏଜେନ୍ସି): ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର୍ ମୋଇସେସ ହେନରିଚଙ୍କୁ ଏକ ବଡ଼ ଦାୟିତ୍ୱ ମିଳିଛି। ଆଗାମୀ ଆଇସିସି ଟି-୨୦ ବିଶ୍ୱକପ୍‌ର ୟୁରୋପୀୟ ଯୋଗ୍ୟତା ପର୍ଯ୍ୟାୟ ଲାଗି ମଙ୍ଗଳବାର ପର୍ତ୍ତୁଗାଲ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ପର୍ତ୍ତୁଗାଲ କ୍ରିକେଟ୍ ମହାସଂଘ ପକ୍ଷରୁ ଘୋଷିତ ୧୪ ଜଣିଆ ଦଳର ନେତୃତ୍ୱ ଭାର ହେନରିଚଙ୍କୁ ଦିଆଯାଇଛି। ୩୯ ବର୍ଷୀୟ ହେନରିଚ ଗତ ମାସରେ ଅଷ୍ଟ୍ରେଲିଆର ଘରୋଇ କ୍ରିକେଟ୍‌ରୁ ଅବସର ନେଇଥିଲେ। ଏହି ଡାହାଣହାତୀ ଅଲ୍‌ରାଉଣ୍ଡର ଅଷ୍ଟ୍ରେଲିଆ ପାଇଁ ୨୦୦୯ରୁ ୨୦୨୧ ପର୍ଯ୍ୟନ୍ତ ୪ଟି ଟେଷ୍ଟ, ୧୬ ଦିନିକିଆ ଓ ୨୪ ଟି-୨୦ ମ୍ୟାଚ୍ ଖେଳିଥିଲେ। ଏବେ ସେ ପର୍ତ୍ତୁଗାଲ ଦଳକୁ ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରାଇବାର ଦାୟିତ୍ୱ ନେଇଛନ୍ତି। ରିପୋର୍ଟ ଅନୁଯାୟୀ ହେନରିଚଙ୍କ ଜନ୍ମ ୧ ଫେବୃଆରୀ ୧୯୮୭ରେ ପର୍ତ୍ତୁଗାଲର ଫଞ୍ଚଲ ସହରରେ ହୋଇଥିଲା। ତେବେ ସେ ଛୋଟ ଥିବାବେଳେ ହେନରିଚଙ୍କ ପରିବାର ଅଷ୍ଟ୍ରେଲିଆ ଚାଲିଯାଇଥିଲେ। ଯେଉଁଠାରେ ହେନରିଚଙ୍କ କ୍ରିକେଟ୍ କ୍ୟାରିୟର ଆଗକୁ ବଢ଼ିଥିଲା।

## କ୍ରିକେଟର ଅଭିଷେକ ପୋରେଲ ଗିରଫ



କୋଲକାତା,୧୧।୮ (ଏଜେନ୍ସି): କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗକୁ ଆଧାର କରି ବେଙ୍ଗଲ ତଥା ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ କ୍ରିକେଟ ଖେଳୁଥିବା ଯୁବ ୱିକେଟରକ୍ଷକ ଅଭିଷେକ ପୋରେଲଙ୍କୁ ହୁଗୁଳି ପୁଲିସ୍ ଗିରଫ୍ କରିଛି। ହୁଗୁଳି ପୁଲିସ୍ ତାଙ୍କ ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ମହିଳା ଜଣଙ୍କ କୋର୍ଟରେ ଅଭିଯୋଗ କରିବା ପରେ କୋଲକାତା ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶ ଅନୁଯାୟୀ ଅଭିଷେକଙ୍କୁ ପୁଲିସ୍ ଆନୁଷ୍ଠାନିକ ଭାବେ ଗିରଫ କରି ପଚରାଉଚୁରା କରୁଛି। କର୍ଣ୍ଣାଟକର ଜଣେ ମେଡିକାଲ ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଅଭିଷେକ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ସାଢ଼େ ୩ ବର୍ଷ ହେଲା ସମ୍ପର୍କରେ ରହିଛନ୍ତି। ଶାରିରୀକ ସମ୍ପର୍କ ରଖିବା ସତ୍ତ୍ୱେ ଅଭିଷେକ ଏହାକୁ ଅସ୍ୱୀକାର କରିବା ସହ ବାହା ହେବାକୁ ମନାକରିଦେଇଥିଲେ। ଏପରିକି ଚଳିତବର୍ଷ ଏପ୍ରିଲ ୨ରେ ଉଭୟ ଦିଲ୍ଲୀରେ ରହୁଥିଲେ। ଦୁଇ ପରିବାର ମଧ୍ୟରେ ମଧ୍ୟ ବିବାହ ଲାଗି ଆଲୋଚନା ହୋଇଥିଲା। କିନ୍ତୁ ଏପ୍ରିଲ ୨ରେ ଅଭିଷେକ ହିଂସାତ୍ମକ ଆଚରଣ କରିବା ସହ ଆକ୍ରମଣ କରିଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ପ୍ରଥମେ ଦୁଷ୍କର୍ମ, ପରେ ହତ୍ୟା ଉଦ୍ୟମ ଭଳି ଅଭିଯୋଗ ଫଳରେ ଅଭିଷେକଙ୍କ କ୍ୟାରିୟର ଏବେ ବ୍ୟାକ୍‌ଫୁଟ୍‌କୁ ଚାଲିଯାଇଛି। ଉଭୟ ବେଙ୍ଗଲ ଓ ଆଇପିଏଲ୍ ଦିଲ୍ଲୀ କ୍ୟାପିଟାଲ୍ସରେ ସେ ଜଣେ ପ୍ରମୁଖ ଓ ନିୟମିତ ଖେଳାଳି। ଗତବର୍ଷ ମଧ୍ୟ ଉତ୍ତରପ୍ରଦେଶ ଓ ଆଇପିଏଲ୍ ଟିମ୍ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜଣେ ଖେଳାଳି ଯଶ ଦୟାଲଙ୍କ ନାମରେ ସମାନ ଅଭିଯୋଗ ହୋଇଥିଲା। ଏବେ ଯଶ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ ଅଭିଷେକଙ୍କୁ ଧାରା ୬୯ ଅନୁଯାୟୀ ଗିରଫ କରାଯାଇଥିବା ପୁଲିସ୍ ପକ୍ଷରୁ କୁହାଯାଇଛି।

## ସୁଶିଲଙ୍କ ଜାମିନ ଆବେଦନ ଖାରଜ



ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ହତ୍ୟା ଅଭିଯୋଗରେ ଗତ ୫ବର୍ଷ ହେଲା ଜେଲ୍‌ରେ ଥିବା ଦୁଇଥର ଅଲିମ୍ପିକ୍ ପଦକ ବିଜେତା କୁସ୍ତିଯୋଦ୍ଧା ସୁଶିଲ କୁମାରଙ୍କ ଜାମିନ ଆବେଦନକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସାକ୍ଷୀଙ୍କୁ ପ୍ରବର୍ତ୍ତାଇବା ଓ ଏହି ମକଦ୍ଦମାର ବିଚାରକୁ ବିଳମ୍ବିତ କରିବାର ଦକ୍ଷତା ଥିବାରୁ ଜଣେ ଅପରାଧୀଙ୍କୁ ଜାମିନ ଦିଆଯାଇପାରିବ ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ ତାଙ୍କ ଆଦେଶରେ କହିଛନ୍ତି। ପୂର୍ବରୁ ତାଙ୍କୁ ଦୁଇଥର ଜାମିନ ମିଳିଥିଲେ ମଧ୍ୟ ସୁପ୍ରିମ୍‌କୋର୍ଟରେ ଜାମିନ ଆଦେଶକୁ ରଦ୍ଦ କରିଦିଆଯାଇଥିଲା। ଏବେ ପରିସ୍ଥିତି ବଦଳି ଯାଇଛି। ସୁଶିଲ କୁମାରଙ୍କ ମାଡରେ ମୃତ୍ୟୁବରଣ କରିଥିବା କନିଷ୍ଠ କୁସ୍ତିଯୋଦ୍ଧା ସାଗର ଧନକଡ଼ଙ୍କ ପିତା ଅଶୋକ ଧନକଡ଼ ଏଥିରେ ଆଉ ଅଂଶଗ୍ରହଣ କରୁନାହାନ୍ତି। ପରିସ୍ଥିତି ବଦଳିଯାଇଥିବାରୁ ସୁଶିଲଙ୍କୁ ଜାମିନ ଦେବାକୁ ତାଙ୍କ ଆଡଭୋକେଟ ସାନି ଆବେଦନ କରିଥିଲେ। ଏହାକୁ ଉଭୟ ଦିଲ୍ଲୀ ପୁଲିସ୍ ଓ ମୁଦେଇ ଅଶୋକ ଧନକଡ଼ ବିରୋଧ କରିବା ପରେ ଜାମିନ ଆବେଦନ ବାତିଲ କରିବା ଛଡ଼ା ଅନ୍ୟ ଉପ ନ ଥିଲା ବୋଲି କୁହାଯାଉଛି।

# ୨୦୨୭ ଦିନିକିଆ ବିଶ୍ୱକପ୍: ଆଫଗାନିସ୍ତାନକୁ ଯୋଗ୍ୟତା



ଡବ୍‌ଲିନ୍,୧୧।୮ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ତୃତୀୟ ଦିନିକିଆ ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ପରାସ୍ତ କରି ଆଫଗାନିସ୍ତାନ ୧୦ମ ଦଳ ଭାବେ ୨୦୨୭ ଦିନିକିଆ ବିଶ୍ୱକପ୍‌ରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଫଳରେ ୱେଷ୍ଟଇଣ୍ଡିଜ୍ ଓ ଆୟର୍ଲାଣ୍ଡକୁ ଏବେ ଯୋଗ୍ୟତା ପର୍ଯ୍ୟାୟ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ପଡ଼ିବ। ୨୦୨୭ ବିଶ୍ୱକପ୍ ୩ଟି ଦେଶରେ ଆୟୋଜିତ ହେଉଥିଲେ ମଧ୍ୟ ଆୟୋଜକ ଦେଶ ଭାବେ ଦକ୍ଷିଣ ଆଫ୍ରିକା ଓ ଜିମ୍ବାୱେ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଏହାପରେ ଆଇସିସି ମାନ୍ୟତାରେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ପ୍ରଥମ ୧୦ଟି ସ୍ଥାନରେ ଥିବା ଦଳ ସିଧାସଳଖ ଯୋଗ୍ୟତା ଅର୍ଜନ କରିବେ। ଆଫଗାନିସ୍ତାନ ଏହି ମ୍ୟାଚ୍ ଜିତିବା ପରେ ଆଇସିସି ମାନ୍ୟତାରେ ୮ମ ସ୍ଥାନରେ ରହିବ। ଦୁଇ ଆୟୋଜକ ଦେଶ ସିଧାସଳଖ ଯୋଗ୍ୟତା ଅର୍ଜନ କରିବା ପରେ ଆଉ ୮ଟି ଦଳ ଏଥିରେ ସାମିଲ ହେବେ। ସେଗୁଡିକ ହେଲେ ଭାରତ, ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ଇଂଲଣ୍ଡ, ଶ୍ରୀଲଙ୍କା, ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନ। ନୂଆ ଫର୍ମାଟ ଅନୁଯାୟୀ ଏହି ୧୦ଟି ଦଳ ସୁପର-୧୨ଟି ଦଳ ମଧ୍ୟରେ ସ୍ଥାନ ପାଇଲେ। ଏଥିରେ ସ୍ଥାନ ପାଇବାକୁ ଥିବା ଅନ୍ୟ ଦୁଇଟି ଦଳକୁ କ୍ୱାଲିଫାୟର ଖେଳିବାକୁ ହେବ।

କ୍ୱାଲିଫାୟରରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ମଧ୍ୟରୁ ଯୋଗ୍ୟତା ଅର୍ଜନ କରିପାରି ନ ଥିବା ୨ଟି ଶ୍ରେଷ୍ଠ ମାନ୍ୟତାପ୍ରାପ୍ତ ଟିମ୍, ୱାର୍ଲ୍ଡ କ୍ରିକେଟ ଲିଗ୍ ଓ ୱାର୍ଲ୍ଡକପ୍ କ୍ୱାଲିଫାୟର ପ୍ଲେ ଅଫ୍‌ର ୪ଟି ଲେଖାଏଁ ବା ମୋଟରେ ୧୦ଟି ଦଳକୁ ନେଇ କ୍ୱାଲିଫାୟର୍ସ ଖେଳାଯିବ। ଏହାର ବିଜେତା ସିଧାସଳଖ ସୁପର-୧୨'କୁ ଏକାଦଶ ଦଳ ଭାବେ ଯୋଗ୍ୟତା ଅର୍ଜନ କରିବ। ଏହା ପରେ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥସ୍ଥାନରେ ଥିବା ଦଳ ମଧ୍ୟରେ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ନୂଆ ଫର୍ମାଟ ସୁପର ସିରିଜ୍ ଖେଳାଯିବ। ଏହାର ବିଜେତା ଶେଷ ଦଳ ଭାବେ ସୁପର-୧୨'ରେ ସ୍ଥାନ ପାଇବ। ଶେଷ ୨ଟି ସ୍ଥାନ ଲାଗି ୱେଷ୍ଟଇଣ୍ଡିଜ୍, ଆୟର୍ଲାଣ୍ଡ, ସ୍କଟଲାଣ୍ଡ, ନେଦରଲ୍ୟାଣ୍ଡସ, ଆମେରିକା ଓ ଯୁଗ୍ମ ଆୟୋଜକ ନାମ୍ବିଆ ତୀବ୍ର ମୁକାବିଲାର ସମ୍ମୁଖୀନ ହେବେ।

## ଶ୍ରୀଲଙ୍କାରେ ପ୍ରଥମଥର ଟେଷ୍ଟ ଖେଳିବେ ୧୨ ଭାରତୀୟ



ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ଘରୋଇ ଶ୍ରୀଲଙ୍କା ଓ ଭାରତ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଅଗଷ୍ଟ ୧୫ରୁ ଗଲ୍ ଷ୍ଟାଡିୟମରେ ଆରମ୍ଭ ହେବାକୁଯାଉଛି। ଏଥିଲାଗି ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଘୋଷିତ ୧୫ ଜଣିଆ ଭାରତୀୟ ଦଳ କଲମ୍ବୋରେ ଜୋରଦାର ଅଭ୍ୟାସ ଚଳାଇଛି। ଏଠାରେ ଘରୋଇ ଦଳ ବିପକ୍ଷରେ ଖେଳାଯାଇଥିବା ୩ ଦିନିଆ ଅଭ୍ୟାସ ମ୍ୟାଚକୁ ଜିତି ଭାରତ ମଧ୍ୟ ଭଲ ପ୍ରସ୍ତୁତି କରିନେଇଛି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ଦୃଷ୍ଟିରୁ ଏହି ସିରିଜ୍ ଉଭୟ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ବହନ କରୁଛି। ଯେଉଁ ଦଳ କ୍ଲିନ୍ ସୁଇପ୍ କରିବ ସେହିଦଳ ଡବ୍ଲ୍ୟୁଟିସି ପଏଣ୍ଟ ତାଲିକାର ଶ୍ରେଷ୍ଠ ଚାରିରେ ସ୍ଥାନ ପାଇପାରିବ। ଭାରତୀୟ ଦଳ ଉପରେ ନଜର ପକାଇଲେ ମାତ୍ର ୩ଜଣ ଖେଳାଳି ଶ୍ରୀଲଙ୍କା ମାଟିରେ ପୂର୍ବରୁ ଟେଷ୍ଟ ଖେଳିବାର ଅଭିଜ୍ଞତା ରଖିଛନ୍ତି। ଏହି ୩ଜଣ ହେଲେ ଲୋକେଶ ରାହୁଲ, ରବିନ୍ଦ୍ର ଜାଡେଜା ଏବଂ କୁଲଦୀପ ଯାଦବ। ଅନ୍ୟ କୌଣସି ଖେଳାଳି ପୂର୍ବରୁ ଶ୍ରୀଲଙ୍କାରେ ଟେଷ୍ଟ ଖେଳି ନାହାଁନ୍ତି। ଫଳରେ ଚଳିତ ଗସ୍ତରେ ୧୨ଜଣ ଭାରତୀୟ କ୍ରିକେଟର୍ ଶ୍ରୀଲଙ୍କା ମାଟିରେ ପ୍ରଥମଥର ଟେଷ୍ଟ ଖେଳିବାର ସମ୍ଭାବନା ରହିଛି। ୫୦ ଟେଷ୍ଟ ଖେଳିଥିବା ଋଷଭ ପନ୍ତ ଶ୍ରୀଲଙ୍କାରେ କେବେ ବି ଟେଷ୍ଟ ଖେଳିନାହାଁନ୍ତି।

ରାହୁଲ ଶ୍ରୀଲଙ୍କାରେ ପାଞ୍ଚଟି ଟେଷ୍ଟ ଖେଳିଛନ୍ତି। ଆଠ ଇନିଂସରେ ସେ ଗୋଟିଏ ଶତକ ଏବଂ ଦୁଇଟି ଅର୍ଦ୍ଧଶତକ ସହ ମୋଟ୍ ୨୬୮ ରନ କରିଛନ୍ତି। ସେହିଭଳି ଜାଡେଜା ଶ୍ରୀଲଙ୍କାରେ ଦୁଇଟି ଟେଷ୍ଟ ଖେଳି ମୋଟ୍ ୮୫ ରନ ଓ ୧୩ ୱିକେଟ ନେଇଛନ୍ତି। କୁଲଦୀପ କେବଳ ଗୋଟିଏ ଟେଷ୍ଟ ଖେଳି ମୋଟ ପାଞ୍ଚ ୱିକେଟ୍ ଅକ୍ତିଆର କରିଛନ୍ତି।

### ରାଜ୍ୟଗୋଷ୍ଠୀ ଫେନ୍ସିଂ

## ଚାରି ସ୍ୱର୍ଣ୍ଣ ସହ ଭାରତକୁ ୧୭ ପଦକ

ନୂଆଦିଲ୍ଲୀ, ୧୧।୧୨ (ଏଜେନ୍ସି): ନାଇଜେରିଆର ଲାଗୋସରେ ଶେଷ ହୋଇଥିବା ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଫେନ୍ସିଂ ଚାମ୍ପିଅନସିପ୍‌ରେ ଭାରତ ୧୭ଟି ପଦକ ବିଜୟୀ ହୋଇଛି। ଭାରତୀୟ ଅସି ଚାଳକମାନେ ଦମ୍‌ଦାର ପ୍ରଦର୍ଶନ କରି ୪ଟି ଲେଖାଏ ସ୍ୱର୍ଣ୍ଣ ଓ ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ଜିତିଥିଲେ। ପୁରୁଷ ସାବ୍ରେ ଇଭେଣ୍ଟରେ ଭାରତ ପୋଡିୟମ ସୁଇପ୍ କରିଥିଲା। ନିଖିଳ ୱାଗ ସ୍ୱର୍ଣ୍ଣ, ଲକ୍ଷ୍ୟ ବାଦସର ରୌପ୍ୟ ଓ ଅଶ୍ୱିନି ଆର୍ଯ୍ୟ ଓ ଲାଇସରାମ ମୋରାମ୍ବା କାଂସ୍ୟ ପଦକ ହାସଲ କରିଥିଲେ। ମହିଳା ବିଭାଗରେ ଜୟଅଶିତା, ପ୍ରାଚୀ ଲୋହାନ ଓ ଜେଫର୍ଲିନ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଅନ୍ତର୍ଜାତୀୟ ଫେନ୍ସିଂରେ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନର ରେକର୍ଡ ହୋଇଛି।

### ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ

# ବାଳକ ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ



ଭୁବନେଶ୍ୱର,୧୧।୮ (ସମିସ): କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଆରମ୍ଭ ହୋଇଥିବା ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଙ୍ଗ୍ ଟେବୁଲ ଟେନିସ ପ୍ରତିଯୋଗିତାର ୧୭ ବର୍ଷରୁ କମ୍ ବାଳକ ବିଭାଗ ସେମିଫାଇନାଲ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଯାଇଛି। ବୁଧବାର ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ଖୋର୍ଦ୍ଧା ଜିଲ୍ଲା ସଂଘର ଜିଜ୍ଞାସୁ ସାଇକିରଣ ପ୍ରଧାନଙ୍କ ସହ ଭୁବନେଶ୍ୱର ଟିଟି ସଂଘର ଆମ୍ରନ ଦାସଙ୍କର ମୁକାବିଲା ହେବ। ସେହିପରି ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱର ସଂଘର ଦୁଇ ଖେଳାଳି ହିତେଶ ଅଗରୱାଲ ଓ ଅଭିଷେକ ଦାସ ପରସ୍ପର ସହ ଲଢ଼େଇ କରିବେ। ମଙ୍ଗଳବାର ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ଲିଗ୍‌ରେ ଜିଜ୍ଞାସୁ ନିଜ ଟିମ୍‌ର ରୀତେଶ ମହାପାତ୍ରଙ୍କୁ ୩-୦ରେ, ଆମ୍ରନ ୩-୦ରେ ଖୋର୍ଦ୍ଧାର ଆୟୁଷ୍ମାନ ପତିଙ୍କୁ, ଭୁବନେଶ୍ୱରର ହିତେଶ ଅଗରୱାଲ ୩-୨ରେ କଟକର ତମିମ ଉବୈଦଙ୍କୁ ଓ ଅଭିଷେକ ୩-୨ରେ କଟକର ସୟଦ ଅର୍ଶ ଅଲିଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି।

### ଅଗଷ୍ଟ ୨୨ରେ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ଲେଭଲ୍ ମିଟ୍

# କଳିଙ୍ଗରେ ୧୮ ଇଭେଣ୍ଟରେ ହେବ ଲଢ଼େଇ

ଭୁବନେଶ୍ୱର, ୧୧।୮ (ସମିସ)



ଫାଇଲ୍ ଫଟୋ

ଚଳିତ ମାସ ୨୨ ତାରିଖରେ ଆଇକନିକ କଳିଙ୍ଗ ଷ୍ଟାଡିୟମରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର ଲେଭଲ ପ୍ରତିଯୋଗିତା ହେବ। ଏହି ଦିନିକିଆ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା ଲାଗି ବିଶ୍ୱ ଆଥଲେଟିକ୍ସ ପକ୍ଷରୁ ମଙ୍ଗଳବାର ଇଭେଣ୍ଟ ତାଲିକା ଘୋଷଣା କରାଯାଇଛି। ମୋଟ୍ ଉପରେ କଳିଙ୍ଗରେ ୧୮ଟି ଇଭେଣ୍ଟରେ ପ୍ରତିଯୋଗିତା ହେବ। ଉଭୟ ପୁରୁଷ ଓ ମହିଳା ବିଭାଗରେ ୯ଟି ଲେଖାଏ ପ୍ରତିଯୋଗିତା ସାମିଲ ରହିଛି। ବିଶ୍ୱ ଆଥଲେଟିକ୍ସ ନିୟମ ଅନୁଯାୟୀ ସିଲଭର୍ ମିଟ୍ ପାଇଁ ଅତି କମରେ ୭୫,୦୦୦ ଆମେରିକୀୟ ଡଲାର (୭୧ ଲକ୍ଷ ୫୧ ହଜାର ଟଙ୍କା)ର ମୋଟ ପୁରସ୍କାର ପ୍ରଦାନ କରାଯିବ। ଗତବର୍ଷ ଏହି ସମାନ ଭେନ୍ୟୁରେ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିଲାଗି ନିୟମ ଅନୁଯାୟୀ ୨୫ ହଜାର ଡଲାରର ପୁରସ୍କାର ରହିଥିଲା। ସେହିଭଳି ସିଲଭର ଲେଭଲ୍‌ରେ ବିଜୟୀ ପ୍ରତିଯୋଗୀଙ୍କୁ କାଟାଗୋରୀ-ବି ପଏଣ୍ଟ ମିଳିବ ବୋଲି ଜଣାପଡ଼ିଛି। ଉଲ୍ଲେଖଯୋଗ୍ୟ, ସେପ୍ଟେମ୍ବର ୧୯ରୁ ଜାପାନର ଆଇଚି-ନାଗୋୟାରେ ଗୁରୁତ୍ୱପୂର୍ଣ୍ଣ ଏସୀୟ କ୍ରୀଡା ଆରମ୍ଭ ହେବାକୁଯାଉଛି। ଏଥିପୂର୍ବରୁ କଳିଙ୍ଗ ପ୍ରତିଯୋଗିତାକୁ ଭାରତର ଅନ୍ତିମ ପ୍ରସ୍ତୁତି ଶିବିର ହେବ। ଭାରତର ପ୍ରାୟ ୬୦ ଜଣ ଖେଳାଳି, ପ୍ରଶିକ୍ଷକ ଏହି ଦିନିକିଆ ପ୍ରତିଯୋଗିତାରେ ସାମିଲ ହେବାର ଆଶା କରାଯାଉଛି। ପୋଲାଣ୍ଡର ସ୍ପାଟାରେ ବର୍ତ୍ତମାନ ତାଲିମ ନେଉଥିବା ଅଧିକାଂଶ ଭାରତୀୟ ଆଥଲେଟ୍ ଭୁବନେଶ୍ୱର ଫେରି ଶିବିରରେ ସେମାନଙ୍କର ପ୍ରସ୍ତୁତି ଜାରି ରଖିବେ ବୋଲି ଆଶା କରାଯାଉଛି। ଗ୍ଲାସଗୋରେ ଜାଭେଲିନ ଥ୍ରୋରେ କାଂସ୍ୟ ଜିତିଥିବା ଯଶବୀର ସିଂହ, ମୁରଲୀ ଶ୍ରୀଶଙ୍କର, ସର୍ବେଶ କୁମାର ପ୍ରମୁଖ କଳିଙ୍ଗରେ ପ୍ରଭାବୀ ପ୍ରଦର୍ଶନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିଭଳି ଏଠାରେ ନୀରଜ ଚୋପ୍ରାଙ୍କ ଅଂଶଗ୍ରହଣର ସମ୍ଭାବନା କମ୍। ଅଗଷ୍ଟ ୨୧ରେ ଲୌସାନେ ଡାଇମଣ୍ଡ ଲିଗରେ ଅର୍ଶଦ ନଦୀମ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଚାମ୍ପିଅନ ରୁମେଶ ଥରଙ୍ଗା ପାଥିରାଗେଙ୍କ ବିପକ୍ଷରେ ନୀରଜ ପ୍ରତିଦ୍ୱନ୍ଦିତା କରିବା ନିଶ୍ଚିତ ହୋଇଛି।

#### କଳିଙ୍ଗରେ ହେବାକୁ ଥିବା ଇଭେଣ୍ଟ

**ପୁରୁଷ**: ୧୦୦ ମିଟର, ୪୦୦ ମିଟର, ୮୦୦ ମିଟର, ୫୦୦୦ ମିଟର, ୧୧୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ସଟପୁଟ୍ ଓ ଜାଭେଲିନ ଥ୍ରୋ।

**ମହିଳା**: ୧୦୦ ମିଟର, ୪୦୦ ମିଟର, ୧୫୦୦ ମିଟର, ୫୦୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ହାଇଜମ୍ପ, ଲଙ୍ଗଜମ୍ପ, ଡିସକସ୍ ଥ୍ରୋ ଓ ଜାଭେଲିନ ଥ୍ରୋ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS